# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅଗଷ୍ଟ ୧୭/୨୦୨୦ (୧୨ ପୃଷ୍ଠା) | Bhubaneswar, Monday, August 17/2020 | ★★★★★★

୪୬ଶ ଭାଗ ୨୭୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ହାମିଲଟନଙ୍କୁ ଟାଇଟଲ**
ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ସ୍ପାନିଶ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ୧୨

୧୦ **ପ୍ରଶଂସକଙ୍କୁ ସୋନୁଙ୍କ ପରାମର୍ଶ**
ବଲିଉଡ୍ ଅଭିନେତା ସୋନୁ ସୁଦ୍ ଜଣେ ପ୍ରଶଂସକଙ୍କ ହାତରେ ତାଙ୍କ ଟାଟୁ ଦେଖି ଏଭଳି ନ କରିବା ପାଇଁ ପରାମର୍ଶ ଦେଇଛନ୍ତି।



# ରାଜ୍ୟରେ ବର୍ଷା, ବନ୍ୟା

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**

ପଶ୍ଚିମବଙ୍ଗ ଓ ସଂଲଗ୍ନ ଝାଡ଼ଖଣ୍ଡ ଏବଂ ଉତ୍ତର ଓଡ଼ିଶା ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ଯୋଗୁ ସାରା ରାଜ୍ୟରେ ବର୍ଷା ହେଉଛି। ଲଗାଣ ବର୍ଷା ଯୋଗୁ ବିଭିନ୍ନ ଜିଲାରେ ବନ୍ୟା ପରିସ୍ଥିତି ଦେଖାଦେଇଛି। ନଦୀରେ ଜଳସ୍ତର ବୃଦ୍ଧି ପାଇବା ସହ ଅନେକ ସ୍ଥାନରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି। ଚାଷ ଜମିଗୁଡିକ ମଧ୍ୟ ବର୍ଷା ଓ ବନ୍ୟା ପାଣିରେ ବୁଡି ରହିଛି। ଏଥିଯୋଗୁ ଉତ୍ତର, ପଶ୍ଚିମ, ଦକ୍ଷିଣ ଓ କେନ୍ଦ୍ରୀୟ ଓଡ଼ିଶାର ଅଧିକାଂଶ ଜିଲାରେ ସାଧାରଣ ଜୀବନଯାତ୍ରା ଗୁରୁତର ପ୍ରଭାବିତ ହୋଇଛି। ଅପରପକ୍ଷରେ ଆସନ୍ତା ୧୯ ତାରିଖରେ ଉତ୍ତର ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହୋଇପାରେ ବୋଲି ପାଣିପାଗ ବିଭାଗ ଅନୁମାନ କରୁଛି।

ଗତ ୨୪ ଘଣ୍ଟାରେ ରାଜ୍ୟରେ ହାରାହାରି ୩୨.୭ ମିଲିମିଟର ବର୍ଷା ହୋଇଛି। ମାଲକାନଗିରିରେ ସର୍ବାଧିକ ୧୦୦ ମିମି ବର୍ଷା ରେକର୍ଡ କରାଯାଇଥିବାବେଳେ ବୌଦ୍ଧରେ ୯୭, ବରଗଡ଼ ୯୫, ସମ୍ବଲପୁର ୮୫, ବଲାଙ୍ଗୀର ୭୩, ଦେବଗଡ଼ରେ ୭୦ ମିମି ବର୍ଷା ହୋଇଥିବା ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍ଆର୍‌ସି) ପ୍ରଦୀପ ଜେନା ସୂଚନା ଦେଇଛନ୍ତି। ଝାରସୁଗୁଡ଼ା, ଅନୁଗୋଳ, ମୟୂରଭଞ୍ଜ, ନବରଙ୍ଗପୁର, କୋରାପୁଟ ଓ ସୁନ୍ଦରଗଡ଼ ଆଦି ୬ଟି ଜିଲାରେ ୨୫ରୁ ୫୦ ମିମି ବର୍ଷା ରେକର୍ଡ କରାଯାଇଛି। ତେବେ ବରଗଡ଼ ଜିଲାର ପଦ୍ମପୁର ବ୍ଲକ୍‌ରେ ସବୁଠୁ ଅଧିକ ୨୪୦ ମିମି ବର୍ଷା ହୋଇଥିବାବେଳେ ବଲାଙ୍ଗୀର ପାଟଣାଗଡ଼ରେ ବର୍ଷାରେ କାନ୍ଥ ଭୁଶୁଡ଼ିପଡ଼ିବା ଯୋଗୁ ୨ଜଣଙ୍କ ମୃତ୍ୟୁ ଘଟିଥିବା ଏସ୍ଆର୍‌ସି ସୂଚନା ଦେଇଛନ୍ତି।

ଲଗାଣ ବର୍ଷା ଯୋଗୁ ମାଲକାନଗିରିରେ ସର୍ବାଧିକ କ୍ଷତି ଘଟିଛି। ଜିଲାରେ ବନ୍ୟା ସ୍ଥିତି ସଙ୍ଗିନ ହେବାରେ ଲାଗିଛି। ଗତ ୪ଦିନ ଧରି କାଙ୍ଗୋରୁକୋଣ୍ଡା ପୋଲ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି। ରବିବାର ଅପରାହ୍ନ ସୁଦ୍ଧା ପୋଟେରୁ, ଫାର୍ମ ହାଉସ୍, ଏମ୍‌ଭି-୯୬, କନ୍ୟାଶ୍ରମଠାରେ ୪ରୁ ୫ଫୁଟ ଉଚ୍ଚର ବନ୍ୟା ଜଳ ପ୍ରବାହିତ ହେଉଥିବାରୁ ସମଗ୍ର ମାଲକାନଗିରିରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଛି। ସେହିଭଳି ମାଥିଲି ବ୍ଲକ୍ ପାଙ୍ଗାମା ବ୍ରିଜ୍ ଉପରେ ୩ଫୁଟର ପାଣି ପ୍ରବାହିତ ହେଉଛି। ଜିଲାର ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଉଛି। ପାଙ୍ଗାମା ପୂର୍ବରୁ ଥିବା ସଲପଦର କଲଭର୍ଟ ଉପରେ ମଧ୍ୟ ବିପଦ ସଙ୍କେତ ଉପରେ ବନ୍ୟାଜଳ ପ୍ରବାହିତ ହେଉଛି।

ଅନୁରୂପ ଭାବେ ବାଲେଶ୍ୱର ଜିଲା ବସ୍ତା ଅନ୍ତର୍ଗତ ମଥାନୀଠାରେ ଜଳକା ନଦୀ ବିପଦ ସଙ୍କେତ ଟପିଛି। ଏଠାରେ ବିପଦ ସଙ୍କେତ ୫.୫୦ ମିଟର ରହିଥିବାବେଳେ ଜଳସ୍ତର ୬.୩୦ ଉପରେ ରହିଛି। ମୟୂରଭଞ୍ଜ ଜିଲାର ରାସଗୋବିନ୍ଦପୁର, ମୋରଡ଼ା, ଶୁଳିଆପଦା, ଚିତ୍ରଡା ଆଦି ଅଞ୍ଚଳ ପ୍ରଭାବିତ ହୋଇଛି। ସେହିପରି କଟକ ଜିଲା ଆଠଗଡ଼ ☞ପୃଷ୍ଠା-୪

**୧୯ରେ ଆଉ ଏକ ଲଘୁଚାପ**



ମାଲକାନଗିରି ଜିଲା କାଲିମେଳା ବ୍ଲକ୍ ପୋଟେରୁ ନଦୀ ବ୍ରିଜ ଉପରେ ବନ୍ୟା ଜଳ ପ୍ରବାହିତ ହେଉଛି।

- ୨୪ଘଣ୍ଟାରେ ହାରାହାରି ୩୨.୭ ମିମି ବର୍ଷା
- ମାଲକାନଗିରି ସ୍ଥିତି ସଙ୍ଗିନ, ଯୋଗାଯୋଗ ବିଚ୍ଛିନ୍ନ
- ବାଲେଶ୍ୱରରେ ବିପଦ ସଙ୍କେତ ଉପରେ ଜଳକା
- ପାଟଣାଗଡ଼ରେ କାନ୍ଥ ଭୁଶୁଡି ୨ ମୃତ

## ୧୨ ପଇସା ବଢ଼ିଲା ପେଟ୍ରୋଲ

**ଭୁବନେଶ୍ୱର, ୧୬।୮**

କିଛି ଦିନ ପେଟ୍ରୋଲ ଦରରେ ବିରତି ଲାଗିବା ପରେ ରବିବାର ଦର ପୁଣି ଥରେ ବଢିଛି। ରବିବାର ଭୁବନେଶ୍ୱରରେ ପେଟ୍ରୋଲ ଦର ଲିଟର ପିଛା ୧୨ ପଇସା ବଢି ୮୧.୧୫ ଟଙ୍କା ଛୁଇଁଛି। ତେବେ ଡିଜେଲ ଦର ଅପରିବର୍ତ୍ତିତ ରହିଥିବା ଜଣାପଡିଛି। ପ୍ରାୟ ଦେଢ ମାସ ପରେ ପେଟ୍ରୋଲ ଦର ବଢିଥିବା ଜଣାପଡିଛି। ଜୁନ ୨୯ରେ ଶେଷ ଥର ଲାଗି ଦରରେ ପରିବର୍ତ୍ତନ ହୋଇଥିଲା। ମେଟ୍ରୋ ସହର ଦିଲ୍ଲୀରେ ପେଟ୍ରୋଲ ଲିଟର ୧୪ ପଇସା ବଢ଼ି ୮୦.୫୭ ଟଙ୍କା ରହିଛି। ସେହିପରି ଚେନ୍ନାଇରେ ୧୨ ପଇସା ବଢି ୮୩.୭୫ ଟଙ୍କା, କଲିକତାରେ ୧୨ ପଇସା ବଢି ୮୨.୧୭ ଟଙ୍କା ଏବଂ ☞ପୃଷ୍ଠା-୪

## ଧୋନୀ, ରାଇନାଙ୍କ ଅବସର



ମହେନ୍ଦ୍ର ସିଂ ଧୋନୀ



ସୁରେଶ ରାଇନା

**ନୂଆଦିଲ୍ଲୀ, ୧୬।୮**

କ୍ରିକେଟ ଜୀବନରେ ଭିନ୍ନ ଧରଣର ନିଷ୍ପତ୍ତିମାନ ନେଇ ଅନେକ ସମୟରେ ବିସ୍ମିତ କରୁଥିବା ଭାରତୀୟ କ୍ରିକେଟ ଦଳର ପୂର୍ବତନ ଅଧିନାୟକ ମହେନ୍ଦ୍ର ସିଂ ଧୋନୀ ସମାନ ଷ୍ଟାଇଲରେ ନିଜର ଅବସର ଘୋଷଣା କରିଛନ୍ତି। ଅଗଷ୍ଟ ୧୫ ସ୍ୱାଧୀନତା ଦିବସ ଅବସରରେ ସେ ଅବସର ନେଉଥିବା ଘୋଷଣା କରି କ୍ରିକେଟ ପ୍ରଶଂସକଙ୍କୁ ସ୍ତବ୍ଧ କରିଛନ୍ତି। "ସମର୍ଥନ ଏବଂ ଭଲପାଇବା ପାଇଁ ସମସ୍ତଙ୍କୁ ଅଶେଷ ଧନ୍ୟବାଦ। ଶନିବାର ସନ୍ଧ୍ୟା ୭ଟା ୨୯ ପରଠାରୁ ମୁଁ ଅବସର ଗ୍ରହଣ କରିଛି ବୋଲି ବିବେଚନା କରାଯାଉ" ବୋଲି ଧୋନୀ ତାଙ୍କ ଇନ୍‌ଷ୍ଟାଗ୍ରାମ୍ ହ୍ୟାଣ୍ଡେଲରେ ପୋଷ୍ଟ କରିଛନ୍ତି। ଧୋନୀ ଅବସର ଘୋଷଣା କରିବାର ଅଳ୍ପକିଛି ସମୟ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ପୁଅ ନାଁ ଗୋପାଳିଆ**

**ମୌସୁମୀ ଅଧିବେଶନ ପ୍ରସ୍ତୁତି ଜୋରଦାର**



........୪........

## ଚେତନ ଚୌହାନଙ୍କ ପରଲୋକ



ଚେତନ ଚୌହାନ

**ନୂଆଦିଲ୍ଲୀ, ୧୬।୮ (ପି.ଟି.)**

କୋଭିଡ୍-୧୯ଜନିତ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁ ଭାରତର ପୂର୍ବତନ କ୍ରିକେଟ ଓପନର ଚେତନ ଚୌହାନଙ୍କର ରବିବାର ପରଲୋକ ଘଟିଛି। ତାଙ୍କୁ ୭୩ ବର୍ଷ ହୋଇଥିଲା। ଭାରତ ତରଫରୁ ସେ ୪୦ ଟେଷ୍ଟ ମ୍ୟାଚ ଖେଳିଥିଲେ। ସେ ବହୁଦିନ ଧରି ସୁନୀଲ ଗାଭାସ୍କରଙ୍କ ଓପନିଂ ପାର୍ଟନର ଥିଲେ। ଚୌହାନ କରୋନା ପଜିଟିଭ୍ ଜଣାପଡ଼ିବା ପରେ ତାଙ୍କୁ ଜୁଲାଇ ୧୨ରେ ☞ପୃଷ୍ଠା-୪

## ଦୁଇଦିନରେ ୫,୪୨୦ ଆକ୍ରାନ୍ତ, ୧୯ ମୃତ

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ)**

ଅଗଷ୍ଟରେ କରୋନା ଶିଖର ଛୁଇଁବ। ଆକ୍ରାନ୍ତଙ୍କ ସଂଖ୍ୟା ୫୦ ହଜାର ଓ ମୃତ୍ୟୁ ସଂଖ୍ୟା ୩ଶହ ଡେଇଁଯିବ କହି ସତର୍କ କରିଥିଲେ ବିଶେଷଜ୍ଞ। ଆରମ୍ଭରୁ ଉପରମୁହାଁ ରହିଥିବା ସଂକ୍ରମଣ ଏବେ ମାସ ଅଧାରେ ଆକଳନକୁ ଟପି ସବୁ ରେକର୍ଡ ଭାଙ୍ଗିଛି। ଶେଷ ଦୁଇଦିନରେ ରାଜ୍ୟରେ ୫,୪୨୦ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। କ୍ୱାରାଣ୍ଟାଇନ୍‌ରୁ ୩,୪୦୬ଜଣ ରହିଥିବାବେଳେ ୨,୦୧୪ଜଣ ସ୍ଥାନୀୟ ଆକ୍ରାନ୍ତ ରହିଛନ୍ତି। ଫଳରେ ମୋଟ ଆକ୍ରାନ୍ତ ସଂଖ୍ୟା ୬୦,୦୫୦କୁ ବୃଦ୍ଧି ପାଇଛି। ଅନ୍ୟପକ୍ଷରେ ଆଉ ୧୯ଜଣଙ୍କ ଜୀବନ ନେଇଛି ମହାମାରୀ କରୋନା। ଏହାକୁ ମିଶାଇ ରାଜ୍ୟରେ କରୋନାଜନିତ ମୃତ୍ୟୁ ୩୪୩ରେ ପହଞ୍ଚିଛି। ମାର୍ଚ୍ଚ ୧୫ରେ ପ୍ରଥମ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲା। ସଂକ୍ରମଣ ୧୦୦ ଛୁଇଁବା ଲାଗି ଏକମାସରୁ ଊର୍ଦ୍ଧ୍ୱ ସମୟ ଲାଗିଥିଲା। ଏବେ ଦିନକୁ ୨ହଜାରରୁ ଅଧିକ ଆକ୍ରାନ୍ତ ଚିହ୍ନଟ ହେବା ରାଜ୍ୟର ସ୍ଥିତିକୁ ପଦାକୁ ଆଣିଛି।

ତେବେ ଗତ ୨୪ ଘଣ୍ଟାରେ ୩୦ ଜିଲାରୁ ରେକର୍ଡ ସଂଖ୍ୟା ୨,୯୨୪ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ଏଥିମଧ୍ୟରେ ସ୍ଥାନୀୟ ଆକ୍ରାନ୍ତ ସବୁଠୁ ଅଧିକ ୧,୧୦୯ଜଣ ରହିଛନ୍ତି। ପୂର୍ବରୁ ଏତେ ସଂଖ୍ୟକ ସ୍ଥାନୀୟ ଆକ୍ରାନ୍ତ କେବେ ବାହରି ନ ଥିବାରୁ ☞ପୃଷ୍ଠା-୪

**୬୦ହଜାର ଟପିଲା ସଂକ୍ରମିତ ସଂଖ୍ୟା**

- କରୋନା ମୃତ୍ୟୁ ୩୪୩ ଛୁଇଁଲା
- ଖୋର୍ଦ୍ଧା ଜିଲା ସ୍ଥିତିକୁ ନେଇ ଚିନ୍ତା ବଢୁଛି

## 'ଭାଜପା ଫେସ୍‌ବୁକ୍‌କୁ ନିୟନ୍ତ୍ରଣ କରୁଛି'

**ନୂଆଦିଲ୍ଲୀ, ୧୬।୮**

**ବିଦେଶୀ ଗଣମାଧ୍ୟମରେ ଖବର ପ୍ରକାଶ ପରେ ରାହୁଲଙ୍କ ସମାଲୋଚନା**

ସୋସିଆଲ ମିଡିଆ ପ୍ଲାଟଫର୍ମ ଫେସ୍‌ବୁକ୍‌କୁ ଭାଜପା ନିୟନ୍ତ୍ରଣ କରୁଥିବା ସମ୍ପର୍କିତ ଏକ ବିଦେଶୀ ଗଣମାଧ୍ୟମରେ ଲେଖା ପ୍ରକାଶ ପାଇବା ପରେ ଏହାକୁ ନେଇ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ଭାଜପା ନେତାମାନଙ୍କ ଉତ୍ତେଜନାପୂର୍ଣ୍ଣ ଭାଷଣକୁ ଫେସ୍‌ବୁକ୍ ଅଣଦେଖା କରୁଥିବା ପ୍ରକାଶ ପାଇବା ପରେ କଂଗ୍ରେସ ଓ ଭାଜପା ମୁହାଁମୁହିଁ ହୋଇଛନ୍ତି। ଭାଜପା ଦ୍ୱାରା ସୋସିଆଲ ମିଡିଆରେ ଜାଲିଆତି ହେଉଥିବା ଅଭିଯୋଗ ପ୍ରମାଣିତ ହୋଇଛି ବୋଲି କଂଗ୍ରେସ ସମାଲୋଚନା କରିଛି।



ରାହୁଲ ଗାନ୍ଧୀ

ଅନ୍ୟପକ୍ଷରେ ଭାଜପା କେମ୍ବ୍ରିଜ୍ ଆନାଲିଟିକା ଡାଟା ଦୁର୍ନୀତି ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ଅଙ୍ଗୁଳି ଉଠାଇପାରିବ ନାହିଁ ବୋଲି କହିଛି। ଦେଶରେ ଫେସ୍‌ବୁକ୍ ଓ ହ୍ୱାଟ୍ସଆପ୍‌କୁ ଭାଜପା ଏବଂ ଆର୍‌ଏସ୍‌ଏସ୍ ନିୟନ୍ତ୍ରଣ କରୁଛନ୍ତି ବୋଲି ରାହୁଲ କହିବା ପରେ କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ ତାଙ୍କୁ ସମାଲୋଚନା କରିଛନ୍ତି। ନିଜ ଦଳର ଲୋକଙ୍କୁ ପ୍ରଭାବିତ କରିପାରୁ ନ ଥିବା ପରାଜିତମାନେ ସାରା ବିଶ୍ୱ ଭାଜପା ଏବଂ ଆର୍‌ଏସ୍‌ଏସ୍ ନିୟନ୍ତ୍ରଣରେ ବୋଲି ଅଭିଯୋଗ କରୁଥିବା ରବିଶଙ୍କର କହିଛନ୍ତି। ନିର୍ବାଚନ ପୂର୍ବରୁ କେମ୍ବ୍ରିଜ୍ ଆନାଲିଟିକା ଡାଟା ଦୁର୍ନୀତିରେ ଧରାପଡ଼ିଥିବା ରାହୁଲ ଆମକୁ ପ୍ରଶ୍ନ କରୁଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି।

'ଫେସ୍‌ବୁକ୍ ହେଟ୍‌ସ୍ପିଚ୍ ରୁଲ୍ସ କୋଲାଇଡ୍ ୱିଥ୍ ଇଣ୍ଡିଆନ ପଲିଟିକ୍ସ-- କମ୍ପାନୀ ଏକ୍‌ଜିକ୍ୟୁଟିଭ୍ ଅପୋଜ୍‌ଡ ମୁଭ୍ ଟୁ ବ୍ୟାନ୍ କଣ୍ଟ୍ରୋଭର୍ସିଆଲ ପଲିଟିସିଆନ' ଶୀର୍ଷକରେ ଏକ ପ୍ରବନ୍ଧ ୱାଲ୍ ଷ୍ଟ୍ରିଟ୍ ଜର୍ନାଲରେ ପ୍ରକାଶ ପାଇଥିଲା। ଶାସକ ଭାଜପା ନେତା ଓ କର୍ମୀମାନଙ୍କୁ ଉତ୍ତେଜନାପୂର୍ଣ୍ଣ ଭାଷଣ ଏବଂ ଆପତ୍ତିଜନକ ବିଷୟକୁ ଫେସ୍‌ବୁକ୍ ଅନ୍ୟ ପ୍ରକାରେ ଦେଖୁଥିବା ଏଥିରେ ଅଭିଯୋଗ କରାଯାଇଥିଲା। ଯଦି ଭାଜପା କର୍ମୀଙ୍କୁ ନିୟମ ଉଲ୍ଲଂଘନ ପାଇଁ ଦଣ୍ଡିତ କରାଯାଏ ତେବେ ଭାରତରେ କମ୍ପାନୀର ବ୍ୟବସାୟ କ୍ଷତିଗ୍ରସ୍ତ ହେବ ବୋଲି ଉକ୍ତ ସୋସିଆଲ ମିଡିଆର ଜଣେ କାର୍ଯ୍ୟନିର୍ବାହୀ କହିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଭାଜପା ପ୍ରତି ଫେସ୍‌ବୁକ୍‌ର ଅନୁକମ୍ପା ରହୁଥିବା ଏହାର ପୂର୍ବତନ ଓ ବର୍ତ୍ତମାନର କର୍ମଚାରୀଙ୍କ ମତକୁ ଉଦ୍ଧାର କରି ବିଦେଶୀ ଗଣମାଧ୍ୟମ ଏହା କହିଛି।






ସ୍ୱାଧୀନତା ଦିବସରେ ନେପାଳ ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଫୋନ କରି କଥା ହେବା ସହ ସରକାର ଓ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ନେପାଳ ମେ' ମାସରେ ଆଣିଥିବା ନୂଆ ମାନଚିତ୍ରରେ ଭାରତର ୩ଟି ଅଞ୍ଚଳକୁ ସାମିଲ କରାଯାଇଥିବାରୁ ଏହାକୁ ନେଇ ଦ୍ୱିପାକ୍ଷିକ ସମ୍ପର୍କ ଗୁରୁତର ପ୍ରଭାବିତ ହୋଇଥିଲା। ଶନିବାର ପ୍ରଥମଥର ପାଇଁ ଦୁଇ ଦେଶ ମଧ୍ୟରେ ଉଚ୍ଚସ୍ତରୀୟ ଯୋଗାଯୋଗ ହୋଇଛି।



ପାର୍ସୀ ନବବର୍ଷ ନଭରୋଜ୍ ଅବସରରେ ମୁମ୍ବାଇର ଦାଦରସ୍ଥିତ ଏକ କମ୍ୟୁନିଟି ପ୍ଲେସ୍ ପରିଦର୍ଶନ କରୁଛନ୍ତି ପାର୍ସୀ ମହିଳା।

## ପ୍ରଣବଙ୍କ ସ୍ୱାସ୍ଥ୍ୟାବସ୍ଥା ଅପରିବର୍ତ୍ତିତ



ନୂଆଦିଲ୍ଲୀ, ୧୬।୮(ପି.ଟି.)

ପୂର୍ବତନ ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସ୍ୱାସ୍ଥ୍ୟାବସ୍ଥା ରବିବାର ଅପରିବର୍ତ୍ତିତ ରହିଛି। ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିବା ଚିକିତ୍ସା ଦାୟିତ୍ୱରେ ଥିବା ଡାକ୍ତର କହିଛନ୍ତି। ବିଶେଷଜ୍ଞମାନଙ୍କର ଏକ ଟିମ୍ ପ୍ରଣବଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଥିବା ଦିଲ୍ଲୀ କ୍ୟାଣ୍ଟନମେଣ୍ଟସ୍ଥିତ ସେନା ରିସର୍ଚ୍ଚ ଆଣ୍ଡ ରେଫରାଲ ହସ୍ପିଟାଲ ପକ୍ଷରୁ କୁହାଯାଇଛି। ଶନିବାର ତାଙ୍କ ପୁଅ ଅଭିଜିତ ମୁଖାର୍ଜୀ ହସ୍ପିଟାଲ ଯାଇ ବାପାଙ୍କ ସ୍ୱାସ୍ଥ୍ୟାବସ୍ଥା ଦେଖିଥିଲେ। ସେ ପୂର୍ବାପେକ୍ଷା ଭଲ ଥିବା ଅଭିଜିତ କହିଛନ୍ତି। ଶରୀରର ଗୁରୁତ୍ୱପୂର୍ଣ୍ଣ ଅଙ୍ଗଗୁଡ଼ିକ ଚିକିତ୍ସାକୁ ଗ୍ରହଣ କରୁଥିବା ଅଭିଜିତ ଟୁଇଟ୍ କରି ଜଣାଇଛନ୍ତି।





ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳବିହାରୀ ବାଜପେୟୀଙ୍କ ନୂଆଦିଲ୍ଲୀସ୍ଥିତ ସ୍ମୃତିପୀଠ 'ସଦୈବ ଅଟଳ'ରେ ରବିବାର ଶ୍ରଦ୍ଧାଞ୍ଜଳି ଦେଉଛନ୍ତି ରାଷ୍ଟ୍ରପତି ରାମନାଥ କୋବିନ୍ଦ।

# ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟ ଆଇଡି

ନୂଆଦିଲ୍ଲୀ, ୧୬।୮(ପି.ଟି.)

୭୪ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶନିବାର ଐତିହାସିକ ଲାଲ୍‌କିଲ୍ଲାରୁ ରାଷ୍ଟ୍ରକୁ ସମ୍ବୋଧିତ କରିବା ଅବସରରେ ଆତ୍ମନିର୍ଭର ଭାରତ, ଭୋକାଲ ଫର ଲୋକାଲ ଏବଂ ମେକ୍ ଇନ୍ ଇଣ୍ଡିଆ ଟୁ ମେକ୍ ଫର୍ ୱାର୍ଲ୍ଡ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଦୀର୍ଘ ୧ ଘଣ୍ଟା ୨୬ ମିନିଟ ଧରି ଭାଷଣ ଦେଇଥିଲେ। କରୋନା ମହାମାରୀ ବିରୋଧରେ ଆଗ ଧାଡ଼ିରେ ରହି ଲଢ଼େଇ କରୁଥିବା ଯୋଦ୍ଧାମାନଙ୍କୁ ପ୍ରଧାନମନ୍ତ୍ରୀ ସମ୍ମାନ ଜଣାଇବା ସହ ୩ଟି କୋଭିଡ୍ ଟିକା ପରୀକ୍ଷାର ବିଭିନ୍ନ ପର୍ଯ୍ୟାୟରେ ରହିଥିବା କହିଥିଲେ। ଏହି ଟିକାକୁ ସବୁଜ ସଙ୍କେତ ମିଳିବା ମାତ୍ରେ ପର୍ଯ୍ୟାପ୍ତ ପରିମାଣରେ ଉତ୍ପାଦନ କରାଯାଇ ସମସ୍ତଙ୍କ ପାଖରେ ପହଞ୍ଚାଇବା ଲାଗି ସରକାର ରୋଡ୍‌ମ୍ୟାପ୍ ପ୍ରସ୍ତୁତ କରିସାରିଛନ୍ତି।

ମହତ୍ତ୍ୱାକାଂକ୍ଷୀ ଜାତୀୟ ଡିଜିଟାଲ ସ୍ୱାସ୍ଥ୍ୟ ମିଶନରେ ପ୍ରତ୍ୟେକ ଭାରତୀୟଙ୍କୁ ସ୍ୱାସ୍ଥ୍ୟ ପରିଚୟ(ଆଇଡି) ଯୋଗାଇ ଦିଆଯିବ, ଯାହା ସେମାନଙ୍କର ସ୍ୱାସ୍ଥ୍ୟ ଆକାଉଣ୍ଟ ଭାବେ କାର୍ଯ୍ୟ କରିବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଏଥିରେ ନାଗରିକଙ୍କ ସ୍ୱାସ୍ଥ୍ୟ ସମ୍ପର୍କିତ ସବିଶେଷ ତଥ୍ୟ ରହିବ ଏବଂ ଚିକିତ୍ସା ସେବା ଉପଲବ୍ଧ ଅଧିକ ସହଜ ହୋଇପାରିବ।

### ଲାଲ୍‌କିଲ୍ଲା ପ୍ରାଚୀରରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ



ଏହି ମିଶନ ସ୍ୱାସ୍ଥ୍ୟ ସେକ୍ଟରରେ ନୂଆ କ୍ରାନ୍ତି ଆଣିବ ବୋଲି ମୋଦି କହିଛନ୍ତି। ପ୍ରଥମେ ଚଣ୍ଡିଗଡ଼, ଲଦାଖ, ଦାଦ୍ରା ଓ ନଗର ହାଭେଳି, ଡାମନ ଓ ଡିଉ, ପୁଡୁଚେରୀ, ଆଣ୍ଡାମାନ ନିକୋବର ଦ୍ୱୀପପୁଞ୍ଜ ଏବଂ ଲାକ୍ଷାଦ୍ୱୀପ କେନ୍ଦ୍ରଶାସିତ ଅଞ୍ଚଳରେ ସ୍ୱାସ୍ଥ୍ୟ ମିଶନକୁ ପାଇଲଟ ମୋଡ୍‌ରେ କାର୍ଯ୍ୟକାରୀ କରାଯିବ।

ଲାଲ୍‌କିଲ୍ଲାରେ ଏହା ଥିଲା ମୋଦିଙ୍କର ସପ୍ତମ ସ୍ୱାଧୀନତା ଦିବସ ଅଭିଭାଷଣ। କରୋନା ସ୍ଥିତି ଯୋଗୁ ସାଧାରଣ ଲୋକଙ୍କୁ ଉକ୍ତ ଉତ୍ସବକୁ ନିମନ୍ତ୍ରଣ କରାଯାଇ ନ ଥିଲା। ଉତ୍ସବକୁ ୧୫୦୦ କରୋନା ଯୋଦ୍ଧା, କୋଭିଡ୍‌ରୁ ସୁସ୍ଥ ହୋଇଥିବା ୫୦୦ ପୋଲିସ କର୍ମଚାରୀଙ୍କୁ ଡକାଯାଇଥିଲା। ରାଷ୍ଟ୍ର ତରଫରୁ ସେ କରୋନା ଯୋଦ୍ଧାମାନଙ୍କ ଉଦ୍ୟମକୁ ଧନ୍ୟବାଦ ଜଣାଇବା ସହ ଏଥିରେ ଯେଉଁମାନେ ପ୍ରାଣ ହରାଇଛନ୍ତି, ରାଷ୍ଟ୍ର ସେମାନଙ୍କୁ ସାଲ୍ୟୁଟ କରୁଛି ବୋଲି କହିଥିଲେ। ନୂଆ ଭାରତ ଆତ୍ମନିର୍ଭର ଭାରତ ନିର୍ମାଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ଏବଂ ଏହା ନିଶ୍ଚୟ ହାସଲ ହେବ। ଆତ୍ମନିର୍ଭର ଭାରତ ଏବେ ୧୩୦ କୋଟି ଭାରତୀୟଙ୍କ ମନ୍ତ୍ରରେ ପରିଣତ ହୋଇଛି। କୃଷିକୁ ଆତ୍ମନିର୍ଭରଶୀଳ କରିବା ପାଇଁ ସରକାର ଉକ୍ତ ସେକ୍ଟରରୁ ସମସ୍ତ କଟକଣା ହଟାଇଦେଇଛନ୍ତି। ଦେଶର ମହାକାଶ ସେକ୍ଟରକୁ ମଧ୍ୟ ଘରୋଇ ସଂସ୍ଥା ଲାଗି ଉନ୍ମୁକ୍ତ କରିଦିଆଯାଇଛି। ଆତ୍ମନିର୍ଭର ହେବା ପାଇଁ ଅନେକ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ପଡ଼ିବ। ଯଦି ଲକ୍ଷେ ଚ୍ୟାଲେଞ୍ଜର ସମ୍ମୁଖୀନ ହେବାକୁ ହୁଏ ତେବେ ଏହାର ୧୩୦ କୋଟି ସମାଧାନ ବାହାରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଆମେ ଆସନ୍ତାବର୍ଷ ୭୫ତମ ସ୍ୱାଧୀନତା ଦିବସ ପାଳନ କରିବାକୁ ଯାଉଥିବାବେଳେ ସାରା ଦେଶ ଭୋକାଲ ଫର ଲୋକାଲ ପାଇଁ ପ୍ରତିଜ୍ଞାବଦ୍ଧ ହେବା ଆବଶ୍ୟକ। କରୋନା ମହାମାରୀ ବିରୋଧରେ ସାରା ବିଶ୍ୱ ଲଢୁଥିବାବେଳେ ଭାରତରେ ପୁଞ୍ଜିନିବେଶ ଜାରି ରହିଛି। ବିକଶିତ ଭାରତ ଉପରେ ବିଶ୍ୱ ଆଶାବାଦୀ ଥିବା ଏଥିରୁ ସ୍ପଷ୍ଟ ହୋଇଛି। ଭାରତର ଦ୍ରୁତ ଅଭିବୃଦ୍ଧି ପାଇଁ ବିସ୍ତୃତ ତଥା ମଲ୍ଟି-ମୋଡାଲ ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେବାକୁ ହେବ।

### ଆତ୍ମନିର୍ଭର ଭାରତ, ଭୋକାଲ୍ ଫର୍ ଲୋକାଲ୍ ଏବଂ ମେକ୍ ଇନ୍ ଇଣ୍ଡିଆ ଟୁ ମେକ୍ ଫର୍ ୱାର୍ଲ୍ଡ ଉପରେ ଗୁରୁତ୍ୱ

ଏଥିପାଇଁ ରେଳପଥରୁ ସଡ଼କ, ବନ୍ଦରଠାରୁ ବିମାନବନ୍ଦର ପର୍ଯ୍ୟନ୍ତ ଭିତ୍ତିଭୂମିକୁ ପରସ୍ପର ସହ ସଂଯୋଗ କରିବାକୁ ହେବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

ଏବେ ସରକାର କୃଷକଙ୍କ ଆୟ ଦୁଇଗୁଣ କରିବା ଦିଗରେ କାର୍ଯ୍ୟ କରୁଛନ୍ତି। କୃଷକ ନିଜ ଉତ୍ପାଦିତ ସାମଗ୍ରୀକୁ ଯେକୌଣସି ସ୍ଥାନରେ ଭଲ ଦାମ୍‌ରେ ବିକିବା ପାଇଁ ସ୍ୱାଧୀନତା ଦିଆଯାଇଛି। ଏବେ ସରକାର ଜଳ ଜୀବନ ମିଶନ ଲକ୍ଷ୍ୟ ଦିଗରେ କାର୍ଯ୍ୟ କରୁଛନ୍ତି, ଯେଉଁଥିରେ ପ୍ରତି ଘରେ ପ୍ରତି ଟ୍ୟାପ୍‌ରେ ବିଶୁଦ୍ଧ ପାନୀୟ ଜଳ ଉପଲବ୍ଧ ହେବ। ସମସ୍ତଙ୍କ ପାଇଁ ଘର ସରକାରଙ୍କର ଅନ୍ୟତମ ପ୍ରାଥମିକତା। ଆଗାମୀ କିଛି ବର୍ଷରେ ଏହି ପ୍ରତିଶ୍ରୁତି ପୂରଣ ହେବାକୁ ଯାଉଛି। ସରକାର ନିକଟରେ ଆଣିଥିବା ନୂତନ ଜାତୀୟ ଶିକ୍ଷାନୀତି ଏକବିଂଶ ଶତାବ୍ଦୀର ଭାରତକୁ ନୂଆ ରୂପ ଦେବ। ଏହା ଭାରତୀୟଙ୍କୁ ବିଶ୍ୱ ନାଗରିକରେ ପରିଣତ କରିବ। ନୂଆ ଶିକ୍ଷାନୀତିରେ ଗବେଷଣା ଓ ବିକାଶକୁ ଗୁରୁତ୍ୱ ଦିଆଯାଇଛି। ଏହା ଭାରତକୁ ବିଶ୍ୱର ପ୍ରମୁଖ ଗବେଷଣା ଓ ବିକାଶ (ଆର୍ ଆଣ୍ଡ ଡି) ଲକ୍ଷ୍ୟସ୍ଥଳରେ ପରିଣତ କରିବ ବୋଲି ପ୍ରଧାନମନ୍ତ୍ରୀ କହିଥିଲେ।

## ପରଲୋକରେ ଟ୍ରମ୍ପଙ୍କ ସାନଭାଇ

ୱାଶିଂଟନ, ୧୬।୮

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ସାନଭାଇ ରବର୍ଟ ଟ୍ରମ୍ପ (୭୧)ଙ୍କ ଶନିବାର ରାତିରେ ପରଲୋକ ହୋଇଯାଇଛି। ସେ ଗୁରୁତର ଭାବେ ଅସୁସ୍ଥ ହୋଇପଡ଼ିବାରୁ ନ୍ୟୁୟର୍କସ୍ଥିତ ଏକ ହସ୍ପିଟାଲରେ ତାଙ୍କୁ ଭର୍ତ୍ତି କରାଯାଇଥିଲା। ଟ୍ରମ୍ପ ଶୁକ୍ରବାର ଉକ୍ତ ହସ୍ପିଟାଲକୁ ଯାଇ ତାଙ୍କୁ ଦେଖିଥିଲେ। ତାଙ୍କ ମୃତ୍ୟୁର କାରଣ ଜଣାପଡ଼ିନାହିଁ।

୧୯୪୮ରେ ଜନ୍ମିତ ରୋବର୍ଟ ଟ୍ରମ୍ପ ଥିଲେ ଫ୍ରେଡ୍ ଟ୍ରମ୍ପଙ୍କ ୫ ସନ୍ତାନ ସନ୍ତତିଙ୍କ ମଧ୍ୟରୁ ସବା ସାନ। ସେ ରିୟଲ ଇଷ୍ଟେଟ୍ ଡେଭେଲପର ଭାବେ ସଫଳ ବ୍ୟବସାୟୀ ଥିଲେ। ଏହାସହ ଟ୍ରମ୍ପ ଅର୍ଗାନାଇଜେଶନର ମଧ୍ୟ ପରିଚାଳନା କରୁଥିଲେ। ଡୋନାଲ୍ଡ ଟ୍ରମ୍ପ ୨୦୧୬ ରାଷ୍ଟ୍ରପତି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା ସମୟରେ ରବର୍ଟ ତାଙ୍କର ଦୃଢ଼ ସମର୍ଥକ ଥିଲେ। ଟ୍ରମ୍ପ ନିର୍ବାଚନ ଜିତିବା ପରେ ସେ ଲାଇମ୍‌ଲାଇଟ୍‌କୁ ଆସିବା ପାଇଁ ପସନ୍ଦ କରି ନ ଥିଲେ। ରବର୍ଟଙ୍କ ମୃତ୍ୟୁକୁ ନେଇ ଟ୍ରମ୍ପ ଶୋକବ୍ୟକ୍ତ କରିଛନ୍ତି। ସେ କେବଳ ମୋର ସାନଭାଇ ନୁହନ୍ତି, ସର୍ବୋତ୍ତମ ବନ୍ଧୁ ଥିଲେ। ତାଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି ବୋଲି ରାଷ୍ଟ୍ରପତି ଟ୍ରମ୍ପଙ୍କ ଏକ ବିବୃତି ହ୍ୱାଇଟ୍ ହାଉସ୍ ପକ୍ଷରୁ ଜାରି କରାଯାଇଛି।



ରବର୍ଟ ଟ୍ରମ୍ପ

## ଭାକ୍ସିନ ଉତ୍ପାଦନ କଲା ରୁଷିଆ

ମସ୍କୋ, ୧୬।୮(ଆଇଏଏନ୍ଏସ୍)

ରୁଷିଆ କରୋନା ଭାଇରସ୍ ଭାକ୍ସିନ ସ୍ପୁଟ୍‌ନିକ୍ ଭି ଉତ୍ପାଦନ ଆରମ୍ଭ କରିଛି। ଟିକାର ପ୍ରଥମ ପର୍ଯ୍ୟାୟ ଉତ୍ପାଦନ ସମ୍ପର୍କରେ ସେଠାକାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଶନିବାର ଜାରି ଏକ ବିବୃତିରେ ସୂଚନା ଦିଆଯାଇଛି। ବିଶ୍ୱରେ ପ୍ରଥମ କରୋନା ଟିକା ରୁଷିଆ ପ୍ରସ୍ତୁତ କରିଥିବା ନେଇ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ମଙ୍ଗଳବାର ଘୋଷଣା କରିଥିଲେ। ୧୯୫୭ରେ ମସ୍କୋ ପକ୍ଷରୁ ଉତ୍କ୍ଷେପଣ କରାଯାଇଥିବା ଉପଗ୍ରହ ସ୍ପୁଟ୍‌ନିକ୍ ଭି'ର ନାମାନୁସାରେ ଏହାର ନାମକରଣ କରାଯାଇଛି। ଏହାକୁ ମସ୍କୋ ନିକଟସ୍ଥ ଗୋମାଲେୟା ସାଇଣ୍ଟିଫିକ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏପିଡେମିଓଲୋଜି ଆଣ୍ଡ ମାଇକ୍ରୋବାୟୋଲୋଜି ବିକଶିତ କରିଛି। ଅଦ୍ୟାବଧି କୋଭିଡ୍-୧୯ ଯୋଗୁ ରୁଷିଆରେ ୧୫,୬୧୭ ଜଣଙ୍କ ଜୀବନ ଯାଇଥିବାବେଳେ ୯୧୭,୮୮୪ ସଂକ୍ରମିତ ହୋଇଛନ୍ତି।

## ଜାହାଜରୁ ତେଲ ଲିକ୍

### ମରିସସ୍‌କୁ ସହାୟତା ପଠାଇଲା ଭାରତ

**ନୂଆଦିଲ୍ଲୀ, ୧୬।୮:** ମରିସସ୍‌ର ଦକ୍ଷିଣ-ପୂର୍ବ ଉପକୂଳରେ ଅଟକିଥିବା ଜାପାନର ଏକ ଜାହାଜରୁ ପ୍ରଚୁର ତେଲ ଲିକ୍ ହେଉଛି। ଏହି ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ ଭାରତ ମରିସସ୍‌କୁ ୩୦ ଟନ୍ ବୈଷୟିକ ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ବାୟୁସେନା ବିମାନରେ ପଠାଇଛି। ତେଲ ଲିକ୍ ବନ୍ଦ କରିବା ଲାଗି ସ୍ୱତନ୍ତ୍ର ତାଲିମପ୍ରାପ୍ତ ଭାରତୀୟ ତଟରକ୍ଷୀ ବାହିନୀର ଏକ ୧୦ ଜଣିଆ ଟିମ୍ ମଧ୍ୟ ସେଠାରେ ମୁତୟନ ହୋଇଛି।

## ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତିଙ୍କ କରୋନା ରିପୋର୍ଟ ନେଗେଟିଭ୍ ଆସିଲା

**ଜୟପୁର, ୧୬।୮(ପି.ଟି.):** ରାଜସ୍ଥାନ ହାଇକୋର୍ଟର ମୁଖ୍ୟ ବିଚାରପତି ଇନ୍ଦ୍ରଜିତ୍ ମହାନ୍ତି କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଖବର ପ୍ରସାରିତ ହେବାର କିଛି ସମୟ ପରେ ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଛି। ସେ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ଭୟରେ କରୋନା ପରୀକ୍ଷା କରାଇଥିଲେ। ଆର୍‌ଟି-ପିସିଆର୍ ପରୀକ୍ଷାରେ ବୈଷୟିକ ତ୍ରୁଟି ଯୋଗୁ ପ୍ରଥମ ରିପୋର୍ଟ ପଜିଟିଭ୍ ଆସିଥିଲା ବୋଲି ଜୟପୁର ମୁଖ୍ୟ ମେଡିକାଲ ଓ ହେଲ୍‌ଥ ଅଫିସର ଡ. ନରୋତ୍ତମ ଶର୍ମା କହିଛନ୍ତି। ପରବର୍ତ୍ତୀ ଦୁଇଥର ରିପୋର୍ଟ ନେଗେଟିଭ୍ ଆସିଛି। ରିପୋର୍ଟ ପଜିଟିଭ୍ ଖବର ଆସିବା ପରେ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ ଟୁଇଟ୍ କରି ଜଷ୍ଟିସ୍ ମହାନ୍ତିଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଓଡ଼ିଶାରେ ଜନ୍ମିତ ଜଷ୍ଟିସ ମହାନ୍ତି ଶନିବାର ଅଦାଲତ ପରିସରରେ ସ୍ୱାଧୀନତା ଦିବସ ଉତ୍ସବରେ ଅଂଶଗ୍ରହଣ କରିଥିଲେ। ଏଥିରେ ଅନ୍ୟ ବିଚାରପତି ଓ ହାଇକୋର୍ଟ ଅଧିକାରୀ ତଥା ପାଖାପାଖି ୧୦୦ ଜଣ ଆଇନଜୀବୀ ଯୋଗଦେଇଥିଲେ। ସମସ୍ତଙ୍କୁ କୋଭିଡ୍ ପରୀକ୍ଷା କରାଇନେବା ଲାଗି ପରାମର୍ଶ ଦିଆଯାଇଥିଲା। ଶୁକ୍ରବାର ହାଇକୋର୍ଟର ୫ କର୍ମଚାରୀ କରୋନାରେ ଆକ୍ରାନ୍ତ ଥିବା ଜଣାପଡିଥିଲା।

# କରୋନା ଆରୋଗ୍ୟ ହାର ବଢୁଛି

ନୂଆଦିଲ୍ଲୀ, ୧୬।୮(ପି.ଟି.)

### ମୃତ୍ୟୁହାର ୧.୯୩%କୁ ହ୍ରାସ



ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଥିବାବେଳେ ଆରୋଗ୍ୟ ହାରରେ ମଧ୍ୟ ବୃଦ୍ଧି ଘଟିଛି। ସବୁଠାରୁ ବଡ଼ କଥା ହେଲା କରୋନା ଜନିତ ମୃତ୍ୟୁସଂଖ୍ୟା ହ୍ରାସ ପାଇ ରବିବାର ୧.୯୩ ପ୍ରତିଶତରେ ପହଞ୍ଚିଛି। କେନ୍ଦ୍ର, ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ସରକାରମାନଙ୍କର ସମନ୍ୱିତ ଉଦ୍ୟମ ଫଳରେ ଏହି ସଫଳତା ମିଳିପାରିଥିବା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଆମେରିକାରେ ମୃତ୍ୟୁସଂଖ୍ୟା ୫୦ ହଜାର ଟପିବାକୁ ମାତ୍ର ୨୩ ଦିନ ଲାଗିଥିଲା। ବ୍ରାଜିଲରେ ଏହା ୯୫ ଦିନ ଲାଗିଥିବାବେଳେ ମେକ୍ସିକୋରେ ଏଥିପାଇଁ ୧୪୧ ଦିନ ଲାଗିଯାଇଥିଲା। ଭାରତରେ ୧୫୬ ଦିନରେ କରୋନା ଜନିତ ମୃତ୍ୟୁସଂଖ୍ୟା ୫୦ ହଜାର ଛୁଇଁଛି। ଅଧିକ ପରୀକ୍ଷା କରାଯିବା, ସଂସ୍ପର୍ଶରେ ଆସିଥିବା ଲୋକମାନଙ୍କୁ ଖୋଜି ବାହାର କରାଯିବା ଏବଂ ଉପଯୁକ୍ତ ଚିକିତ୍ସା ଫଳରେ ଆରୋଗ୍ୟ ହାର ବୃଦ୍ଧି ପାଇଛି। ରବିବାର ସୁଦ୍ଧା ଦେଶରେ ଆରୋଗ୍ୟଙ୍କ ସଂଖ୍ୟା ୧୮,୬୨,୨୫୮କୁ ବୃଦ୍ଧି ପାଇଛି। ଆଶାକର୍ମୀମାନଙ୍କ ଅକ୍ଲାନ୍ତ ଉଦ୍ୟମ ଫଳରେ ସଂକ୍ରମିତଙ୍କୁ ଖୋଜି ବାହାର କରିବା ଓ ସେମାନଙ୍କ ହୋମ୍ କ୍ୱାରାଣ୍ଟାଇନକୁ ତଦାରଖ କରିବା ସମ୍ଭବ ହୋଇପାରିଛି। କୋଭିଡ୍-୧୯ ରୋଗୀଙ୍କୁ ଚିକିତ୍ସା କରୁଥିବା ଡାକ୍ତରମାନଙ୍କ ଦକ୍ଷତା ବୃଦ୍ଧି ପାଇଛି। ଜୁନ୍ ୧୮ରେ କରୋନାଜନିତ ମୃତ୍ୟୁହାର ୩.୩୩% ଥିଲାବେଳେ ଏବେ ତାହା ୧.୯୩ ପ୍ରତିଶତକୁ ଖସିଆସିଛି। ସେହିପରି ଆରୋଗ୍ୟ ହାର ୭୨ ପ୍ରତିଶତ ନିକଟବର୍ତ୍ତୀ ହୋଇଛି। ୨୪ ଘଣ୍ଟା ମଧ୍ୟରେ ୫୩,୩୨୨ ରୋଗୀ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏବେ ୬,୭୭,୪୪୪ କରୋନା ରୋଗୀ ବିଭିନ୍ନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହା ମୋଟ ମାମଲାର ୨୬.୧୬ ପ୍ରତିଶତ।



ହଂକଂର ଥିଏଟର କଷ୍ଟ୍ୟୁମ୍ ଡିଜାଇନର ତଥା ଅଭିନେତା ଏଡ୍‌ମଣ୍ଡ କୋକ୍ ବିଭିନ୍ନ ପ୍ରକାର ମାସ୍କ ପିନ୍ଧିଥିବା ଫଟୋ। ଫେବୃୟାରୀ ପରଠାରୁ ସେ ୧୭୦ କିସମର ଫେସ୍ ମାସ୍କ ତିଆରି କରିସାରିଲେଣି।

# ଦଳିତ ନାବାଳିକାଙ୍କୁ ଗଣବଳାତ୍କାର, ହତ୍ୟା

ବରେଲି, ୧୬।୮

ଉତ୍ତରପ୍ରଦେଶରେ ମହିଳା ବିରୋଧୀ ହିଂସା ଥମିବାର ନାଁ ନେଉନାହିଁ। ଲକ୍ଷ୍ମୀପୁର ଖେରି ଜିଲାରେ ଶୁକ୍ରବାର ଜଣେ ଦଳିତ ନାବାଳିକାଙ୍କୁ ଗଣବଳାତ୍କାର ପରେ ହତ୍ୟା କରାଯାଇଛି। ଇସାନନଗର ଅଞ୍ଚଳର ପକାରିଆ ଗ୍ରାମସ୍ଥିତ ଏକ ଚାଷଜମିରେ ଶୌଚ କରିବାରୁ ତାଙ୍କୁ ଏପରି କରାଯାଇଥିବା ଜଣାପଡ଼ିଛି। ପୋଲିସ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

ସୂଚନାନୁଯାୟୀ ୧୩ ବର୍ଷୀୟା ଝିଅ ଜଣକ ଶୌଚ ହେବା ପାଇଁ ବିଲକୁ ଯାଇ ଆଉ ଫେରି ନ ଥିଲେ। ସେ ନିଖୋଜ ହୋଇଯିବା ପରେ ପରିବାର ଲୋକେ ଖୋଜାଖୋଜି କରିଥିଲେ। ହେଲେ ତାଙ୍କର ପତ୍ତା ମିଳି ନ ଥିଲା। ପରେ ତାଙ୍କ

### ୟୁପିରେ ଲଜ୍ଜା



### ଯୋଗୀ ସରକାରଙ୍କୁ ବିରୋଧୀଙ୍କ ଟାର୍ଗେଟ

ମୃତଦେହ ଆଖୁ ଚାଷ କରାଯାଇଥିବା ଜମିରେ ମିଳିଥିଲା। ତାଙ୍କ ଆଖି ଓ ଜିଭରେ ଅନେକ କ୍ଷତଚିହ୍ନ ରହିଥିଲା। ତାଙ୍କୁ ତଣ୍ଟିଚିପି ହତ୍ୟା କରିବା ପୂର୍ବରୁ ଅକଥନୀୟ ନିର୍ଯାତନା ଦିଆଯାଇଥିଲା। ହତ୍ୟା ପୂର୍ବରୁ ନାବାଳିକାଙ୍କୁ ଗଣବଳାତ୍କାର କରାଯାଇଥିବା ଶବ ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି। ଇସାନନଗର ପୋଲିସ କହିଛି, ସଞ୍ଜୟ କୁମାରଙ୍କ ବିଲକୁ ପୀଡ଼ିତାଙ୍କ ପରିବାର ଲୋକେ ଶୌଚ ପାଇଁ ଯାଉଥିବାରୁ ଏହାକୁ ନେଇ ବିବାଦ ଲାଗିରହିଥିଲା। ଅଭିଯୁକ୍ତ ସଞ୍ଜୟ ଓ ସନ୍ତୋଷଙ୍କୁ ଗିରଫ କରାଯାଇଛି। ଜେରାବେଳେ ସେମାନେ ଦୋଷ ସ୍ୱୀକାର କରିଛନ୍ତି।

ଏହି ଘଟଣା ଲୋକଲୋଚନକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ନେତୃତ୍ୱାଧୀନ ଭାଜପା ସରକାରଙ୍କୁ ବିରୋଧୀ ଟାର୍ଗେଟ କରିଛନ୍ତି। ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ହିନ୍ଦୀରେ ଟୁଇଟ୍ କରି ଲେଖିଛନ୍ତି, ଲକ୍ଷ୍ମୀପୁର ଖେରୀ ଘଟଣା ମାନବିକତାକୁ ଦୋହଲାଇ ଦେଇଛି। ଭାଜପା ଶାସନରେ ଶିଶୁ ଓ ମହିଳାଙ୍କ ଉପରେ ନିର୍ଯାତନା ବଢ଼ିବାରେ ଲାଗିଛି। ଅପହରଣ, ବଳାତ୍କାର ଓ ହତ୍ୟା ଭଳି ଜଘନ୍ୟ କାଣ୍ଡ ଭିଆଉଥିବା ଅପରାଧୀଙ୍କୁ ଭାଜପା ସରକାର କାହିଁକି ସୁରକ୍ଷା ଦେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ବରିଷ୍ଠ କଂଗ୍ରେସ ନେତା ଜିତିନ୍ ପ୍ରସାଦଙ୍କ ମତରେ ଏହି ଅମାନବୀୟ କାଣ୍ଡ ମାନବିକତାକୁ ଲଜ୍ଜିତ କରିଛି। ଏପରି ବଡ଼ ଅପରାଧ ଘଟୁଥିବାବେଳେ ପୋଲିସ କ'ଣ କରୁଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏହାସହ ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ଦାବି କରିଛନ୍ତି। ସେହିପରି ବହୁଜନ ସମାଜ ପାର୍ଟି ସୁପ୍ରିମୋ ମାୟାବତୀ ଏହାର ନିନ୍ଦା କରିବା ସହ ଦୋଷୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ସମାଜବାଦୀ ପାର୍ଟି ଓ ଭାଜପା ସରକାର ମଧ୍ୟରେ କ'ଣ ଫରକ ରହିଛି ବୋଲି ସେ ଟୁଇଟ୍ କରିଛନ୍ତି।

## ଏତଲା ପାଇଁ ପୀଡ଼ିତାଙ୍କୁ ନଚାଇଲା ପୋଲିସ

କାନପୁର, ୧୬।୮(ଆଇଏଏନ୍ଏସ୍)

ଉତ୍ତରପ୍ରଦେଶର ଗୋବିନ୍ଦ ନଗର ଥାନା ଦବାଉଲି ୱେଷ୍ଟ ଅଞ୍ଚଳର ଜଣେ ୧୬ ବର୍ଷୀୟା ଝିଅଙ୍କୁ ତାଙ୍କ ଜମି ମାଲିକଙ୍କ ପୁତୁରା ଅସଦାଚରଣ କରିଥିଲେ। ନାବାଳିକା ଜଣକ ଏନେଇ ଥାନାକୁ ଏତଲା ଦେବାକୁ ଯାଇଥିଲେ। ପୋଲିସ ଇନ୍ସପେକ୍ଟର ଏଫ୍ଆଇଆର୍ କରିବା ପାଇଁ ତାଙ୍କୁ ଅସମୟରେ ଡାକି ଥାନାରେ ନାଚିବାକୁ କହିଥିଲେ। ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି। ପୀଡ଼ିତାଙ୍କ ମା' କହିଛନ୍ତି, ଅଭିଯୁକ୍ତ ଅନୁପ ଯାଦବ ଜୁଲାଇ ୨୬ରେ ତାଙ୍କ ଘରକୁ ଯାଇ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ। ଅଗଷ୍ଟ ୭ରେ ଝିଅ ବଜାରକୁ ଯାଇ ଫେରୁଥିବାବେଳେ ସେ ତାଙ୍କୁ ଅସଦାଚରଣ କରିଥିଲେ। ଇନ୍ସପେକ୍ଟର ଅନୁରାଗ ମିଶ୍ର ଏଫ୍ଆଇଆର୍ କରିବା ପୂର୍ବରୁ ଝିଅକୁ ନାଚିବାକୁ କହିଥିଲେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୭ ଅଗଷ୍ଟ, ୨୦୨୦



## ପିକ୍‌ଅପ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବାଲିକୁଦା(ସ୍ୱ.ପ୍ର.): ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ୫୫ ନଂ. ଜାତୀୟ ରାଜପଥର ବାରିଲୋଠାରେ ଶନିବାର ଏକ ବାଇକ୍ ସହ ପିକ୍‌ଅପ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଏରସମା ଥାନା ଅଧୀନ ପଦ୍ମପୁର ଗାଁର ପୁଷ୍ପକ କାଣ୍ଡି ଓ ତାଙ୍କ ସାଙ୍ଗ ନକୁଳ କାଣ୍ଡି। ଉଭୟ କୌଣସି କାମରେ ବାଲିକୁଦା ଆସିଥିଲେ। ଘରକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ ସହିତ ସେମାନଙ୍କ ଗାଡି ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଫେରାର ପିକ୍‌ଅପ ଭ୍ୟାନକୁ ବାଲିକୁଦା ବଜାରରୁ ଧରି, ଚାଳକଙ୍କୁ ଅଟକ ରଖାଯାଇଛି।

# ‘କୋଭିଡ୍ ଯୋଦ୍ଧାଙ୍କ ସେବା ପାଇଁ ଓଡ଼ିଆ ଜାତି ଋଣୀ’

ଭୁବନେଶ୍ୱର,୧୬।୮(ବ୍ୟୁରୋ)

କରୋନା ଲଢ଼େଇରେ କୋଭିଡ୍‌ଯୋଦ୍ଧାମାନେ ଯେଉଁଭଳି ଭାବେ କାର୍ଯ୍ୟ କରୁଛନ୍ତି ତାହାର ତୁଳନା ନାହିଁ। ସେମାନଙ୍କ ସେବା ଓ ତ୍ୟାଗ ପାଇଁ ଓଡ଼ିଶାରେ ଆରୋଗ୍ୟ ହାର ଜାତୀୟ ତୁଳନାରେ ଭଲ ରହିଛି। ମୃତ୍ୟୁ ହାର ମଧ କମ୍ ରହିଛି। ଓଡ଼ିଆ ଜାତି ସେମାନଙ୍କ ନିକଟରେ ଋଣୀ। ଓଡ଼ିଆ ଜାତି ଅନେକ ବିପଦର ସାମ୍ନା କରିଛି। ସାହସର ସହ ମୁକାବିଲା କରି ନୂଆ ଇତିହାସ ଲେଖିଛି। କରୋନା ଶୀଘ୍ର ଦୂର ହେବ। ସ୍କୁଲଗୁଡ଼ିକରେ ପୁଣିଥରେ ଘଣ୍ଟା ବାଜି ଉଠିବ ଓ ମାନବ ଜାତିର ଜୟଯାତ୍ରା ଆହୁରି ଆଗକୁ ବଢ଼ିବ ବୋଲି ୭୪ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଶନିବାର ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୯ଟାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସେ କହିଲେ, କରୋନା କେବଳ ଭାରତ ନୁହେଁ, ସାରା ବିଶ୍ୱ ତଥା ମାନବଜାତି ପାଇଁ ବଡ଼ ସଙ୍କଟ ଭାବେ ଦେଖାଦେଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି, ପର୍ଯ୍ୟଟନ, ପରିବହନ ତଥା ମାନବ ସମାଜ ଉପରେ ଏହା ଗଭୀର ଭାବେ ପ୍ରଭାବ ପକାଇଛି। କୋଟି କୋଟି ଲୋକ ଜୀବିକା ହରାଉଛନ୍ତି। ଟିକା ଆସିବା ପରେ କରୋନା ନିୟନ୍ତ୍ରଣ ହେବ। କିନ୍ତୁ କରୋନା ଯେଉଁ କ୍ଷତି କରିଛି ତାକୁ ଭରଣା କରିବା ପାଇଁ ସାହସର ସହିତ କାମ କରିବାକୁ ପଡ଼ିବ। ଲକ୍‌ଡାଉନ୍ ସମୟରେ ଜୀବିକା ଜାରି ରଖିବା ପାଇଁ ଆମେ ପଦକ୍ଷେପ ନେଇଛୁ। କୃଷି, ନିର୍ମାଣ କାର୍ଯ୍ୟ ସହିତ ବିଭିନ୍ନ କର୍ମ ନିଯୋଜନ କାମ ଜାରି ରହିଛି। ଏହି ସମୟ ମଧ୍ୟରେ ଓଡ଼ିଶାକୁ ୧୨ହଜାର କୋଟି ଟଙ୍କା (ଦେଶର ୧୮%)ର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି। ମହାରାଷ୍ଟ୍ରକୁ ପଛରେ ପକାଇ ଓଡ଼ିଶା ପୁଞ୍ଜି ନିବେଶରେ ପୁଣି ଦେଶରେ ୧ନମ୍ବର ହୋଇଛି। ୨୦୧୯-୨୦ରେ ଦେଶରେ କୃଷି କ୍ଷେତ୍ରରେ ଅଭିବୃଦ୍ଧି ହାର ୨.୮୦% ଥିବାବେଳେ ଓଡ଼ିଶାରେ ୭.୬୧% ରହିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଗୃହ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସମାରୋହରେ ‘୫-ଟି’ ସଚିବ ଭି. କେ. ପାଣ୍ଡିଆନ, ଗୃହ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ପ୍ରମୁଖ ଉପସ୍ଥିତ ଥିଲେ। କୋଭିଡ୍-୧୯ ମହାମାରୀ ଯୋଗୁ ୩ ପ୍ଲାଟୁନ ପୋଲିସ ଫୋର୍ସ, ଓଡ୍ରାଫ, ଓଏସ୍‌ପି ସପ୍ତମ ବାଟାଲିୟନ ଓ ଏଏସ୍‌ପି ବାଟାଲିୟନ ସହ ରାଜ୍ୟ ବ୍ରାସ୍ ବ୍ୟାଣ୍ଡ୍ ସ୍ୱାଧୀନତା ଦିବସ ପରେଡରେ ସାମିଲ ହୋଇଥିଲେ। ୩୧ କୋଭିଡ୍ ଯୋଦ୍ଧାଙ୍କ ସମେତ ୧୦୦ଜଣ ନିମନ୍ତ୍ରିତ ଅତିଥିଙ୍କ ଉପସ୍ଥିତିରେ ସାମାଜିକ ଦୂରତ୍ୱ ନିୟମକୁ କଡ଼ାକଡ଼ି ପାଳନ କରାଯାଇଥିଲା।

**ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ**




୭୪ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପରେଡ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିବାଦନ ଗ୍ରହଣ କରୁଛନ୍ତି।

## କରୋନା ସଂକ୍ରମଣ ସ୍ଥିତି

(ରବିବାର ରାତି ୯ଟା ସୁଦ୍ଧା)

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୧୬,୯୮,୮୧୨ | ୭,୭୦,୪୮୯ | ୧,୪୪,୦୦,୭୮୫ |
| ଭାରତ | ୨୬,୩୪,୨୫୬ | ୫୦,୮୪୫ | ୧୯,୦୪,୬୧୨ |
| ଓଡ଼ିଶା | ୬୦,୦୫୦ | ୩୪୩(+୫୩) | ୪୨,୨୭୭ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଜିଲାପାଳ ବି ମାନୁ ନାହାନ୍ତି



ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନୀ ସାହୁଙ୍କ ସହ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

**ସୁନ୍ଦରଗଡ଼,୧୬।୮(ଡି.ଏନ୍.ଏ.):** କରୋନା ମୁକାବିଲା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ କଟକଣା ଜାରି କରିଛନ୍ତି। ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନ ଉପରେ ଗୁରୁତ୍ୱ ଦିଆଯାଉଛି। ଏହାର ଉଲ୍ଲଂଘନ କଲେ ଜରିମାନା ମଧ ଦେବାକୁ ପଡୁଛି। ହେଲେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ଶନିବାର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ସୁନ୍ଦରଗଡ଼ରେ ଆୟୋଜିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ଭବନଠାରେ ଶିଶୁଙ୍କ ପୋଷଣ ଆବଶ୍ୟକତାକୁ ସୁନିଶ୍ଚିତ କରିବା ପାଇଁ ଜିଲା ଖଣିଜ ପ୍ରତିଷ୍ଠାନର ଆର୍ଥିକ ସହାୟତାରେ ପ୍ରସ୍ତୁତ ଏକ ପାଇଲଟ୍ ପ୍ରୋଜେକ୍ଟକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାପାଳ ପ୍ରଶାସନ ପକ୍ଷରୁ ଅଙ୍ଗନୱାଡ଼ି ଜରିଆରେ ହେମଗିର ବ୍ଲକରେ ମାଣ୍ଡିଆଲଡୁ ଏବଂ ଲେଫ୍ରିପଡା ବ୍ଲକରେ ବାଦାମଚିକି ବଣ୍ଟନ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ନିଖିଲ, ଏସ୍‌ପି ସାଗରିକା ନାଥ ପ୍ରମୁଖ ଉପସ୍ଥିତ ଥିଲେ। ହେଲେ ଜିଲାପାଳ ସାମାଜିକ ଦୂରତ୍ୱକୁ ଖୋଲାଖୋଲି ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଥିଲା। କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ସାମାଜିକ ଦୂରତାକୁ ସମ୍ପୂର୍ଣ୍ଣ ଭାବେ ବେଖାତିର କରାଯାଇଥିଲା। ଯେତେବେଳେ ଜିଲାର ମୁଖ୍ୟ ଏଭଳି ଆଚରଣ ପ୍ରଦର୍ଶନ କରିବେ, ସେତେବେଳେ ସାଧାରଣ ନାଗରିକ ବି ସାମାନ୍ୟତମ କଟକଣା ମାନିବାକୁ ପ୍ରସ୍ତୁତ ହେଉନାହାନ୍ତି।

## ସ୍ୱାସ୍ଥ୍ୟକର୍ମୀଙ୍କୁ ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୧୬।୮(ବ୍ୟୁରୋ):** ରାଜ୍ୟରେ ଗୋଟିଏ ଦିନରେ ୫୦ ହଜାରରୁ ଅଧିକ କରୋନା ନମୁନା ପରୀକ୍ଷା କରି କୋଭିଡ୍-୧୯ ବିରୋଧରେ ଓଡିଶା ମାଇଲଖୁଣ୍ଟ ସ୍ଥାପନ କରିପାରିଛି। ସ୍ୱାସ୍ଥ୍ୟକର୍ମୀ ଓ କରୋନା ଯୋଦ୍ଧାମାନେ ଟେଷ୍ଟ, ଟ୍ରେସ ଓ ଟ୍ରାକକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିବାରୁ ଲୋକଙ୍କ ଜୀବନ ବଞ୍ଚୁଛି। ଏଥିଲାଗି ସ୍ୱାସ୍ଥ୍ୟକର୍ମୀଙ୍କ ନିରନ୍ତର ପ୍ରୟାସକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଟୁଇଟ୍‌ରେ ଦର୍ଶାଯାଇଛି, ସ୍ୱାସ୍ଥ୍ୟ କର୍ମୀ ଓ କରୋନା ଯୋଦ୍ଧାମାନେ ଟେଷ୍ଟ, ଟ୍ରେସ୍ ଓ ଟ୍ରାକକୁ ଗୁରୁତ୍ୱ ଦେଇ ନିରନ୍ତର ଚେଷ୍ଟା କରୁଥିବାରୁ ବର୍ତ୍ତମାନ ରାଜ୍ୟରେ ଏକ ଭଲ ପରିସ୍ଥିତି ସୃଷ୍ଟି ହେବା ସଙ୍ଗେସଙ୍ଗେ ଲୋକଙ୍କ ଜୀବନ ରକ୍ଷା ହୋଇ ପାରୁଥିବା କୁହାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ପ୍ରଶଂସା କରିଛନ୍ତି।

# ଅଧିକ ଆକ୍ରାନ୍ତ ହୋଇଛନ୍ତି ଯୁବପିଢ଼ି

କଟକ ଅଫିସ,୧୬।୮

**ସିଏମ୍‌ସିରେ କରୋନାର ବିପରୀତ ଚିତ୍ର**
- ୨୦ ବର୍ଷରୁ କମ୍ ବର୍ଗରେ ୧୨୪ ଆକ୍ରାନ୍ତ
- ୨୧ରୁ ୪୦ ବର୍ଷ ବୟସ ଭିତରେ ୩୭୫
- ୪୧ରୁ ୬୦ ବର୍ଷ ବୟସ ଭିତରେ ୨୬୧
- ଅଧିକ ଟେଷ୍ଟିଂ ପାଇଁ ଆହ୍ୱାନ ଦେଲେ କମିଶନର

ବୟସ୍କ ଓ ଶିଶୁମାନେ କରୋନା ଭୂତାଣୁର ଶିକାର ଶୀଘ୍ର ହୁଅନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଆସିଛି। କିନ୍ତୁ କଟକ ସହରରେ ଏହାର ବିପରୀତ ଚିତ୍ର ଏବେ ସାମ୍ନାକୁ ଆସିଛି। ଏଠାରେ ବୟସ୍କ ଓ ଶିଶୁଙ୍କ ଅପେକ୍ଷା ଯୁବପିଢ଼ି ଅଧିକ ସଂଖ୍ୟାରେ କରୋନା ସଂକ୍ରମିତ ହୋଇଛନ୍ତି। ସହରରେ ବର୍ତ୍ତମାନ ୮୨୨ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ବର୍ଷରୁ କମ୍ ବୟସ ଭିତରେ ୧୨୪ ଜଣ ଆକ୍ରାନ୍ତ ଥିବାବେଳେ ୨୧ରୁ ୪୦ ବର୍ଷ ଭିତରେ ୩୭୫, ୪୧ରୁ ୬୦ ଭିତରେ ୨୬୧ ଓ ୬୦ରୁ ଅଧିକ ବୟସ୍କଙ୍କ ମଧ୍ୟରେ ମାତ୍ର ୬୨ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। କଟକ ମହାନଗର ନିଗମର କମିଶନର ଅନନ୍ୟା ଦାସ ରବିବାର ଏହି ସୂଚନା ଦେଇଛନ୍ତି।



ଗତ ସପ୍ତାହ (୮ରୁ ୧୪ ଅଗଷ୍ଟ) ଭିତରେ କଟକ ସହରର ସ୍ଥିତି ନେଇ କମିଶନର କହିଛନ୍ତି ଯେ ଏହି ସମୟରେ ୬୦୫ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଣ୍ଟେନ୍‌ମେଣ୍ଟ ଜୋନରୁ ୧୬୫, ଗୃହ ସଙ୍ଗରୋଧରୁ ୧୭୪, ସରକାରୀ ସଙ୍ଗରୋଧରୁ ୧୨୭ ଓ ସ୍ଥାନୀୟ ଆକ୍ରାନ୍ତ ଭାବେ ୧୩୯ ଜଣ ରହିଛନ୍ତି। ଅନ୍ୟପକ୍ଷରେ ସହରରେ କରୋନା ପରୀକ୍ଷା ବଢ଼ାଇବାକୁ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ସିଡିଏ ଓ ଚାଉଳିଆଗଞ୍ଜ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆର୍‌ଟି-ପିସିଆର୍ ଟେଷ୍ଟିଂ ହେଉଛି। ସେହିଭଳି ୫ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯଥା ଜଗତପୁର, ନୟାବଜାର, ବାମ୍ଫକୁଦ, ବିଡ଼ାନାସୀ ଓ ଷଣ୍ଢପୁରରେ ଆଣ୍ଟିଜେନ୍ ଟେଷ୍ଟ କରାଯାଉଛି। ସହରର ବଳକା ୫ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଖୁବ୍ ଶୀଘ୍ର ଆଣ୍ଟିଜେନ୍ ଟେଷ୍ଟିଂ ସୁବିଧା ଉପଲବ୍ଧ ହେବ। ସହରବାସୀ ଅଧିକରୁ ଅଧିକ ସଂଖ୍ୟାରେ ଟେଷ୍ଟିଂ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସହରସ୍ଥିତ କୋଭିଡ୍ କେୟାର ସେଣ୍ଟରରେ ଧୀରେଧୀରେ ରୋଗୀଙ୍କ ସଂଖ୍ୟା ବଢୁଛି। ୧୨ଟି ସେଣ୍ଟରେ ୧୨୨୪ ବେଡ୍ ଥିବାବେଳେ ୬୧୭ ବେଡ୍ ଭର୍ତ୍ତି ହୋଇଛି। ଡ୍ରିମ୍‌ସରେ ୩୨.୪୦ ପ୍ରତିଶତ, ଇଡ୍‌କୋରେ ୭୧.୭୩, ବିଦ୍ୟାଧରପୁରରେ ୭୨.୪୪, ଗୋପାଳପୁରରେ ୮୧.୩୦, ବାରବାଟୀରେ ୫୭.୩ ଓ ଜେଏନ୍‌ଆଇଏସ୍‌ରେ ୨୪ ପ୍ରତିଶତ ବେଡ୍ ଭର୍ତ୍ତି ହୋଇଛି। ୨୨୩ ଜଣ ଆକ୍ରାନ୍ତ ହୋମ୍ ଆଇସୋଲେଶନ୍‌ରେ ଅଛନ୍ତି। ନିୟମିତ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯିବା ସହ ଏକ କିଟ୍ ଦିଆଯାଇଛି।

STATE INSTITUTE OF HOTEL MANAGEMENT, BALANGIR
Titilagarh Road, Balangir - 767001 (Odisha)
(ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

ADMISSION OPEN
FOR HOTEL MANAGEMENT COURSES

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. Diploma In Front Office Operation | $1\frac{1}{2}$ Year | 10+2 pass or equivalent | 25 Years as on 1st July 2020 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | $1\frac{1}{2}$ Year | 10+2 pass or equivalent | |
| 3. Diploma In Food Production | $1\frac{1}{2}$ Year | 10+2 pass or equivalent | |
| 4. Diploma In Housekeeping Operation | $1\frac{1}{2}$ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | $1\frac{1}{2}$ Year | 10th pass | |

LAST DATE OF ADMISSION: 31.08.2020
FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9348849484, 6370180040, 9437140772, 9437030720

# ୨୦୦୦ ଗେଣ୍ଡାଳିଆ ଶାବକ ମୃତ

ଢେଙ୍କାନାଳ ଅଫିସ, ୧୬।୮

ଲଘୁଚାପଜନିତ ଲଗାଣବର୍ଷାରେ ଗଛ ଉପୁଡ଼ି ପଡ଼ିବାରୁ ୨୦୦୦ରୁ ଊର୍ଦ୍ଧ୍ୱ ଗେଣ୍ଡାଳିଆ ଏବଂ ନବଜାତ ଶାବକଙ୍କ ମୃତ୍ୟୁ ଘଟିଛି। ଏପରି ଦୁଃଖଦ ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ରେଞ୍ଜ୍ ଅଧୀନ ଗଡପଳାଶୁଣି ଗ୍ରାମରେ ଏଗଳି ଘଟଣା ଘଟିଛି। ଏଠାରେ ଥିବା ଏକ ତେନ୍ତୁଳି ଗଛ ଦେଶୀୟ ଅତିଥି ପକ୍ଷୀଙ୍କ ସୁରକ୍ଷିତ ଆଶ୍ରୟସ୍ଥଳୀ ପାଲଟିଥିଲା। ପ୍ରତିବର୍ଷ ରଜ ସମୟରେ ଏହି ପକ୍ଷୀଙ୍କ ସମାଗମ ହେଉଥିବାବେଳେ ଅଣ୍ଡା ଫୁଟିବା ପରେ ଦୀପାବଳି ବେଳକୁ ସେମାନେ ଫେରିଯାଉଥିଲେ। ହେଲେ ଲଗାଣ ବର୍ଷାରେ ଗଛଟି ଉପୁଡ଼ି ପଡ଼ିବାରୁ ପ୍ରାୟ ୨୦୦୦ ଗେଣ୍ଡାଳିଆ, ମାସକର ଶାବକଙ୍କ ମୃତ୍ୟୁ ଘଟିଛି। ଏଥିସହ ଅଣ୍ଡା ମଧ ନଷ୍ଟ ହୋଇଯାଇଛି। ଏ ସଂକ୍ରାନ୍ତରେ ମହାବିରୋଡ ରେଞ୍ଜର ସୁବ୍ରତ ରଞ୍ଜନ ବେହେରା କୁହନ୍ତି, ଲଗାଣ ବର୍ଷା ଯୋଗୁ ଗଛଟି ଉପୁଡ଼ିପଡ଼ିବାରୁ ଅଣ୍ଡାଫୁଟି ବାହାରିଥିବା ଗେଣ୍ଡାଳିଆ ଶାବକ ଏବଂ ବଡ଼ ପକ୍ଷୀଙ୍କ ମୃତ୍ୟୁ ଘଟିଛି। ଅଣ୍ଡା ମଧ ନଷ୍ଟ ହୋଇଯାଇଛି।

# କରୋନାରେ ଡାକ୍ତର, ଫଟୋ ସାମ୍ବାଦିକଙ୍କ ମୃତ୍ୟୁ

**ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ପୁରୁଷୋତ୍ତମପୁର, ୧୬।୮(ଡି.ଏନ୍.ଏ.)



ଡାକ୍ତର ବି. କ୍ରିଷ୍ଣା

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକରେ ରବିବାର କରୋନାରେ ଆଉ ଜଣେ କରୋନା ଯୋଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବି. କ୍ରିଷ୍ଣା (୪୫)। କ୍ରିଷ୍ଣାଙ୍କ ସମେତ କରୋନାରେ ବ୍ଲକର ୩ ଜଣ ଯୋଦ୍ଧାଙ୍କ ମୃତ୍ୟୁ ହେଲାଣି।

ଡାକ୍ତର କ୍ରିଷ୍ଣା ଗତ ୪ ତାରିଖରେ ପୁରୁଷୋତ୍ତମପୁର ବ୍ଲକ ରାଣୀଗାଁଠାରେ ହୋଇଥିବା ଆଣ୍ଟିଜେନ୍ ଟେଷ୍ଟିଙ୍ଗ ସେଣ୍ଟର ଦାୟିତ୍ୱରେ ଥିଲେ। ସେଠାରେ ସେ ନିଜର ସ୍ୱାବ ପରୀକ୍ଷା କରିବା ପରେ ରିପୋର୍ଟ ପଜିଟିଭ ଆସିଥିଲା। ୫ ତାରିଖରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ରବିବାର ସକାଳୁ ତାଙ୍କର ମୃତ୍ୟୁ ଘଟିଛି। ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଡାକ୍ତର କ୍ରିଷ୍ଣାଙ୍କ ପୁରୁଷୋତ୍ତମପୁର ଥାନା ସୂର୍ଯ୍ୟନାରାୟଣପୁରସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ମା’ ବି. ଡାଲିଆମ୍ମା ଓ ଭାଇ ବି. ଲିଙ୍ଗରାଜଙ୍କ ସହ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

ଯାଜପୁର ଟାଉନ୍,(ଡି.ଏନ୍.ଏ.)



ଅଶୋକ ସାହୁ

ଯାଜପୁରରେ କାର୍ଯ୍ୟରତ ଏକ ଦୈନିକ ଖବରକାଗଜର ଫଟୋ ଖବରଦାତା ଅଶୋକ ସାହୁ (୫୫)ଙ୍କର କୋରୋନାରେ ମୃତ୍ୟୁ ଘଟିଛି। ଅଶୋକ ଗତ କିଛି ମାସ ହେବ ଅସୁସ୍ଥ ଥିବାରୁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିଲେ। ସେଠାରେ ତାଙ୍କର କରୋନା ପରୀକ୍ଷା କରାଯାଇଥିଲା। ସେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ତାଙ୍କ ସ୍ୱାସ୍ଥାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ କିମ୍ସ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୨ ସପ୍ତାହ ଚିକିତ୍ସିତ ହେବା ପରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ଅଶୋକଙ୍କ ଘର ଯାଜପୁର ବ୍ଲକ ଖଇରାବାଦ ଗ୍ରାମରେ। ତାଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ଭୁବନେଶ୍ୱରରେ ପହଞ୍ଚିଥିଲେ। ସେଠାରେ କରୋନା କଟକଣା ରକ୍ଷା କରାଯାଇ ମୃତଦେହ ସଂସ୍କାର କରାଯାଇଥିବା ପରିବାର ପକ୍ଷରୁ ଜଣାପଡିଛି।



## ପିକ୍‌ଅପ୍ ଧକ୍କାରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ

ବାଲିକୁଦା(ସ୍ୱ.ପ୍ର.): ଜଗତ୍‌ସିଂହପୁର ଜିଲା ବାଲିକୁଦା ଥାନା ୫୫ ନଂ. ଜାତୀୟ ରାଜପଥର ବାରିଲୋଠାରେ ଶନିବାର ଏକ ବାଇକ୍ ସହ ପିକ୍‌ଅପ୍ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ୨ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଏରସମା ଥାନା ଅଧୀନ ପଦ୍ମପୁର ଗାଁର ପୁଷ୍ପକ କାଣ୍ଡି ଓ ତାଙ୍କ ସାଙ୍ଗ ନକୁଳ କାଣ୍ଡି। ଉଭୟ କୌଣସି କାମରେ ବାଲିକୁଦା ଆସିଥିଲେ। ଘରକୁ ଫେରୁଥିବାବେଳେ ବିପରୀତ ଦିଗରୁ ଆସୁଥିବା ପିକ୍‌ଅପ ସହିତ ସେମାନଙ୍କ ଗାଡି ଧକ୍କା ହୋଇଥିଲା। ଫଳରେ ଘଟଣାସ୍ଥଳରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ପୋଲିସ ଫେରାର ପିକ୍‌ଅପ ଭ୍ୟାନକୁ ବାଲିକୁଦା ବଜାରରୁ ଧରି, ଚାଳକଙ୍କୁ ଅଟକ ରଖାଯାଇଛି।

# ‘କୋଭିଡ୍ ଯୋଦ୍ଧାଙ୍କ ସେବା ପାଇଁ ଓଡ଼ିଆ ଜାତି ଋଣୀ’

ଭୁବନେଶ୍ୱର,୧୬।୮(ବ୍ୟୁରୋ)

କରୋନା ଲଢ଼େଇରେ କୋଭିଡ୍ ଯୋଦ୍ଧାମାନେ ଯେଉଁଭଳି ଭାବେ କାର୍ଯ୍ୟ କରୁଛନ୍ତି ତାହାର ତୁଳନା ନାହିଁ। ସେମାନଙ୍କ ସେବା ଓ ତ୍ୟାଗ ପାଇଁ ଓଡ଼ିଶାରେ ଆରୋଗ୍ୟ ହାର ଜାତୀୟ ତୁଳନାରେ ଭଲ ରହିଛି। ମୃତ୍ୟୁ ହାର ମଧ୍ୟ କମ୍ ରହିଛି। ଓଡ଼ିଆ ଜାତି ସେମାନଙ୍କ ନିକଟରେ ଋଣୀ। ଓଡ଼ିଆ ଜାତି ଅନେକ ବିପଦର ସାମ୍ନା କରିଛି। ସାହସର ସହ ମୁକାବିଲା କରି ନୂଆ ଇତିହାସ ଲେଖିଛି। କରୋନା ଶୀଘ୍ର ଦୂର ହେବ। ସ୍କୁଲଗୁଡ଼ିକରେ ପୁଣିଥରେ ଘଣ୍ଟା ବାଜି ଉଠିବ ଓ ମାନବ ଜାତିର ଜୟଯାତ୍ରା ଆହୁରି ଆଗକୁ ବଢ଼ିବ ବୋଲି ୭୪ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି।

ଶନିବାର ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୯ଟାରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ସେ କହିଲେ, କରୋନା କେବଳ ଭାରତ ନୁହେଁ, ସାରା ବିଶ୍ୱ ତଥା ମାନବଜାତି ପାଇଁ ବଡ଼ ସଙ୍କଟ ଭାବେ ଦେଖାଦେଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ଅର୍ଥନୀତି, ପର୍ଯ୍ୟଟନ, ପରିବହନ

### ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ



୭୪ତମ ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସରେ ଭୁବନେଶ୍ୱରରେ ଆୟୋଜିତ ରାଜ୍ୟସ୍ତରୀୟ ପରେଡ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିବାଦନ ଗ୍ରହଣ କରୁଛନ୍ତି।

ତଥା ମାନବ ସମାଜ ଉପରେ ଏହା ଗଭୀର ଭାବେ ପ୍ରଭାବ ପକାଇଛି। କୋଟି କୋଟି ଲୋକ ଜୀବିକା ହରାଉଛନ୍ତି। ଟିକା ଆସିବା ପରେ କରୋନା ନିୟନ୍ତ୍ରଣ ହେବ। କିନ୍ତୁ କରୋନା ଯେଉଁ କ୍ଷତି କରିଛି ତାକୁ ଭରଣା କରିବା ପାଇଁ ସାହସର ସହିତ କାମ କରିବାକୁ ପଡ଼ିବ। ଲକ୍‌ଡାଉନ୍ ସମୟରେ ଜୀବିକା ଜାରି ରଖିବା ପାଇଁ ଆମେ ପଦକ୍ଷେପ ନେଇଛୁ। କୃଷି, ନିର୍ମାଣ କାର୍ଯ୍ୟ ସହିତ ବିଭିନ୍ନ କର୍ମ ନିଯୋଜନ କାମ ଜାରି ରହିଛି। ଏହି ସମୟ ମଧ୍ୟରେ ଓଡ଼ିଶାକୁ ୧୨ହଜାର କୋଟି ଟଙ୍କା (ଦେଶର ୧୮%)ର ପୁଞ୍ଜି ନିବେଶ ପ୍ରସ୍ତାବ ଆସିଛି। ମହାରାଷ୍ଟ୍ରକୁ ପଛରେ ପକାଇ ଓଡ଼ିଶା ପୁଞ୍ଜି ନିବେଶରେ ପୁଣି ଦେଶରେ ୧ନମ୍ବର ହୋଇଛି। ୨୦୧୯-୨୦ରେ ଦେଶରେ କୃଷି କ୍ଷେତ୍ରରେ ଅଭିବୃଦ୍ଧି ହାର ୨.୮୦% ଥିବାବେଳେ ଓଡ଼ିଶାରେ ୭.୬୧% ରହିଛି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।

ସୂଚନା ଓ ଲୋକ ସମ୍ପର୍କ ବିଭାଗ ଏବଂ ଗୃହ ବିଭାଗର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ସମାରୋହରେ ‘୫-ଟି’ ସଚିବ ଭି. କେ. ପାଣ୍ଡିଆନ, ଗୃହ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀବ ଚୋପ୍ରା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଅଶୋକ କୁମାର ମୀନା ପ୍ରମୁଖ ଉପସ୍ଥିତ ଥିଲେ। କୋଭିଡ୍-୧୯ ମହାମାରୀ ଯୋଗୁ ୩ ପ୍ଲାଟୁନ ପୋଲିସ ଫୋର୍ସ, ଓଡ୍ରାଫ, ଓଏସ୍‌ପି ସପ୍ତମ ବାଟାଲିୟନ ଓ ଏଏସ୍‌ପି ବାଟାଲିୟନ ସହ ରାଜ୍ୟ ବ୍ରାସ୍ ବ୍ୟାଣ୍ଡ ସ୍ୱାଧୀନତା ଦିବସ ପରେଡରେ ସାମିଲ ହୋଇଥିଲେ। ୩୧ କୋଭିଡ୍ ଯୋଦ୍ଧାଙ୍କ ସମେତ ୧୦୦ଜଣ ନିମନ୍ତ୍ରିତ ଅତିଥିଙ୍କ ଉପସ୍ଥିତିରେ ସାମାଜିକ ଦୂରତ୍ୱ ନିୟମକୁ କଡ଼ାକଡ଼ି ପାଳନ କରାଯାଇଥିଲା।

## କରୋନା ସଂକ୍ରମଣ ସ୍ଥିତି

ରବିବାର ରାତି ୧୧ଟା ସୁଦ୍ଧା

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୨,୧୭,୨୪,୯୨୩ | ୭,୭୧,୦୦୭ | ୧,୪୪,୬୫,୧୦୧ |
| ଭାରତ | ୨୬,୪୫,୦୯୧ | ୫୧,୦୨୧ | ୧୯,୧୫,୩୫୦ |
| ଓଡ଼ିଶା | ୬୦,୦୫୦ | ୩୪୩(+୫୩) | ୪୨,୨୭୭ |

(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ଜିଲାପାଳ ବି ମାନୁ ନାହାନ୍ତି


ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଟୁକୁନୀ ସାହୁଙ୍କ ସହ ଜିଲାପାଳ, ଏସ୍‌ପି ଓ ଅନ୍ୟମାନେ।

**ସୁନ୍ଦରଗଡ଼,୧୬।୮(ଡି.ଏନ୍.ଏ.):** କରୋନା ମୁକାବିଲା ଲାଗି ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ କଟକଣା ଜାରି କରିଛନ୍ତି। ସାମାଜିକ ଦୂରତା ରକ୍ଷା, ମାସ୍କ ପରିଧାନ ଉପରେ ଗୁରୁତ୍ୱ ଦିଆଯାଉଛି। ଏହାର ଉଲ୍ଲଂଘନ କଲେ ଜରିମାନା ମଧ୍ୟ ଦେବାକୁ ପଡୁଛି। ହେଲେ ସୁନ୍ଦରଗଡ଼ ଜିଲାପାଳ ନିଖିଲ ପବନ କଲ୍ୟାଣ ଏହି ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରୁଥିବା ଦେଖିବାକୁ ମିଳିଛି। ଶନିବାର ସ୍ୱାଧୀନତା ଦିବସ ଅବସରରେ ରାଜ୍ୟ ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ଟୁକୁନି ସାହୁ ସୁନ୍ଦରଗଡ଼ରେ ଆୟୋଜିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ ଉତ୍ସବରେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହାପରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ଭବନଠାରେ ଶିଶୁଙ୍କ ପୋଷଣ ଆବଶ୍ୟକତାକୁ ସୁନିଶ୍ଚିତ କରିବା ପାଇଁ ଜିଲା ଖଣିଜ ପ୍ରତିଷ୍ଠାନର ଆର୍ଥିକ ସହାୟତାରେ ପ୍ରସ୍ତୁତ ଏକ ପାଇଲଟ୍ ପ୍ରୋଜେକ୍ଟକୁ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଜିଲାପାଳ ପ୍ରଶାସନ ପକ୍ଷରୁ ଅଙ୍ଗନୱାଡ଼ି ଜରିଆରେ ହେମଗିର ବ୍ଲକରେ ମାଣ୍ଡିଆଲଡୁ ଏବଂ ଲେଫ୍ରିପଡା ବ୍ଲକରେ ବାଦାମଚିକି ବଣ୍ଟନ ବ୍ୟବସ୍ଥାର ଶୁଭାରମ୍ଭ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲାପାଳ ନିଖିଲ, ଏସ୍‌ପି ସାଗରିକା ନାଥ ପ୍ରମୁଖ ଉପସ୍ଥିତ ଥିଲେ। ହେଲେ ଜିଲାପାଳ ସାମାଜିକ ଦୂରତ୍ୱକୁ ଖୋଲାଖୋଲି ଉଲ୍ଲଂଘନ କରିଥିବା ଦେଖିବାକୁ ମିଳିଥିଲା। କୋଭିଡ୍ ମାର୍ଗଦର୍ଶିକା ଅନୁଯାୟୀ ସାମାଜିକ ଦୂରତାକୁ ସମ୍ପୂର୍ଣ୍ଣ ଭାବେ ବେଖାତିର କରାଯାଇଥିଲା। ଯେତେବେଳେ ଜିଲାର ମୁଖ୍ୟ ଏଭଳି ଆଚରଣ ପ୍ରଦର୍ଶନ କରିବେ, ସେତେବେଳେ ସାଧାରଣ ନାଗରିକ ବି ସାମାନ୍ୟତମ କଟକଣା ମାନିବାକୁ ପ୍ରସ୍ତୁତ ହେଉନାହାନ୍ତି।

## ସ୍ୱାସ୍ଥ୍ୟକର୍ମୀଙ୍କୁ ଟୁଇଟ୍ ଯୋଗେ ମୁଖ୍ୟମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୧୬।୮(ବ୍ୟୁରୋ):** ରାଜ୍ୟରେ ଗୋଟିଏ ଦିନରେ ୫୦ ହଜାରରୁ ଅଧିକ କରୋନା ନମୁନା ପରୀକ୍ଷା କରି କୋଭିଡ୍-୧୯ ବିରୋଧରେ ଓଡିଶା ମାଇଲଖୁଣ୍ଟ ସ୍ଥାପନ କରିପାରିଛି। ସ୍ୱାସ୍ଥ୍ୟକର୍ମୀ ଓ କରୋନା ଯୋଦ୍ଧାମାନେ ଟେଷ୍ଟ, ଟ୍ରେସ ଓ ଟ୍ରାକକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରୁଥିବାରୁ ଲୋକଙ୍କ ଜୀବନ ବଞ୍ଚୁଛି। ଏଥିଲାଗି ସ୍ୱାସ୍ଥ୍ୟକର୍ମୀଙ୍କ ନିରନ୍ତର ପ୍ରୟାସକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରଶଂସା କରିଛନ୍ତି। ଏନେଇ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି। ଟୁଇଟ୍‌ରେ ଦର୍ଶାଯାଇଛି, ସ୍ୱାସ୍ଥ୍ୟ କର୍ମୀ ଓ କରୋନା ଯୋଦ୍ଧାମାନେ ଟେଷ୍ଟ, ଟ୍ରେସ୍ ଓ ଟ୍ରାକକୁ ଗୁରୁତ୍ୱ ଦେଇ ନିରନ୍ତର ଚେଷ୍ଟା କରୁଥିବାରୁ ବର୍ତ୍ତମାନ ରାଜ୍ୟରେ ଏକ ଭଲ ପରିସ୍ଥିତି ସୃଷ୍ଟି ହେବା ସଙ୍ଗେସଙ୍ଗେ ଲୋକଙ୍କ ଜୀବନ ରକ୍ଷା ହୋଇ ପାରୁଥିବା କୁହାଯାଇଛି। ଏ ନେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସେମାନଙ୍କୁ ପ୍ରଶାଂସା କରିଛନ୍ତି।

# ଅଧିକ ଆକ୍ରାନ୍ତ ହୋଇଛନ୍ତି ଯୁବପିଢ଼ି

କଟକ ଅଫିସ,୧୬।୮

### ସିଏମ୍‌ସିରେ କରୋନାର ବିପରୀତ ଚିତ୍ର

- ୨୦ ବର୍ଷରୁ କମ୍ ବର୍ଗରେ ୧୨୪ ଆକ୍ରାନ୍ତ
- ୨୧ରୁ ୪୦ ବର୍ଷ ବୟସ ଭିତରେ ୩୭୫
- ୪୧ରୁ ୬୦ ବର୍ଷ ବୟସ ଭିତରେ ୨୬୧
- ଅଧିକ ଟେଷ୍ଟିଂ ପାଇଁ ଆହ୍ୱାନ ଦେଲେ କମିଶନର

ବୟସ୍କ ଓ ଶିଶୁମାନେ କରୋନା ଭୂତାଣୁର ଶିକାର ଶୀଘ୍ର ହୁଅନ୍ତି ବୋଲି ସ୍ୱାସ୍ଥ୍ୟ ବିଭାଗ କହିଆସିଛି। କିନ୍ତୁ କଟକ ସହରରେ ଏହାର ବିପରୀତ ଚିତ୍ର ଏବେ ସାମ୍ନାକୁ ଆସିଛି। ଏଠାରେ ବୟସ୍କ ଓ ଶିଶୁଙ୍କ ଅପେକ୍ଷା ଯୁବପିଢ଼ି ଅଧିକ ସଂଖ୍ୟାରେ କରୋନା ସଂକ୍ରମିତ ହୋଇଛନ୍ତି। ସହରରେ ବର୍ତ୍ତମାନ ୮୨୨ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। ସେମାନଙ୍କ ମଧ୍ୟରୁ ୨୦ ବର୍ଷରୁ କମ୍ ବୟସ ଭିତରେ ୧୨୪ ଜଣ ଆକ୍ରାନ୍ତ ଥିବାବେଳେ ୨୧ରୁ ୪୦ ବର୍ଷ ଭିତରେ ୩୭୫, ୪୧ରୁ ୬୦ ଭିତରେ ୨୬୧ ଓ ୬୦ରୁ ଅଧିକ ବୟସ୍କଙ୍କ ମଧ୍ୟରେ ମାତ୍ର ୬୨ ଜଣ ସକ୍ରିୟ ଆକ୍ରାନ୍ତ ରହିଛନ୍ତି। କଟକ ମହାନଗର ନିଗମର କମିଶନର ଅନନ୍ୟା ଦାସ ରବିବାର ଏହି ସୂଚନା ଦେଇଛନ୍ତି।

ଗତ ସପ୍ତାହ (୮ରୁ ୧୪ ଅଗଷ୍ଟ) ଭିତରେ କଟକ ସହରର ସ୍ଥିତି ନେଇ କମିଶନର କହିଛନ୍ତି ଯେ ଏହି ସମୟରେ ୬୦୫ ଜଣ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ କଣ୍ଟେନ୍‌ମେଣ୍ଟ ଜୋନରୁ ୧୬୫, ଗୃହ ସଙ୍ଗରୋଧରୁ ୧୭୪, ସରକାରୀ ସଙ୍ଗରୋଧରୁ ୧୨୭ ଓ ସ୍ଥାନୀୟ ଆକ୍ରାନ୍ତ ଭାବେ ୧୩୯ ଜଣ ରହିଛନ୍ତି। ଅନ୍ୟପକ୍ଷରେ ସହରରେ କରୋନା ପରୀକ୍ଷା ବଢ଼ାଇବାକୁ ଗୁରୁତ୍ୱ ଦିଆଯାଉଛି। ବର୍ତ୍ତମାନ ସିଡିଏ ଓ ଚାଉଳିଆଗଞ୍ଜ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆରଟି-ପିସିଆର୍ ଟେଷ୍ଟିଂ ହେଉଛି। ସେହିଭଳି ୫ଟି ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯଥା ଜଗତପୁର, ନୟାବଜାର, ବାମ୍ଫକୁଦ, ବିଡ଼ାନାସୀ ଓ ଷଣ୍ଢପୁରରେ ଆଣ୍ଟିଜେନ୍ ଟେଷ୍ଟ କରାଯାଉଛି। ସହରର ବଳକା ୫ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ଖୁବ୍ ଶୀଘ୍ର ଆଣ୍ଟିଜେନ୍ ଟେଷ୍ଟିଂ ସୁବିଧା ଉପଲବ୍ଧ ହେବ। ସହରବାସୀ ଅଧିକରୁ ଅଧିକ ସଂଖ୍ୟାରେ ଟେଷ୍ଟିଂ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସହରସ୍ଥିତ କୋଭିଡ୍ କେୟାର ସେଣ୍ଟରରେ ଧୀରେଧୀରେ ରୋଗୀଙ୍କ ସଂଖ୍ୟା ବଢୁଛି। ୧୨ଟି ସେଣ୍ଟରେ ୧୨୨୪ ବେଡ୍ ଥିବାବେଳେ ୬୧୭ ବେଡ୍ ଭର୍ତ୍ତି ହୋଇଛି। ଡ୍ରିମ୍‌ସରେ ୩୨.୪୦ ପ୍ରତିଶତ, ଇଡ୍‌କୋରେ ୭୧.୭୩, ବିଦ୍ୟାଧରପୁରରେ ୭୨.୪୪, ଗୋପାଳପୁରରେ ୮୧.୩୦, ବାରବାଟୀରେ ୫୭.୩ ଓ ଜେଏନ୍‌ଆଇଏସ୍‌ରେ ୨୪ ପ୍ରତିଶତ ବେଡ୍ ଭର୍ତ୍ତି ହୋଇଛି। ୨୨୩ ଜଣ ଆକ୍ରାନ୍ତ ହୋମ୍ ଆଇସୋଲେଶନ୍‌ରେ ଅଛନ୍ତି। ନିୟମିତ ସେମାନଙ୍କ ସ୍ୱାସ୍ଥ୍ୟ ଯାଞ୍ଚ କରାଯିବା ସହ ଏକ କିଟ୍ ଦିଆଯାଇଛି।


## STATE INSTITUTE OF HOTEL MANAGEMENT, BALANGIR

Titilagarh Road, Balangir - 767001 (Odisha)
SIHM (ESTABLISHED BY MINISTRY OF TOURISM, GOVT. OF INDIA & DEPT. OF TOURISM, GOVT. OF ODISHA) NCHMCT

ADMISSION OPEN
FOR HOTEL MANAGEMENT COURSES

| COURSES | DURATION | QUALIFICATION | AGE LIMIT |
|---|---|---|---|
| 1. Diploma In Front Office Operation | 1½ Year | 10+2 pass or equivalent | 25 Years as on 1st July 2020 for General/ OBC candidates & 28 Years for SC/ST candidates |
| 2. Diploma In Food & Beverage Service | 1½ Year | 10+2 pass or equivalent | |
| 3. Diploma In Food Production | 1½ Year | 10+2 pass or equivalent | |
| 4. Diploma In Housekeeping Operation | 1½ Year | 10+2 pass or equivalent | |
| 5. Craftsmanship Certificate Course In Food & Beverage Service | 06 Months | 10th pass | |
| 6. Craftsmanship Certificate Course In Food Production | 1½ Year | 10th pass | |

LAST DATE OF ADMISSION: 31.08.2020
FOR FURTHER DETAILS
Visit our website - www.sihmbalangir.org, e-mail: admissions@sihmbalangir.org
Contact No.9348849484, 6370180040, 9437140772, 9437030720


# ୨୦୦୦ ଗେଣ୍ଡାଳିଆ ଶାବକ ମୃତ

ଢେଙ୍କାନାଳ ଅଫିସ, ୧୬।୮

ଲଘୁଚାପଜନିତ ଲଗାଣବର୍ଷାରେ ଗଛ ଉପୁଡ଼ି ପଡ଼ିବାରୁ ୨୦୦୦ରୁ ଊର୍ଦ୍ଧ୍ୱ ଗେଣ୍ଡାଳିଆ ଏବଂ ନବଜାତ ଶାବକଙ୍କ ମୃତ୍ୟୁ ଘଟିଛି। ଏପରି ଦୁଃଖଦ ଘଟଣା ଘଟିଛି ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ମହାବିରୋଡ ରେଞ୍ଜ୍ ଅଧୀନ ଗଡପଳାଶୁଣି ଗ୍ରାମରେ। ଏଠାରେ ଥିବା ଏକ ତେନ୍ତୁଳି ଗଛ ଦେଶୀୟ ଅତିଥି ପକ୍ଷୀଙ୍କ ସୁରକ୍ଷିତ ଆଶ୍ରୟସ୍ଥଳୀ ପାଲଟିଥିଲା। ପ୍ରତିବର୍ଷ ରଜ ସମୟରେ ଏହି ପକ୍ଷୀଙ୍କ ସମାଗମ ହେଉଥିବାବେଳେ ଅଣ୍ଡା ଫୁଟିବା ପରେ ଦୀପାବଳି ବେଳକୁ ସେମାନେ ଫେରିଯାଉଥିଲେ। ହେଲେ ଲଗାଣ ବର୍ଷାରେ ଗଛଟି ଉପୁଡ଼ି ପଡ଼ିବାରୁ ପ୍ରାୟ ୨୦୦୦ ଗେଣ୍ଡାଳିଆ, ମାସକର ଶାବକଙ୍କ ମୃତ୍ୟୁ ଘଟିଛି। ଏଥିସହ ଅଣ୍ଡା ମଧ୍ୟ ନଷ୍ଟ ହୋଇଯାଇଛି। ଏ ସଂକ୍ରାନ୍ତରେ ମହାବିରୋଡ ରେଞ୍ଜର ସୁବ୍ରତ ରଞ୍ଜନ ବେହେରା କୁହନ୍ତି, ଲଗାଣ ବର୍ଷା ଯୋଗୁ ଏପରି ଦୁଃଖଦ ଘଟଣା ଘଟିଛି। ବହୁ ପରିମାଣରେ ଅଣ୍ଡାଫୁଟି ବାହାରିଥିବା ଗେଣ୍ଡାଳିଆ ଶାବକ ଏବଂ ବଡ଼ ପକ୍ଷୀଙ୍କ ମୃତ୍ୟୁ ଘଟିଛି। ଅଣ୍ଡା ମଧ୍ୟ ନଷ୍ଟ ହୋଇଯାଇଛି।

# କରୋନାରେ ଡାକ୍ତର, ଫଟୋ ସାମ୍ବାଦିକଙ୍କ ମୃତ୍ୟୁ

### ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ପୁରୁଷୋତ୍ତମପୁର, ୧୬।୮(ଡି.ଏନ୍.ଏ.)


ଡାକ୍ତର ବି. କ୍ରିଷ୍ଣା

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକରେ ରବିବାର କରୋନାରେ ଆଉ ଜଣେ କରୋନା ଯୋଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭାଟକୁମରଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ବି. କ୍ରିଷ୍ଣା (୪୫)। କ୍ରିଷ୍ଣାଙ୍କ ସମେତ କରୋନାରେ ବ୍ଲକର ୩ ଜଣ ଯୋଦ୍ଧାଙ୍କ ମୃତ୍ୟୁ ହେଲାଣି।

ଡାକ୍ତର କ୍ରିଷ୍ଣା ଗତ ୪ ତାରିଖରେ ପୁରୁଷୋତ୍ତମପୁର ବ୍ଲକ ରାଣୀଗାଁଠାରେ ହୋଇଥିବା ଆଣ୍ଟିଜେନ୍ ଟେଷ୍ଟିଙ୍ଗ ସେଣ୍ଟର ଦାୟିତ୍ୱରେ ଥିଲେ। ସେଠାରେ ସେ ନିଜର ସ୍ୱାବ ପରୀକ୍ଷା କରିବା ପରେ ରିପୋର୍ଟ ପଜିଟିଭ ଆସିଥିଲା। ୫ ତାରିଖରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ କୋଭିଡ୍ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ରବିବାର ସକାଳୁ ତାଙ୍କର ମୃତ୍ୟୁ ଘଟିଛି। ଛତ୍ରପୁର ଉପଜିଲାପାଳ ପ୍ରିୟରଞ୍ଜନ ପୃଷ୍ଟି ଡାକ୍ତର କ୍ରିଷ୍ଣାଙ୍କ ପୁରୁଷୋତ୍ତମପୁର ଥାନା ସୂର୍ଯ୍ୟନାରାୟଣପୁରସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ମା’ ବି. ଡାଲିଆମ୍ମା ଓ ଭାଇ ବି. ଲିଙ୍ଗରାଜଙ୍କ ସହ ପରିବାରବର୍ଗଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

ଯାଜପୁର ଟାଉନ୍,(ଡି.ଏନ୍.ଏ.)


ଅଶୋକ ସାହୁ

ଯାଜପୁରରେ କାର୍ଯ୍ୟରତ ଏକ ଦୈନିକ ଖବରକାଗଜର ଫଟୋ ଖବରଦାତା ଅଶୋକ ସାହୁ (୫୫)ଙ୍କର କୋରୋନାରେ ମୃତ୍ୟୁ ଘଟିଛି। ଅଶୋକ ଗତ କିଛି ମାସ ହେବ ଅସୁସ୍ଥ ଥିବାରୁ କଟକ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଥିଲେ। ସେଠାରେ ତାଙ୍କର କରୋନା ପରୀକ୍ଷା କରାଯାଇଥିଲା। ସେ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ତାଙ୍କ ସ୍ୱାସ୍ଥାବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ କିମ୍ସ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୨ ସପ୍ତାହ ଚିକିତ୍ସିତ ହେବା ପରେ ଶନିବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ସୂତ୍ରରୁ ଜଣାପଡ଼ିଛି। ଅଶୋକଙ୍କ ଘର ଯାଜପୁର ବ୍ଲକ ଖଇରାବାଦ ଗ୍ରାମରେ। ତାଙ୍କ ମୃତ୍ୟୁ ଖବର ପାଇ ପରିବାର ଲୋକେ ଭୁବନେଶ୍ୱରରେ ପହଞ୍ଚିଥିଲେ। ସେଠାରେ କରୋନା କଟକଣା ରକ୍ଷା କରାଯାଇ ମୃତଦେହ ସଂସ୍କାର କରାଯାଇଥିବା ପରିବାର ପକ୍ଷରୁ ଜଣାପଡିଛି।




## ହୀରାକୁଦ ଡ୍ୟାମ୍‌ର ୧୨ ଗେଟ ଦେଇ ବନ୍ୟାଜଳ ନିଷ୍କାସନ

ସମ୍ବଲପୁର,୧୬।୮ (ବ୍ୟୁରୋ)-ସମ୍ବଲପୁର ହୀରାକୁଦ ଡ୍ୟାମର ଜଳସ୍ତର ରବିବାର ୬୧୫.୩୫ ଫୁଟ ରହିଛି । ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ ୧ ଲକ୍ଷ ୯୯ ହଜାର ୮୪୪ କ୍ୟୁସେକ ଜଳ ପ୍ରବେଶ କରୁଛି । ଡାହାଣ ପାର୍ଶ୍ୱର ୪ଟି ଓ ବାମ ପାର୍ଶ୍ୱର ୮ଟି ସ୍ଲୁଇସ୍ ଗେଟ, ବିଭିନ୍ନ କେନାଲ ଓ ପାୱାର ଚ୍ୟାନେଲ ଦେଇ ପ୍ରତି ସେକେଣ୍ଡରେ ଜଳଭଣ୍ଡାରୁ ୧ ଲକ୍ଷ ୯୯ ହଜାର ୮୪୪ କ୍ୟୁସେକ ଜଳ ନିଷ୍କାସନ ହେଉଛି । ମିଳିଥିବା ରିପୋର୍ଟ ଅନୁସାରେ ବେଲଗାଁରେ ୧୬ ହଜାର, ପଥର୍ଲାରେ ୯୪ ହଜାର ୪୮୭, ଖଇରମାଳରେ ୪ ଲକ୍ଷ ୬ ହଜାର, ବରମୁଳାରେ ୧ ଲକ୍ଷ ୮୨ ହଜାର , ମୁଣ୍ଡଳିରେ ୧ ଲକ୍ଷ ୨୭ ହଜାର୬୮ କ୍ୟୁସେକ ଜଳ ପ୍ରବାହିତ ହେଉଛି ।

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................

ବୟସ:...................................

ଜନ୍ମ ତାରିଖ: ...............................


ସାଇ ଶିବାଂଶ
ପରିବାରବର୍ଗ


ତିଳୋତ୍ତମା
ପରିବାରବର୍ଗ


ତୁଳସୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

## ପ୍ରଥମ ପୃଷ୍ଠାରୁ...

### ଦୁଇଦିନରେ ୫,୪୨୦ ଆକ୍ରାନ୍ତ, ...

ଏହା ଗୋଷ୍ଠୀ ସଂକ୍ରମଣକୁ ପ୍ରମାଣିତ କରୁଛି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି, ଗଞ୍ଜାମ କ୍ରମଶଃ ନିୟନ୍ତ୍ରଣକୁ ଆସୁଥିବାବେଳେ ଖୋର୍ଦ୍ଧା ଜିଲାରେ ଉଦ୍‌ବେଗଜନକ ସ୍ଥିତି ଦେଖିବାକୁ ମିଳୁଛି । ଏହି ଜିଲାର ଲଗାତର ଭାବେ ପଜିଟିଭ୍ ସଂଖ୍ୟା ସବୁଠୁ ଅଧିକ ରହୁଛି । ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୮୮, ଗଞ୍ଜାମରେ ୩୧୮, ଯାଜପୁର ୨୦୦, କଟକ ୧୮୯, ସୁନ୍ଦରଗଡ଼ ୧୬୧, ପୁରୀ ୧୪୪, ନୟାଗଡ଼ ୧୪୨, ମୟୂରଭଞ୍ଜ ୧୩୬, ବାଲେଶ୍ୱର ୧୨୭, ରାୟଗଡ଼ା ୧୧୬, ଭଦ୍ରକ ୧୦୭, କୋରାପୁଟ ୯୫, ମାଲକାନଗିରି ୯୩, ଗଜପତି ୭୧, କେନ୍ଦ୍ରାପଡ଼ା ୬୦, କନ୍ଧମାଳ ୫୦, ବରଗଡ଼ ୪୮, ଜଗତ୍‌ସିଂହପୁର ୪୭, ଢେଙ୍କାନାଳ ୪୦, ସୁବର୍ଣ୍ଣପୁର ୩୮, ଅନୁଗୋଳ ଓ ସମ୍ବଲପୁରରୁ ୩୭ଜଣ ଲେଖାଏ, ଝାରସୁଗୁଡ଼ା ୩୦, ନବରଙ୍ଗପୁର ଓ କେନ୍ଦୁଝରରୁ ୨୬ଜଣ ଲେଖାଏ, ବଲାଙ୍ଗୀର ଓ କଳାହାଣ୍ଡିରୁ ୨୭ଜଣ ଲେଖାଏ, ନୂଆପଡ଼ା ୨୦, ଦେବଗଡ଼ ୧୬, ବୌଦ୍ଧରୁ ୮ଜଣ ରହିଛନ୍ତି । ସୂଚନାଯୋଗ୍ୟ, ଏହାର ପୂର୍ବ ୨୪ ଘଣ୍ଟାରେ ମଧ୍ୟ ୨,୪୯୬ ପଜିଟିଭ୍ ଚିହ୍ନଟ ହୋଇଥିଲେ । ଅପରପକ୍ଷରେ ଗତ ୪୮ଘଣ୍ଟାରେ ୧୯ଜଣଙ୍କ ଜୀବନ ଯାଇଛି । ଶେଷ ୨୪ ଘଣ୍ଟାରେ ୧୦ଜଣଙ୍କ ମୃତ୍ୟୁ ଘଟିଛି । ଗଞ୍ଜାମ ଓ ଖୋର୍ଦ୍ଧା ଜିଲାରୁ ୨ଜଣ ଲେଖାଏ ଥିବାବେଳେ ଭଦ୍ରକ, ବଲାଙ୍ଗୀର, କଟକ, ଯାଜପୁର, କନ୍ଧମାଳ ଓ ସୋନପୁର ଜିଲାରୁ ଜଣେ ଲେଖାଏ ରହିଛନ୍ତି । ତେବେ ବଲାଙ୍ଗୀର ଓ ସୋନପୁରରେ ଏହା ହେଉଛି ପ୍ରଥମ କରୋନା ମୃତ୍ୟୁ । ଏହାର ପୂର୍ବ ୨୪ ଘଣ୍ଟାରେ ମଧ୍ୟ ବିଭିନ୍ନ ଜିଲାରୁ ୯ଜଣ ପ୍ରାଣ ହରାଇଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟରୁ ଜଣାପଡିଛି ।

### ଦିନକରେ ସର୍ବାଧିକ ୫୨,୭୯୫ ଟେଷ୍ଟ

■ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ରାଜ୍ୟରେ ଏବେ କରୋନା ଟେଷ୍ଟ ପରିମାଣରେ ବୃଦ୍ଧି ଘଟିଛି । ଯେଉଁଥିପାଇଁ ଅଧିକ ପଜିଟିଭ୍ ଚିହ୍ନଟ ହେଉଥିବା ବିଶେଷଜ୍ଞମାନେ କହିଛନ୍ତି । ଅଗଷ୍ଟ ୨୦ ସୁଦ୍ଧା ଦୈନିକ ୫୦ହଜାର ଟେଷ୍ଟ କରିବାକୁ ଲକ୍ଷ୍ୟ ରଖାଯାଇଥିଲା । ହେଲେ ଏହା ପୂର୍ବରୁ ଦୈନିକ ଟେଷ୍ଟ ସଂଖ୍ୟା ଲକ୍ଷ୍ୟଠାରୁ ଅଧିକ ହେଲାଣି । ଶେଷ ୨୪ଘଣ୍ଟାରେ ରାଜ୍ୟରେ ୫୨,୭୯୫ କରୋନା ଟେଷ୍ଟ ହୋଇଛି । ସେଥିମଧ୍ୟରୁ ୧୦,୨୪୦ ଆର୍‌ଟି-ପିସିଆର୍ ଟେଷ୍ଟ ହୋଇଥିବାବେଳେ ୪୨,୪୧୪ ଆଣ୍ଟିଜେନ୍ ଓ ୧୪୧ ଟ୍ରୁନାଟ୍ ଟେଷ୍ଟ କରାଯାଇଛି । ଭୁବନେଶ୍ୱର ଆର୍‌ଏମ୍‌ଆର୍‌ସିରେ ୧,୮୯୭, ଆଇଏଲ୍‌ଏସ୍‌ରେ ୧,୩୯୦ ଓ କଟକ ଏସ୍‌ସିବିରେ ୨,୪୬୦ ଟେଷ୍ଟ କରାଯାଇଛି । ଆଗକୁ ଟେଷ୍ଟକୁ ବ୍ୟାପକ କରାଯିବ ଓ ଆହୁରି ଅଧିକ କରୋନା ସଂକ୍ରମିତ ଚିହ୍ନଟ ହେବେ । ତେଣୁ ଦୈନିକ ୧ଲକ୍ଷ ଟେଷ୍ଟ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଜୀବ ବିଜ୍ଞାନ ପ୍ରତିଷ୍ଠାନର ନିର୍ଦ୍ଦେଶକ ଡା. ଅଜୟ ପରିଡ଼ା କହିଛନ୍ତି । ଇତିମଧ୍ୟରେ ରାଜ୍ୟରେ ୯ଲକ୍ଷ ୮ହଜାର ୫୦୮ନମୁନା ପରୀକ୍ଷା କରାଯାଇଛି । ଏହାର ୬.୬୧% ପଜିଟିଭ୍ ବାହାରିଛନ୍ତି ବୋଲି ସେ କହିଛନ୍ତି । ଅନ୍ୟପକ୍ଷରେ ରେକର୍ଡ ସଂଖ୍ୟକ ଟେଷ୍ଟ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଏଥିରେ ନିୟୋଜିତ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

### ଚେତନ ଚୌହାନଙ୍କ ...

ଲକ୍ଷ୍ନୌସ୍ଥିତ ସଞ୍ଜୟ ଗାନ୍ଧୀ ପିଜିଆଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । କିଡ୍‌ନୀ ଜନିତ ସମସ୍ୟା ଯୋଗୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କ୍ରମେ ଅବନତି ଦେଖା ଦେଇଥିଲା । ତାଙ୍କୁ ଗୁରୁଗ୍ରାମସ୍ଥିତ ମେଦାନ୍ତ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା । ଶୁକ୍ରବାର ରାତିରେ ତାଙ୍କର ଏକାଧିକ ଅଙ୍ଗ ଅଚଳ ହୋଇପଡ଼ିଥିଲା । ତାଙ୍କୁ ଭେଣ୍ଟିଲେଟର ସପୋର୍ଟରେ ରଖାଯାଇଥିଲା । ଚେତନ ତାଙ୍କ ସ୍ତ୍ରୀ ଏବଂ ଏକମାତ୍ର ପୁଅ ବିନାୟକଙ୍କୁ ଛାଡ଼ି ଚାଲିଯାଇଛନ୍ତି । ବିନାୟକ ମେଲବୋର୍ନରୁ ଆସି ପହଞ୍ଚିଲେ ପୂର୍ବତନ ଓପନରଙ୍କ ଅନ୍ତ୍ୟେଷ୍ଟିକ୍ରିୟା ହେବ । ଚୌହାନ ଉତ୍ତରପ୍ରଦେଶର ଆମୋରା ଲୋକ ସଭା ନିର୍ବାଚନ ମଣ୍ଡଳୀରୁ ଭାଜପା ଟିକେଟରେ ୧୯୯୧ ଓ ୧୯୯୮ରେ ଦୁଇ ଥର ନିର୍ବାଚିତ ହୋଇଛନ୍ତି । ଉତ୍ତରପ୍ରଦେଶର ଯୋଗୀ ଆଦିତ୍ୟନାଥ ସରକାରରେ ସେ ଜଣେ କ୍ୟାବିନେଟ ପାହ୍ୟା ମନ୍ତ୍ରୀ ଥିଲେ । ଚେତନ ମଧ୍ୟ ଜଣେ ଭେଟେରାନ କ୍ରୀଡ଼ା ପ୍ରଶାସକ ଥିଲେ । ସେ ଦିଲ୍ଲୀ ଜିଲା କ୍ରିକେଟ ଆସୋସିଏଶନ (ଡିଡିସିଏ)ର ବିଭିନ୍ନ ପଦବୀ ଯଥା ସଭାପତି, ଉପସଭାପତି, ସମ୍ପାଦକ ଓ ମୁଖ୍ୟ ଚୟନକର୍ତ୍ତା ଭାବେ କାର୍ଯ୍ୟ କରିଛନ୍ତି । ଭାରତୀୟ କ୍ରିକେଟ ଦଳର ଅଷ୍ଟ୍ରେଲିଆ ଟୁର୍ ବେଳେ ସେ ମ୍ୟାନେଜର ଭାବେ ମଧ୍ୟ କାର୍ଯ୍ୟ କରିଛନ୍ତି । ଚେତନ ୨୨ବର୍ଷ ବୟସରେ ମୁମ୍ବାଇ ବିପକ୍ଷରେ ପଦାର୍ପଣ ମ୍ୟାଚ ଖେଳିଥିଲେ । ତାଙ୍କ ପିଢିର ସେ ଅନ୍ୟତମ ଉତ୍ସାହୀ ବ୍ୟାଟ୍ସମ୍ୟାନ ଥିଲେ । ୧୯୭୯ରେ ଦି ଓଭାଲଠାରେ ଗାଭାସ୍କରଙ୍କ ସହିତ ୨୧୩ରନର ଓପନିଂ ପାର୍ଟନରଶିପ୍ ତାଙ୍କ କ୍ୟାରିୟରର ସବୁଠାରୁ ସ୍ମରଣୀୟ ମୁହୂର୍ତ୍ତ ଥିଲା । ଏଥିରେ ତାଙ୍କର ଅବଦାନ ୮୦ରନ ରହିଥିଲା । ସେ ସମୟରେ ଓପନିଂ ପାର୍ଟନରଶିପ୍‌ରେ ଏହା ଏକ ନୂଆ ରେକର୍ଡ ଥିଲା । ଓଲ୍ଡ ଟ୍ରାଫୋର୍ଡଠାରେ ୧୯୩୬ରେ ବିଜୟ ମର୍ଚ୍ଚାଣ୍ଟ ଓ ମୁସ୍ତାକ ଅଲି ପ୍ରଥମ ଉଇକେଟ ପାର୍ଟନରଶିପ୍‌ରେ ୨୦୩ରନ ସଂଗ୍ରହ କରି ଯେଉଁ ରେକର୍ଡ କରିଥିଲେ, ତାହାକୁ ଚେତନ ଓ ଗାଭାସ୍କର ଭାଙ୍ଗି ଦେଇଥିଲେ । ଚେତନ ତାଙ୍କ କ୍ୟାରିୟରରେ ୪୦ଟେଷ୍ଟ ବ୍ୟତୀତ ଭାରତ ତରଫରୁ ୭ ଅନ୍ତର୍ଜାତୀୟ ଦିନିକିଆ ଖେଳିଥିଲେ । ଉଭୟ ଫର୍ମାଟରେ ଯଥାକ୍ରମେ ୨୦୮୪ ଓ ୧୫୩ ରନ କରିଥିଲେ । ତାଙ୍କ ସମୟରେ ବିନା ଶତକହାସଲରେ ଟେଷ୍ଟରେ ୨୦୦୦ ରନ ପୂରଣ କରିବାରେ ଚେତନ ଥିଲେ ପ୍ରଥମ ବ୍ୟାଟ୍ସମ୍ୟାନ । ସେ ଦୁଇଟି ଟେଷ୍ଟ ଉଇକେଟ ଅକ୍ତିଆର କରିଥିଲେ । ସେ ରଣ୍‌ଜୀ ଟ୍ରଫି ପ୍ରତିଯୋଗିତାରେ ଦିଲ୍ଲୀ ଓ ମହାରାଷ୍ଟ୍ରରୁ ପ୍ରତିନିଧିତ୍ୱ ମଧ୍ୟ କରିଥିଲେ ।

### ରାଜ୍ୟରେ ବର୍ଷା, ...

ବ୍ଲକ୍‌ରେ ପ୍ରବଳ ବର୍ଷା ହେବାରୁ କଟକ-ସମ୍ବଲପୁର ପୁରୁଣା ରାସ୍ତାର କେତେକ ସ୍ଥାନ ବୁଡି ଯାଇଛି । ମାଧପୁରଠାରେ ଏହି ରାସ୍ତା ଉପରେ ୩ ଫୁଟରୁ ଅଧିକ ଉଚ୍ଚର ପାଣି ପ୍ରବାହିତ ହେଉଛି । ଅନ୍ୟପଟେ ଢେଙ୍କାନାଳରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇ କୂଳ ଲଙ୍ଘିବାରେ ଲାଗିଛି । ଅନେକ ସ୍ଥାନରେ ରାସ୍ତା ଉପରେ ବନ୍ୟାଜଳ ପ୍ରବାହିତ ହେଉଛି । ଭୁବନ ବ୍ଲକ୍‌ର ଜୟପୁର ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇଯାଇଛି ।

ଆସନ୍ତା ୧୯ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହେବାନେଇ ବିଭିନ୍ନ ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି । ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଭିତରକୁ ଯିବା ପାଇଁ ବାରଣ କରାଯାଇଛି । ୧୭ ତାରିଖରେ କୋରାପୁଟ, କଳାହାଣ୍ଡି, ନବରଙ୍ଗପୁର, ନୂଆପଡ଼ା, ବଲାଙ୍ଗୀର, ବରଗଡ଼, ମୟୂରଭଞ୍ଜ, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ହେବ । ୧୮ରେ ଝାରସୁଗୁଡ଼ା, ବରଗଡ଼, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଏବଂ ୧୯ରେ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ସମ୍ବଲପୁର, ଦେବଗଡ଼ ଓ ଅନୁଗୋଳରେ ପ୍ରବଳ ବର୍ଷା ସହ ଝଡ଼ତୋଫାନ ମଧ୍ୟ ହେବାର ସମ୍ଭାବନା ରହିଛି ।

ଅନ୍ୟପକ୍ଷରେ ସାରା ରାଜ୍ୟରେ ଜୁନ୍‌ରୁ ଅଗଷ୍ଟ ୧୫ ମଧ୍ୟରେ ସ୍ୱାଭାବିକଠାରୁ ୯% କମ୍ ବର୍ଷା ହୋଇଥିବାବେଳେ ୨୨ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଦେଇଛି । ଏହି ସମୟରେ ମାଲକାନଗିରିରେ ସର୍ବାଧିକ ୧,୦୩୦ ମିମି ବର୍ଷା (ସ୍ୱାଭାବିକଠାରୁ ୨୫% ଅଧିକ) ରେକର୍ଡ କରାଯାଇଛି । ହେଲେ ବାଲେଶ୍ୱର, ସୁବର୍ଣ୍ଣପୁର, ଖୋର୍ଦ୍ଧା, ନବରଙ୍ଗପୁର, ମୟୂରଭଞ୍ଜ, ବଲାଙ୍ଗୀର ଓ ପୁରୀ ଆଦି ୭ ଜିଲାରେ ସ୍ୱାଭାବିକଠାରୁ କମ୍ ବର୍ଷା ରେକର୍ଡ କରାଯାଇଛି ।

# ମୌସୁମୀ ଅଧିବେଶନ ପ୍ରସ୍ତୁତି ଜୋର୍‌ଦାର

ନୂଆଦିଲ୍ଲୀ,୧୬।୮

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଖୁବ୍‌ଶୀଘ୍ର ଆରମ୍ଭ କରିବା ପାଇଁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି । କୋଭିଡ୍-୧୯ ପ୍ରକୋପକୁ ଦୃଷ୍ଟିରେ ରଖି ଲୋକ ସଭା ଓ ରାଜ୍ୟ ସଭାରେ ପ୍ରଥମଥର ଲାଗି ଅନେକ ପରିବର୍ତ୍ତନ କରାଯାଉଛି । ଉଭୟ ସଦନର ସଦସ୍ୟମାନେ ଯେପରି ସାମାଜିକ ଦୂରତ୍ୱ ଅବଲମ୍ବନ କରି ଗୃହକାର୍ଯ୍ୟରେ ଭାଗନେଇ ପାରିବେ ଓ କରୋନା ସଂକ୍ରମଣର ଆଶଙ୍କା ମଧ୍ୟ ରହିବ ନାହିଁ, ସେ ଦିଗରେ ସମ୍ପୂର୍ଣ୍ଣ ପ୍ରୟାସ କରାଯାଉଛି ।

ଅଗଷ୍ଟ ତୃତୀୟ ସପ୍ତାହ ସୁଦ୍ଧା ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ କରିବା ପାଇଁ ପ୍ରସ୍ତୁତି ଶେଷ କରିବାକୁ ରାଜ୍ୟ ସଭା ଅଧ୍ୟକ୍ଷ ଏମ୍. ଭେଙ୍କାୟା ନାଇଡୁ ନିର୍ଦ୍ଦେଶ ଦେଇଛନ୍ତି । ତେଣୁ ଅଗଷ୍ଟ ଚତୁର୍ଥ ସପ୍ତାହ କିମ୍ବା ସେପ୍ଟେମ୍ବର ପ୍ରାରମ୍ଭରେ ଅଧିବେଶନ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି । ରାଜ୍ୟ ସଭା ସେକ୍ରେଟାରିଏଟ୍ ପକ୍ଷରୁ ରବିବାର ସୂଚନା ଦିଆଯାଇଛି ଯେ, ଉଚ୍ଚ ସଦନର ସଦସ୍ୟମାନେ ଉଭୟ ଚାମ୍ବର ଓ ଗ୍ୟାଲେରିରେ ବସିବେ । ୧୯୫୨ରୁ ଚାଲିଆସିଥିବା ଭାରତୀୟ ପାର୍ଲାମେଣ୍ଟର ଇତିହାସରେ ପ୍ରଥମଥର ପାଇଁ ଏପରି ବ୍ୟବସ୍ଥା ହେବାକୁ ଯାଉଛି । ରାଜ୍ୟ ସଭାର ୬୦ ସଦସ୍ୟ ଚାମ୍ବରରେ ଓ ୫୧ ସଦସ୍ୟ ଗ୍ୟାଲେରିରେ ବସିବେ । ଅବଶିଷ୍ଟ ୧୩୨ ସଦସ୍ୟଙ୍କ ପାଇଁ ଲୋକ ସଭାରେ ବସିବା ବ୍ୟବସ୍ଥା କରାଯାଇଛି । ଲୋକ ସଭା ସଦସ୍ୟମାନଙ୍କ ପାଇଁ ମଧ୍ୟ ଅନୁରୂପ ବନ୍ଦୋବସ୍ତ ନିମ୍ନ ସଦନ ସେକ୍ରେଟାରିଏଟ୍ ପକ୍ଷରୁ କରାଯାଉଛି । ସେହିପରି ପ୍ରଥମଥର ଲାଗି ଗ୍ୟାଲେରିରେ ବଡ଼ ବଡ଼ ସ୍କ୍ରିନ୍ ଓ ଡିସ୍‌ପ୍ଲେ ଲଗାଯାଉଛି । ଅତିବାଇଗଣୀ ଜୀବାଣୁନାଶକ ବିକିରଣ ସହ ଦୁଇ ଗୃହ ମଧ୍ୟରେ ସ୍ୱତନ୍ତ୍ର କେବୁଲ, ଅଡିଓ-ଭିଜୁଆଲ୍ ସିଗ୍ନାଲ ଓ

### ପାର୍ଲାମେଣ୍ଟ ଇତିହାସରେ ପ୍ରଥମଥର ପାଇଁ ଅନେକ ପରିବର୍ତ୍ତନ



ପଲିକାର୍ବୋନେଟ ସେପାରେଟର ଲଗାଯିବ । ରାଜ୍ୟ ସଭା ଚାମ୍ବର ଭିତରେ ପ୍ରଧାନମନ୍ତ୍ରୀ, ଗୃହର ନେତା, ବିରୋଧୀ ଦଳ ନେତା ଓ ଅନ୍ୟ ଦଳଗୁଡ଼ିକର ନେତାମାନଙ୍କ ଆସନ ଚିହ୍ନିତ ହୋଇ ରହିବ । ଦୁଇ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ଏବଂ ଏଚ୍.ଡି. ଦେବେଗୌଡ଼ାଙ୍କ ସମେତ କେନ୍ଦ୍ରମନ୍ତ୍ରୀମାନଙ୍କ ଓ ରାଜ୍ୟ ସଭା ସଦସ୍ୟ ରାମ ବିଳାସ ପାଶ୍ୱାନ, ରାମଦାସ ଅଠାୱାଲେଙ୍କ ସିଟ୍ ଗୃହର ଚାମ୍ବରରେ ରହିବ । ଅନ୍ୟ ମନ୍ତ୍ରୀମାନେ ଶାସକ ଦଳ ସଦସ୍ୟଙ୍କ ପାଇଁ ଉଦ୍ଦିଷ୍ଟ ଆସନରେ ବସିବେ । ସୀମିତ ସଂଖ୍ୟକ ସେକ୍ରେଟାରିଏଟ୍ ଅଧିକାରୀ ଗୃହର ଟେବୁଲରେ ରହିବେ । ଖବରଦାତାମାନଙ୍କ ପାଇଁ ବିଦେଶରୁ ଆସୁଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ପାଇଁ ଉଦ୍ଦିଷ୍ଟ ସ୍ପେଶାଲ ବକ୍ସରେ ବ୍ୟବସ୍ଥା କରାଯାଇଛି । ଆର୍‌ଏସ୍‌ଟିଭି ଏବଂ ଏଲ୍‌ଏସ୍‌ଟିଭିରେ ପୂର୍ବ ଭଳି ଉଭୟ ସଦନର ଗୃହକାର୍ଯ୍ୟ ସିଧାପ୍ରସାରଣ କରାଯିବ ବୋଲି ଜଣେ ଅଧିକାରୀ ସୂଚନା ଦେଇଛନ୍ତି । ସୂଚନାଯୋଗ୍ୟ, କରୋନା ସଂକ୍ରମଣ ଯୋଗୁ ସଂସଦର ବଜେଟ ଅଧିବେଶନରେ କାଟଛାଣ୍ଟ କରାଯାଇଥିଲା । ଉଭୟ ଗୃହକୁ ମାର୍ଚ୍ଚ ୨୩ରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା । ପରମ୍ପରା ଅନୁଯାୟୀ ପୂର୍ବ ଅଧିବେଶନ ଶେଷ ହେବାର ୬ ମାସ ପୂର୍ବରୁ ପରବର୍ତ୍ତୀ ଅଧିବେଶନ ଆରମ୍ଭ ହେବା ଜରୁରୀ ।

## ପ୍ରଥମ ପୃଷ୍ଠାରୁ...

### ଧୋନୀ, ରାଇନାଙ୍କ ଅବସର

ପରେ ତାଙ୍କ ଅନ୍ତରଙ୍ଗ ବନ୍ଧୁଭାବେ ପରିଚିତ ସୁରେଶ ରାଇନା ମଧ୍ୟ ସୋସିଆଲ ମିଡିଆ ମାଧ୍ୟମରେ ନିଜ ଅବସର ସମ୍ପର୍କରେ ସୂଚନା ଦେଇଛନ୍ତି । ଧୋନୀଙ୍କ ସହ ଖେଳିବା ବେଶ୍ ମଜାଦାର ଥିଲା । ଗର୍ବର ସହିତ ଆପଣଙ୍କ ଯାତ୍ରାରେ ଯୋଗ ଦେଉଛି । ଭାରତକୁ ଧନ୍ୟବାଦ, ଜୟ ହିନ୍ଦ୍' ବୋଲି ରାଇନା ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଉଲ୍ଲେଖ କରିଛନ୍ତି । କରୋନା ଭାଇରସ ସଂକ୍ରମଣ ଯୋଗୁ ଭାରତୀୟ ଦଳ ଆକ୍ସନକୁ ଫେରିବା ପାଇଁ ସଂଘର୍ଷ କରୁଥିବାବେଳେ ଏହି ଦୁଇ ଦିଗ୍‌ଗଜ ଖେଳାଳିଙ୍କ ଅବସର କ୍ରିକେଟ ପ୍ରେମୀଙ୍କୁ ବ୍ୟଥିତ କରିଛି । ଧୋନୀଙ୍କ ଅବସର ସହିତ ଭାରତୀୟ କ୍ରିକେଟରେ ଏକ ଯୁଗର ଅବସାନ ଘଟିଲା ବୋଲି ଅନେକ କ୍ରିକେଟ ବିଶେଷଜ୍ଞ ମତ ଦେଇଛନ୍ତି । ତେବେ ଏହି ଦୁଇ ଖେଳାଳି ୟୁନାଇଟେଡ ଆରବ ଏମିରେଟ୍ସ(ୟୁଏଇ)ରେ ହେବାକୁଥିବା ଇଣ୍ଡିଆନ ପ୍ରିମିୟର ଲିଗ(ଆଇପିଏଲ)ର ୧୩ତମ ସଂସ୍କରଣରେ ଚେନ୍ନାଇ ସୁପରକିଙ୍ଗ୍ସ ପକ୍ଷରୁ ଖେଳିବା ସ୍ପଷ୍ଟ ହୋଇଛି । ୟୁଏଇ ଯିବା ପୂର୍ବରୁ ଧୋନୀଙ୍କ ସମେତ ଅନ୍ୟ ଖେଳାଳିମାନେ ଚେନ୍ନାଇରେ ହେବାକୁଥିବା କ୍ୟାମ୍ପରେ ପହଞ୍ଚିଛନ୍ତି । ରାଞ୍ଚିଭଳି ଏକ ଛୋଟ ସହରରୁ ଆସି ଟିମ୍ ଇଣ୍ଡିଆ ଅଧିନାୟକ ହେବା ଏବଂ ଭାରତକୁ ୩ଟି ଆଇସିସି (ଟି୨୦ ବିଶ୍ୱକପ-୨୦୦୭, ଦିନିକିଆ ବିଶ୍ୱକପ-୨୦୧୧, ଚାମ୍ପିୟନ୍ସ ଟ୍ରଫି-୨୦୧୩) ଟାଇଟଲ ବିଜୟୀ କରାଇବା ଧୋନୀଙ୍କ ଦକ୍ଷତାର ପରିଚୟ ଦିଏ । ଏକଦିବସୀୟ କ୍ରିକେଟରେ ସେ ସବୁଠାରୁ ସଫଳ ଉଇକେଟ କିପର/ବ୍ୟାଟ୍ସମ୍ୟାନ ଅଧିନାୟକ ହେବାର ସୌଭାଗ୍ୟଲାଭ କରିଥିଲେ । ନିଜ କ୍ୟାରିୟରରେ ଧୋନୀ ୯୦ ଟେଷ୍ଟ, ୩୫୦ ଦିନିକିଆ ଓ ୯୮ଟି ଟି୨୦ ଅନ୍ତର୍ଜାତୀୟ ମ୍ୟାଚ ଖେଳି ଯଥାକ୍ରମେ ୪,୮୭୬, ୧୦,୭୭୩ ଓ ୧,୬୧୭ ରନ ସ୍କୋର କରିଛନ୍ତି । ସେହିପରି ଭାରତ ପାଇଁ ଅନେକ ମ୍ୟାଚ ବିଜୟୀ ଇନିଂସ ଖେଳିଥିବା ରାଇନା ନିଜ କ୍ୟାରିୟରରେ ୧୮ ଟେଷ୍ଟ, ୨୨୬ ଦିନିକିଆ ଓ ୭୮ ଟି୨୦ ମ୍ୟାଚ ଖେଳି ଯଥାକ୍ରମେ ୭୬୮, ୫୬୧୫ ଓ ୧୬୦୫ ରନ ସ୍କୋର କରିଛନ୍ତି ।

### ୧୨ ପଇସା ବଢ଼ିଲା ...

ମୁମ୍ବାଇରେ ୧୨ ପଇସା ବଢି ଦର ୮୭.୩୧ ଟଙ୍କା ରହିଛି । ଏହି ସହରଗୁଡିକରେ ଡିଜେଲ ଦର ମଧ୍ୟ ଅପରିବର୍ତ୍ତିତ ରହିଛି । ତୈଳ ବିପଣନ କମ୍ପାନୀଗୁଡିକର ମୂଲ୍ୟ ସମୀକ୍ଷା ପରେ ପ୍ରତିଦିନ ପେଟ୍ରୋଲ ଏବଂ ଡିଜେଲ ଦର ନିର୍ଦ୍ଧାରିତ ହୋଇଥାଏ । ଇଣ୍ଡିଆନ ଅଏଲ, ଭାରତ ପେଟ୍ରୋଲିୟମ, ହିନ୍ଦୁସ୍ଥାନ ପେଟ୍ରୋଲିୟମ ଭଳି କମ୍ପାନୀ ପ୍ରତିଦିନ ସକାଳ ୬ଟାରେ ପେଟ୍ରୋଲ ଏବଂ ଡିଜେଲ ଦର ସଂଶୋଧନକୁ ଜାରି କରିଥାନ୍ତି ।

**ଆଜିର ମନ୍ତବ୍ୟ**

"ସାମ୍ବିଧାନିକ ସଂସ୍ଥାର ପବିତ୍ରତାକୁ ନ୍ୟୂନକରି ରାଜଭବନକୁ ସର୍ଭିଲାନ୍ସରେ ରଖାଯାଇଛି ।

**-ଜଗଦୀପ ଧନକାର, ପଶ୍ଚିମବଙ୍ଗ ରାଜ୍ୟପାଳ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଦଶ, ନାହିଁ ଦୋଷ ।**

ଜଣେ ଯଦି ନିଜ ବୁଦ୍ଧିରେ କାମକରେ ହୁଏତ ସେଥିରେ କିଛି ଭୁଲ୍‌ଭଟକା ରହିଯାଇପାରେ । ପରନ୍ତୁ ଅଧିକ ଲୋକର ବୁଦ୍ଧି ବିଚାର ମିଶାଇ କାମ କରାଗଲେ ଭୁଲ୍ ରହିବାର ସମ୍ଭାବନା କମିଯାଇଥାଏ । ଯେଉଁଥିରେ ଅଧିକ ଲୋକଙ୍କର ସହମତି ଥାଏ ସେଥିରେ ଦୋଷ ରହୁ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି ।

**ଦାଣ୍ଡକୁ ସୁନ୍ଦର ଗୋରୁ;**
**ଘରକୁ ସୁନ୍ଦର ଜୋରୁ ।**

ଆଧ୍ୟାତ୍ମିକ ଦୃଷ୍ଟିରୁ ଗୋରୁଙ୍କୁ ଶୁଭ ବୋଲି ବିଚାର କରାଯାଏ । ପୂର୍ବ କାଳରେ ଗୋରୁ ହିଁ ଥିଲା ସମ୍ପଦ ଓ ସୌଭାଗ୍ୟର କାରଣ । ଯାହା ଘରେ ଗୋରୁ ଥିଲା ସେ ସୁଖ ଓ ସମୃଦ୍ଧିର ଅଧିକାରୀ ହୋଇପାରୁଥିଲା । ସେହିପରି ଉତ୍ତମ ଘରଣୀ ଥିଲେ ଘରର ସମ୍ପଦ ଓ ସୌଭାଗ୍ୟ ବୃଦ୍ଧି ପାଏ । ଘର ଧନଧାନ୍ୟରେ ପୂରିଯାଏ ଯେବେ ଘରଣୀ ସୁଲକ୍ଷଣା ହୁଏ । ଉତ୍ତମ ଘରଣୀ ଘରକୁ ସୁବ୍ୟବସ୍ଥିତ ଢଙ୍ଗରେ ଚଳେଇନେଇପାରୁଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

**ନିର୍ବାଚିତ ଢଗଢମାଳି, ପ୍ରବାଦ,ପ୍ରବଚନ ଓ ଅନ୍ୟାନ୍ୟ**
**- ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ**

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପ୍ରତ୍ୟେକ ପ୍ରତିବନ୍ଧକକୁ ଦୃଢ଼ତାର ସହ ସମ୍ମୁଖୀନ ହୋଇ କାମ କରିବେ । ମଙ୍ଗଳ ନିଜ ରାଶିରେ ଥିବାରୁ ସ୍ୱାସ୍ଥ୍ୟରେ ଉନ୍ନତି ଘଟିବ, କିନ୍ତୁ ବାଣିଜ୍ୟ ବ୍ୟବସାୟରେ ଟେନ୍‌ସନ ଲାଗି ରହିବ । ଅତି ନିକଟରେ ରହୁଥିବା ଲୋକଟିଏ ଅନ୍ୟର ନିର୍ଦ୍ଦେଶରେ କାମ କରୁଥିବାର ସନ୍ଦେହ ମନକୁ ଆସିପାରେ ।

**ବୃଷ**
କେତୁ ନକ୍ଷତ୍ରସ୍ଥ ମଙ୍ଗଳ ଯୋଗୁ ଆଜିର ଯାତ୍ରା ସମୟରେ ଅଜଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ । ଅନ୍ୟମନସ୍କ କିମ୍ବା ଅସାବଧାନତାବଶତଃ ଦ୍ରବ୍ୟ ନଷ୍ଟ କିମ୍ବା ଧନହାନି ଘଟିପାରେ । ଅବହେଳା ଯୋଗୁ କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧହେବେ । ଅର୍ଥ ପାଇଁ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରିବେ ।

**ମିଥୁନ**
ବଳବାନ୍ ରାହୁଙ୍କ ପ୍ରଭାବରେ ଦକ୍ଷତାର ସହ କାର୍ଯ୍ୟକରି ପ୍ରଶଂସିତ ହେବେ । ଜମା ଭଲ ସମ୍ପର୍କ ନ ଥିବା ବନ୍ଧୁଙ୍କ କୁଟିଳ ଚିନ୍ତାଧାରା ଅତିଷ୍ଠ କରିପାରେ । ବହୁ ଯୁକ୍ତିତର୍କ ପରେ ବାକି ପଡ଼ିଥିବା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । କଳା,ସାହିତ୍ୟ,ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ଦୂରହୋଇପାରେ ।

**କର୍କଟ**
ଶନି ଦୃଷ୍ଟ ଚନ୍ଦ୍ର ଓ ବୁଧ ହେତୁ ଥଣ୍ଡା ସହ ଗଳାରେ ପୀଡ଼ା ଅନୁଭବ କରିପାରନ୍ତି । ବାରମ୍ବାର ଚେଷ୍ଟାକରି ମଧ୍ୟ ଅଟକି ରହିଯାଉଥିବା ଅପୂରଣୀୟ ଆଶା ମନରେ ଦୁଃଖ ଦେଇପାରେ । ଏଣେ ଭଲ ସମ୍ପର୍କ ନ ଥିବା ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିବେ । ସ୍ଥାନାନ୍ତର କିମ୍ବା ନୂତନ କର୍ମସଂସ୍ଥାନ ପାଇଁ ମନ ବଳିବ ।

**ସିଂହ**
ରାଶ୍ୟାଧିପ ଭାଗ୍ୟସ୍ଥାନରୁ ଚତୁର୍ଥଭାବକୁ ପୂର୍ଣ୍ଣଦୃଷ୍ଟି ଦେଉଥିବାରୁ ଘର,ପରିବାର, ଯାନବାହନ ଓ ଲୋକସମ୍ପର୍କାଦି ଭଲ ରହିବ । ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ଦ୍ୱାରା କେତେକାଂଶରେ ଉପକୃତ ହେବେ । ବୁଦ୍ଧିଜୀବୀମାନଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ଖୁସିହେବେ । ପ୍ରାପ୍ୟଧନରେ ବାଧା ସୃଷ୍ଟିହେବ ।

**କନ୍ୟା**
ସ୍ୱଗୃହୀ ଦ୍ୱାଦଶସ୍ଥ ଓ କେତୁନକ୍ଷତ୍ରଗତ ରବିଙ୍କ ଯୋଗୁ ପ୍ରଶାସନିକ ସ୍ତରରେ ମନ ମୁତାବକ କାମ ନ ହେବା ଯୋଗୁ କ୍ଷୁବ୍ଧ ହେବେ । ଅବଶ୍ୟ ସହକର୍ମୀମାନଙ୍କ ଦ୍ୱାରା ସହଜରେ କାମ ହାସଲ କରିପାରିବେ । ସତ୍ୟ ପ୍ରକାଶକରି ବିବାଦଗ୍ରସ୍ତ ହୋଇପାରନ୍ତି ।

**ତୁଳା**
ଅନ୍ୟ ଦ୍ୱାରା ପ୍ରେରିତ ସପ୍ତମ କେନ୍ଦ୍ରସ୍ଥ ମଙ୍ଗଳ ଯୋଗୁ ଦୂରସ୍ଥାନକୁ ଯାତ୍ରା କରିବାକୁ ପଡ଼ିପାରେ । ପରିବାରରେ ସାଧାରଣ କଥାକୁ ନେଇ ତର୍କବିତର୍କ ଜନିତ ସ୍ତ୍ରୀଙ୍କ ସହ ମନୋମାଳିନ୍ୟ ଘଟିବ । ସଙ୍ଗୀତ,ଚଳଚ୍ଚିତ୍ର ତଥା ମନୋରଞ୍ଜନ କାର୍ଯ୍ୟକ୍ରମରୁ ପ୍ରଶଂସିତ ହେବେ । ସତର୍କରେ ନ ଚଳିଲେ ବିବାଦ ଘେରରେ ପଡ଼ିବେ ।

**ବିଛା**
ରାଶି ପ୍ରତି ମଙ୍ଗଳଙ୍କ ପ୍ରଭାବରୁ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ହୋଇପାରେ, କିନ୍ତୁ ମାନସିକ ସ୍ଥିତି ପୂର୍ବପରି ଦ୍ୱନ୍ଦ୍ୱଯୁକ୍ତ ରହିବ । ନିଜର ଅବହେଳା କାରଣରୁ ଅଟକି ରହିଥିବା କାମ ସକାଶେ ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ । ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ ଓ ଆଶ୍ୱସ୍ତି ଲାଭ କରିବେ ।

**ଧନୁ**
ତୃତୀୟସ୍ଥ ଶନି ହେତୁ ପ୍ରତ୍ୟେକ କ୍ଷେତ୍ରରେ ଅନ୍ୟମାନଙ୍କ ପରାମର୍ଶରେ କାର୍ଯ୍ୟକଲେ ସଫଳତା ପାଇବେ । ବୃହସ୍ପତି ପାପଯୁକ୍ତ ହେତୁ ଅଧିକାଂଶ ସମୟ ସ୍ୱାସ୍ଥ୍ୟ ସମସ୍ୟାରେ ଚିନ୍ତିତ ରହିପାରନ୍ତି । ଶତ୍ରୁ ଆପଣଙ୍କ ପଛରେ ଛାଇ ଭଳି ଲାଗି ରହିବେ । ଶିଳ୍ପ,ବାଣିଜ୍ୟରେ ଲାଭାଂଶ ବଢ଼ିପାରେ ।

**ମକର**
ଛୋଟ ଛୋଟ କଥାରେ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ । ଚାରୋଟି ଗ୍ରହ ସ୍ୱଗୃହୀ ହେତୁ ଯେକୌଣସି କାମ ହେଉନା କାହିଁକି ଆଖିଦୃଶିଆ ସଫଳତା ପାଇବେ । ଅବଶ୍ୟ ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ଉନ୍ନତି ହେବ । ସଫଳତା ହାସଲ କରିବେ । ସ୍ୱାସ୍ଥ୍ୟ ନିୟନ୍ତ୍ରଣ ମଧ୍ୟରେ ରହିବ ।

**କୁମ୍ଭ**
ସ୍ନାୟବିକ ଦୁର୍ବଳତା ଅନୁଭବ କରିବେ ଯାହାକି କାର୍ଯ୍ୟକ୍ଷେତ୍ରକୁ ମନ୍ଥର କରିପାରେ । ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ ନ କମିଲେ ମଧ୍ୟ ଚିନ୍ତାଜନକ ହେବ ନାହିଁ । ଶିଳ୍ପ ,ବାଣିଜ୍ୟରେ ଚନ୍ଦ୍ରଯୁକ୍ତ ବୁଧ ହେତୁ ହଠାତ୍ କାହାର କଥା ଶୁଣି ବ୍ୟସ୍ତ ହୁଅନ୍ତୁ ନାହିଁ । ପ୍ରଶାସନିକ ସ୍ତରରେ କାମ ଠିକ୍ ଭାବରେ ଚାଲିବ ।

**ମୀନ**
ରବି ଓ ଶନି ଷଡ଼ାଷ୍ଟକ ସ୍ଥିତିରେ ରହୁଥିବାରୁ ଅଫିସିଆଲ କାମରେ ମଧ୍ୟାହ୍ନରେ ଟେନ୍‌ସନ ବଢ଼ିପାରେ । ମିତ୍ର ଈର୍ଷାପରାୟଣ ହୋଇପାରନ୍ତି । ସାମାଜିକ ସ୍ତରରେ ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ । କଚେରି ମାମଲା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ । କିନ୍ତୁ ପରିବାରରେ ଝଡ଼ ଉଠିପାରେ ।

ଆଜି ଭାଦ୍ରବ କୃଷ୍ଣ ତ୍ରୟୋଦଶୀଯୁକ୍ତ ଚତୁର୍ଦ୍ଦଶୀ ସୋମବାର, ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ବଳରାମ ବେଶ, ଶିବ ଚତୁର୍ଦ୍ଦଶୀ ଉପବାସ ଓ ବେଢ଼ା ପରିକ୍ରମା, ଅଗଷ୍ଟ ୧୭ ତାରିଖ , ରାଶି ନକ୍ଷତ୍ର-ପୁଷ୍ୟା/କର୍କଟ, ମିଥୁନ ରାଶିର ଘାତବାର, ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । ସକାଳ ଘ.୦୫।୨୧ମି. ଗତେ ଘ.୦୭।୧୨ମି. ମଧ୍ୟେ, ଘ.୧୦।୩୪ମି. ଗତେ ଘ.୦୧।୦୬ମି. ମଧ୍ୟେ, ସନ୍ଧ୍ୟା ଘ.୦୬।୫୫ମି. ଗତେ ଘ.୦୯।୧୧ମି. ମଧ୍ୟେ, ରାତ୍ରି ଘ.୧୧।୨୭ମି. ଗତେ ଘ.୦୨।୨୯ମି. ମଧ୍ୟେ ଅମୃତବେଳା । ଦିବା ଘ.୦୩।୩୮ମି. ଗତେ ଘ.୦୫।୧୯ମି. ମଧ୍ୟେ ମାହେନ୍ଦ୍ରବେଳା । ସକାଳ ଘ.୦୭।୦୬ମି. ଗତେ ଘ.୦୮। ୪୦ମି. ମଧ୍ୟେ ରାହୁକାଳ ।


# classifieds Everyday 0674-2580101, 2549302




**SALE**

ଭୁବନେଶ୍ୱର ନିକଟସ୍ଥ ପିତାପଲ୍ଲୀଛକରେ NH16କୁ ଲାଗି 30ft mainroad ଓ 25ft subroad ଥାଇ BDA ଅନ୍ତର୍ଭୁକ୍ତ ସ୍ଥିତିବାନ ପ୍ଲଟ୍ Electricity, ପାଚେରିସହ ମିଳୁଅଛି । 9090963952. D-69141

Bhubaneswar ସୁନ୍ଦରପଦାରେ ପ୍ଲଟ୍ କିଣି ଆଜି ଘର କରନ୍ତୁ । sqft. 950/. 9938016295. D-69145

Plot sale near AIIMS Hospital, Bhubaneswar with 30' road. 9439206202. D-69143

Flats sale Jagannathdham Puri, cost 1250. lakhs with fully furnished Bhulaxmi Team. 7978230118, 9668060081. D-69142

Litigation free yellow zone plots at Nuagaon, Malipada near Sum Hospital, DAV School, Bhubaneswar. One time registration, 1700/-psqft. 7735768268. D-69328




Single Room, attached Toilet, Single/ Double Lady Tenant, Goutam Nagar. 7008598255. D-69425




Newly open SPA centre full body massage, Rasulgarh, Bhubaneswar. 7846814019. D-59956

Get refreshment body massage by expert therapist contact for. 9556978408. D-69718

Herbal full body massage by smart / expert therapist. Contact: 8338067247. D-69719

Newly open full body massage SPA in Bhubaneswar. Contact: 7205058838. D-69720

Newly open SPA centre smart therapist body massage, Bamikhal. 7205187702. D-59957

Newly open SPA centre smart therapist body massage, Rasulgarh. 7846814019. D-59958

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

**LOST**

Khata no – 190/1347, plot no 69/1622 in mouza pokhariput was purchased in the name of my son Bibhuti Bhusan Pahadsingh vide sale deed id no 1131604087 but the corresponding old khata no 190/1082, plot no 69/1622 and the original ROR Bearing khata 190/767, plot no 69/1622 was lost in the way while. I was going to bank for loan inspite of my best effort in the effort I could not get the same. We have not mortgage our property in any financial institution. AE-37, Bhimatangi H B Colony, Phase 1, BBSR. Kelu Charan Pahadsingh. D-17970

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ । ରଙ୍ଗୀନ ଟ୪୨୦/-ରେ । (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ ।

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**ଗୃହ ସଙ୍ଗରୋଧରେ ନନ୍ଦନକାନନର ୬ କର୍ମଚାରୀ**

ବାରଙ୍ଗ,(ଡି.ଏନ୍.ଏ.): ନନ୍ଦନକାନନର ୬ କର୍ମଚାରୀ ଗୃହ ସଙ୍ଗରୋଧରେ ରହିଛନ୍ତି। ଲଘୁଚାପ ବର୍ଷାରେ ନନ୍ଦନକାନନ ଓ ବଟାନିକାଲ ଗାର୍ଡେନର କେତେକ ଜାଗା ବୁଡ଼ିଯାଇଥିଲା। ଏ ନେଇ ନନ୍ଦନକାନନ କର୍ତ୍ତୃପକ୍ଷ ଭୁବନେଶ୍ୱର ତହସିଲଦାରଙ୍କୁ ସୂଚନା ଦେଇଥିଲେ। ବାଲିପଡ଼ା ଆର୍‌ଆଇଙ୍କ ନେତୃତ୍ୱରେ ତହସିଲର ପ୍ରତିନିଧି ଦଳ ଶୁକ୍ରବାର ନନ୍ଦନାକନନ ଆସିଥିଲେ। ସ୍ଥାନୀୟ ଟିମ୍ ସହାୟତାରେ ଏହି ଦଳ ଜଳ ନିଷ୍କାସନର ବାଟ ବୁଲି ଦେଖିଥିଲେ। ଏହି ଟିମ୍ ଫେରିବା ପରେ ତହସିଲ କର୍ମଚାରୀଙ୍କ ମଧ୍ୟରୁ ଜଣେ କରୋନା ଆକ୍ରାନ୍ତ ହୋଇଥିଲେ। ଟିମରେ ଥିବା ନନ୍ଦନକାନନ ସିକ୍ୟୁରିଟି ରେଞ୍ଜର, ୨ ଏସିଏଫ୍, ଡ୍ରାଇଭର, ଆନିମଲ କିପର, ଫରେଷ୍ଟଗାର୍ଡ ଗୃହ ସଙ୍ଗରୋଧରେ ରହିଛନ୍ତି।

## ସଂକ୍ଷେପରେ

### ଚୋରି ପରେ ଦୋକାନ ଜାଳିଦେଲେ

**ପୋଲିସର ତଦନ୍ତ ଜାରି**

**ପିପିଲି,୧୬।୮(ଡି.ଏନ୍.ଏ./ସ୍ୱ.ପ୍ର.):** ଜଲା ପିପିଲି ବ୍ଲକ ଅନ୍ତର୍ଗତ ସାତଶଙ୍ଖ ବଜାରର ଦୁଇଟି ଦୋକାନରୁ ୬ଲକ୍ଷ ଟଙ୍କା ଓ ସାମଗ୍ରୀ ଚୋରି କରିବା ପରେ ଦୁର୍ବୃତ୍ତମାନେ ଗୋଟିଏ ଦୋକାନରେ ନିଆଁ ଲଗାଇଦେଇଥିବା ଅଭିଯୋଗ ହୋଇଛି। ପିପିଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ମୁତାବକ, ଶନିବାର ରାତିରେ ସାତଶଙ୍ଖ ହାଟ ବଜାରରେ ଥିବା ପ୍ରତାପ କୁମାର ସାହୁଙ୍କ ଗ୍ରସେରି ଦୋକାନର ତାଲା ଭାଙ୍ଗି ଦୁର୍ବୃତ୍ତମାନେ ୬ଲକ୍ଷ ଟଙ୍କା ନେବା ପରେ ଦୋକାନରେ ନିଆଁ ଲଗାଇ ଦେଇଥିଲେ। ଫଳରେ ୩୧ଲକ୍ଷ ଟଙ୍କାର ସାମଗ୍ରୀ ପୋଡ଼ିଯାଇଛି। ଏହା ସହ ଦୁର୍ବୃତ୍ତମାନେ ଦୋକାନରେ ଲାଗିଥିବା ସିସି କ୍ୟାମେରାକୁ ଭାଙ୍ଗି ଦେଇଛନ୍ତି। ଏହା ପରେ ଦୁର୍ବୃତ୍ତମାନେ ଭଗବାନ ବେହେରାଙ୍କ କସମେଟିକ୍ ଦୋକାନରୁ ୩ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି। ଏ ନେଇ ଉଭୟ ଦୋକାନ ମାଲିକ ଥାନାରେ ଅଭିଯୋଗ କରିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତମାନଙ୍କୁ ଗିରଫ କରାଯିବ ବୋଲି ଆଇଆଇସି ଗୌରାଙ୍ଗ ଚରଣ ପୃଷ୍ଟି କହିଛନ୍ତି।

### ବଳାତ୍କାର: ଟେଲରିଂ ପ୍ରଶିକ୍ଷକ ଗିରଫ

**ଭୁବନେଶ୍ୱର, ୧୬।୮(ବ୍ୟୁରୋ):** ଯୁବତୀଙ୍କୁ ବଳାତ୍କାର ମାମଲାରେ ଜଣେ ଟେଲରିଂ ପ୍ରଶିକ୍ଷକଙ୍କୁ ଚନ୍ଦ୍ରଶେଖରପୁର ଥାନା ପୋଲିସ ଶନିବାର ଗିରଫ କରିଛି। ସେ ହେଲେ ନୀଳାଦ୍ରିବିହାରରେ ରହୁଥିବା ଗଞ୍ଜାମ ଜିଲ ପାଟପଦରର ନାରାୟଣ ନାହାକ(୨୬)। କେସ୍ ନଂ.୨୮୬/୨୦ରେ ପୋଲିସ ତାଙ୍କୁ କୋର୍ଟଚାଲାଣ କରିଛି। ସୂଚନା ଅନୁଯାୟୀ, ନାରାୟଣ ନୀଳାଦ୍ରିବିହାରସ୍ଥିତ ଏକ ଧନ୍ଦାମୂଳକ ଶିକ୍ଷାକେନ୍ଦ୍ରରେ ଟେଲରିଂ ପ୍ରଶିକ୍ଷକ ଭାବେ କାମ କରନ୍ତି। ଏହି କେନ୍ଦ୍ରକୁ ଶିଖିବାକୁ ଆସୁଥିବା ଜଣେ ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇବା ପରେ ଘରକୁ ଡାକିନେଇ ବଳାତ୍କାର କରିଥିଲେ। ଏହା ପରେ ନାନା ଭୟ ଦେଖାଇ ୭ ମାସ ହେବ ବଳାତ୍କାର କରି ଆସୁଥିଲେ। ଶେଷରେ ଯୁବତୀ ଜଣକ ପରିବାର ଲୋକଙ୍କୁ ଜଣାଇବା ପରେ ଥାନାରେ ଅଭିଯୋଗ କରିଥିଲେ।

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ଖୋର୍ଦ୍ଧା ଅଫିସ,୧୬।୮:** ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ ଚଟୁଆ ଗ୍ରାମର ଜଣେ ମହିଳାଙ୍କ ମୃତଦେହ ରବିବାର ପୋଲିସ ଜବତ କରିଛି। ସେ ହେଲେ ଅନ୍ନପୂର୍ଣ୍ଣା ବେହେରା। ଅଧିକ ଯୌତୁକ ପାଇଁ ଝିଅକୁ ହତ୍ୟା କରାଯାଇଥିବା ବାପା ପ୍ରମୋଦ କୁମାର ସାହୁ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା (ନଂ.୧୬୭/୨୦)ରୁଜୁକରି ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ଅଭିଯୋଗ ଅନୁଯାୟୀ, କଟକ ଜିଲା ବାଙ୍କୀ ଥାନା ଅନ୍ତର୍ଗତ ରାଉତରାପୁରର ଅନ୍ନପୂର୍ଣ୍ଣା ଚଟୁଆ ଗ୍ରାମର ରାକେଶ ସାହୁଙ୍କୁ ୯ମାସ ପୂର୍ବେ ବୈଦିକ ରୀତିରେ ବିବାହ କରିଥିଲେ। ବିବାହର କିଛିଦିନ ପରେ ଶାଶୁଘର ଲୋକେ ଅଧିକ ଯୌତୁକ ଦାବିକରି ଅନ୍ନପୂର୍ଣ୍ଣାଙ୍କୁ ନିର୍ଯାତନା ଦେଉଥିଲେ। ରବିବାର ଅନ୍ନପୂର୍ଣ୍ଣାଙ୍କ ମୃତ୍ୟୁ ହୋଇଥିବା ଖବରପାଇ ପ୍ରମୋଦ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ଝିଅ ତଳେ ପଡିଥିବା ଦେଖିବାକୁ ପାଇଥିଲେ। ପ୍ରମୋଦଙ୍କ ଅଭିଯୋଗକୁ ଭିତ୍ତିକରି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏହି ଘଟଣାରେ ପୋଲିସ ଅନ୍ନପୂର୍ଣ୍ଣାଙ୍କ ସ୍ୱାମୀ ଓ ଦିଅରକୁ ଅଟକ ରଖି ତଦନ୍ତ ଚଳାଇଛି।

### ବ୍ଲକ ପରିସରରେ ଖୋଲିବ ଅସ୍ଥାୟୀ କୋର୍ଟ

**ବାଲିପାଟଣା,୧୬।୮(ଡି.ଏନ୍.ଏ.):** ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବାଲିପାଟଣା ବ୍ଲକ ପରିସରରେ ଅସ୍ଥାୟୀ ଭାବେ ଏକ କନିଷ୍ଠ ଦେୱାନୀ ଓ ଫୌଜଦାରୀ କୋର୍ଟ ଖୋଲିବ। ଏହାଦ୍ୱାରା ଲୋକେ ଆଉ ଭୁବନେଶ୍ୱର ନ ଯାଇ ଏଠାରୁ ନ୍ୟାୟପାଳିକାର ସୁବିଧା ପାଇପାରିବେ। ଏ ନେଇ ଶୁକ୍ରବାର ଜିଲା ଦୌରାଜଜ ଲୋକନାଥ ମହାପାତ୍ର ଓ ରେଜିଷ୍ଟ୍ରାର ଶଙ୍ଖ ଚକ୍ରବର୍ତ୍ତୀ ବ୍ଲକ ପରିସରରେ କାର୍ଯ୍ୟାଳୟ ଗୃହ ଦେଖି ତୁରନ୍ତ କୋର୍ଟ କାର୍ଯ୍ୟ ଚାଲିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ଡ. ଅରବିନ୍ଦ ଢ଼ାଲି, ବାଲିପାଟଣା ପଞ୍ଚାୟତ ସମିତି ଅଧ୍ୟକ୍ଷା ମନିଷା ଚୌଧୁରୀ, ପୂର୍ବତନ ଅଧକ୍ଷ ପ୍ରଶାନ୍ତ ଆଦିତ୍ୟ ପାତ୍ର, ଆଇନଜୀବୀ ଅଶୋକ ରାଉତରାୟ, ବିଶ୍ୱନାରାୟଣ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ବିଶ୍ୱନାଥପୁର ରାଜସ୍ୱ ଗ୍ରାମରେ ସରକାରୀ ଜାଗା ଅଧିଗ୍ରହଣ ହୋଇଛି। ତେବେ ଉକ୍ତ ଜାଗାରେ ଗୃହ ନିର୍ମାଣ ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ବାଲିପାଟଣା ବ୍ଲକ ପରିସରରେ କୋର୍ଟ ଚାଲିବାକୁ ସ୍ଥିର ହୋଇଛି।

# ଅବ୍ୟବସ୍ଥାରେ ନ୍ୟାୟିକ ବ୍ୟବସ୍ଥା

ତ୍ରିନାଥ ମହାନ୍ତି

ଭୁବନେଶ୍ୱର,୧୬।୮(ବ୍ୟୁରୋ)




**ସର୍ଭେ ରିପୋର୍ଟରେ ଓଡ଼ିଶାର ଚିତ୍ର**

- କୋର୍ଟରେ ଭିତ୍ତିଭୂମି ଅଭାବ, ପଡ଼ି ରହୁଛି ମାମଲା
- ଅଧିକାଂଶ ଜିଲା କୋର୍ଟରେ ସୁରକ୍ଷା, ର୍ୟାମ୍ପ୍, ଶୌଚାଳୟ ନାହିଁ

ଦେଶର ବିଭିନ୍ନ କୋର୍ଟରେ ବର୍ଷ ବର୍ଷ ଧରି ବିଚାରାଧୀନ ଅବସ୍ଥାରେ ମାମଲାଗୁଡିକ ପଡ଼ି ରହିଛି। ଉପଯୁକ୍ତ ଭିତ୍ତିଭୂମି ନ ଥିବାରୁ କୋର୍ଟ ପରିଚାଳନାରେ ଗୁରୁତର ବ୍ୟାଘାତ ସୃଷ୍ଟି ହେବା ସହ ନ୍ୟାୟ ପାଇବାରୁ ଲୋକେ ବଞ୍ଚିତ ହେଉଛନ୍ତି। ଓଡ଼ିଶାରେ ମଧ ସମାନ ସ୍ଥିତି ଉପୁଜିଛି। ଏଠାରେ ନ୍ୟାୟିକ ବ୍ୟବସ୍ଥାରେ ନାନା ଅବ୍ୟବସ୍ଥା ରହିଥିବା ଏକ ଜାତୀୟସ୍ତରୀୟ ସର୍ଭେ ରିପୋର୍ଟରୁ ଜଣାପଡିଛି। ଯେଉଁଥିପାଇଁ ରାଜ୍ୟରେ ୧୪.୫୮ ଲକ୍ଷ ମାମଲା ବିଚାରାଧୀନ ଥିବାବେଳେ କେବଳ ନିମ୍ନ ଅଦାଲତରେ ୧୨.୯୮ ଲକ୍ଷ ମାମଲା ପଡ଼ି ରହିଛି।

ଆଇନଗତ ନୀତି ଉପରେ କାର୍ଯ୍ୟ କରୁଥିବା ବିଧି ସେଣ୍ଟର ଫର୍ ଲିଗାଲ ପଲିସ ପକ୍ଷରୁ ପ୍ରକାଶିତ ସର୍ଭେ ରିପୋର୍ଟ ଅନୁସାରେ, ଓଡ଼ିଶାରେ ଏକାଧିକ କୋର୍ଟରେ ଦିବ୍ୟାଙ୍ଗଙ୍କ ପାଇଁ ପ୍ରତିବନ୍ଧକ ମୁକ୍ତ ପ୍ରବେଶ, ଗାଇଡ୍ ମାନଚିତ୍ର କିମ୍ବା ସାଇନେଜ ଅନୁପସ୍ଥିତି, ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରୁଥିବା ୱାଶ୍‌ରୁମ୍, ଇ-କେସ୍ ପ୍ରଦର୍ଶନ ବୋର୍ଡ ଏବଂ ସୁରକ୍ଷା ଯାଞ୍ଚ ଭଳି ମୌଳିକ ସୁବିଧା ନାହିଁ। ଓଡ଼ିଶାରେ ୩୦ ଜିଲା କୋର୍ଟର ଅନେକ ଓକିଲଙ୍କ ସହ ପ୍ରାୟ ୩ଶହ ମକଦ୍ଦମାକାରୀଙ୍କୁ ଏହି ସର୍ଭେରେ ସାମିଲ କରାଯାଇଥିଲା। ଜଣାପଡିଥିଲା ଯେ, ୨୫ ଜିଲା କୋର୍ଟ ପରିସରକୁ ପହଞ୍ଚିବା ପାଇଁ ଯୋଗାଯୋଗର ସୁବିଧା ରହିଥିବାବେଳେ ବାକି ୫ଟି କୋର୍ଟକୁ ମକଦ୍ଦମାକାରୀମାନେ ଯିବା ପାଇଁ ଘରୋଇ ଗାଡି ଭଡ଼ା କରି ଯାଉଛନ୍ତି। ସେହିପରି ୧୭ ଜିଲା କୋର୍ଟ ପରିସରରେ ଓକିଲ, କୋର୍ଟ କର୍ମଚାରୀ ଓ ମକଦ୍ଦମାକାରୀଙ୍କ ପାଇଁ ଗାଡି ପାର୍କିଂ ସୁବିଧା ନାହିଁ। କେବଳ ୮ଟି ମାତ୍ର ଜିଲା କୋର୍ଟ ପରିସରରେ ଗାଇଡ଼ ମାନଚିତ୍ର ରହିଛି। ଅନ୍ୟପକ୍ଷରେ ରାଜ୍ୟର ଅଧିକାଂଶ କୋର୍ଟରେ ଭଲ ରକ୍ଷଣାବେକ୍ଷଣ ଓ ପରିଷ୍କାର ୱାଶ୍‌ରୁମ୍ ନାହିଁ। ୧୮ଟି କୋର୍ଟ ପରିସରରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ୱାଶ୍‌ରୁମ୍ ନାହିଁ। ଯେଉଁଠି ୱାଶ୍‌ରୁମ୍ ରହିଛି ସେଠାରେ ସାବୁନ କିମ୍ବା ଆନୁଷଙ୍ଗିକ ବ୍ୟବସ୍ଥା ରହୁ ନ ଥିବାରୁ ମକଦ୍ଦମାକାରୀ ଓ କୋର୍ଟ କର୍ମଚାରୀମାନେ ଅସନ୍ତୋଷ ପ୍ରକାଶ କରିଥିବା ଉକ୍ତ ରିପୋର୍ଟରେ ଉଲ୍ଲେଖ ରହିଛି।

ସବୁଠୁ ବଡ଼ କଥା ହେଲା, ଦିବ୍ୟାଙ୍ଗ ମକଦ୍ଦମାକାରୀ କୋର୍ଟ ଭିତରକୁ ପ୍ରବେଶ କରିବା ପାଇଁ ୨୪ ଜିଲା କୋର୍ଟରେ ର୍ୟାମ୍ପ୍‌ର ବ୍ୟବସ୍ଥା ନାହିଁ। ଏହାସହ ଦୃଷ୍ଟିହୀନ ପରିଦର୍ଶକଙ୍କ ପାଇଁ ବ୍ରେଲି ନୋଟିସ ବୋର୍ଡ କମ୍ବା ଖଦଡ଼ ଟାଇଲ୍ ସୁବିଧା ନାହିଁ। ୧୩ଟି ଜିଲା କୋର୍ଟରେ ଡିଜିଟାଲ ଇ-କେସ୍ ପ୍ରଦର୍ଶନ ବୋର୍ଡ ନାହିଁ। କୌଣସି ବି ଜିଲା କୋର୍ଟ ପରିସରର ପ୍ରବେଶ ପଥରେ ବ୍ୟାଗେଜ ସ୍କାନ୍‌ର ସୁବିଧା ନାହିଁ। ସେହିଭଳି ୧୫ କୋର୍ଟରେ ଅଗ୍ନି ନିର୍ବାପକ ଯନ୍ତ୍ର ନ ଥିବାବେଳେ କେବଳ ୪ଟିରେ ଜରୁରୀକାଳୀନ ଅଗ୍ନି ନିରାପତ୍ତା ସଙ୍କେତ ରହିଛି। ୧୭ଟି କୋର୍ଟ ପରିସରରେ ଡାକ ସେବା ସୁବିଧା ନ ଥିବାବେଳେ କେବଳ ୨୩ଟି କୋର୍ଟରେ ୭ଟି ପ୍ରାଥମିକ ଚିକିତ୍ସା ନାହିଁ। ପ୍ରାୟ ୨୬ ଜିଲା କୋର୍ଟ ପରିସରରେ ପୋଲିସ ବୁଥ୍ ଓ ସର୍ବସାଧାରଣ ନୋଟାରୀ ସୁବିଧା ଥିବାବେଳେ ୧୦ଟି କୋର୍ଟ ଭିତରେ ବ୍ୟାଙ୍କ ଶାଖା ଓ ୨୧ଟିରେ ଏଟିଏମ୍ ସୁବିଧା ରହିଛି। ତେବେ ସମସ୍ତ କୋର୍ଟରେ ଫଟୋ କପିଅର ଓ ଟାଇପିଷ୍ଟ ସୁବିଧା ଥିବାବେଳେ ୯୭ ପ୍ରତିଶତ କୋର୍ଟରେ ଷ୍ଟାମ୍ପ ଭେଣ୍ଡର ଓ ଶପଥ କମିଶନର ନିଯୁକ୍ତ ଅଛନ୍ତି।

ଏନେଇ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାଶ କୁହନ୍ତି, ସରକାର ମାଳମାଳ କୋର୍ଟ ଖୋଲିଦେଲେ ହେବ ନାହିଁ। କୋର୍ଟରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ସହ ଭିତ୍ତିଭୂମି ବିକାଶ କଲେ ଲୋକେ ତ୍ୱରିତ ନ୍ୟାୟ ପାଇପାରିବେ।

### ଓଡ଼ିଶାକୁ କମ୍ ଅର୍ଥ ଆବଣ୍ଟନ

୧୯୯୩-୯୪ରେ ଦେଶରେ ଥିବା ସମସ୍ତ ଜିଲା କୋର୍ଟ ତଥା ଏହା ଅଧୀନ ଅଦାଲତରେ ଭିତ୍ତିଭୂମି ଜନିତ ସମସ୍ୟା ଦୂର ପାଇଁ ଏକ କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା (ସିଏସ୍‌ଏସ୍) କାର୍ଯ୍ୟ କରୁଛି। ନିମ୍ନ ଅଦାଲତରେ ଗଦାହୋଇ ପଡିଥିବା ମାମଲାର ଫଏସଲା ପାଇଁ ଆବଶ୍ୟକ ବ୍ୟବସ୍ଥା ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ଏହି ଯୋଜନାରେ ଅର୍ଥ ଆବଣ୍ଟନ କରାଯାଉଛି। ୨୦୧୨ରେ ସୁପ୍ରିମକୋର୍ଟଙ୍କ ଦ୍ୱାରା ସ୍ଥାପିତ ନ୍ୟାଶନାଲ କୋର୍ଟ ମ୍ୟାନେଜମେଣ୍ଟ ସିଷ୍ଟମର ସବ୍ କମିଟିର ରିପୋର୍ଟ ଓ ପରାମର୍ଶ ଅନୁଯାୟୀ ଏହି କେନ୍ଦ୍ରୀୟ ଆର୍ଥିକ ସହାୟତା ଦିଆଯାଉଛି। ଓଡ଼ିଶାର ନ୍ୟାୟିକ ବ୍ୟବସ୍ଥା ବିଭିନ୍ନ ସମସ୍ୟା ଦେଇ ଗତି କରୁଥିଲେ ମଧ୍ୟ ଅନ୍ୟ ରାଜ୍ୟ ତୁଳନାରେ କମ୍ ପରିମାଣର ଅର୍ଥ ମିଳିଥିବା ରିପୋର୍ଟରୁ ଜଣାପଡିଛି। ୧୯୯୩-୯୪ରୁ ୨୦୧୮-୧୯ ମଧ୍ୟରେ ଉତ୍ତରପ୍ରଦେଶ ୮୫୧.୬୦ କୋଟି, କର୍ଣ୍ଣାଟକ ୫୯୯.୬୧କୋଟି ଓ ପଞ୍ଜାବ ୪୭୧.୮୪ କୋଟି ଟଙ୍କା ପାଇଥିବାବେଳେ ଓଡ଼ିଶାକୁ ମାତ୍ର ୯୦.୨୪ କୋଟି ଟଙ୍କା ମିଳିଛି। ଉତ୍ତରାଖଣ୍ଡ ପରି ଛୋଟ ରାଜ୍ୟ ମଧ୍ୟ ନିମ୍ନ ଅଦାଲତଗୁଡିକର ଭିତ୍ତିଭୂମି ବିକାଶ ପାଇଁ ଓଡ଼ିଶାଠାରୁ ଅଧିକ ଅର୍ଥାତ୍ ୧୦୫.୬୭କୋଟି ଟଙ୍କା ପାଇଛି।

## ଶହୀଦନଗର ଥାନାକୁ ପଶିଲା କରୋନା

- ଅଭିଯୁକ୍ତଙ୍କ ସହ କନ୍‌ଷ୍ଟେବଲଙ୍କ ରିପୋର୍ଟ ପଜେଟିଭ୍
- ଥାନାର ଅଧା କର୍ମଚାରୀ କ୍ୱାରାଣ୍ଟାଇନ୍‌ରେ

ଭୁବନେଶ୍ୱର,୧୬।୮(ବ୍ୟୁରୋ)

କ୍ୟାପିଟାଲ, ନୟାପଲ୍ଲୀ ଓ ଜିଆର୍‌ପି ଥାନା ପରେ ଏବେ ଶହୀଦନଗର ଥାନାରେ ପଶିଛି କରୋନା। ଗିରଫ ହୋଇଥିବା ଜଣେ ଅଭିଯୁକ୍ତ ଓ ତାଙ୍କ ସଂସ୍ପର୍ଶରେ ଆସିଥିବା ଜଣେ କନଷ୍ଟେବଳ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏଥିସହ ଅନ୍ୟଜଣେ ଅଭିଯୁକ୍ତଙ୍କ ସହ ଥାନାର ବହୁ କର୍ମଚାରୀଙ୍କୁ କ୍ୱାରାଣ୍ଟାଇନ୍‌ରେ ରଖାଯାଇଛି। ଥାନାକୁ ସାନିଟାଇଜ୍ କରାଯାଉଛି। ଏହି ଘଟଣା ପରେ ଅନ୍ୟ ଅଧିକାରୀ ଓ କର୍ମଚାରୀ ଭୟଭୀତ ଅବସ୍ଥାରେ ଅଛନ୍ତି। ଥାନା ଅଧିକାରୀଙ୍କ ସମେତ ସମସ୍ତଙ୍କର କୋଭିଡ୍ ଟେଷ୍ଟ କରାଯିବ ବୋଲି ଜଣାପଡିଛି। ପୋଲିସ ସୂଚନାନୁସାରେ, ଝାଡ଼ଖଣ୍ଡର ଦୁଇଜଣ ଯୁବକ ଏକ କାରରେ ପୁରୀର ଜଣେ ବନ୍ଧୁଙ୍କ ଘରକୁ ଯାଉଥିଲେ। କଟକ ରୋଡ୍ ଦେଇ ଯିବା ସମୟରେ ଟଙ୍କପାଣିରୋଡ୍ ସାଇ ମନ୍ଦିର ନିକଟରେ ସେମାନଙ୍କ କାର୍ ଖରାପ ହୋଇଯାଇଥିଲା। ହଂସପାଳ ଛକସ୍ଥିତ ଏସ୍.କେ. ଗ୍ୟାରେଜରେ ଗାଡ଼ି ସଜାଡିଥିଲେ। ଏବାବଦକୁ ୧୬ ହଜାର ଟଙ୍କା ହୋଇଥିଲା। କିନ୍ତୁ ସେମାନେ ୬ ହଜାର ଟଙ୍କା ଦେଇ ବାକିଟଙ୍କା ନିକଟ ଏଟିଏମ୍‌ରୁ ଉଠାଇ ଦେବାକୁ କହି ତାଙ୍କ କାର୍‌ରେ ଗ୍ୟାରେଜର ଜଣେ ପିଲାଙ୍କୁ ନେଇଥିଲେ। ହେଲେ କିଛି ବାଟ ଯିବା ପରେ ସେମାନେ ଟଙ୍କା ଦେବା ବଦଳରେ ଉକ୍ତ ପିଲାଙ୍କୁ ଧମକ ଦେଇ ଗାଡିରୁ ଓହ୍ଲାଇ ଦେଇଥିଲେ। ଗ୍ୟାରେଜ ମାଲିକ ଥାନା ଅଧିକାରୀଙ୍କୁ ଫୋନ୍ କରି ଜଣାଇବା ପରେ ପୋଲିସ ଦୁଇ ଅଭିଯୁକ୍ତଙ୍କ ପିଛା କରି ଚଣ୍ଡିଖୋଲ ନିକଟରେ ଧରିଥିଲା। ଏନେଇ କେସ୍ ନଂ-୩୩୦/୨୦ରେ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। କୋର୍ଟଚାଲାଣ ପୂର୍ବରୁ କୋଭିଡ୍ ପରୀକ୍ଷା କରାଯାଇଥିଲା।

## ହୋଟେଲ ଉତ୍କଳ ଇନ୍ ସିଲ୍

**ଶଟ୍‌ଡାଉନ୍‌ରେ ମଦ ବିକ୍ରି ଭିଡିଓ ଭାଇରାଲ**

ଭୁବନେଶ୍ୱର, ୧୬।୮(ବ୍ୟୁରୋ)/ ପୁରୁଣା ଭୁବନେଶ୍ୱର (ଡି.ଏନ୍.ଏ.)

ଶଟ୍‌ଡାଉନ୍ ଓ କଟକଣା ସତ୍ତ୍ୱେ ଭୁବନେଶ୍ୱରରେ ଖୁଲମ୍‌ଖୁଲା ବିକ୍ରି ହେଉଥିଲା ମଦ। ଏହାର ଭିଡିଓ ଭାଇରାଲ ହେବା ପରେ ପୋଲିସ ଓ ବିଏମ୍‌ସିର ଚେତା ପଶିଥିଲା। ରବିବାର ଗ୍ୟାରେଜ ଛକରେ ଥିବା ହୋଟେଲ ଉତ୍କଳ ଇନ୍ ବାର୍‌ରେ ଲିଙ୍ଗରାଜ ଥାନା ପୋଲିସ ଓ ବିଏମ୍‌ସିର ଅଧିକାରୀ ଚଢ଼ାଉ କରିଥିଲେ। ହୋଟେଲକୁ ସିଲ୍ କରାଯିବା ସହ ଗେଟ୍‌ରେ କରୋନା କଟକଣା ନେଇ ପୋଷ୍ଟର ଲଗାଯାଇଛି। ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଉକ୍ତ ହୋଟେଲ ବନ୍ଦ ରହିବ। ଏହି ବାର୍‌ଟି ଐତିହାସିକ ମୁକ୍ତେଶ୍ୱର ଓ କେଦାରଗୌରୀ ମନ୍ଦିର ପାଚେରିକୁ ଲାଗି ରହିଥିବାବେଳେ ନିକଟରେ ସ୍କୁଲ୍ ଓ କଲୋନୀ ରହିଛି। ସେହିଭଳି ସହରର ମୁଖ୍ୟ ୭ ନଂ. ଡ୍ରେନ୍‌କୁ ଜବରଦଖଲ କରାଯାଇ ଏହା ଉପରେ ବାର୍‌ଟି କରାଯାଇଛି। ଏଠାରେ ମଧ୍ୟ ଏଏସ୍‌ଆଇର ଆମ୍‌ସାର ଆକ୍ଟ କଟକଣା ମଧ୍ୟ ରହିଛି। ଏହା ସତ୍ତ୍ୱେ ଏଭଳି ଏକ ସମ୍ବେଦନଶୀଳ ସ୍ଥାନରେ କିପରି ସରକାର ବାର୍ ଖୋଲିବାକୁ ଅନୁମତି ଦେଲେ ତାହାକୁ ନେଇ ପ୍ରଶ୍ନ ଉଠୁଛି। କେବଳ ଉକ୍ତ ହୋଟେଲ ନୁହେଁ, କଟକରୋଡ୍‌ର ଏକାଧିକ ବାର୍, ହୋଟେଲରେ ଶଟ୍‌ଡାଉନରେ ମଦ କାରବାର ଚାଲିଥିଲା। ଘଟଣା ପରେ ତାଲା ଝୁଲୁଥିଲେ ମଧ୍ୟ କର୍ମଚାରୀମାନେ ନିକଟରେ ରହି ଗ୍ରାହକଙ୍କୁ ଲୁଚାଛପାରେ ମଦ ଧରାଇ ଦେଉଥିବା ଦେଖିବାକୁ ମିଳିଥିଲା।

## ବାଣ ବିସ୍ଫୋରଣରେ ଭୁଶୁଡ଼ିଲା ଘର



ବେଗୁନିଆ,୧୬।୮(ଡି.ଏନ୍.ଏ.)

**ଲକ୍ଷାଧିକ ଟଙ୍କାର ବାଣ ଓ ସାମଗ୍ରୀ ଜବତ**

ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅନ୍ତର୍ଗତ କଣ୍ଟାବାଡ଼ ଗ୍ରାମରେ ଶନିବାର ରାତିରେ ବାଣ ବିସ୍ଫୋରଣ ଘଟି କାଶୀନାଥ ମହାପାତ୍ରଙ୍କ ଘର ସହ ପଡୋଶୀଙ୍କ ୪ ବଖରା କ୍ଷତିଗ୍ରସ୍ତ ହୋଇଛି। ଏଥିରେ କେହି ଆହତ ହୋଇ ନ ଥିବା ଜଣାପଡ଼ିଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି କାଶୀନାଥଙ୍କ ଘରୁ ଲକ୍ଷାଧିକ ଟଙ୍କାର ବାଣ ଓ ପ୍ରସ୍ତୁତ ସାମଗ୍ରୀ ଜବତ କରିଛି। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୧୬୬/୨୦) ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ଦୀର୍ଘ ବର୍ଷ ହେବ କାଶୀନାଥ ବେଆଇନ ଭାବେ ବାଣ କାରବାର କରୁଥିଲେ। ଆଗକୁ ପୂଜା ଥିବାରୁ ସେ ଘରେ ବାଣ ଗଚ୍ଛିତ ରଖିଥିଲେ। ଶନିବାର ରାତି ପ୍ରାୟ ୧୦ଟାରେ କୌଣସି କାରଣରୁ ଏଥିରେ ନିଆଁ ଲାଗି ବିସ୍ଫୋରଣ ହୋଇଥିଲା। ଫଳରେ କାଶୀନାଥଙ୍କ ଛାତ ଘର ସହ ପଡୋଶୀଙ୍କ ୪ ବଖରା କ୍ଷତିଗ୍ରସ୍ତ ହୋଇଛି। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ପ୍ରାୟ ୪ କିଲୋମିଟର ପର୍ଯ୍ୟନ୍ତ ଏହା ଶୁଣାଯାଇଥିଲା। ବିସ୍ଫୋରଣ ପରେ କାଶୀନାଥଙ୍କ ପରିବାର ଫେରାର ହୋଇଯାଇଛନ୍ତି।

## ପ୍ରଣବ, ତାରା ଶ୍ରେଷ୍ଠ ବିଧାୟକ

ଭୁବନେଶ୍ୱର, ୧୬।୮ (ବ୍ୟୁରୋ)



ପ୍ରଣବପ୍ରକାଶ ଦାସ ଓ ତାରାପ୍ରସାଦ ବାହିନୀପତି।

**ଫେମ୍ ଇଣ୍ଡିଆ ଏସିଆ ପୋଷ୍ଟ ସର୍ଭେ**

ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ଓ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ 'ଫେମ୍ ଇଣ୍ଡିଆ ଏସିଆ ପୋଷ୍ଟ' ପକ୍ଷରୁ ୨୦୨୦ ବର୍ଷ ପାଇଁ ଶ୍ରେଷ୍ଠ ବିଧାୟକ ଭାବେ ମନୋନୀତ କରାଯାଇଛି। ପ୍ରଣବଙ୍କୁ ଭଲ ଉଦ୍ଦେଶ୍ୟ (ଇଣ୍ଟେଣ୍ଟ) ବର୍ଗରେ ଚୟନ କରାଯାଇଥିବାବେଳେ ବାହିନୀପତିଙ୍କୁ ଜନସମ୍ପର୍କ ଦକ୍ଷତା କ୍ଷେତ୍ରରେ ମନୋନୀତ କରାଯାଇଛି। ଫେମ୍ ଇଣ୍ଡିଆ ଏସିଆ ପୋଷ୍ଟ ପତ୍ରିକା ପକ୍ଷରୁ ଦେଶର ୫୦ ଶ୍ରେଷ୍ଠ ବିଧାୟକଙ୍କୁ ନେଇ ଚୂଡ଼ାନ୍ତ ତାଲିକା ପ୍ରସ୍ତୁତ କରାଯାଇଛି।

ପ୍ରାଥମିକ ପ୍ରକ୍ରିୟାରେ ଅନ୍‌ଲାଇନ ସର୍ଭେ କରାଯାଇ ବିଭିନ୍ନ ରାଜ୍ୟର ୧୫ଶହ ବିଧାୟକଙ୍କୁ ମନୋନୀତ କରାଯାଇଥିଲା। ପରେ ବିଭିନ୍ନ ପର୍ଯ୍ୟାୟରେ ଉତ୍ତୀର୍ଣ୍ଣ ହୋଇ ୧୫୦ ଜଣ ଚୂଡ଼ାନ୍ତ ପର୍ଯ୍ୟାୟକୁ ଯାଇଥିଲେ। ସେମାନଙ୍କ ମଧ୍ୟରୁ ୫୦ ଜଣଙ୍କୁ ଶ୍ରେଷ୍ଠ ବିଧାୟକ ରୂପେ ମନୋନୀତ କରାଯାଇଛି। ଆସନ୍ତା ଜାନୁୟାରୀରେ ଉଭୟ ପ୍ରଣବ ଓ ବାହିନୀପତିଙ୍କୁ ସମ୍ମାନିତ କରାଯିବ। ସୂଚନାଯୋଗ୍ୟ, ଫେମ୍ ଇଣ୍ଡିଆ ଏସିଆ ପୋଷ୍ଟ ପକ୍ଷରୁ ବିଧାୟକଙ୍କ ଲୋକପ୍ରିୟତା, କାର୍ଯ୍ୟଶୈଳୀ, ଜନସମ୍ପର୍କ, ଲୋକଙ୍କ ସ୍ୱାର୍ଥ, ବିଧାନସଭାରେ ପ୍ରଶ୍ନ ଉତ୍ତର, ନିବାଚନମଣ୍ଡଳୀରେ କାର୍ଯ୍ୟଦକ୍ଷତା, ବିଧାୟକ ପାଣ୍ଠିର ଉପଯୋଗକୁ ତର୍ଜମା କରାଯାଇ ଶ୍ରେଷ୍ଠ ବିଧାୟକଙ୍କ ନାମ ଚୟନ କରାଯାଇଥାଏ।



> ନମ୍ର ହେବା ଅର୍ଥ ହେଲା– ମନରେ, ପ୍ରାଣରେ ଏବଂ ଶରୀରରେ ସର୍ବଦା ସଚେତନ ରହିବା ଯେ, ଭଗବାନଙ୍କୁ ଛାଡି କିଛି ଜାଣି ହେବ ନାହିଁ– ନିଜର ଅସ୍ତିତ୍ୱ ପର୍ଯ୍ୟନ୍ତ ରହିବ ନାହିଁ ଓ କିଛି କାର୍ଯ୍ୟ କରିହେବ ନାହିଁ। ଭଗବାନଙ୍କ ବ୍ୟତୀତ ମଣିଷ କେବଳ ଅଜ୍ଞାନ, ଶକ୍ତିହୀନ ଓ ଅବ୍ୟବସ୍ଥିତ। –ଶ୍ରୀମା



# ପୁଅ ନାଁ ଗୋପାଳିଆ

୭୪ତମ ସ୍ୱାଧୀନତା ଦିବସ ଅବସରରେ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶ ଉଦ୍ଦେଶ୍ୟରେ ସମ୍ବୋଧନ କଲା ବେଳେ ବିଭିନ୍ନ ପ୍ରସଙ୍ଗ ଉପରେ ଅବତାରଣା କରିଛନ୍ତି। ସେଥିମଧ୍ୟରେ କିଛି ନୂଆ ପ୍ରସ୍ତାବ ରଖିଥିବା ବେଳେ ତାଙ୍କ ଚିରାଚରିତ ଶୈଳୀରେ ପଡ଼ୋଶୀ ଦେଶଙ୍କ ଉପରେ ମୃଦୁ ଭର୍ତ୍ସନା କରିଛନ୍ତି। ଆଶ୍ଚର୍ଯ୍ୟର କଥା ଯେ ଭାରତ ପ୍ରତି ପାକିସ୍ତାନ ଓ ଚାଇନା ଖୋଲାଖୋଲି ଓ ସମଗ୍ର ବିଶ୍ୱ ଜାଣିଲା ଭଳି ଆକ୍ରମଣାତ୍ମକ ଚିନ୍ତାଧାରା ପୋଷଣ କରିଆସୁଥିବା ସତ୍ତ୍ୱେ ମୋଦି ଆଜି ପର୍ଯ୍ୟନ୍ତ ଚାଇନାର ନାମ ଉଚ୍ଚାରଣ କରୁନାହାନ୍ତି। ଏଥର ପୁଣି ବୁଲେଇ ବଙ୍କେଇ ନିୟନ୍ତ୍ରଣ ରେଖା (ଏଲ୍‌ଓସି) ଏବଂ ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି) କଥା ଉଠାଇ କହିଛନ୍ତି ଯେ, ଭାରତର ସାର୍ବଭୌମତ୍ୱ ପ୍ରତି ଯେଉଁମାନେ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି ସେମାନଙ୍କୁ ଉଚିତ ଜବାବ ଦିଆଯାଇଛି। କିନ୍ତୁ ଚାଇନାର ନାମ ନେବାପାଇଁ ପରିଲକ୍ଷିତ ହେଉଥିବା ଭୟର କାରଣ ବୁଝିବା କଷ୍ଟକର ନୁହେଁ। ଏଠାରେ ପାକିସ୍ତାନକୁ ଏଲ୍‌ଓସି ଓ ଚାଇନାକୁ ଏଲ୍‌ଏସି ଭାବେ ଉପଲକ୍ଷ୍ୟ କରି ଏଭଳି କୁହାଯାଇଛି। ତେବେ ଏହା କହିଲା ବେଳେ ସେହି ସମାନ ନିଃଶ୍ୱାସରେ ମୋଦି କହିଛନ୍ତି କେବଳ ଭୌଗୋଳିକ ପଡ଼ୋଶୀ ନୁହେଁ, ପୃଥିବୀର ଅନ୍ୟ ଦେଶ, ଯେଉଁଗୁଡ଼ିକ ସହ ମନ ମିଶୁଛି ସେମାନଙ୍କ ସହିତ ମଧ୍ୟ ବନ୍ଧୁତା ସ୍ଥାପନ କରାଯାଇଛି। ବିଶେଷକରି ପଡ଼ୋଶୀ ସମ୍ପର୍କ ବଢ଼ାଇବାରେ ଭାରତ ଉତ୍ତମ ପଦକ୍ଷେପ ନେଇପାରିଛି ବୋଲି ପ୍ରଧାନମନ୍ତ୍ରୀ ଯେଉଁ କଥା କହିଛନ୍ତି ତାହାର ସତ୍ୟାସତ୍ୟ ନିକଟ ଅତୀତରେ ଦେଖିବାକୁ ମିଳିଛି। କହିବାକୁ ଗଲେ ଚାଇନା ଓ ପାକିସ୍ତାନ କଥା ପଛରେ ଥାଉ। ନେପାଳ, ବାଂଲାଦେଶ, ଭୁଟାନ ଭଳି ଛୋଟିଆ ଦେଶଗୁଡ଼ିକ ମଧ୍ୟ ଯେଉଁମାନେ ପୂର୍ବରୁ ଭାରତର ବନ୍ଧୁ ପରିଲକ୍ଷିତ ହେଉଥିଲେ ଏବେ ସମ୍ପୂର୍ଣ୍ଣ ଶତ୍ରୁ ପାଲଟିଲେଣି। ଏହାର ଏକମାତ୍ର କାରଣ ହେଉଛି ଭାରତର ତ୍ରୁଟିପୂର୍ଣ୍ଣ ବୈଦେଶିକ ନୀତି। ଦେଶ ଭିତରେ ନିଜ ନାଗରିକଙ୍କ ସମ୍ମୁଖରେ ସରକାର ଚଢ଼ିକରି କଥା କହିପାରିବେ। କିନ୍ତୁ ଛୋଟିଆ ପଡ଼ୋଶୀ ଦେଶ ମଧ୍ୟ 'ହାମ୍‌ବଡ଼ା' ନୀତିକୁ ପସନ୍ଦ କରୁନାହାନ୍ତି ବୋଲି ସ୍ପଷ୍ଟ ପ୍ରମାଣ ମିଳୁଛି।

ସ୍ୱାଧୀନତା ଦିବସରେ ଲାଲକିଲ୍ଲା ପ୍ରାଚୀର ଉପରୁ ପ୍ରଧାନମନ୍ତ୍ରୀ ଯେଉଁ ପ୍ରତିଶ୍ରୁତି ଦେଇଥାଆନ୍ତି, ତାହାକୁ ପାଳନ କରାଯିବା ଲାଗି ଉଦ୍ୟମ ହୋଇଥାଏ। ହେଲେ ବିଗତ ୭ ବର୍ଷର ରେକର୍ଡ ଦେଖିଲେ ମୋଦି ସରକାରଙ୍କ କୌଣସି ଗୋଟିଏ ଯୋଜନା ବା ଅଭିଯାନ ପୂର୍ଣ୍ଣାଙ୍ଗ ସଫଳତା ପାଇପାରିଲା ନାହିଁ। 'ମେକ୍ ଇନ୍ ଇଣ୍ଡିଆ'ଠାରୁ ଆରମ୍ଭ କରି 'ଡିଜିଟାଲ ଇଣ୍ଡିଆ' ଯାଏ ପ୍ରତିଟି ଅଭିଯାନ ଅଧାବାଟରେ ପଡ଼ିରହିଛି। ଏଭଳି ସ୍ଥଳେ ସେ 'ମେକ୍ ଫର୍ ୱାର୍ଲ୍ଡ' ସ୍ଲୋଗାନ ଦେଇ ନିଜ ଅଭିଭାଷଣ ଶବ୍ଦପୁଞ୍ଜରେ ଆଉ ଏକ ଆକର୍ଷଣୀୟ ବାକ୍ୟାଂଶ ଯୋଡ଼ିଛନ୍ତି। ମେକ୍ ଫର୍ ୱାର୍ଲ୍ଡର ଗତି କେଉଁଆଡ଼େ ଯିବ ଏବେଠାରୁ ଆକଳନ କରିବା ମୂର୍ଖାମି ହେବ। ଯେତେବେଳେ ଦେଶର ପ୍ରଧାନମନ୍ତ୍ରୀ ଶତ୍ରୁ ରାଷ୍ଟ୍ରର ନାମ ନେବାକୁ ସଙ୍କୋଚ କରୁଛନ୍ତି, ସେତେବେଳେ 'ୱାର୍ଲ୍ଡ' (ପୃଥିବୀ) ଚିନ୍ତା କରିବା ସହଜରେ ଗ୍ରହଣୀୟ ହେବାକଥା ନୁହେଁ।

ଅଭିଭାଷଣରେ ପ୍ରଧାନମନ୍ତ୍ରୀ 'ନ୍ୟାଶନାଲ ଡିଜିଟାଲ ହେଲ୍‌ଥ ମିଶନ'ଠାରୁ ଦେଶର ସବୁ ଗାଁ (ପାଖାପାଖି ୬ ଲକ୍ଷ ଗ୍ରାମ)କୁ ଫାଇବର ଅପ୍ଟିକାଲ କେବୁଲ ସଂଯୋଗ ୧୦୦୦ ଦିନ ଭିତରେ କରିବା ବିଷୟ କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ଫାଇବର ଅପ୍ଟିକାଲ କେବୁଲ ସଂଯୋଗ ପୂର୍ବର ଉପା ସରକାର ଅମଳରେ ଆରମ୍ଭ କରାଯାଇଥିଲା। କିନ୍ତୁ ମୋଦି ସରକାର ୨୦୧୪ରେ କ୍ଷମତାକୁ ଆସିବା ପରେ ତାହାକୁ ବନ୍ଦ କରିଦେଇଥିଲେ। ୨୦୧୫ରେ ସେହି ଯୋଜନାକୁ ସାମାନ୍ୟ ମରାମତି କରି ତାହାର ନାମ 'ଭାରତନେଟ୍' ଦେଇଥିଲେ। ଏବେ ତାହାକୁ ବିସ୍ତାର କରାଯାଇ ସମଗ୍ର ଦେଶକୁ ଫାଇବର ଅପ୍ଟିକାଲ କେବୁଲରେ ସଂଯୋଗ କରିବା ବିଷୟ ଘୋଷଣା କରିଛନ୍ତି। ଧରିନିଆଯାଉ ଯେ ହଜାରେ ଦିନ ଭିତରେ ଅନେକ ହଜାର କୋଟି ଟଙ୍କା ବ୍ୟୟ କରି ପ୍ରତ୍ୟେକ ଗ୍ରାମକୁ ଫାଇବର ଅପ୍ଟିକାଲ ସଂଯୋଗ କରିଦିଆଯିବ। ଅତ୍ୟନ୍ତ ଖୁସିର କଥା। ତେବେ ସଂଯୋଗ ହୋଇଥିବା ଗ୍ରାମର ବାସିନ୍ଦାଙ୍କ ପାଇଁ ତାହା କେଉଁ ଭାବେ ସହାୟକ ହେବ? କେବଳ ଏତିକି ସ୍ୱୀକାର କରାଯାଇପାରେ ଯେ, ଏହାଦ୍ୱାରା ନିଜର ପ୍ରସାର ଓ ପ୍ରଚାର କରାଇବା ପାଇଁ ସରକାରରେ ଥିବା କ୍ଷମତାସୀନ ବ୍ୟକ୍ତିଙ୍କ ପାଇଁ ସହଜ ହୋଇଯିବ। ଫାଇବର ଅପ୍ଟିକ୍ ମାଧ୍ୟମରେ ସ୍ଥାନୀୟ ଯୁବତୀଯୁବକଙ୍କୁ କର୍ମନିଯୁକ୍ତି ପାଇବାରେ କୌଣସି ସୁବିଧା ସୃଷ୍ଟି ହେବ ନାହିଁ, ଚାଷୀର ବିଲରେ ଜଳସେଚନ ବୃଦ୍ଧି ପାଇବ ନାହିଁ, ଗ୍ରାମାଞ୍ଚଳର ମହିଳାଙ୍କୁ ସହଜରେ ପାନୀୟଜଳ ମିଳିବ ନାହିଁ କିମ୍ବା ଗର୍ଭବତୀଙ୍କ ପାଇଁ ଗାଇନି ଡାକ୍ତର ମିଳିପାରିବେ ନାହିଁ। ଭାରତର କୁହାଯାଉଥିବା ୬ ଲକ୍ଷ ଗ୍ରାମରେ ଆଜି ପର୍ଯ୍ୟନ୍ତ ୨୪ ଘଣ୍ଟିଆ ବିଦ୍ୟୁତ୍‌ଶକ୍ତି ମିଳିପାରି ନାହିଁ। ଯେଉଁ ଦେଶରେ ଏଭଳି ମୌଳିକ ଭିତ୍ତିଭୂମିର ଅଭାବ ରହିଛି, ସେଠାରେ ଏହି ପ୍ରକାରର ଘୋଷଣା କେତେଦୂର ଲୋକଙ୍କ ଦ୍ୱାରା ଗ୍ରହଣୀୟ, ତାହା ଦେଖିବାକୁ ହେବ।

'ଆୟୁଷ୍ମାନ୍ ଭାରତ' କଥା ମନେପକାଯାଉ। ପ୍ରଧାନମନ୍ତ୍ରୀ ମୋଦି ଏ ଯୋଜନାକୁ ୨୦୧୮ ମସିହାରେ ଘୋଷଣା କରିଥିଲେ। ଆୟୁଷ୍ମାନ ଯୋଜନାର ସଫଳତା ସମ୍ପର୍କରେ କୌଣସି ତଥ୍ୟ ପ୍ରଦାନ କରିବା ପରିବର୍ତ୍ତେ ଏଥର ଆହୁରି ଏକ ନୂଆ ଡିଜିଟାଲ ପରିଚୟପତ୍ର ସମ୍ପର୍କରେ ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି। ନ୍ୟାଶନାଲ୍ ଡିଜିଟାଲ ହେଲ୍‌ଥ ମିଶନ ଜରିଆରେ ଆହୁରି ଏକ ନୂଆ କାର୍ଡ ନାଗରିକଙ୍କୁ ଧରେଇ ଦିଆଯିବ। ଏଥିରେ କେବଳ ତାଙ୍କ ରୋଗ ସମ୍ପର୍କରେ ସବୁ ତଥ୍ୟ ଲିପିବଦ୍ଧ ରହିବ। କିନ୍ତୁ ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲେ ଏହି କାର୍ଡ ଦ୍ୱାରା କୌଣସି ସାହାଯ୍ୟ ମିଳିବାର ସମ୍ଭାବନା ଦେଖାଯାଉ ନାହିଁ। ଅର୍ଥାତ୍ ଏହା ପୁନର୍ବାର ଏକ ତଥ୍ୟାବଳୀ ପ୍ରସ୍ତୁତ କରିବାର ମାଧ୍ୟମ ପାଲଟିବ। ସେହି ତଥ୍ୟକୁ କିଣିବା ପାଇଁ ଦେଶବିଦେଶର ଅନେକ ଔଷଧୀୟ କମ୍ପାନୀ ଧାଡ଼ି ଲଗାଇବେ। ଯିଏ ବିକ୍ରେତା ହେବ ତା'ପାଖରେ ପୁରୁଷ ପୁରୁଷ ପାଇଁ ଅର୍ଥର ଅଭାବ ରହିବ ନାହିଁ।

ବର୍ତ୍ତମାନର କୋଭିଡ୍–୧୯ ସ୍ଥିତିକୁ ଦେଖିଲେ ଜନସାଧାରଣ ଟିକା ପାଇଁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ରୁଷିଆ ଟିକା ଆଣିଲା ବୋଲି ଘୋଷଣା ହେବା ପରେ ପୃଥିବୀସାରା ଚହଳ ପଡ଼ିଯାଇଥିଲା। ହେଲେ ସେହି ଟିକା ବିବାଦରେ ପଡ଼ି ଛଟପଟ ହେଉଛି। ଏଭଳି ସ୍ଥଳେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ଅଭିଭାଷଣରେ କହିଛନ୍ତି ଯେ, ଭାରତ କୋଭିଡ୍–୧୯ ଟିକା ଉତ୍ପାଦନ ଓ ବଣ୍ଟନ ନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରିସାରିଛି। କେବଳ ବୈଜ୍ଞାନିକଙ୍କ ସବୁଜ ସଙ୍କେତ ମିଳିବା ପରେ ଖୁବ୍‌ଶୀଘ୍ର ବହୁପରିମାଣରେ ଉତ୍ପାଦନ ଆରମ୍ଭ କରାଯିବ। ଓଡ଼ିଆରେ ଢଗ ଅଛି–'ମୂଳରୁ ମାଇପ ନାହିଁ, ପୁଅ ନାଁ ଗୋପାଳିଆ'। ବାସ୍ତବତାକୁ ନ ଦେଖି ଗୋଲାପୀ ଚିତ୍ର ଆଙ୍କିବା ସ୍ଥିତିକୁ ଚାଲିଗଲେ ସମାଜର ମଙ୍ଗଳ ଅସମ୍ଭବ ହୋଇପଡ଼େ।

## ସାପ୍ତାହିକ ପଞ୍ଜିକା

**ଅଗଷ୍ଟ ୯:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କୃଷି କ୍ଷେତ୍ରରେ ସଂସ୍କାର ଆଣିବାକୁ ଯାଇ ୧ ଲକ୍ଷ କୋଟି ଟଙ୍କାର କୃଷି ଭିତ୍ତିଭୂମି ପାଣ୍ଠିର ଶୁଭାରମ୍ଭ କରିଛନ୍ତି।

**ଅଗଷ୍ଟ ୧୨:** ସିନେଟର କମଳା ହାରିସ୍‌ଙ୍କୁ ଆମେରିକାର ଡେମୋକ୍ରାଟ ଦଳ ଉପ–ରାଷ୍ଟ୍ରପତି ପ୍ରାର୍ଥୀ ଭାବେ ଚୟନ କରିଛି।

**ଅଗଷ୍ଟ ୧୩:** ଅଯୋଧ୍ୟାରେ ରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ମୁଖ୍ୟ ମହନ୍ତ ନୃତ୍ୟଗୋପାଳ ଦାସ କରୋନାରେ ଆକ୍ରାନ୍ତ ହୋଇଛନ୍ତି।

## su | do | ku — ସୁ–ଡୋ–କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | | 6 | | | | 9 | | | 1 | A | | | D | 4 |
| | | 0 | 5 | 7 | | | 3 | | | | | 8 | | 2 |
| C | | | 6 | | | 2 | | | | | D | | | |
| | 1 | D | E | | A | | 4 | | | C | 2 | | | |
| | 4 | | | B | | | 7 | | 8 | | | | A | |
| 7 | | A | | 3 | 5 | | 1 | | | 4 | | | C | |
| 0 | 3 | | | | | | | | | | | | | A |
| | | 9 | 0 | 2 | | | | | | | | | | 7 |
| | 6 | 4 | | C | | | | | | 5 | | | 1 | |
| | | 2 | 1 | | 9 | | C | 5 | A | | 6 | B | | |
| D | | 1 | | 6 | E | | 5 | | 9 | | | | 3 | |
| | | | 2 | | | | E | | 7 | | | A | | 0 |
| 9 | | E | | 8 | | 3 | 2 | | B | | | | | |
| | 7 | | | D | 1 | B | 6 | | | 8 | | | | |
| | | | 3 | | | | | D | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| D | 5 | 7 | 4 | B | 0 | E | A | 1 | 2 | 3 | 6 | C | 8 | 9 |
| 0 | 1 | 6 | 3 | 8 | E | C | 5 | B | 9 | 4 | D | 2 | 7 | A |
| 8 | 9 | E | A | C | 6 | 2 | 3 | D | 0 | 5 | 7 | 4 | 1 | B |
| C | B | 3 | 9 | D | 2 | 4 | 0 | 7 | A | 1 | 8 | 5 | 6 | E |
| A | 4 | 2 | 5 | 7 | 1 | 6 | 8 | 9 | C | B | E | 3 | 0 | D |
| 6 | 7 | D | C | E | 9 | 8 | 1 | 4 | 5 | 0 | 2 | A | B | 3 |
| 9 | 3 | 0 | D | 1 | 5 | 7 | 2 | A | 8 | 6 | B | E | C | 4 |
| E | 8 | 4 | B | 6 | 7 | 3 | D | 5 | 1 | C | A | 9 | 2 | 0 |
| 1 | C | A | 2 | 3 | 8 | 0 | B | E | D | 9 | 4 | 6 | 5 | 7 |
| B | 2 | 5 | 0 | 4 | A | 9 | 6 | C | E | 7 | 3 | 8 | D | 1 |
| 5 | D | B | 1 | 2 | C | A | 4 | 0 | 6 | E | 9 | 7 | 3 | 8 |
| 3 | A | 9 | E | 5 | D | 1 | 7 | 6 | B | 8 | C | 0 | 4 | 2 |
| 2 | E | 8 | 7 | A | B | 5 | C | 3 | 4 | D | 0 | 1 | 9 | 6 |
| 4 | 0 | 1 | 6 | 9 | 3 | D | E | 8 | 7 | 2 | 5 | B | A | C |
| 7 | 6 | C | 8 | 0 | 4 | B | 9 | 2 | 3 | A | 1 | D | E | 5 |

ଗତକାଲିର ଉତ୍ତର

# ମନ୍ତ୍ରୀଙ୍କ ପାଖଲୋକ



ଚିତ୍ର ଚରିତ୍ର

ଅଧ୍ୟାପକ ନିରଞ୍ଜନ ପାଢ଼ୀ

ବହୁ ବର୍ଷ ଧରି ମାଲକାନଗିରିରେ ଚାକିରି କରି ଆସୁଥିବା ଓ ତଜ୍ଜନିତ ଦୁଃଖ ଏବଂ ଅସହାୟତାକୁ ଟେଲିଫୋନ୍‌ରେ ତା' ସହ ବାଣ୍ଟିଥିବା ଏ ଲେଖକର ଜଣେ ପୂର୍ବତନ ଛାତ୍ରକୁ ଏଇ କରୋନା କାଳରେ ଅଚାନକ ରାଜଧାନୀ ଭୁବନେଶ୍ୱରକୁ ବଦଳି ହୋଇ ଆସିଥିବା ଖବର ନିଶ୍ଚିତ ଭାବେ ଏକ ଶୁଭ ଖବର ଶ୍ରେଣୀଭୁକ୍ତ କରାଯାଇପାରେ। କଥା ପ୍ରସଙ୍ଗରେ ଏଇ ସଫଳତା ପାଇଁ ତାଙ୍କୁ ସାବାସୀ ଦେଇ 'ସବୁ ଦୁଃଖର ଏକ ଶେଷ ଥାଏ' ଭଳି ଗୁରୁସୁଲଭ ଆପ୍ତବାଣୀଟିଏ ଶୁଣାଇଲା ପରେ ପୁରାତନ ଛାତ୍ର ଜଣକ ଯେଉଁ ବିଶେଷ ଚରିତ୍ରଙ୍କ ପ୍ରତି କୃତଜ୍ଞତା ପ୍ରକଟ କରି ତାଙ୍କୁ ନିଜର ଦୁଃଖ ମୋଚନକାରୀ ଭାବେ ଚିତ୍ରଣ କଲେ ସେଇ ଚରିତ୍ରଙ୍କ ନାମ ହେଉଛି 'ମନ୍ତ୍ରୀଙ୍କ ପାଖଲୋକ'। ଏମାନେ ଏକ ବିଶେଷ ବର୍ଗର ଲୋକ, ଯେଉଁମାନେ ମନ୍ତ୍ରୀ ନୁହନ୍ତି ସିନା, ମାତ୍ର ମନ୍ତ୍ରୀଙ୍କ ସାମର୍ଥ୍ୟକୁ ବିଚାରକୁ ନେଲେ ମନ୍ତ୍ରୀଙ୍କଠୁ କିଛି କମ୍ ନୁହନ୍ତି। ଯେଉଁମାନଙ୍କଠୁ ମନ୍ତ୍ରୀଙ୍କ ଭଳି ଅସାଧାରଣ ମାନ୍ୟବରମାନେ ଯୋଜନ ଯୋଜନ ଦୂରତ୍ୱରେ, ସାମାନ୍ୟ ପ୍ରାପ୍ତି ପାଇଁ ପ୍ରାର୍ଥନା ପେସ୍ କରୁଥିବା କୃପା ପ୍ରାର୍ଥୀମାନଙ୍କ ଲାଗି ମନ୍ତ୍ରୀମାନେ ଯେତେବେଳେ ଅପହଞ୍ଚ ଇଲାକାର ଅଧୀଶ୍ୱର, ସେତେବେଳେ ଏଇ ପାଖଲୋକମାନେ ହିଁ ଆଶାର ଆଶ୍ୱାସନା ଓ ସଫଳତାର ସମ୍ଭାବନା ହୋଇ ଉଭା ହୋଇଥାନ୍ତି। ମନ୍ତ୍ରୀଙ୍କ ସହ ନୈକଟ୍ୟକୁ ନେଇ ଏମାନେ ଅସାଧ୍ୟ ସାଧନ କରିପାରନ୍ତି। ଏମାନେ କେହି ମନ୍ତ୍ରୀଙ୍କ ସମ୍ପର୍କୀୟ ନୁହନ୍ତି ବା ସଖା ସହୋଦର ହୋଇ ନ ପାରନ୍ତି। ତେବେ କେଉଁ ବିଶେଷ ଗୁଣ ଦ୍ୱାରା ଏମାନେ ମନ୍ତ୍ରୀଙ୍କ ପାଖଲୋକ ଭାବେ ମାନ୍ୟତା ଅର୍ଜନ କରିଥାନ୍ତି, ତାହା ଭିତରକୁ ନ ଯାଇ କେବଳ ଏତିକି କହିଲେ ଯଥେଷ୍ଟ ହେବ ଏମାନଙ୍କ ମଧ୍ୟସ୍ଥ ବିନା ମନ୍ତ୍ରୀଙ୍କ କରୁଣାରୁ କିଞ୍ଚିତ ଲାଭ କରିବା ମଧ୍ୟ ଏକ ଅସମ୍ଭବ ବ୍ୟାପାର।

ପ୍ରାୟ ଚାଳିଶ ବର୍ଷ ତଳେ ଏ ଲେଖକ ନୂଆ ନୂଆ ଅଧ୍ୟାପନା କରୁଥିଲାବେଳେ ତା'ର ଦୂରବର୍ତ୍ତୀ ବୃତ୍ତିସ୍ଥଳର ନିକଟବର୍ତ୍ତୀ ଏକ ସ୍ଥାନକୁ ବଦଳି କରି ଆଣିବା ପାଇଁ ନିଜ ଆଡୁ ଆଗେଇ ଆସିଥିଲା ତା'ର ଜଣେ ପୂର୍ବତନ ସହପାଠୀ, ଯିଏ କ୍ରମାଗତ କେଇବର୍ଷ ଫେଲ୍ ହେଲା ପରେ ଶେଷରେ ପାଠପଢ଼ା ଛାଡ଼ି ଦେଇଥିଲା ଓ ନୂଆ ନୂଆ ଜଣେ ଯୁବନେତାର ପରିଚୟ ହାସଲ କରୁଥିଲା। ସେତେବେଳର ବୟସ ଓ ପାରିପାର୍ଶ୍ୱିକ ପରିସ୍ଥିତିକୁ ନେଇ ସ୍ଥାନାନ୍ତରିତ ହେବାର ସାମାନ୍ୟ ଆବଶ୍ୟକତା ନ ଥିବାରୁ ତା'ର ଏ ପ୍ରସ୍ତାବକୁ ଆଡ଼େଇ ଦେଇଥିଲେ ମଧ୍ୟ ସେ କେମିତି ଏତେ ବଡ଼ ସାମର୍ଥ୍ୟର ଅଧିକାରୀ ହେଲା ଏହା ଜାଣିବାର ଉତ୍କଣ୍ଠାକୁ ଚାପିପାରି ନ ଥିଲା ଏ ଲେଖକ। ତା'ର ଆଗ୍ରହ ଓ ଉତ୍କଣ୍ଠାକୁ ହତାଦର ନ କରି ତା'ର ସେହି ଅଳ୍ପ ପାଠୁଆ, ଅଥଚ ବଡ଼ ପ୍ରଭାବଶାଳୀ ବନ୍ଧୁ ମୁରଲୀ ଯାହା ବୟାନ କରିଥିଲା, ତାହା ଯେମିତି ଥିଲା ରହସ୍ୟମୟ, ସେମିତି ବି ଥିଲା ରୋମାଞ୍ଚକର। ସେଇ ବର୍ଷ ନିର୍ବାଚନର ମାସକ ପୂର୍ବରୁ ହାୱା ବହୁଥିବା ଦଳର ପ୍ରାର୍ଥୀଙ୍କ ସପକ୍ଷରେ ମୁରଲୀ ସକ୍ରିୟ ଭାବେ ପ୍ରଚାରରେ ଲାଗି ପଡ଼ିଥିଲା। ତା'ର ଏମନ୍ତ ସକ୍ରିୟତା ଦେଖି ସେ ପ୍ରାର୍ଥୀ ମଧ୍ୟ ତାକୁ ଛାମୁଆ କର୍ମୀ ଭାବେ ସ୍ୱୀକୃତି ଦେଇଥିଲେ ଓ କେଇବାର ଅତି ଆଗ୍ରହ ଓ ଆନନ୍ଦରେ ସର୍ବଜନ ସମ୍ମୁଖରେ ପିଠି ଥାପୁଡ଼ାଇ ସାବାସୀ ଦେଇଥିଲେ। ପ୍ରାର୍ଥୀଙ୍କ ସହ ମୁରଲୀର ଏ ପ୍ରକାର ପ୍ରକାଶ୍ୟ ନୈକଟ୍ୟକୁ ନେଇ ଲୋକମୁଖରେ ବହୁବିଧ ଆଲୋଚନା ହେଉଥିବାବେଳେ ନିର୍ବାଚନରେ ସେଇ ପ୍ରାର୍ଥୀଙ୍କ ବିଜୟ ମୁରଲୀର ମହତ୍ତ୍ୱକୁ ବହୁଗୁଣିତ କରିଦେଲା। ପ୍ରାର୍ଥୀଙ୍କ ଭାଗ୍ୟ ହେଉ କି ମୁରଲୀର, ନିର୍ବାଚନ ସରିଲା ପରେ ରାଜ୍ୟରେ ଯେତେବେଳେ ନୂଆ ସରକାର ଗଢ଼ା ହେଲା ସେତେବେଳେ ସେଇ ପ୍ରାର୍ଥୀଙ୍କ ମଥାରେ ମନ୍ତ୍ରିତ୍ୱର ମୁକୁଟ ବନ୍ଧାଗଲା। ନିର୍ବାଚନ ଲଢୁଥିବା ଜଣେ ପ୍ରାର୍ଥୀଙ୍କ ପାଖଲୋକ ଭାବେ ମୁରଲୀ ଯେଉଁ ମାନ୍ୟତା ପାଇଥିଲା, ତାହାର ରୂପ ବଦଳିଗଲା ଓ ଆତ୍ମଘୋଷିତ ଭାବେ ମୁରଲୀ ପାଲଟିଗଲା ମନ୍ତ୍ରୀଙ୍କ ପାଖଲୋକ। ମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରିବାରେ ଲାଗିପଡ଼ିଥିଲା ମୁରଲୀ। ରାଜଧାନୀରେ ପହଞ୍ଚ ନୂଆ ମନ୍ତ୍ରୀଙ୍କଠାରୁ ଦିନ ଧାର୍ଯ୍ୟ କରି ଫେରିବା ପୂର୍ବରୁ ତାଙ୍କ ପାଖରେ ପେଶ୍ କରିଥିଲା ଏକ ବିଚିତ୍ର ଅନୁରୋଧ। ଅତ୍ୟନ୍ତ ଆବେଗରେ କହିଥିଲା, "ଆଜ୍ଞା! ଆପଣଙ୍କୁ ଜିତାଇବା ପାଇଁ ଯେଉଁ କର୍ମୀମାନେ ଦିନରାତି ଏକ୍ କରି ଦେଇଥିଲେ, ସେମାନଙ୍କ ପେଟପିଠି କଥା ଆପଣ ଯେମିତି ବୁଝିବା କଥା ସେମିତି ବୁଝିବେ। ମୋର ସେ ସବୁ କିଛି ଲୋଡ଼ା ନାହିଁ। କେବଳ ଛୋଟିଆ ଗୋଟିଏ ମାଗୁଣି। ସମ୍ବର୍ଦ୍ଧନା ସଭାରେ ମଞ୍ଚ ଉପରେ ମୋତେ ଟିକେ ପାଖରେ ବସାଇବେ। ସେଇଠି କେତେବେଳେ ଆପଣଙ୍କ ମୁହଁ ମୋ କାନ ପାଖକୁ ତ ଆଉ ବେଳେ ଆପଣଙ୍କ କାନ ମୋ ମୁହଁ ଯାଏ ବଢ଼ାଇଦେବେ। ବେଶି ନୁହେଁ, ଏହିଭଳି ଚାରି ପାଞ୍ଚ ଥର। ବାସ୍ ଏତିକି ଆଜ୍ଞା। ଆଉ କିଛି ମୋର ଲୋଡ଼ା ନାହିଁ।'' ଏଇ ଛୋଟ କଥାଟି ପାଇଁ ମନ୍ତ୍ରୀଙ୍କ ଅଭୟ ବରଦାନ ପାଇ ମୁରଲୀ ସେଦିନ ଫେରି ଆସିଥିଲା। ଯଥା ସମୟରେ ମନ୍ତ୍ରୀଙ୍କ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମୁରଲୀ ସହ ଅନ୍ୟ ବହୁ ବକ୍ତା ମନ୍ତ୍ରୀଙ୍କ ପ୍ରଶଂସାରେ ଶତମୁଖ ହୋଇ ଉଠିଲେ। ସରଳ, ସଚ୍ଚୋଟ, ନିଃସ୍ୱାର୍ଥପର, ନିରହଙ୍କାର ଓ ଉପକାରୀ ଆଦି କେତେ ବିଶ୍ଳେଷଣରେ ମନ୍ତ୍ରୀ ପୋତି ହୋଇପଡିଲେ। କହିବା ବାହୁଲ୍ୟ, ବକ୍ତାମାନଙ୍କର ଭାଷଣ ଚାଲିଥିଲା ବେଳେ ମନ୍ତ୍ରୀ ଓ ମୁରଲୀ ମୁହଁକୁ ମୁହଁ ଲଗାଇ କିଛି ନିଃଶବ୍ଦ ଆଲୋଚନାରେ ବ୍ୟସ୍ତଥିଲେ। ଶେଷରେ ସମ୍ବର୍ଦ୍ଧନାର ଉତ୍ତର ଦେବାକୁ ମନ୍ତ୍ରୀ ଛିଡା ହେଲା ମାତ୍ରେ ସେଇ ମଞ୍ଚ ଉପରେ ତାଙ୍କ ଜୟଧ୍ୱନି ଆରମ୍ଭ କରି ଦେଇଥିଲା ମୁରଲୀ, ଯାହା ପରେ ପରେ ସମଗ୍ର ସଭାସ୍ଥଳକୁ ସଂକ୍ରମିତ ହୋଇ ଗଗନମଣ୍ଡଳ ପ୍ରକମ୍ପିତ ହୋଇ ଉଠିଲା। ମନ୍ତ୍ରୀ ତାଙ୍କ ଚିରାଚରିତ ଭାଷଣ ସରିବା ପୂର୍ବରୁ ଯାହା କହିଲେ, ତାହା ଥିଲା ମୁରଲୀ ଜୀବନକାଳ ମଧ୍ୟରେ ଅର୍ଜନ କରିଥିବା ମହାନ୍ ଉପଲବ୍ଧିଗୁଡ଼ିକଠାରୁ ଅଧିକ ମହତ୍ତର। ମନ୍ତ୍ରୀ କହିଥିଲେ, ରାଜଧାନୀରେ କର୍ମବ୍ୟସ୍ତ ରହି ମୁଁ ଆପଣମାନଙ୍କ ସୁଖଦୁଃଖ ବୁଝିବାକୁ ଏଠାକୁ ଆସି ନ ପାରେ। ମାତ୍ର ଏ ଅଞ୍ଚଳର ଯେ କୌଣସି ସମସ୍ୟା ମୋ ନଜରକୁ ନେବା ପାଇଁ ମୁଁ ମୁରଲୀବାବୁଙ୍କୁ ଦାୟିତ୍ୱ ଦେଇଯାଉଛି।

ମନ୍ତ୍ରୀ ରାଜଧାନୀକୁ ବାହୁଡ଼ିଗଲେ। ମାତ୍ର ସେଇ ଯେ ମୁରଲୀଙ୍କୁ ତାଙ୍କ ପ୍ରତିନିଧି ଭାବେ ମୁକୁଟ ପିନ୍ଧାଇ ଦେଲେ, ସେଦିନରୁ ତାଙ୍କ ମନ୍ତ୍ରିତ୍ୱର ଅବସାନ ଯାଏ ମୁରଲୀ କେବଳ ସେଇ ଅଞ୍ଚଳର ସମସ୍ୟା ନୁହେଁ, ବହୁ ଲୋକଙ୍କ ବ୍ୟକ୍ତିଗତ ସମସ୍ୟାର ସମାଧାନକାରୀଭାବେ ଢେର ପ୍ରସିଦ୍ଧ ହୋଇଯାଇଥିଲେ। ପ୍ରସିଦ୍ଧି ସହ ସମତାଳରେ ବଢ଼ି ଚାଲିଥିଲା ତା'ର ଆର୍ଥିକ ସ୍ୱଚ୍ଛଳତା, ଠିକ୍ ମନ୍ତ୍ରୀଙ୍କର ବଢ଼ି ଚାଲିଲା ପରି। ଅବଶ୍ୟ ଏ କଥା ଭିନ୍ନ ଯେ ମନ୍ତ୍ରୀଙ୍କ କାର୍ଯ୍ୟକାଳର ସେଇ ପାଞ୍ଚବର୍ଷ ପରେ ମନ୍ତ୍ରୀଙ୍କ ମନ୍ତ୍ରିତ୍ୱର ନବୀକରଣ ହୋଇଥିଲା ନା ମୁରଲୀର ସାମର୍ଥ୍ୟ ଓ ପ୍ରସିଦ୍ଧିର। ଏବେ ସେଇ ମନ୍ତ୍ରୀ ସଂସାରରେ ନାହାନ୍ତି ସିନା ମୁରଲୀ କିନ୍ତୁ ପରିଣତ ବୟସରେ ଚିଡ଼ିଆଖାନାର ବୁଢ଼ାଭାଲୁ ପରି ଗାଁରେ ପଡ଼ି ରହିଛି ଓ ଏବେକାର ଯୁବନେତାମାନଙ୍କୁ ଶୁଣାଉଛି ତା' ଅତୀତର ସାମର୍ଥ୍ୟ ସଙ୍ଗୀତ।

ଏମିତି ସବୁ ଆମ ମୁରଲୀମାନଙ୍କ କଥା, ଯେଉଁମାନଙ୍କ ହାତଧରି ସେଇ ପୁରାତନ ଛାତ୍ରଟି ପରି ବହୁ ଲୋକ ମାଲକାନଗିରିରୁ ବଦଳି ହୋଇ ଭୁବନେଶ୍ୱର ଆସିପାରନ୍ତି ତ ଅନ୍ୟ କେଉଁଠି ଠିକାଦାରିରୁ ଆରମ୍ଭ କରି ପେଟ୍ରୋଲ ପମ୍ପ ଯାଏ ଲାଇସେନ୍ସ ପାଇ ପାରନ୍ତି। ଏମାନଙ୍କ ଚରିତ୍ର ଏମିତି ଯେ ମନ୍ତ୍ରୀଙ୍କ କୃପାପ୍ରାର୍ଥୀଙ୍କ ପାଇଁ ଏମାନେ ଯେତିକି ପ୍ରିୟ, ମନ୍ତ୍ରୀଙ୍କ ପାଇଁ ମଧ୍ୟ ସେତିକି ପ୍ରିୟ। ଏମାନଙ୍କୁ ଯିଏ ଯେମିତି ଯେଉଁ ବିଶେଷଣରେ ବିଭୂଷିତ କଲେ ବି ଏମାନଙ୍କ ଉପସ୍ଥିତିକୁ ଅସ୍ୱୀକାର କରି ଲକ୍ଷ୍ୟସ୍ଥଳରେ ପହଞ୍ଚିବା ଏତେ ସହଜ ନୁହେଁ। ଏବେ ଅବଶ୍ୟ 'ମନ୍ତ୍ରୀଙ୍କ ପାଖଲୋକ' ବଦଳରେ ନୂଆ ନାଆଁଟିରେ ଲୋକେ ଏମାନଙ୍କୁ ଚିହ୍ନୁଛନ୍ତି। ଏମାନଙ୍କ ଉଦ୍ଭବ ଓ ଉତ୍ଥାନ ମଧ୍ୟରେ ଯେଉଁ ଲୋକପ୍ରିୟ ନାମରେ ଏମାନେ ପରିଚିତ, ସେଇ ନାଆଁଟି ହେଉଛି 'ମଧ୍ୟସ୍ଥ', ଯଦିଓ ନିନ୍ଦୁକମାନେ କହନ୍ତି 'ଦଲାଲ'। ତେବେ ପାଖଲୋକ ହୁଅନ୍ତୁ କି ମଧ୍ୟସ୍ଥ ଅବା ଦଲାଲ, ଏମାନଙ୍କ ମହିମା ବଡ଼ ଅପାର, ଯାହା ଭେଦ କରି ନ ପାରି ଏକଦା ଜଣେ ପ୍ରଧାନମନ୍ତ୍ରୀ ନିଜକୁ ବଡ଼ ଅସହାୟ ମଣିଥିଲେ। ସ୍ୱଳ୍ପକାଳ ପାଇଁ ମଧ୍ୟବର୍ତ୍ତୀ ପ୍ରଧାନମନ୍ତ୍ରୀ ଥିବା ସମୟରେ ଗୁଲଜାରିଲାଲ ନନ୍ଦା ନିଜ ବାସଭବନରେ ଜନ ଦରବାର କରୁଥିଲେ। ଥରେ ଦୂରବର୍ତ୍ତୀ ଅଞ୍ଚଳର ଜଣେ ବୃଦ୍ଧ ବ୍ୟକ୍ତି ନିଜ ଆପତ୍ତି ଜଣାଇବାକୁ ଆସି ଦେଖିଲେ ଯେ ଅଭିଯୋଗ ପ୍ରକୋଷ୍ଠରେ ପଡ଼ିଥିବା ସମସ୍ତ ଚେୟାର ଅଧିକୃତ ହୋଇସାରିଛି। ପ୍ରଧାନମନ୍ତ୍ରୀ ଆସିବା ପୂର୍ବରୁ ଚୌକିଟିଏ ଦଖଲ କରିବାକୁ ସେ ବିକଳରେ ଏଣେତେଣେ ଚାହୁଁଥିଲା ବେଳେ ଚେୟାରଟିଏ ଅଧିକାର କରି ପୂର୍ବରୁ ବସିଥିବା ଲୋକଟିଏ ତାଙ୍କୁ ପାଖକୁ ଡାକି କହିଲେ, "ମୁଁ ପ୍ରଧାନମନ୍ତ୍ରୀଙ୍କ ଗୃହର ଜଣେ ସେବକଙ୍କ ଭାଇ। ଏଠାରେ ଦର୍ଶନାର୍ଥୀଙ୍କ ସଂଖ୍ୟା ଅଧିକ ତ ଚୌକି ସଂଖ୍ୟା କମ୍। ଏଣେ ଛିଡ଼ା ହେବାକୁ ଅନୁମତି ନାହିଁ। ସୁତରାଂ, ମୋତେ କୋଡ଼ିଏ ଟଙ୍କା ଦେଲେ ମୋ ଚୌକିଟିକୁ ତୁମକୁ ଛାଡ଼ିଦେବି।'' ବୃଦ୍ଧ ବ୍ୟକ୍ତି ବୁଝିଗଲେ ଓ କୋଡ଼ିଏ ଟଙ୍କା ଖର୍ଚ୍ଚ କରି ଚେୟାରଟିର ଅଧିକାର ହାସଲ କଲେ। ନନ୍ଦାଜୀ ଆସିଲେ ଓ ଜଣ ଜଣ କରି ଲୋକଙ୍କ ହାରି ଗୁହାରି ଶୁଣିଲେ। ଯେତେବେଳେ ବୃଦ୍ଧବ୍ୟକ୍ତିଙ୍କର ପାଳି ପଡ଼ିଲା, ସେତେବେଳେ ସେ କହିଲେ, "ପ୍ରଧାନମନ୍ତ୍ରୀ ମହୋଦୟ ! ଆମ ଅଞ୍ଚଳରେ ହେଉଥିବା ଉନ୍ନୟନ କାର୍ଯ୍ୟରେ ବ୍ୟାପକ ଦୁର୍ନୀତି ସମ୍ପର୍କରେ ଆପଣଙ୍କୁ ଜଣାଇବା ପାଇଁ ଆସିଥିଲି। ମାତ୍ର ଏଠାରେ ପହଞ୍ଚି ଆଉ ତାହାର ଆବଶ୍ୟକତା ଅନୁଭବ କରୁନାହିଁ। ଆପଣଙ୍କ ପାଖରେ ପହଞ୍ଚିବା ପାଇଁ ମୋତେ ଯେତେବେଳେ ମଧ୍ୟସ୍ଥଙ୍କ ଦୁର୍ନୀତିର ଶିକାର ହେବାକୁ ପଡ଼ିଛି, ସେତେବେଳେ କେଉଁ ଭରସାରେ ମୁଁ ଆମ ଅଞ୍ଚଳରେ ହେଉଥିବା ଦୁର୍ନୀତି ପ୍ରତିବିଧାନ ଆଶା କରିବି !'' ସବୁ ଶୁଣିସାରି ନନ୍ଦା ମହୋଦୟ ଦୁଃଖରେ ହସିଲେ। ଦୁର୍ନୀତି ବିରୋଧରେ ଫେରାଦ ହେବାପାଇଁ ଯେତେବେଳେ ସେଇ ଦୁର୍ନୀତିର ଶିକାର ହେବାକୁ ପଡ଼େ, ସେଠି ଦୁର୍ନୀତି ବିରୋଧରେ ସେ କେମିତି ଲଢ଼ିବେ ବୁଝିପାରିଲେ ନାହିଁ। ପରଦିନଠୁ ତାଙ୍କ ଜନ ଦରବାର ବନ୍ଦ ହୋଇଗଲା !!

ପ୍ରଜ୍ଞା ନିଳୟ, ବିଦ୍ୟାପତି ନଗର,
ଚକେଇସିହାଣି, ଭୁବନେଶ୍ୱର–୧୦
ମୋ: ୮୮୯୫୬୨୪୧୦୫

# ଭାରତର ଚଲାପଥରେ ବ୍ରିଟେନ



ଈପ୍ସିତା ମହାନ୍ତି

ଲୋକଙ୍କ ସ୍ୱାସ୍ଥ୍ୟକୁ ଗୁରୁତ୍ୱ ଦେଇ ଭାରତ ସରକାର ଯୋଗ ଓ ବ୍ୟାୟାମକୁ ପ୍ରୋତ୍ସାହନ ଦେବା ସହ ସ୍ୱଚ୍ଛ ଭାରତ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପୁଣି ବିଗତ ଦିନରେ ଆମ ଦେଶ ଭାରତ ନିଜ ନାଗରିକଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଆଣିବା ଉଦ୍ଦେଶ୍ୟରେ ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମ ହାତକୁ ନେଇଅଛି। ଏହାକୁ ଦେଖି ଦୁନିଆର ଅନେକ ରାଷ୍ଟ୍ର ଓ ସେଠାକାର ମୁଖିଆ ନିଜନିଜ ଦେଶରେ ଏହିଭଳି ଅଭିଯାନ ଚଳାଇବାକୁ ମନସ୍ଥ କଲେଣି। ଅବଶ୍ୟ ଇତିମଧ୍ୟରେ ଏଭଳି ଯୋଜନାର ଶୁଭାରମ୍ଭ ବ୍ରିଟେନରୁ ହୋଇ ଯାଇଛି। ଏଠାକାର ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ନିଜ ଦେଶର ଲୋକଙ୍କୁ ଫିଟ୍ ରଖିବା ପାଇଁ ଏକ ନୂତନ ଯୋଜନା ପ୍ରବର୍ତ୍ତନ କରିଛନ୍ତି, ଯେଉଁଥି ପାଇଁ ଖର୍ଚ୍ଚ ହେବ ୯୬କୋଟି ଟଙ୍କା। ଏଥିରେ ପ୍ରଥମେ ଲୋକଙ୍କୁ ନିଜର ଓଜନ କମ୍ କରିବା ପାଇଁ ପ୍ରେରିତ କରାଯିବାକୁ ଲକ୍ଷ୍ୟ ରଖାଯାଇଛି।

ବର୍ତ୍ତମାନ ସାରା ଦୁନିଆରେ ପ୍ରାୟ ୨ଶହ କୋଟି ଲୋକଙ୍କ ଓଜନ ଆବଶ୍ୟକତାଠାରୁ ଅଧିକ ଥିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ତଥ୍ୟରୁ ଜଣାପଡିଛି। ପୁଣି ହେଲ୍‌ଥ ସର୍ଭେ ଫର୍ ଇଂଲଣ୍ଡର ପରିସଂଖ୍ୟାନ ଅନୁସାରେ ବ୍ରିଟେନର ୧୮ବର୍ଷ ବୟସରୁ ଊର୍ଦ୍ଧ୍ୱ ୩୧ପ୍ରତିଶତ ଲୋକ ମେଦବହୁଳତାର ଶିକାର ହୋଇଥିବା ଜଣାଯାଏ। ଏହି ମେଦବହୁଳତା ବ୍ରିଟେନର ପ୍ରାୟ ସମସ୍ତ ଅଧିବାସୀଙ୍କୁ ଊଣା ଅଧିକେ ପ୍ରଭାବିତ କରିଅଛି। ପ୍ରଧାନମନ୍ତ୍ରୀ ଜନସନ୍ ବି ଏଥିରୁ ବାଦ୍ ପଡି ନାହାନ୍ତି। କିଛିଦିନ ତଳେ ସେ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏହି ସମୟରେ ମେଦବହୁଳତା କାରଣରୁ ତାଙ୍କରି ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ଫଳସ୍ୱରୂପ ୩ଦିନ ଧରି ତାଙ୍କୁ ଆଇସିୟୁରେ ରହିବାକୁ ପଡିଥିଲା। ସେତେବେଳେ ମାତ୍ରାଧିକ ଓଜନ ଯୋଗୁ ସେ ଅନ୍‌ଫିଟ୍ ଥିବା ହୃଦ୍‌ବୋଧ କରିଥିଲେ। ସଂକ୍ରମଣ ପୂର୍ବରୁ ତାଙ୍କରି ଓଜନ ୧ଶହ ୭କିଲୋ ଥିଲା। ତାହା ହ୍ରାସ ଘଟିଏବେ ୧ଶହ କିଲୋରେ ପହଞ୍ଚିଛି। ତଥାପି ତାଙ୍କୁ ଆହୁରି ଅଧିକ ଓଜନ ହ୍ରାସ କରିବା ଆବଶ୍ୟକ ରହିଛି ବୋଲି ଜନସନ୍ ସାଧାରଣରେ ପ୍ରକାଶ କରିଛନ୍ତି। ତେଣୁ ନିଜ ଶରୀର ପ୍ରତି ଧ୍ୟାନ ଦେଇ ସାରା ବ୍ରିଟେନବାସୀ ନିଜର ମୋଟାପଣକୁ ନିୟନ୍ତ୍ରଣରେ ରଖିବା ଉଚିତ ବୋଲି ଜନସନ୍ କହିଛନ୍ତି। ନିଃସଙ୍କୋଚ ଭାବେ ଜନସନ୍ ନିଜ ଦୁର୍ବଳତାକୁ ସ୍ୱୀକାର କରିବାରେ ଆଦୌ କୁଣ୍ଠାବୋଧ କରି ନାହାନ୍ତି। ଏଥିରୁ ତାଙ୍କରି ମହନୀୟତା ସ୍ପଷ୍ଟ ଭାବେ ବାରି ହୁଏ। ଏଥିପାଇଁ ସେ ପ୍ରଶଂସାର ହକ୍‌ଦାର ମଧ୍ୟ।

ଅଦ୍ୟାପି ଭାରତରେ କିନ୍ତୁ ପାରମ୍ପରିକ ରାଜନୀତି ଦେଖିବାକୁ ମିଳେ। ଏଠାକାର ରାଜନେତା ନିଜ ସ୍ୱାସ୍ଥ୍ୟ ଓ ବ୍ୟକ୍ତିଗତ ଦୁର୍ବଳତାକୁ ନେଇ ଖୁବ୍ ସମ୍ବେଦନଶୀଳ। ବେଶ୍ ରକ୍ଷଣାତ୍ମକ ଦୃଷ୍ଟିରୁ ଭାରତୀୟ ରାଜନେତା ଏସବୁ ତଥ୍ୟକୁ ସର୍ବସାଧାରଣରେ ପ୍ରକାଶ କରିବା ପାଇଁ କୁଣ୍ଠିତ ହୋଇଥାନ୍ତି। ଏପରିସ୍ଥଳେ ବୋରିସ୍ ଜନସନ୍‌ଙ୍କ ଭଳି ନେତାଙ୍କୁ ଯେତେ ପ୍ରଶଂସା କଲେ ବି ତାହା କମ୍ ହେବ। କାରଣ ସେ ନିଜ ଅନୁଭୂତିକୁ ଉଦାହରଣ ମାଧ୍ୟମରେ ପ୍ରକାଶ କରି ଲୋକଙ୍କ ମାର୍ଗ ଦର୍ଶକ ସାଜିଛନ୍ତି। ଏହା ନିଶ୍ଚିତ ଭାବେ ବ୍ରିଟେନବାସୀଙ୍କୁ ପ୍ରେରଣା ଯୋଗାଇବ। ଏହି ଅବସରରେ ବ୍ରିଟେନବାସୀଙ୍କୁ ସୁସ୍ଥ ରଖିବା ପାଇଁ ପ୍ରଧାନମନ୍ତ୍ରୀ ଜନସନ୍ ନିଜ ଦେଶରେ କେତେକ ନୂତନ ନିୟମ ଲାଗୁ କରିଛନ୍ତି। ତଦନୁଯାୟୀ ଆବଶ୍ୟକତାଠାରୁ ଅଧିକ ଓଜନ ଥିବା ଲୋକଙ୍କୁ ବ୍ରିଟେନର ଡାକ୍ତର ନିୟମିତ ଭାବେ ସାଇକେଲ ଚାଳନା ଓ ବ୍ୟାୟାମାଭ୍ୟାସ ଜାରି ରଖିବାକୁ କହିବେ। ସାଥେସାଥେ ରୋଗୀଙ୍କୁ ଓଜନ ହ୍ରାସ ପାଇଁ ଉପଯୋଗୀ ହେଉଥିବା ମୋବାଇଲ୍ ଫୋନର ଆପ୍ଲିକେସନ୍ ବିଷୟରେ ବି ବୁଝାଇବେ। ସେହିଭଳି ବଜାରରେ ମିଳୁଥିବା ଗୋଟିଏ ଜଙ୍କଫୁଡ୍ ଜାତୀୟ ଖାଦ୍ୟଦ୍ରବ୍ୟରେ ଆଉ ଗୋଟିଏ ମାଗଣା ଭଳି ଯୋଜନା ଉପରେ ପ୍ରତିବନ୍ଧକ ଲଗାଯିବ। ଶପିଂମଲର ଦେୟପୈଠ ସ୍ଥାନରେ ଗ୍ରାହକଙ୍କୁ ପୂର୍ବ ଭଳି ଆଉ ଚକୋଲେଟ୍ ଦିଆଯିବ ନାହିଁ। ଭୋଜନାଳୟର ଖାଦ୍ୟ ତାଲିକାରେ କ୍ୟାଲୋରିର ପରିମାଣ ଲେଖିବାକୁ ବାଧ୍ୟତାମୂଳକ କରାଯିବ। ପ୍ୟାକେଟ୍ ଖାଦ୍ୟଦ୍ରବ୍ୟରେ ମଧ୍ୟ କ୍ୟାଲୋରିର ପରିମାଣ ଦର୍ଶାଇବାକୁ କୁହାଯିବ। ପୁଣି ଅଧିକ କ୍ୟାଲୋରିଯୁକ୍ତ ଖାଦ୍ୟଦ୍ରବ୍ୟର ବିଜ୍ଞାପନ ରାତି ୯ଟା ପୂର୍ବରୁ ପ୍ରସାରଣ ହୋଇପାରିବ ନାହିଁ ବୋଲି ଆଇନରେ ବ୍ୟବସ୍ଥା ରହିବ।

ଅତୀତରେ ବ୍ରିଟେନ ଆମଦେଶ ଭାରତକୁ ଦୀର୍ଘ ୨ଶହ ବର୍ଷ ଧରି ଶାସନ କରିଥିଲା। ଏହି ସମୟ ମଧ୍ୟରେ ଆମଦେଶ ୩୧ଥର ଦୁର୍ଭିକ୍ଷର ସମ୍ମୁଖୀନ ହେବା ସହ ଲକ୍ଷଲକ୍ଷ ଲୋକ ଅନାହାରରେ ପ୍ରାଣ ହରାଇଥିଲେ। ଶେଷଥର ପାଇଁ ୧୯୪୩ରେ ଆମଦେଶର ବଙ୍ଗଳାରେ ଭୟଙ୍କର ଦୁର୍ଭିକ୍ଷ ପଡିଥିଲା। ଏଥିରେ ୩୦ଲକ୍ଷରୁ ଊର୍ଦ୍ଧ୍ୱ ଲୋକ ଜୀବନ ହାରିଥିଲେ। ହେଲେ ବ୍ରିଟିଶ ଶାସନାଧୀନ ପୂର୍ବରୁ ଭାରତର ୨ହଜାର ବର୍ଷର ଇତିହାସରେ ମାତ୍ର ୧୭ଥର ଦୁର୍ଭିକ୍ଷ ପଡିଥିଲା। ବ୍ରିଟିଶ ଶାସନ କାଳ ଅପେକ୍ଷା ଏହି ସମୟରେ ଅପେକ୍ଷାକୃତ କମ୍ ସଂଖ୍ୟକ ଭାରତୀୟ ପ୍ରାଣ ହରାଇଥିଲେ। ଅର୍ଥାତ୍ ବ୍ରିଟିଶ ଶାସନାଧୀନ ହେବା ପରେ ଭାରତରେ ଦୁର୍ଭିକ୍ଷ ସଂଖ୍ୟା ବଢ଼ି ଚାଲିଲା। ଏହି ସମୟରେ ସଂଖ୍ୟାଧିକ ଭାରତୀୟ ଅନାହାର ଓ କୁପୋଷଣର ଶିକାର ଥିଲେ। ବହୁ ଲୋକଙ୍କ ପାଖରେ ଖାଇବା ପାଇଁ କିଛି ବି ନ ଥିଲା। ଆଜି କିନ୍ତୁ ଏବେ ଆମଦେଶରେ ସେଭଳି ପରିସ୍ଥିତି ନାହିଁ। ପୁଣି ଅନାହାର ଓ କୁପୋଷଣଜନିତ ମୃତ୍ୟୁ ସଂଖ୍ୟାରେ ଯଥେଷ୍ଟ ହ୍ରାସ ଘଟିଛି। ଆଜି ସ୍ଥିତି ସମ୍ପୂର୍ଣ୍ଣ ରୂପେ ଓଲଟି ଯାଇଛି। ବ୍ରିଟେନ ଭଳି ଭାରତରେ ମଧ୍ୟ ମେଦବହୁଳତା ସଂଖ୍ୟା ବଢିବଢି ଚାଲିଛି। ଭାରତରେ ଏହାର ସଂଖ୍ୟା ୧୩କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ଏକ ପରିସଂଖ୍ୟାନ କହୁଛି।

ଗତ ୨୦୧୯ ଅଗଷ୍ଟ ମାସରେ ଭାରତୀୟଙ୍କୁ ନିଜ ସ୍ୱାସ୍ଥ୍ୟ ଓ ଫିଟନେସ୍ ପ୍ରତି ସଚେତନ କରାଇବା ସକାଶେ ଫିଟ୍ ଇଣ୍ଡିଆ ଅଭିଯାନ ଆରମ୍ଭ ହୋଇଥିଲା। ଏଥିରେ ଦେଶର ବଡବଡ ନେତାଙ୍କଠାରୁ ଆରମ୍ଭ କରି ଖେଳାଳି ଓ କଳାକାରଙ୍କ ପରି ପ୍ରସିଦ୍ଧ ବ୍ୟକ୍ତି ସାମିଲ ହୋଇଥିଲେ। ଆଜି ଭାରତଠାରୁ ଶିକ୍ଷାପାଇ ବ୍ରିଟେନ ନିଜ ଦେଶରେ ଏହିଭଳି କାର୍ଯ୍ୟକ୍ରମ ଆରମ୍ଭ କରିଛି। ଏଠାକାର ପ୍ରଧାନମନ୍ତ୍ରୀ ବୋରିସ୍ ଜନସନ୍ ନିଜ ଦେଶବାସୀଙ୍କୁ ସୁସ୍ଥ ଜୀବନଶୈଳୀ ଆପଣେଇବା ପାଇଁ କହି ଚାଲିଛନ୍ତି। ଏହାକୁ ଆମେ ଫିଟ୍ ବ୍ରିଟେନର ଫିଟ୍ ଇଣ୍ଡିଆ ଅଭିଯାନ ବୋଲି କହିପାରିବା। ବର୍ତ୍ତମାନ ବ୍ରିଟେନବାସୀ ନାରା ଦେଲେଣି ମୋଟାପଣ ବ୍ରିଟେନ ଛାଡ଼। ମୋଟାପଣ ବା ମେଦବହୁଳତା ସହ ଜଡିତ ବିପଦ ପ୍ରତି ଲୋକଙ୍କ ସଚେତନତା ଏବେ ବୃଦ୍ଧି ପାଇଛି। କାରଣ ମେଦବହୁଳତାର ଶିକାର ବ୍ୟକ୍ତିଙ୍କ ପାଇଁ କୋଭିଡ୍–୧୯ ଘାତକ ସାବ୍ୟସ୍ତ ହେଉଅଛି।

କିଛିଦିନ ତଳେ କୋଭିଡ୍–୧୯ର ଶିକାର ହୋଇଥିବା ୮ଶହ ୧୨ଜଣ ରୋଗୀଙ୍କ ଉପରେ ଏକ ଅଧ୍ୟୟନ ହୋଇଥିଲା। ଏହି ଅଧ୍ୟୟନ ଅନୁସାରେ ଏମାନଙ୍କ ମଧ୍ୟରୁ ୭୦ପ୍ରତିଶତ ମେଦବହୁଳତାରେ ପୀଡିତ ଥିଲେ। ପୁଣି କୋଭିଡ୍–୧୯ରେ ପ୍ରାଣ ହାରିଥିବା ୮୨ପ୍ରତିଶତ ଲୋକଙ୍କୁ ମେଦବହୁଳତା ଗ୍ରାସ କରିଥିଲା। ଏବେ ୫ପ୍ରତିଶତ ଭାରତୀୟ ମେଦବହୁଳତାରେ ପୀଡିତ କିନ୍ତୁ ଆଗାମୀ ଏକ ଦଶନ୍ଧିରେ ଏହି ସଂଖ୍ୟା ୪୦ ପ୍ରତିଶତକୁ ଛୁଇଁଯିବ ବୋଲି ଅନ୍ୟ ଏକ ସର୍ବେକ୍ଷଣରୁ ଜଣାଯାଇଛି। ମେଦବହୁଳତା ଯଦିଓ ଏକ ରୋଗ କିନ୍ତୁ ଏହା ହୃଦ୍‌ଘାତ, ମସ୍ତିଷ୍କାଘାତ, ରକ୍ତଚାପ, ମଧୁମେହ ଓ କର୍କଟରୋଗ ଭଳି ମାରାତ୍ମକ ରୋଗକୁ ଆମନ୍ତ୍ରଣ କରିଥାଏ। ଏହି କାରଣରୁ ମେଦବହୁଳତାକୁ ଏକ ମହାମାରୀ ରୂପେ ବିବେଚନା କରି ତା'ସହ ଆମେ ଲଢେଇ କରିବା ଆବଶ୍ୟକ। ସମୟ ଥିଲା ଲୋକେ ଖାଦ୍ୟାଭାବରୁ ଜୀବନ ହାରୁଥିଲେ। ଏବେ କିନ୍ତୁ ଲୋକଙ୍କୁ ଅତ୍ୟଧିକ ଖାଇବା ଯୋଗୁ ଜୀବନ ହରେଇବାକୁ ପଡୁଛି। ସନ୍ତୁଳିତ ଆହାର ଉତ୍ତମ ସ୍ୱାସ୍ଥ୍ୟର ପୁଞ୍ଜି। ଆଉ ଉତ୍ତମ ସ୍ୱାସ୍ଥ୍ୟଧାରୀ ହିଁ ଆଜିର ଦୁନିଆର ଯେ କୌଣସି ଦୌଡରେ ବିଜୟୀ ହେବ।।

ବୈପାରୀଗୁଡ଼ା, କୋରାପୁଟ
ମୋ: ୬୩୭୦୬୭୯୪୦୫

## ଏଇ ଭାରତରେ

ଭାରତରେ ଏବେ ବାୟୋମେଡିକାଲ ୱେଷ୍ଟ ବା ବର୍ଜ୍ୟ ଠୁଳ ହେବାରେ ଲାଗିଛି। ଏହିକୁ ପୁନଃ ଉପଯୋଗ କରି ଇଟା ତିଆରି କରୁଛନ୍ତି ଗୁଜରାଟର ବିନିଶ ଦେଶାଇ। ତାଙ୍କୁ 'ରିସାଇକ୍ଲେ ମ୍ୟାନ୍' ମଧ୍ୟ କୁହାଯାଉଛି। ସେ ମେଡିକାଲ, ସ୍କୁଲ, ସେଲୁନ, ବସ୍‌ଷ୍ଟାଣ୍ଡ ଏବଂ ସର୍ବସାଧାରଣ ସ୍ଥାନରେ 'ଇକୋ ବିନ' ରଖି ବର୍ଜ୍ୟ ସଂଗ୍ରହ କରୁଛନ୍ତି। କରୋନା ଚିକିତ୍ସାରେ ବ୍ୟବହୃତ ପର୍ସନାଲ ପ୍ରୋଟେକ୍ସନ ଇକ୍ୟୁପମେଣ୍ଟ (ପିପିଇ) ଯଥା ମାସ୍କ, ଗାଉନ୍ ଏବଂ ହେଡ୍ କଭରର ପୁନଃ ଉପଯୋଗ କରି ପରିବେଶ ଉପଯୋଗୀ ଏଭଳି ଇଟା ପ୍ରସ୍ତୁତ କରୁଛନ୍ତି। ଏଥିରେ ୫୨ ପ୍ରତିଶତ କାଗଜ ଶିଳ୍ପରୁ ମିଳୁଥିବା ବର୍ଜ୍ୟ ଓ ୩ ପ୍ରତିଶତ ଏକ ପ୍ରକାର ଅଠା ବ୍ୟବହାର କରୁଛନ୍ତି। ଏହି ଇଟାକୁ ସ୍ଥାନୀୟ ସରକାରୀ ପରୀକ୍ଷାଗାର ମଧ୍ୟ ସ୍ୱୀକୃତି ଦେଇଛି। ୧୨ ଇଞ୍ଚ ଲମ୍ବ, ୮ ଇଞ୍ଚ ଚଉଡ଼ା ଓ ୪ ଇଞ୍ଚ ମୋଟା ଗୋଟିଏ ଇଟାରେ ୭ କେଜି ଓଜନର ବର୍ଜ୍ୟ ବ୍ୟବହୃତ ହେଉଛି। ଏହା ହାଲ୍‌କା, ଅଗ୍ନି ପ୍ରତିରୋଧୀ ଓ ୱାଟରପ୍ରୁଫ୍ ଏବଂ ଗୋଟିଏ ଇଟାର ମୂଲ୍ୟ ୨.୮ ଟଙ୍କା। ସେପ୍ଟେମ୍ବରରୁ ଅଧିକ ଇଟା ତିଆରି କରାଯିବ ବୋଲି ବିନିଶ କହିଛନ୍ତି। ପିପିଇ ବର୍ଜ୍ୟ (କପଡ଼ା ସିଲେଇ ହୋଇ ନ ଥିବା) 'ଇକୋ ବିନ୍'ରେ ଠୁଳ ହେବାପରେ ୭୨ ଘଣ୍ଟା ଯାଏ ତାହାକୁ ସ୍ପର୍ଶ କରାଯାଉନି। ପରେ ବର୍ଜ୍ୟକୁ ବିଶୋଧନ କରାଯାଇ ଇଟା ପ୍ରସ୍ତୁତିରେ ବ୍ୟବହାର କରାଯାଉଛି। ଏହି ଇଟାର ନାମ ରଖିଛନ୍ତି ପି–ବ୍ଲକ୍–୨ ବ୍ରିକ୍ସ। ବିନିଶ ବି–ଡ୍ରିମ୍ କମ୍ପାନୀ ଦ୍ୱାରା ଏହି ଇଟା ପ୍ରସ୍ତୁତ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଅଗଷ୍ଟ ୧୯୯୫

- ବାଂଲାଦେଶର ଉତ୍ତର ପଶ୍ଚିମାଞ୍ଚଳରେ ଚିତ୍ରା ନଦୀରେ ୧୫୦ ଜଣ ଯାତ୍ରୀଙ୍କୁ ନେଇ ଯାତ୍ରା କରୁଥିବା ଏକ ଦେଶୀ ଡଙ୍ଗା ବୁଡ଼ିଯିବା ଫଳରେ ୫୦ ଜଣଙ୍କର ମୃତ୍ୟୁ।
- ଭୁବନେଶ୍ୱରସ୍ଥିତ 'ସ୍ୱସ୍ତି' ହୋଟେଲ୍ 'ବେଷ୍ଟ ୱେଷ୍ଟର୍ଣ୍ଣ ଇଣ୍ଟରନ୍ୟାଶନାଲ' ହୋଟେଲ ରୂପରେ ଅନ୍ତର୍ଭୁକ୍ତ ହେବା ଫଳରେ ଆନ୍ତର୍ଜାତିକ ହୋଟେଲ ମାନ୍ୟତା ଲାଭ କରିଛି।

## ଚିରନ୍ତନୀ

ଦେଖତ୍ୟାଅ ରୂପ କବି,
ଦୂର ପାଟେ ବୁଡ଼େ ରବି–
ଶରତର ଆଜି ସୁନା ଆକାଶ
ଅନ୍ତରେ ଲଭୁ ତୋର ବିକାଶ।
(ଶରତ–ସନ୍ଧ୍ୟା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଧରିତ୍ରୀ ୧୬ ପୃଷ୍ଠା ହେଉ

ମହାଶୟ,

ଧରିତ୍ରୀ ଦୀର୍ଘଦିନ ହେଲା ୧୨ ପୃଷ୍ଠା ପ୍ରକାଶ ପାଉଛି। ଫଳରେ ଆମେ ବହୁ ଗୁରୁତ୍ୱପୂର୍ଣ୍ଣ ଖବର ପାଇପାରୁ ନାହୁଁ। ଅନ୍ୟ କେତେକ ଖବରକାଗଜ ୨୦ ପୃଷ୍ଠା କରୁଛନ୍ତି। ଆପଣଙ୍କୁ ଅନୁରୋଧ ଆପଣ ଧରିତ୍ରୀ ମୂଲ୍ୟ ବଢ଼ାଇ ଅତିକମ୍‌ରେ ୧୬ ପୃଷ୍ଠା ରଖିଲେ ଆମେ ଉପକୃତ ହେବୁ। ଆଶାକରୁଛୁ ଆପଣ ଆମ ପାଠକଙ୍କ ଅନୁରୋଧ ରକ୍ଷା କରିବେ।

ଶତ୍ରୁଜିତ ନନ୍ଦ, ଓଲ୍ଡଟାଉନ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### କୃଷକଙ୍କୁ ସଶକ୍ତ କରିବ ୟୋନୋ କୃଷି

**ଭୁବନେଶ୍ୱର,୧୬।୮:** ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ) ପକ୍ଷରୁ କୃଷକଙ୍କୁ ସଶକ୍ତ କରିବା ଲାଗି ନୂଆ ପଦକ୍ଷେପ ଗ୍ରହଣ କରାଯାଇଛି। ଏହି ବ୍ୟାଙ୍କ ପ୍ରଯୁକ୍ତିଭିତ୍ତିକ କୃଷି ସମାଧାନ ୟୋନୋ କୃଷି ଉନ୍ମୋଚନ କରିଛି। ରୋପଣଠାରୁ ଆରମ୍ଭ କରି ଅମଳ ଓ ବିକ୍ରି ପର୍ଯ୍ୟନ୍ତ ଚାଷୀଙ୍କ ସମସ୍ତ ଆବଶ୍ୟକତା ପୂରଣ ଲାଗି ଏହି ପ୍ଲାଟ୍‌ଫର୍ମ ପ୍ରସ୍ତୁତ କରାଯାଇଛି। ଏହା ଚାଷୀଙ୍କ ମଧ୍ୟରେ ବିଶେଷ ଭାବେ ଆଦୃତ ହେଉଥିବା ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି। କୋଭିଡ୍-୧୯ ମହାମାରୀ ଯୋଗୁ ବର୍ତ୍ତମାନର ଚ୍ୟାଲେଞ୍ଜିଂ ସମୟରେ ଚାଷୀଙ୍କ ଜୀବନକୁ ସହଜ କରିବା ଲାଗି ୟୋନୋ କୃଷିରେ କେସିସି ସମୀକ୍ଷା ବିକଳ୍ପ ପ୍ରଦାନ କରାଯାଇଛି। କେସିସି ସୀମା ସଂଶୋଧନ ଲାଗି ଆବେଦନ କରିବା ନିମନ୍ତେ ଦୂର ସ୍ଥାନରେ ଥିବା ଶାଖା ପର୍ଯ୍ୟନ୍ତ ଚାଷୀଙ୍କୁ ଏହା ଦ୍ୱାରା ଆଉ ଯାତ୍ରା କରିବାକୁ ପଡିବ ନାହିଁ। ଘରେ ସୁରକ୍ଷିତ ରହି ନିଜ ସୁବିଧାରେ ୪ଟି କ୍ଲିକ୍‌ରେ ୟୁନୋ କୃଷି ଜରିଆରେ କେସିସି ରିଭ୍ୟୁ ବିକଳ୍ପ ଲାଗି ଚାଷୀମାନେ ଆବେଦନ କରିପାରିବେ।

### ସେନ୍‌କୋର ଫ୍ରିଡମ୍ ଗହଣା ସମ୍ଭାର

**ଭୁବନେଶ୍ୱର,୧୬।୮:** ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡ ପକ୍ଷରୁ ନୂଆ ଫ୍ରିଡମ୍ ଗହଣା ସମ୍ଭାର ବଜାରକୁ ଆସିଛି। କମ୍ପାନୀ ପକ୍ଷରୁ ୨ ନୂଆ ସ୍ୱତନ୍ତ୍ର କଲେକ୍ସନକୁ ସ୍ୱାଧୀନତା ଦିବସ ଅବସରରେ ଆରମ୍ଭ କରାଯାଇଛି। ଏହା ମଧ୍ୟରେ ଫ୍ରିଡମ୍ କଲେକ୍ସନ ଏବଂ ଲିମିଟେଡ୍ ଏଡିଶନ ଝୁମ୍‌କା କଲେକ୍ସନ ରହିଛି। ସ୍ୱତନ୍ତ୍ର ଡାଇମଣ୍ଡ ପେଣ୍ଡାଣ୍ଟ ଏବଂ ଇୟର ଷ୍ଟଡ୍‌ଗୁଡିକ ୧୦,୯୯୯ ଟଙ୍କାରୁ ଆରମ୍ଭ ହେଉଛି। ସୁନାଗହଣା ଏବଂ ହୀରା ଗହଣା ଗଢ଼ା ମୂଲ୍ୟ ଉପରେ ଗ୍ରାହକ ଆକର୍ଷଣୀୟ ରିହାତି ଲାଭ କରିପାରିବେ। ସ୍ୱାଧୀନତା ଦିବସ ଅବସରରେ ଗ୍ରାହକଙ୍କ ସୁବିଧା ଲାଗି ଏଭଳି ଏକ ଆକର୍ଷଣୀୟ ଅଫର ଆଣିଥିବା ସେନ୍‌କୋ ଗୋଲ୍ଡ ଆଣ୍ଡ ଡାଇମଣ୍ଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶୁଭଙ୍କର ସେନ୍ ସୂଚନା ଦେଇଛନ୍ତି।

# ଏୟାର ଇଣ୍ଡିଆ ଅଧିଗ୍ରହଣ ଦୌଡ଼ରେ ଟାଟା

**ନୂଆଦିଲ୍ଲୀ,୧୬।୮**



ରାଷ୍ଟ୍ରାୟତ୍ତ ବିମାନ କମ୍ପାନୀ ଏୟାର ଇଣ୍ଡିଆର ଅଧିଗ୍ରହଣ ଦୌଡରେ ଦେଶର ପ୍ରମୁଖ ବାଣିଜ୍ୟିକ ଗ୍ରୁପ ଟାଟା ସାମିଲ ହୋଇଛି। କ୍ଷତିରେ ଚାଲୁଥିବା ଏହି ବିମାନ କମ୍ପାନୀକୁ ଘରୋଇକରଣ କରିବା ଦିଗରେ କେନ୍ଦ୍ର ସରକାର ବର୍ତ୍ତମାନ ପ୍ରକ୍ରିୟା ଜାରି କରିଛନ୍ତି। ଏହି ପ୍ରକ୍ରିୟା ଅଧୀନରେ ଟାଟା ଗ୍ରୁପ ସାମିଲ ହେଉଥିବା ଜଣାପଡିଛି। ଏହି ନିଲାମ ପ୍ରକ୍ରିୟାରେ ଟାଟା ଗ୍ରୁପ ଆନୁଷ୍ଠାନିକ ଭାବେ ବିଡ୍ ଦାଖଲ କରିବା ନେଇ ଖବର ପ୍ରକାଶ ପାଇଛି। ଏୟାର ଇଣ୍ଡିଆର ପରିଚାଳନା ନିଜ ହାତକୁ ନେବା ଲାଗି ଟାଟା ଗତ କିଛି ମାସ ବିଚାର କରୁଛି। ଟାଟା ଗ୍ରୁପ ଅଫ୍ କମ୍ପାନିଜ୍‌ରେ ଟାଟା ସନ୍ସ ଏକ ପ୍ରମୁଖ ନିବେଶକ ଭାବେ ପରିଗଣିତ ହୋଇଥାଏ। ଏହି ଗ୍ରୁପ ବର୍ତ୍ତମାନ ସୁଦ୍ଧା ଏୟାରଲାଇନ୍ସ ବ୍ୟବସାୟରେ ପ୍ରବେଶ କରିଛି। ଭିସ୍ତାରେ ନାମକ କମ୍ପାନୀ ଦ୍ୱାରା ବିମାନ ସେବା ଯୋଗାଇ ଦେଉଛି। ଏୟାର ଇଣ୍ଡିଆକୁ ଅଧିଗ୍ରହଣ କରିବା ଲାଗି ଟାଟାର ଏହି ପ୍ରୟାସ ଗତ ଗୋଟିଏ ମାସ ହେବ ଜାରି ରହିଛି। ହେଲେ ଏହାର ସହଯୋଗୀ ସିଙ୍ଗାପୁର ଏୟାରଲାଇନ୍ସ କରୋନା ଯୋଗୁ ଡିଲ୍‌କୁ ନେଇ ଆଶଙ୍କା ପ୍ରକଟ କରିଥିବା ଦେଖାଯାଇଥିଲା।

ରିପୋର୍ଟ ମୁତାବକ ଟାଟା ଗ୍ରୁପ ଏହି ବିଡ୍‌କୁ ଚଳିତ ମାସ ଶେଷ ସୁଦ୍ଧା ସମ୍ପୂର୍ଣ୍ଣ କରିବାକୁ ଯୋଜନା ରଖିଛି। ବାଣିଜ୍ୟର ସଂରଚନା ଏବଂ ଅଧିଗ୍ରହଣ ନେଇ କେତେ ପୁଞ୍ଜି ନିବେଶ ହେବ ସେ ନେଇ ବର୍ତ୍ତମାନ ସୁଦ୍ଧା କୌଣସି ସ୍ପଷ୍ଟ ସୂଚନା ମିଳିପାରିନାହିଁ। ଏହା ମଧ୍ୟ ଶୁଣାଯାଉଛି ଯେ, ଏୟାର ଏସିଆରେ ଥିବା ଏହାର ଅଂଶଧନକୁ ଏୟାର ଇଣ୍ଡିଆରେ ମିଶାଇ ଏହାକୁ ଏକକ କମ୍ପାନୀ ଭାବେ ରୂପାନ୍ତରିତ କରିବାକୁ ଟାଟା ଗ୍ରୁପ ଯୋଜନା କରୁଛି। ମାତ୍ର ଏହା ଉପରେ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିପାରିନାହିଁ। ଏୟାର ଇଣ୍ଡିଆ ବିଡିଂ ଲାଗି ଶେଷ ତାରିଖ ଚଳିତ ମାସ ୩୧ ତାରିଖ ରହିଛି। ଏହି ସୀମାକୁ ସରକାର ବଢାଇ ପାରନ୍ତି। କରୋନା ପାଇଁ ଜୁନ୍‌ରେ ସରକାର ବିଡିଂ ସୀମାକୁ ବଢାଇଥିଲେ। ଏହାବାଦ ଏୟାର ଇଣ୍ଡିଆ ମଧ୍ୟ କରୋନା ପ୍ରଭାବରେ କ୍ଷତି ସହୁଛି।

କେନ୍ଦ୍ର ସରକାରଙ୍କ ପୁଞ୍ଜି ପ୍ରତ୍ୟାହାର କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ବିମାନ କମ୍ପାନୀର ଘରୋଇକରଣ ଲାଗି ପ୍ରକ୍ରିୟା ଜାରି ରହିଛି।

## ଓଏଲ୍‌ଏମ୍‌ର ସହଭାଗୀ ଜୀବିକା ବିକାଶ



**ଭୁବନେଶ୍ୱର,୧୬।୮**

ଗ୍ରାମୀଣ ଅର୍ଥ ବ୍ୟବସ୍ଥାକୁ ସୁଦୃଢ କରିବା ଲାଗି ଓଡିଶା ଜୀବିକା ମିଶନ(ଓଏଲ୍‌ଏମ୍) ଏବଂ ଜାତୀୟ ତଥା ଅନ୍ତର୍ଜାତୀୟ ବୈଷୟିକ ସହାୟତା ସଂସ୍ଥାଙ୍କ ମଧ୍ୟରେ ଅଣଆର୍ଥିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। ଭର୍ଚୁଆଲ ଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନାଙ୍କ ତତ୍ତ୍ୱାବଧାନରେ ଏହି ଚୁକ୍ତି ହୋଇଥିଲା। ଏହି ପ୍ରକଳ୍ପକୁ ସହଭାଗୀ ଜିବିକା ବିକାଶ ନାମରେ ନାମିତ କରାଯାଇଛି। ରାଜ୍ୟର ୫ ଲକ୍ଷରୁ ଊର୍ଦ୍ଧ୍ୱ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ଏବଂ ଚାଷୀମାନେ ଏହା ଦ୍ୱାରା ଲାଭବାନ ହୋଇ ପାରିବେ ବୋଲି ଓଏଲ୍‌ଏମ୍ ପକ୍ଷରୁ ସୂଚନା ରହିଛି। କ୍ଷୁଦ୍ର ଏବଂ ନାମମାତ୍ର ଚାଷୀ, ଉତ୍ପାଦକ ଗୋଷ୍ଠୀ,ଉତ୍ପାଦକ କମ୍ପାନୀ, କୃଷକ ଉତ୍ପାଦକ ସଙ୍ଗଠନଗୁଡିକର ଦକ୍ଷତା ବିକାଶ, ଉତ୍ପାଦର ବିକାଶ ଏବଂ ମାନ ବୃଦ୍ଧି, ବଜାର ସଂଯୋଗୀକରଣ ଦିଗରେ ନୂଆ ଚୁକ୍ତି ସହାୟକ ହୋଇ ପାରିବ। କାର୍ଯ୍ୟକ୍ରମରେ ବିଭାଗର ପ୍ରମୁଖ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂ, ଓଏଲ୍‌ଏମ୍‌ର ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ ପ୍ରମୁଖ ଉପସ୍ଥିତ ଥିଲେ।

## କର୍ପୋରେଟ୍ ପକ୍ଷରୁ ସ୍ୱାଧୀନତା ଦିବସ

### ନାଲ୍‌କୋ ମୁଖ୍ୟ କାର୍ଯ୍ୟାଳୟ

**ଭୁବନେଶ୍ୱର,୧୬।୮**




ନବରତ୍ନ କମ୍ପାନୀ ନାଲ୍‌କୋ ତା'ର ଭୁବନେଶ୍ୱର ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ସହ ଦେଶର ବିଭିନ୍ନ ସ୍ଥାନରେ ରହିଥିବା କମ୍ପାନୀର ଆଞ୍ଚଳିକ କାର୍ଯ୍ୟାଳୟ ଗୁଡିକ ପକ୍ଷରୁ ୭୪ ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଶ୍ରୀଧର ପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ନିର୍ଦ୍ଦେଶକ ଓ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ଥିଲେ। କରୋନା କଟକଣା ଓ ସରକାରଙ୍କ ପକ୍ଷରୁ ଜାରି ଗାଇଡଲାଇନ ଅନୁସାରେ ଏହି ଦିବସକୁ ନାଲ୍‌କୋ ପକ୍ଷରୁ ଡିଜିଟାଲ ପ୍ଲାଟଫର୍ମ ଜରିଆରେ କମ୍ପାନୀର ସମୂହ କର୍ମଚାରୀଙ୍କୁ ଯୋଡା ଯାଇଥିଲା। ସେହିଭଳି କମ୍ପାନୀର ଅନୁଗୁଳ ଓ ଦାମନଯୋଡି ସ୍ଥିତ କାରଖାନ ପରିସରରେ ମଧ୍ୟ ସ୍ୱାଧୀନତା ଦିବସ ପାଳନ କରାଯାଇଛି।

### ଓଡ଼ିଶା ଜଳବିଦ୍ୟୁତ ନିଗମ

**ଭୁବନେଶ୍ୱର,୧୬।୮:** ଓଡ଼ିଶା ଜଳ ବିଦ୍ୟୁତ ନିଗମ (ଓଏଚ୍‌ପିସି) ପକ୍ଷରୁ ୭୪ ତମ ସ୍ୱାଧୀନତା ଦିବସ ଏହାର କର୍ପୋରେଟ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ଅବସରରେ ବିତ୍ତ ନିର୍ଦ୍ଦେଶକ ପ୍ରଭାକର ମହାନ୍ତି, ମାନବ ସମ୍ବଳ ନିର୍ଦ୍ଦେଶକ ଡ. ପ୍ରବୋଧ କୁମାର ମହାନ୍ତି, ଅପରେଶନ ଡାଇରେକ୍ଟର ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ପତାକା ଉତ୍ତୋଳନ କରିଥିଲେ। ଓଏଚ୍‌ପିସିର ଏହାର ସବୁ ୟୁନିଟରେ ଏହି ଦିବସଟିକୁ ପାଳନ କରାଯାଇଥିଲା।

### କରୋନା ଯୋଦ୍ଧାଙ୍କୁ ସମ୍ମାନ

**ଭୁବନେଶ୍ୱର,୧୬।୮:** ସିପେଟ୍, ସିଏସ୍‌ଟିଏସ୍ ମଞ୍ଚେଶ୍ୱର ପକ୍ଷରୁ ୭୪ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂସ୍ଥାନର ଉପନିର୍ଦ୍ଦେଶକ ତଥା ପ୍ରମୁଖ ସୁଶ୍ରୀ ନିହାରିକା ପରିଡା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଆତ୍ମନିର୍ଭରର ଭାରତ, ସ୍ୱାଧୀନତା ଦିବସର ଆଭିମୁଖ୍ୟ ଓ ଇତିହାସ ଉପରେ ସେ ଅଭିଭାଷଣ ରଖିଥିଲେ। କାର୍ଯ୍ୟକ୍ରମରେ କରୋନା ଯୋଦ୍ଧା ସମ୍ ହସ୍ପିଟାଲର ଡ.ରାଖୀ ଲୁଦମ, ଏନ୍‌ଡିଆର୍‌ଏଫ୍ ୟୁନିଟ (କଟକ)ର ସବ-ଇନ୍‌ସିପେକ୍ଟର ମନୋଜ କୁମାର ମାଝି, ବିଏମ୍‌ସି ୱାର୍ଡ ନଂ-୫ ର ଆଶାକର୍ମୀ ପ୍ରତିମା ସେଠୀଙ୍କୁ ସିପେଟ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା।

### ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ଭୁବନେଶ୍ୱର,୧୬।୮**

ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା ପରିସରରେ ୭୪ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ସଂସ୍ଥାର ଅଧ୍ୟକ୍ଷ ପ୍ରିୟଦର୍ଶୀ ମିଶ୍ର ଏହି ଅବସରରେ ପତାକା ଉତ୍ତୋଳନ କରିଥିଲେ। ସେ ରାଜ୍ୟ ସରକାରଙ୍କ ଦ୍ୱାରା ନିକଟରେ ଗ୍ରହଣ କରାଯାଇଥିବା ଗୃହ ନିର୍ମାଣ ନିୟମାବଳୀର ସରଳୀକରଣ କାର୍ଯ୍ୟକୁ ସ୍ୱାଗତ କରିଥିଲେ। ଏହି ନିୟମାବଳୀର ସଦୁପଯୋଗ କରି ଅଧିକ ପ୍ରକଳ୍ପ ନିର୍ମାଣ କରିବାକୁ ସେ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ। ସାମାଜିକ କଟକଣା ସହ ଏହି ଦିବସଟିକୁ ପାଳନ କରାଯାଇଥିବା ବେଳେ କୋଭିଡ ଯୁଦ୍ଧରେ ଅନୁଷ୍ଠାନର ଯୋଗଦାନକୁ ଏହି ଅବସରରେ ଅଧ୍ୟକ୍ଷ ମିଶ୍ର ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମରେ ସଚିବ ଗଙ୍ଗାଧର ପାତ୍ର, ପ୍ରଶାସନିକ ଅଧିକାରୀ ଆରାଧନା ଦାସ, ବରିଷ୍ଠ ଲୋକସମ୍ପର୍କ ଅଧିକାରୀ ବସନ୍ତ ସାହାଣୀ ପ୍ରମୁଖ ଉପସ୍ଥିତ ଥିଲେ।



## ରାଜ୍ୟ ଖବର

### କୋଭିଡ୍ ସ୍ଥିତି ସମୀକ୍ଷା କଲେ ଜିଲାପାଳ

**ବୋଲଗଡ଼,୧୬।୮(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲାପାଳ ସନତ୍ କୁମାର ମହାନ୍ତି ବୋଲଗଡ଼ ବ୍ଲକ ଅଞ୍ଚଳର କୋଭିଡ୍ ସ୍ଥିତିର ସମୀକ୍ଷା କରିଛନ୍ତି। ବ୍ଲକ କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ବୈଠକରେ ଜିଲାପାଳ କୋଭିଡ୍ ନିୟମକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ଅଧିକାରୀମାନଙ୍କୁ କହିଥିଲେ। ଏହି ବ୍ଲକରେ ୨୬୩୯ଜଣଙ୍କ ସ୍ୱାବ୍ ଟେଷ୍ଟ କରାଯାଇଥିବା ବେଳେ ୨୯୭ ଚିହ୍ନଟ ହୋଇଛନ୍ତି। ୧୨୬ଜଣ ଚିକିତ୍ସିତ ହେଉଛନ୍ତି। ସଂକ୍ରମଣକୁ ରୋକିବା ପାଇଁ ବ୍ଲକର ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ରାପିଡ ଆଣ୍ଟିଜେନ ଟେଷ୍ଟ କରାଯାଉଛି। ଦିନକୁ ଦୁଇଟି ପଞ୍ଚାୟତରେ ଏହି ପରୀକ୍ଷା କରାଯାଉଥିବା ବେଳେ ରବିବାର ଦଲେଇସାହି ପଞ୍ଚାୟତରେ ୧୨୯ଜଣ ଏବଂ ଧଳାପଥର ପଞ୍ଚାୟତରେ ୬୩ଜଣଙ୍କ ନମୁନା ପରୀକ୍ଷା ପାଇଁ ପଠାଯାଇଛି। ପୂର୍ବରୁ ଫାସିଓଦା ପଞ୍ଚାୟତରୁ ୪୪ଜଣ, ସାନପଦର ପଞ୍ଚାୟତରୁ ୨୯ଜଣ. ଖଙ୍ଗୁରିଆ ପଞ୍ଚାୟତରୁ ୬୧ଜଣ. କଡବ ପଞ୍ଚାୟତରୁ ୩୭ଜଣ, ଡାବରଧୁଆ ପଞ୍ଚାୟତରୁ ୫୬ଜଣ ଓ ଗେଡିଆପଲ୍ଲୀ ପଞ୍ଚାୟତରୁ ୭୮ଜଣଙ୍କ ନମୁନା ସଂଗ୍ରହ ହୋଇ ପରୀକ୍ଷା ପାଇଁ ଯାଇଥିବା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଅରୁଣ କୁମାର ମହାପାତ୍ର କହିଥିଲେ। ଏହି ବୈଠକରେ ଖୋର୍ଦ୍ଧା ଉପଜିଲାପାଳ ଅଶୋକ କୁମାର ବେଉରିଆ, ବୋଲଗଡ ତହସିଲଦାର ମୋନାଲିସା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ସମ୍ବଲପୁରରେ ପ୍ଲାଜ୍‌ମା ଥେରାପି ଚିକିତ୍ସା ଆରମ୍ଭ

**ସମ୍ବଲପୁର,୧୬।୮ (ବ୍ୟୁରୋ):** ସମ୍ବଲପୁର ଜିଲାରେ ପ୍ଲାଜମା ଥେରାପି ଚିକିତ୍ସା ଆରମ୍ଭ ହୋଇଛି । ଜିଲା କୋଭିଡ୍-୧୯ ମେଡିକାଲରେ ୫ ଜଣଙ୍କୁ ପ୍ଲାଜ୍‌ମା ପ୍ରଦାନ କରାଯାଇଛି । ସେମାନଙ୍କ ମଧ୍ୟରେ ୩ ଜଣ ପୁରୁଷ ଓ ୨ ମହିଳା ଅଛନ୍ତି । ସ୍ୱାସ୍ଥ୍ୟବସ୍ଥା ଦେଖି ଅନ୍ୟରୋଗୀ ମାନଙ୍କୁ ମଧ୍ୟ ପ୍ଲାଜମା ଥେରାପିରେ ଚିକିତ୍ସା କରାଯିବ ବୋଲି ବିଭାଗୀୟ ଅଧିକାରୀମାନେ କହିଛନ୍ତି । ଏ ପର୍ଯ୍ୟନ୍ତ ୧୭ ୟୁନିଟ୍ ପ୍ଲାଜମା ସଂଗ୍ରହ ହୋଇଛି । ସେଥି ମଧ୍ୟରୁ ବରଗଡ ଜିଲାକୁ ୨ ଓ ସମ୍ବଲପୁର ଜିଲାକୁ ୯ ୟୁନିଟ୍ ପ୍ରଦାନ କରାଯାଇଛି ବୋଲି ବୁର୍ଲା ଭିମ୍‌ସାର ନିର୍ଦ୍ଦେଶକ ଡାକ୍ତର ଲଳିତ ମେହେର କହିଛନ୍ତି ।

# ଜେଲଗଲେ ସରପଞ୍ଚ, ସ୍ୱାମୀ

**ଲୋଇସିଂହା,୧୬।୮(ଡି.ଏନ.ଏ.)**

ବଲାଙ୍ଗୀରର ଜିଲା ଲୋଇସିଂହା ଥାନା ଅନ୍ତର୍ଗତ ସାଲେଭଟା ଗ୍ରାମର ୫ ଆଦିବାସୀ ଓ ଦଳିତ ସମ୍ପ୍ରଦାୟ ଲୋକଙ୍କ ନିର୍ମାଣାଧୀନ ପ୍ରଧାନମନ୍ତ୍ରୀ ଆବାସ ଘରକୁ ଜେସିବି ଲଗାଇ ଭାଙ୍ଗି ଦେବା ସ୍ଥାନୀୟ ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କୁ ମହଙ୍ଗା ପଡିଛି। ଲୋଇସିଂହା ପୋଲିସ ଏହି ଘଟଣା ପରେ ଫେରାର ଥିବା ସରପଞ୍ଚ ହେମକାନ୍ତି ମୁଣ୍ଡା ଓ ତାଙ୍କ ସ୍ୱାମୀ ମୋହନ ମୁଣ୍ଡାଙ୍କୁ ସୁବର୍ଣ୍ଣପୁର ଜିଲା ଲୁଡୁରପଙ୍କ ଗ୍ରାମରୁ ଗିରଫ କରିଛି। କରୋନା ପରୀକ୍ଷଣ ପରେ ଉଭୟଙ୍କୁ ରବିବାର ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ପରେ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଡିଏସ୍‌ପି ସୁମନ ରଞ୍ଜିତା ସିଂ କହିଛନ୍ତି।

ପୋଲିସ ସୂଚନାମତେ, ସାଲେଭଟା ଗ୍ରାମର ୧୧ ଭୂମିହୀନ ଆଦିବାସୀ ଦଳିତ ଅନୁଯାୟୀ ପରିବାରକୁ ପଞ୍ଚାୟତ ସମିତି ପକ୍ଷରୁ ୨୦୧୯-୨୦ ଆର୍ଥିକ ବର୍ଷରେ ପ୍ରଧାନମନ୍ତ୍ରୀ ଆବସ କାର୍ଯ୍ୟାଦେଶ ଦିଆଯାଇଥିଲା । ସାଲେଭଟା ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜିଆରଏସ୍ ଓ ସ୍ଥାନୀୟ ଆରଆଇ ଗାଇଖାଇ ନିକଟସ୍ଥ



ଗିରଫ ସରପଞ୍ଚ ହେମକାନ୍ତି ମୁଣ୍ଡା (ଡାହାଣ) ଓ ତାଙ୍କ ସ୍ୱାମୀ ମୋହନ ମୁଣ୍ଡା।

**ଜେସିବି ଲଗାଇ ଆବାସ ଘର ଭାଙ୍ଗିବା ମହଙ୍ଗା ପଡିଲା**

ଗିରିଗୋବର୍ଦ୍ଧନ ପୂଜାସ୍ଥଳ ନିକଟରେ ଜମି ଚିହ୍ନ କରିବା ପରେ ସେମାନେ ଗୃହ ନିର୍ମାଣ କରୁଥିଲେ । ତେବେ ୧୧ ତାରିଖ ପୂର୍ବାହ୍ନରେ କୋର୍ଟ କିମ୍ବା ଜିଲା ପ୍ରଶାସନର ବିନା ନିର୍ଦ୍ଦେଶନାମାରେ ଜିଲାପାଳ କ୍ଷମତା ଦେଖାଇ ସ୍ଥାନୀୟ ସରପଞ୍ଚ ଓ ତାଙ୍କର କେତେକ ସହଯୋଗୀ ଏକ ଜେସିବି (ଓଡି୦୩ ଏମ ୩୧୪୪) ନେଇ ନିର୍ମାଣାଧୀନ ଘରକୁ ଭାଙ୍ଗି ମାଟିରେ ମିଶାଇ ଦେଇଥିଲେ । ଏହି ଘଟଣା ପରେ କ୍ଷତିଗ୍ରସ୍ତ ହିତାଧିକାରୀ ତୀର୍ଥ ଦୀପ ଘଟଣା ସଂକ୍ରାନ୍ତରେ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତିକରି ସରପଞ୍ଚଙ୍କ ସମେତ ୧୦ ଜଣଙ୍କ ନାମରେ ଦଫା ୨୯୪, ୩୨୩, ୩୫୪, ୪୨୭, ୫୦୬, ୩୪ ଆଇପିସି ୩(୧)(ଆର)(ଏସ୍)/୩(୨)(ଭିଏ) ଏସ୍‌ଟି/ଏସ୍‌ସି ଆକ୍ଟରେ ଏକ ମାମଲା (ନଂ.୨୩୮/୨୦)ରୁଜୁ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ସରପଞ୍ଚ ଓ ତାଙ୍କ ସ୍ୱାମୀ ଗିରଫ ହୋଇ ଜେଲ ଯାଇଥିବାବେଳେ ଏବେ ବି ଅନ୍ୟ ୮ ଅଭିଯୁକ୍ତ ଫେରାର ଅଛନ୍ତି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚାଲିଥିବା ଡିଏସ୍‌ପି ସିଂ କହିଛନ୍ତି।

## ଓଡ଼ିଶା ମୋ ପରିବାରର ରକ୍ତଦାନ କାର୍ଯ୍ୟକ୍ରମ ଶେଷ

**ଭୁବନେଶ୍ୱର,୧୬।୮(ବ୍ୟୁରୋ):** ଓଡ଼ିଶା ମୋ ପରିବାର ଜୀବନ ବିନ୍ଦୁ ପକ୍ଷରୁ ରାଜ୍ୟରେ ଚାଲିଥିବା ସପ୍ତାହବ୍ୟାପୀ ରକ୍ତଦାନ କାର୍ଯ୍ୟକ୍ରମ ଦ୍ୱାରା ମୋଟ ୧୪,୮୩୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଅଗଷ୍ଟ କ୍ରାନ୍ତିଦିବସରୁ ସ୍ୱାଧୀନତା ଦିବସ ପର୍ଯ୍ୟନ୍ତ ରାଜ୍ୟର ସବୁ ଜିଲା, ସଦର ମହକୁମା ଏବଂ ଅନ୍ୟାନ୍ୟ ସ୍ଥାନରେ ଏହା ଅନୁଷ୍ଠିତ ହୋଇଥିଲା। କୋଭିଡ୍ ଯୋଗୁ ରାଜ୍ୟରେ ଯେଉଁ ରକ୍ତ ସଙ୍କଟ ଦେଖାଦେଇଥିଲା ତା'ର ଭରଣା ପାଇଁ ଏହି ଅଭିଯାନ ଅଭିପ୍ରେତ ଥିଲା ବୋଲି ଓଡ଼ିଶା ମୋ ପରିବାର ପକ୍ଷରୁ କୁହାଯାଇଛି। କୋଭିଡ୍ ସମୟରେ ରକ୍ତ ଅଭାବର ଦୂର ଲାଗି ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ କଟକରେ ସର୍ବାଧିକ ୧୧୬୬ ୟୁନିଟ୍, କଳାହାଣ୍ଡି ୧୦୮୨, ବଲାଙ୍ଗୀର ୧୦୫୨, ମୟୂରଭଞ୍ଜରେ ୯୮୭ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି।

## ବିଜେଡି, ଭାଜପା, କଂଗ୍ରେସ ପାଳିଲା ସ୍ୱାଧୀନତା ଦିବସ

**ଭୁବନେଶ୍ୱର,୧୬।୮(ବ୍ୟୁରୋ)**

ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସର ରାଜ୍ୟ କାର୍ଯ୍ୟାଳୟଠାରେ ୭୪ତମ ସ୍ୱାଧିନତା ଦିବସ ଅନୁଷ୍ଠିତ ହୋଇଯାଇଛି। ବିଜେଡି କାର୍ଯ୍ୟାଳୟ ପରିସରରେ ଦଳର ବହୁ ବରିଷ୍ଠ ନେତାଙ୍କ ଉପସ୍ଥିତିରେ ଉପସଭାପତି ଦେବୀ ପ୍ରସାଦ ମିଶ୍ର ପତାକା ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ଦଳୀୟ ନେତା ଉପସ୍ଥିତ ରହିଥିଲେ। ସେହିପରି ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ସମୀର ମହାନ୍ତି ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କୁ ମନେପକାଇଛନ୍ତି । କରୋନା ସଙ୍କଟ ସମୟରେ ରାଜ୍ୟବାସୀ ନିଜର ଧୈର୍ଯ୍ୟ ପ୍ରଦର୍ଶନ କରିଥିବାରୁ ରାଜ୍ୟବାସୀଙ୍କୁ ସମୀର ସାଧୁବାଦ ଦେବା ସହ ସ୍ୱାଧୀନତା ଦିବସର ଅଭିନନ୍ଦନ ଜଣାଇଛନ୍ତି । ନୂଆ ଭାରତ ଏବଂ ଓଡିଶା ନିର୍ମାଣରେ ବିଶେଷକରି ଯୁବପିଢୀଙ୍କ ଯୋଗଦାନ ଅତ୍ୟନ୍ତ ଆବଶ୍ୟକ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନ ଦେଶର ସମସ୍ତ ଯୁବଶକ୍ତି ଏକତ୍ରୀତ ହୋଇ ରାଷ୍ଟ୍ର ନିର୍ମାଣ ସହ ନୂତନ ଓଡିଶା ଗଠନ ଦିଗରେ କାର୍ଯ୍ୟ କରିବାକୁ ସଂକଳ୍ପ ନିଅନ୍ତୁ ବୋଲି ସମୀର କହିଛନ୍ତି। ସେହିପରି ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ସ୍ୱାଧୀନତା ଦିବସକୁ ନିରାଡ଼ମ୍ବରଭାବେ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଜାତୀୟ ପତାକା ଉତ୍ତୋଳନ କରିବା ସହ ସ୍ୱାଧୀନତା ଦିବସର ଶୁଭେଚ୍ଛା ଜଣାଇ ଉଦବୋଧନ ଦେଇଛନ୍ତି। ଏଠାରେ ଉପସ୍ଥିତ କଂଗ୍ରେସ ନେତୃବର୍ଗ ଓ କର୍ମୀଙ୍କୁ ଉଦବୋଧନ ଦେଇ ନିରଞ୍ଜନ କହିଛନ୍ତି ଯେ, ସ୍ୱାଧୀନତା ସଂଗ୍ରାମୀମାନେ ସେମାନଙ୍କ ପ୍ରାଣବଳି ଦେଇ ଦେଶ ପାଇଁ ସ୍ୱାଧୀନତା ଆଣିଥିଲେ। ମାତ୍ର ସେମାନେ ଦେଖିଥିବା ସ୍ୱପ୍ନକୁ ବର୍ତ୍ତମାନ ସମ୍ପୂର୍ଣ୍ଣ ସାକାର ହୋଇପାରି ନାହିଁ। ତେଣୁ ଏ ଦେଶରେ ସମସ୍ତ କଂଗ୍ରେସକର୍ମୀ ଏବଂ ଯୁବସମାଜ ଆଗେଇ ଆସନ୍ତୁ। ଦେଶକୁ ଆଗେଇ ନେବା ଲାଗି ଶପଥ ନେବାକୁ ଆହ୍ୱାନ ଦେଇଛନ୍ତି।

## ମନ୍ଦିର ପରିସରରେ ମହିଳାଙ୍କୁ ହତ୍ୟା

**ଆସିକା,୧୬।୮(ଡି.ଏନ୍.ଏ.)**

ଗଞ୍ଜାମ ଜିଲା ଆସିକା ଥାନା କୋଟିନଡା ଫାଣ୍ଡି ଅନ୍ତର୍ଗତ ଭେଙ୍କଟରାଇପଲ୍ଲୀ ଗ୍ରାମରେ ରବିବାର ଏକ ହତ୍ୟାକାଣ୍ଡ ଘଟିଛି। ସଂକ୍ରାନ୍ତିରେ ଠାକୁର ଦର୍ଶନ କରି ଫେରୁଥିବା ଜଣେ ମହିଳାଙ୍କୁ ପୂର୍ବ ଶତ୍ରୁତାକୁ ନେଇ ତାଙ୍କ ଦେଢ଼ଶୁର ଲୁହାଛଡ଼ରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ ମହିଳା ହେଲେ ହରିଡ଼ାପଦର ଗ୍ରାମର ରଞ୍ଜିତା ନାହାକ । ସିଂହଦ୍ୱାର ବାହାରେ ମନ୍ଦିର ପରିସରରୁ ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

ରଞ୍ଜିତାଙ୍କ ଦେଢ଼ଶୁର ଦୀର୍ଘଦିନ ହେଲା ଭେଙ୍କଟରାଇପଲ୍ଲୀ ଶିବ ମନ୍ଦିର ପରିସରରେ ରହି ଆସୁଛନ୍ତି। ରଞ୍ଜିତା ଓ ତାଙ୍କ ଦେଢ଼ଶୁରଙ୍କ ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଛି। ରବିବାର ସକାଳେ ରଞ୍ଜିତା ଠାକୁର ଦର୍ଶନ କରି ଫେରିବା ବେଳେ ପୂର୍ବ ଶତ୍ରୁତାରୁ ବଡ଼ଭାଇ ଲୁହାରଡ଼୍‌ରେ ରଞ୍ଜିତାଙ୍କ ମୁଣ୍ଡକୁ ପିଟି ହତ୍ୟା କରିଛନ୍ତି ବୋଲି ସ୍ୱାମୀ ସୁଦାମ ନାହାକ ଆସିକା ଥାନାରେ ଅଭିଯୋଗ କରିଛନ୍ତି । ଆସିକା ଏସ୍‌ଡିପିଓ ସୂର୍ଯ୍ୟମଣି ପ୍ରଧାନ, ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଥିଲେ। ପାରିବାରିକ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଥାନାଧିକାରୀ ସାହୁ କହିଛନ୍ତି। ଏ ନେଇ ନଂ. ୪୧୩/୨୦ରେ ମାମଲା ରୁଜୁ କରି ତଦନ୍ତ ଚାଲିଛି । ଅଭିଯୁକ୍ତ ଫେରାର୍ ଥିବା ଜଣାପଡ଼ିଛି।

## ମାର୍ମୋସେଟ୍ ଶାବକ ଜନ୍ମ, କୁଲୁ ଅସୁସ୍ଥ

**ବାରଙ୍ଗ,୧୬।୮(ଡି.ଏନ୍.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନର ୫୪ନଂ. ଏନ୍‌କ୍ଲୋଜରରେ ରହୁଥିବା ଏକ ମାଈ ମାର୍ମୋସେଟ୍ ଶନିବାର ରାତିରେ ଗୋଟିଏ ଶାବକ ଜନ୍ମ ଦେଇଛି। ଉଭୟ ମା'ଛୁଆ ସୁସ୍ଥ ଥିବା ଜଣାପଡିଛି। ଏହି ନବଜାତକକୁ ମିଶାଇ ଏମାନଙ୍କ ସଂଖ୍ୟା ୫ରେ ପହଞ୍ଚିଛି। ତନ୍ମଧ୍ୟରୁ ଗୋଟିଏ ଅଣ୍ଡିରା, ଦୁଇଟି ମାଈ ଓ ଦୁଇଟିର ଲିଙ୍ଗ ନିରୁପଣ ହୋଇପାରିନାହିଁ। ଅନ୍ୟପଟେ ୧୬ନଂ. ଏନ୍‌କ୍ଲୋଜରରେ ରହୁଥିବା ହିମାଳୟ ଭାଲୁ କୁଲୁ ଅସୁସ୍ଥ ହୋଇଥିବା ଜଣାପଡ଼ିଛି। ଏକ ସ୍ଥାନରେ ବସିରହିବା ସହ ଖାଇବା କମାଇ ଦେଇଛି । ରବିବାର ନନ୍ଦନକାନନ ଡାକ୍ତରମାନେ କୁଲୁର ଚିକିତ୍ସା ଆରମ୍ଭ କରିଛନ୍ତି।

## ବାଜପେୟୀଙ୍କ ପୁଣ୍ୟତିଥିରେ ଭାଜପାର ଶ୍ରଦ୍ଧାଞ୍ଜଳି




**ଭୁବନେଶ୍ୱର,୧୬।୮(ବ୍ୟୁରୋ):**

ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱିତୀୟ ପୁଣ୍ୟତିଥିରେ ରାଜ୍ୟ ଭାଜପା ନେତୃବୃନ୍ଦ ଓ କାର୍ଯ୍ୟକର୍ତ୍ତାଙ୍କ ସମେତ ରାଜ୍ୟବାସୀ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ରାଜ୍ୟ ମୁଖପାତ୍ର ସୁଦୀପ୍ତ ରାୟଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ରାଜ୍ୟ ନେତୃବୃନ୍ଦ ଅଟଳଜୀଙ୍କ ଫଟୋରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରଛନ୍ତି। ଏହି ଅବସରରେ ରାଜ୍ୟସଭା ଏମ୍‌ପି ଅଶ୍ୱିନୀ ବୈଷ୍ଣବ ଶ୍ରଦ୍ଧାଞ୍ଜଳି ଦେବାସହ ତାଙ୍କର ସ୍ମୃତିଚାରଣ କରିଛନ୍ତି। ଓଡିଶାର ବିକାଶ କ୍ଷେତ୍ରରେ ବାଜପେୟୀଙ୍କ ଅବଦାନ ଅତୁଳନୀୟ। ୧୯୯୯ ମହାବାତ୍ୟା ପରେ ରାଜ୍ୟବାସୀଙ୍କ ଦୁର୍ଦ୍ଦିନରେ ବାଜପେୟୀଙ୍କ ସାହାଯ୍ୟ ଓ ସମର୍ଥନ ଅବିସ୍ମରଣୀୟ। ରାଜ୍ୟବାସୀଙ୍କ ପ୍ରତି ଅଟଳଜୀଙ୍କ ସେହ୍ନ ଓ ଶ୍ରଦ୍ଧା ସର୍ବଦା ଚିରସ୍ମରଣୀୟ ହୋଇ ରହିବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି କହିଛନ୍ତି। ସ୍ୱର୍ଗତଃ ଅଟଳଜୀଙ୍କ ପୁଣ୍ୟତିଥିରେ ସାରା ରାଜ୍ୟରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ପରିପ୍ରେକ୍ଷୀରେ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ରହିଥିବା ଦୀନଦୟାଲ ପାର୍କରେ ରାଜ୍ୟ ସଭାପତି ବୃକ୍ଷ ରୋପଣ କରି ଅଟଳଜୀଙ୍କୁ ମନେ ପକାଇଛନ୍ତି। ଶ୍ରଦ୍ଧାଞ୍ଜଳି ସଭାପରେ ଅଟଳଜୀଙ୍କ ଉଦ୍ଦେଶ୍ୟରେ ଏକ କବିତା ପାଠୋତ୍ସବ କାର୍ଯ୍ୟକ୍ରମକୁ ମହିଳା ମୋର୍ଚ୍ଚା ପକ୍ଷରୁ ସଞ୍ଚାଳନ କରାଯାଇଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୭ ଅଗଷ୍ଟ, ୨୦୨୦

## 'ଯୁବ ସଂକଳ୍ପ' ଲୋକାର୍ପଣ କଲେ କେନ୍ଦ୍ରମନ୍ତ୍ରୀ

କଟକ ଅଫିସ,୧୬।୮: ସ୍ୱାଧୀନତା ଦିବସ ଅବସରରେ ଶନିବାର ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ମାସିକ ପତ୍ରିକା 'ଯୁବ ସଂକଳ୍ପ'ର ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି। ପତ୍ରିକାର ପ୍ରଥମ ସଂସ୍କରଣକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ ଭର୍ଚୁଆଲ ଲୋକାର୍ପଣ କରିଛନ୍ତି। ମୁଖ୍ୟବକ୍ତା ଭାବେ ବିଶ୍ୱବିଦ୍ୟାଳୟର ସାମ୍ବାଦିକତା ଓ ଗଣ ଯୋଗାଯୋଗ ବିଭାଗ ଅଧ୍ୟାପକ ଦେବିଲାଲ ମିଶ୍ର ଯୋଗ ଦେଇଥିଲେ। ପ୍ରାରମ୍ଭରେ ପତ୍ରିକାର ସମ୍ପାଦକ ସାର୍ଥକ ରାଏ ଅତିଥି ପରିଚୟ ଓ ପ୍ରକାଶକ ରାକେଶ ଧୂପର ଧନ୍ୟବାଦ ଦେଇଥିଲେ।



## ସଂକ୍ଷେପରେ

### ଖୋର୍ଦ୍ଧାରୋଡ୍ ରେଳ ଡିଭିଜନରେ ସ୍ୱାଧୀନତା ଦିବସ

ଜଟଣୀ, ୧୬।୮(ଡି.ଏନ୍.ଏ): ଜଟଣୀ ରେଲୱେ ଷ୍ଟାଡିୟମରେ ଶନିବାର ଖୋର୍ଦ୍ଧାରୋଡ୍ ରେଳ ଡିଭିଜନ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଡିଆର୍ଏମ୍ ଶଶିକାନ୍ତ ସିଂହ ଜାତୀୟ ପତାକା ଉତ୍ତୋଳନ କରି ରେଳ ସୁରକ୍ଷା ବଳ, ସ୍କାଉଟ୍ସ, ଗାଇଡ୍ସ ସ୍ୱେଚ୍ଛାସେବୀଙ୍କଠାରୁ ଅଭିବାଦନ ଗ୍ରହଣ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ବଳିଦାନ ଦେଇଥିବା ବୀର ଶହୀଦଙ୍କୁ ସ୍ମରଣ କରିବା ସହ କରୋନା ବିରୋଧରେ ଲଢ଼ି ଲୋକଙ୍କୁ ସେବା ଯୋଗାଇଥିବା ରେଳ କର୍ମଚାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେହିପରି ସ୍ଥାନୀୟ ଆଇଆଇଟିରେ ନିର୍ଦ୍ଦେଶକ ପ୍ରଫେସର ଆର୍. ଭି. ରାଜକୁମାର ଏବଂ ଇଷ୍ଟକୋଷ୍ଟ ରେଲୱେ ଶ୍ରମିକ କଂଗ୍ରେସର କାର୍ଯ୍ୟକ୍ରମରେ ଶ୍ରମିକ ନେତା ଏଲ୍.ଡି. ମହାନ୍ତି ପତାକା ଉତ୍ତୋଳନ କରିଥିଲେ।

### ଓଡିଏମ୍ ପକ୍ଷରୁ ସ୍ୱାଧୀନତା ଦିବସ ପାଳିତ

ଭୁବନେଶ୍ୱର,୧୬।୮: ଓଡିଏମ୍ ପବ୍ଲିକ ସ୍କୁଲ ପକ୍ଷରୁ ୭୪ ତମ ସ୍ୱାଧୀନତା ଦିବସ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରତିଷ୍ଠାତା ତଥା ଅଧକ୍ଷ ଡ. ମୀନକେତନ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ। ଦେଶର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ଦୃଢ଼ ଆତ୍ମବିଶ୍ୱାସ, ଇଚ୍ଛାଶକ୍ତି ଓ ଧୈର୍ଯ୍ୟର ଆବଶ୍ୟକତା ରହିଛି। ଏହି ସବୁ କାର୍ଯ୍ୟକୁ ହୃଦୟର ସହ ସମ୍ପାଦନ କଲେ ଆମେ ଭଲ ମଣିଷ ହୋଇପାରିବା ବୋଲି ସେ ତାଙ୍କ ଅଭିଭାଷଣରେ ମତ ବ୍ୟକ୍ତ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ବରିଷ୍ଠ ପରାମର୍ଶଦାତା ବ୍ରହ୍ମାନନ୍ଦ ରାଉତ, ଉପାଧକ୍ଷା ଝିନୁକ୍ ଦତ୍ତାରାୟ ପ୍ରମୁଖ ଉପସ୍ଥିତ ଥିଲେ। ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଛାତ୍ରୀଛାତ୍ରଙ୍କୁ ସ୍ୱାଧୀନତା ଦିବସର ମହତ୍ତ୍ୱ ବିଷୟରେ ଅତିଥିମାନେ ବୁଝାଇଥିଲେ।

### କିଟ୍, କିସ୍‌ରେ ସ୍ୱାଧୀନତା ଦିବସ

ଭୁବନେଶ୍ୱର,୧୬।୮: କିଟ୍ ବିଶ୍ୱବିଦ୍ୟାଳୟ ଓ କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନସେସ୍(କିସ୍) ପକ୍ଷରୁ ୭୪ତମ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ହୃଷିକେଶ ମହାନ୍ତି ଏବଂ କିସ୍‌ରେ କିଟ୍ ଓ କିସ୍‌ର ସମ୍ପାଦକ ଆର.ଏନ୍ ଦାଶ ପତାକା ଉତ୍ତୋଳନ କରିଥିଲେ। ସେହିଭଳି କିଟ୍ ଇଣ୍ଟରନ୍ୟାଶନାଲ ସ୍କୁଲ ପକ୍ଷରୁ ବିଦ୍ୟାଳୟର ଚେୟାରପର୍ସନ ଡ. ମୋନା ବଳ ପତାକା ଉତ୍ତୋଳନ କରିଥିଲେ। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ କିମ୍ସ କୋଭିଡ୍ ହସପିଟାଲରେ କାର୍ଯ୍ୟରତ ସମସ୍ତ କରୋନା ଯୋଦ୍ଧାଙ୍କୁ ଶୁଭେଚ୍ଛା ଜଣାଇବା ସହ ମିଷ୍ଟାନ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିସ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ହରେକୃଷ୍ଣ ଶତପଥୀ, କିସ୍‌ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଡ. ପି.କେ ରାଉତରାୟ ପ୍ରମୁଖ ଉପସ୍ଥିତ ରହିଥିଲେ।

# ୧୫ ମାସର ପୁଅ ହାତଗୋଡ଼ ବାନ୍ଧି ମାଡ଼

ଗୋପ, ୧୬।୮(ଡି.ଏନ୍.ଏ.)

ଜନ୍ମଦାତ୍ରୀ ମା' ପାଲଟିଲା ନିଷ୍ଠୁର। ପାରିବାରିକ କଳହକୁ ନେଇ ନିଜ ୧୫ମାସର ଶିଶୁ ପୁତ୍ରକୁ ତଳେ ପକାଇ ଅମାନୁଷିକ ଭାବେ ମାଡ଼ ମାରିଛି ମା'। ଗୋପ ଥାନା ଅଧୀନ ଶୋରଭା ପଞ୍ଚାୟତ ପାଇକପଡ଼ା ଗ୍ରାମର ଏହି ଘଟଣାର ଭିଡିଓ ଭାଇରାଲ ହେବା ପରେ ତଦନ୍ତ ଆରମ୍ଭ ହୋଇଛି। ରବିବାର ଜିଲା ଶିଶୁ ସୁରକ୍ଷା ବିଭାଗର ଏକ ଟିମ୍ ଓ ଗୋପ ପୋଲିସ ଉକ୍ତ ଗ୍ରାମରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଶିଶୁପୁତ୍ରକୁ ଉଦ୍ଧାର କରାଯାଇଥିବାବେଳେ ସମ୍ପୃକ୍ତ ମହିଳାଙ୍କୁ ଥାନାରେ ଅଟକ ରଖାଯାଇଛି। ତେବେ ଏ ସଂକ୍ରାନ୍ତରେ କୌଣସି ମାମଲା ରୁଜୁ ହୋଇ ନାହିଁ।

ସୂଚନା ଅନୁଯାୟୀ, ୮ ବର୍ଷ ତଳେ ଏହି ଦମ୍ପତିଙ୍କର ବିବାହ ହୋଇଥିଲା। ବିବାହର କିଛି ବର୍ଷ ପରେ ସେମାନଙ୍କର ଏକ ପୁତ୍ର ସନ୍ତାନ ଜନ୍ମ ହୋଇଥିଲା। ମହିଳାଙ୍କ ସ୍ୱାମୀ ଭୁବନେଶ୍ୱରରେ ରହି ବ୍ୟବସାୟ କରୁଥିବାରୁ ପ୍ରାୟ ସମୟ ଘରେ ଅନୁପସ୍ଥିତ ରହିଥାନ୍ତି। ତେବେ ପାରିବାରିକ ସମସ୍ୟାକୁ ନେଇ ଅଧିକାଂଶ ସମୟ ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ କଳି ଲାଗିଥାଏ। ଏହାକୁ ନେଇ କୁଆଡ଼େ ମହିଳା ଜଣକ ରାଗିଯାଇ ପୁଅକୁ ମାରଧର କରିଥାନ୍ତି। ଏଥିଯୋଗୁ କିଛିଦିନ ତଳେ ତାଙ୍କ ସ୍ୱାମୀ ଘରେ ଏକ ସିସିଟିଭି କ୍ୟାମେରା ଲଗାଇଥିଲେ। ଗତ ୬ତାରିଖ ରାତିରେ ସମ୍ପୃକ୍ତ ବ୍ୟକ୍ତି ଘରକୁ ଫେରି ସିସିଟିଭି ଫୁଟେଜ ଯାଞ୍ଚ କରିଥିଲେ। ସେଥିରେ ପୁଅର ହାତଗୋଡ଼ ବାନ୍ଧି ତାକୁ ତାଙ୍କ ସ୍ତ୍ରୀ ଅମାନୁଷିକ ଭାବେ ମାଡ଼ ମାରୁଥିବା ସେ ଦେଖିବାକୁ ପାଇଥିଲେ। ଏ ନେଇ ସେ ସ୍ତ୍ରୀଙ୍କୁ ପଚାରିବାରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରଦିନ ସକାଳେ ମହିଳାଙ୍କ ସ୍ୱାମୀ ଭୁବନେଶ୍ୱର ଚାଲିଯାଇ ଏହି ସିସିଟିଭି ଫୁଟେଜକୁ ଭାଇରାଲ କରିଦେଇଥିଲେ। ଏହାପରେ ଘଟଣା ପଦାକୁ ଆସିଥିଲା। ଏ ନେଇ ଗୋପ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଖବର ପାଇ ରବିବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏକ ଟିମ୍ ଏବଂ ଗୋପ ପୋଲିସ ପହଞ୍ଚି ସମ୍ପୃକ୍ତ ମହିଳାଙ୍କୁ ପଚରାଉଚରା କରିବା ସହ ଶିଶୁପୁତ୍ରକୁ ଉଦ୍ଧାର କରି ଗୋପ ଥାନାକୁ ଆଣିଥିଲେ। ସ୍ୱାମୀଙ୍କ ନିର୍ଯାତନା ଯୋଗୁ ଅଧିକ ମାତ୍ରାରେ ରାଗିଯାଇ ସେ ପୁଅକୁ ମାଡ଼ ମାରିଥିବା ମହିଳାଜଣକ ସ୍ୱୀକାର କରିଛନ୍ତି। ଅପରପକ୍ଷରେ ପୁଅକୁ ମାରଧର ନେଇ ସ୍ତ୍ରୀଙ୍କ ନାମରେ ସ୍ୱାମୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏ ନେଇ ଥାନା ଅଧିକାରୀ ସୁଧୀର ସାହୁଙ୍କୁ ପଚାରିବାରେ କହିଛନ୍ତି, ଶିଶୁପୁତ୍ରକୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ। ସେହିପରି ଜିଲା ଶିଶୁ ସୁରକ୍ଷା ଅଧିକାରୀ ତ୍ରିପାଠୀ କହିଛନ୍ତି, ପ୍ରଥମେ ଶିଶୁପୁତ୍ରକୁ ଆମେ ସୁରକ୍ଷିତ ଭାବେ ରଖିବୁ। କାରଣ ତା' ମା'ଙ୍କ ମାନସିକ ସ୍ଥିତି ଠିକ୍ ଥିବା ଜଣାପଡୁନାହିଁ।




ଭାଇରାଲ ହୋଇଥିବା ଭିଡିଓ ଫୁଟେଜ୍ (ବାମ)। ପାଇକପଡ଼ା ଗ୍ରାମରେ ପୋଲିସ ତଦନ୍ତ କରୁଛି।

**ମା' ପାଲଟିଲା ନିଷ୍ଠୁର**
- ଭିଡିଓ ଭାଇରାଲ ପରେ ଘଟଣା ପଦାକୁ ଆସିଲା
- ସ୍ତ୍ରୀଙ୍କ ନାମରେ ଅଭିଯୋଗ ଆଣିଲେ ସ୍ୱାମୀ
- ଜିଲା ଶିଶୁ ସୁରକ୍ଷା ବିଭାଗ ଓ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ

## ବୀରତ୍ୱ ଓ ସ୍ୱାଭିମାନର ମାଟି ଖୋର୍ଦ୍ଧା

ଖୋର୍ଦ୍ଧା ଅଫିସ,୧୬।୮

ଖୋର୍ଦ୍ଧା ହେଉଛି ବୀରତ୍ୱ ଓ ସ୍ୱାଭିମାନର ମାଟି। ଭାରତୀୟ ମୁକ୍ତି ସଂଗ୍ରାମରେ ଖୋର୍ଦ୍ଧା ପାଇକଙ୍କ ଅବଦାନ ଅତୁଳନୀୟ। ସିପାହି ବିଦ୍ରୋହ ପୂର୍ବରୁ ୧୮୧୭ ମସିହାରେ ପାଇକ ଆନ୍ଦୋଳନ ହୋଇଥିଲା। ଇଂରେଜ ସରକାରଙ୍କ ବିରୋଧରେ ଖୋର୍ଦ୍ଧା ପାଇକମାନେ ସଶସ୍ତ୍ର ସଂଗ୍ରାମ କରିଥିଲେ ବୋଲି ଖୋର୍ଦ୍ଧା ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହରେ ମୁଖ୍ୟଅତିଥି ଭାବେ ଗୃହମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଯୋଗଦେଇ ଏହା କହିଛନ୍ତି। ବକ୍ସି ଜଗବନ୍ଧୁ ଖେଳପଡ଼ିଆରେ ଶନିବାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ସମାରୋହ ଆୟୋଜିତ ହୋଇଥିଲା। ଏଥିରେ ମନ୍ତ୍ରୀ ମିଶ୍ର ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରି ବୀରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ଏବଂ କୋଭିଡ୍ ଯୋଦ୍ଧାଙ୍କୁ ପ୍ରଶଂସା କରିବା ସହ ନବୀନ ସରକାରଙ୍କ ଶାସନକାଳରେ ଓଡ଼ିଶାର ସମୃଦ୍ଧି ଓ ବିକାଶ ଘଟିଛି ବୋଲି କହିଥିଲେ। କାର୍ଯ୍ୟକ୍ରମରେ ବିଧାୟକ ଜ୍ୟୋତିରିନ୍ଦ୍ରନାଥ ମିତ୍ର, ଜିଲାପାଳ ସନତ ମହାନ୍ତି, ଅତିରିକ୍ତ ଜିଲାପାଳ ମନୋଜ ପାତ୍ରୀ, ଅନୁଜ ଦାସ ପଟ୍ଟନାୟକ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ଉପଜିଲାପାଳ ଅଶୋକ ବେହୁରିଆ, ଅତିରିକ୍ତ ଏସ୍‌ପି କେ.ସି. ଜେନା ପ୍ରମୁଖ ଉପସ୍ଥିତ ଥିଲେ।


ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଉଦ୍‌ବୋଧନ ଦେଉଛନ୍ତି।

## ବ୍ରହ୍ମଗିରିବାସୀଙ୍କ ପାଇଁ ୨ ଆମ୍ବୁଲାନ୍ସ ଲୋକାର୍ପିତ

ପୁରୀ ଅଫିସ,୧୬।୮

ବ୍ରହ୍ମଗିରିବାସୀଙ୍କ ପାଇଁ ଶନିବାର ୨ଟି ବିଏଲ୍ଏସ୍ ଆମ୍ବୁଲାନ୍ସ ଲୋକାର୍ପିତ ହୋଇଛି। ଏମ୍‌ପି ପିନାକୀ ମିଶ୍ର, ରାଜ୍ୟ ଯୋଜନା ବୋର୍ଡ ଉପାଧକ୍ଷ ସଞ୍ଜୟ ଦାସବର୍ମା, ଜିଲାପାଳ ବଳୱନ୍ତ ସିଂ, ଏସ୍‌ପି ଅଖିଳେଶ୍ୱର ସିଂ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର, ବ୍ରହ୍ମଗିରି ପଞ୍ଚାୟତ ସମିତି ଅଧକ୍ଷା ନଳିନୀପ୍ରଭା ବରାଳ ପତାକା ଦେଖାଇ ଆମ୍ବୁଲାନ୍ସଦ୍ୱୟକୁ ଲୋକାର୍ପିତ କରିଥିଲେ। ରେବଣା ନୂଆଗାଁ ଓ ଚିଲିକା ନୂଆପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହା ବ୍ୟବହୃତ ହେବ।



ଅନ୍ତର୍ଜାତୀୟ କ୍ରିକେଟରୁ ପ୍ରଖ୍ୟାତ କ୍ରିକେଟ ତାରକା ମହେନ୍ଦ୍ର ସିଂ ଧୋନୀ ଏବଂ ସୁରେଶ ରାଇନାଙ୍କ ଅବସର ଘୋଷଣା ପରେ ସେମାନଙ୍କୁ ସମ୍ମାନ ଜଣାଇ ରବିବାର ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।

## ଗ୍ୟାସ ଟାଙ୍କି ଫାଟି ଜଳିଗଲା ୧୦ବଖରା

ଖୋର୍ଦ୍ଧା ଅଫିସ/ନିରାକାରପୁର, ୧୬।୮(ଡି.ଏନ୍.ଏ.)

ଜଙ୍କିଆ ଥାନା ଅନ୍ତର୍ଗତ ଟାଙ୍ଗୋଳ ଗ୍ରାମରେ ରବିବାର ରାତିରେ ଗ୍ୟାସ ଟାଙ୍କି ଫାଟି ୪ଟି ପରିବାରର ୧୦ବଖରା ଜଳିଯାଇଛି। ଟାଙ୍ଗୀ ଓ ରଣପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରାତି ପ୍ରାୟ ୮ଟାରେ ଜଣେ ବ୍ୟକ୍ତିଙ୍କ ରୋଷେଇ ଘରୁ ଗ୍ୟାସ ଲିକ୍ ହେବା ସହ ଫାଟି ଯାଇଥିଲା। ଏଥିରେ ସୁଦର୍ଶନ ମହାରଣା, ଉମ ମହାରଣା, ମଗୁଲି ପ୍ରଧାନ ଓ ପ୍ରଦୀପପ୍ରଧାନଙ୍କ ଘରଜଳିଯାଇଛି।

**ତହସିଲଦାରଙ୍କ କାର୍ଯ୍ୟାଳୟ, ଦେଓଗାଁ**
**ଲଘୁ ଖଣିଜ ଦ୍ରବ୍ୟ ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**
ତହସିଲ କାର୍ଯ୍ୟାଳୟ, ଦେଓଗାଁଙ୍କ ବିଜ୍ଞପ୍ତି ସଂଖ୍ୟା-୧୪୦୫, ତାରିଖ ୧୪।୦୮।୨୦୨୦ରେ ଦେଓଗାଁ ତହସିଲ ଅନ୍ତର୍ଗତ ୧୧ ଗୋଟି ଲଘୁ ଖଣିଜ ଦ୍ରବ୍ୟଗୁଡ଼ିକର ଆସନ୍ତା ୫ (ପାଞ୍ଚ) ବର୍ଷ ନିମନ୍ତେ ୨୦୨୦-୨୧ ଠାରୁ ୨୦୨୪-୨୫ ପର୍ଯ୍ୟନ୍ତ ଲିଜ୍ ଇସ୍ତାହାର ପ୍ରକାଶିତ ହୋଇଅଛି । ଏହି ଇସ୍ତାହାର ସମ୍ବନ୍ଧୀୟ ତଥ୍ୟ ବଲାଙ୍ଗୀର ଜିଲ୍ଲା ୱେବ୍‌ସାଇଟ୍ www.balangir.nic.in ରେ ଉପଲବ୍ଧ ଅଛି । ନିଲାମରେ ଭାଗ ନେବା ପାଇଁ ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ ୱେବ୍‌ସାଇଟ୍‌ରୁ ସମସ୍ତ ତଥ୍ୟ ହାସଲକରି ଆବେଦନ କରିପାରିବେ କିମ୍ବା ତହସିଲ କାର୍ଯ୍ୟାଳୟ, ଦେଓଗାଁଠାରେ ଯୋଗାଯୋଗ କରି ନିଲାମ ସମ୍ବନ୍ଧୀୟ ତଥ୍ୟ ହାସଲ କରିପାରିବେ।
ବନ୍ଦ ଲଫାପାରେ ଦରଖାସ୍ତ ଗ୍ରହଣ ଶେଷ ତାରିଖ ୨୯।୦୮।୨୦୨୦ ପୂର୍ବାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଏବଂ ପ୍ରଥମ ତାରିଖରେ ଯେଉଁ ଉତ୍ସଗୁଡ଼ିକର ଲିଜ୍‌ର ପ୍ରକ୍ରିୟା ଚୂଡ଼ାନ୍ତ ହୋଇ ନ ପାରିଲେ ସେହି ଉତ୍ସଗୁଡ଼ିକ ଦ୍ୱିତୀୟଥର ପାଇଁ ତାରିଖ ୦୪।୦୯।୨୦୨୦ ପୂର୍ବାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଓ ତୃତୀୟଥର ପାଇଁ ତାରିଖ ୧୧।୦୯।୨୦୨୦ ପୂର୍ବାହ୍ନ ୧୨.୦୦ ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଅଛି। ଗୃହୀତ ଦରଖାସ୍ତଗୁଡ଼ିକ ସେହି ଦିନମାନଙ୍କରେ ବିଜ୍ଞାପନରେ ଦର୍ଶାଯାଇଥିବା ସମୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଖୋଲାହେବ ଏବଂ ଲିଜ୍ ପ୍ରକ୍ରିୟା ଚୂଡ଼ାନ୍ତ କରାଯିବ ।
ସ୍ୱା./-ତହସିଲଦାର, ଦେଓଗାଁ

## ପ୍ରଳମ୍ବାସୁରକୁ ବଧ କଲେ ବଡ଼ ଠାକୁର

ପୁରୀ ଅଫିସ,୧୬।୮

ଭାଦ୍ରବ କୃଷ୍ଣ ଦ୍ୱାଦଶୀ ତିଥିରେ ରବିବାର ଶ୍ରୀମନ୍ଦିରରେ ପ୍ରଳମ୍ବାସୁର ବଧ ନୀତି ସମ୍ପନ୍ନ ହୋଇଛି। ମଧ୍ୟାହ୍ନ ଧୂପ ପରେ ବଡ଼ବାଡ଼ରେ ପ୍ରଳମ୍ବାସୁର ବଧ ବେଶ ହୋଇଥିଲା। ପ୍ରଳମ୍ବାସୁର କାନ୍ଧରେ ଶ୍ରୀବଳଭଦ୍ର ବସିଥିଲେ। ଗୋଟିଏ ଭୁଜ ପ୍ରଳମ୍ବାସୁରର କାନ୍ଧ ଓ ଅନ୍ୟଟି ବାହୁ ଉପରେ ରହିଥିଲା। ବାମ ହସ୍ତରେ ବଡ଼ଠାକୁର ଶୋଲ ନିର୍ମିତ ପଦ୍ମ ଓ ଦକ୍ଷିଣ ହସ୍ତରେ ଅମୃତ ଲଡ୍ଡୁ ଧାରଣ କରିଥିଲେ। ମହାପ୍ରଭୁ ଶ୍ରୀଜଗନ୍ନାଥ ଦଣ୍ଡାୟମାନ ଅବସ୍ଥାରେ ଥିଲେ। ତାଙ୍କ ବାମହାତରେ ଅମୃତ ଲଡ୍ଡୁ ଓ ଦକ୍ଷିଣ ହସ୍ତରେ ସୁବର୍ଣ୍ଣ ପଦ୍ମ ଧାରଣ କରିଥିଲେ।



**ପ୍ରଳମ୍ବାସୁର ବଧ ଲୀଳା**
ସନ୍ଧ୍ୟାଧୂପ ପରେ ରାମ, କୃଷ୍ଣ ଦକ୍ଷିଣଘରୁ ରତ୍ନବେଦିକୁ ବିଜେ ହୋଇଥିଲେ। ଆଜ୍ଞାମାଳ ଚଳନ୍ତି ପ୍ରତିମା ରାମ, କୃଷ୍ଣଙ୍କୁ ଲାଗି କରାଇ ଜଗମୋହନରେ ପଡ଼ିଥିବା ଖଟ ଉପରେ ବିଜେ କରାଯାଇଥିଲା। ପରମ୍ପରା ଅନୁଯାୟୀ, ଦୋଳମଣ୍ଡପ ସାହିରୁ ବାହାରିଥିବା ପ୍ରଳମ୍ବାସୁର ବେଶଧାରୀ ଜଗମୋହନକୁ ଯାଇଥିଲେ। ସେଠାରେ ରାମ ଓ କୃଷ୍ଣ ବେଶଧାରୀ ଦୁଇ ବାଳକ ପ୍ରଳମ୍ବାସୁର ସହ ଯୁଦ୍ଧ କରିଥିଲେ। ପ୍ରଳମ୍ବାସୁର ରାମଙ୍କ କାନ୍ଧରେ ବସି ବୁଲିଥିଲେ। ଏହି ସମୟରେ ରାମ ତାଙ୍କ ମାୟା ଜାଣ ପାରି ମୁଷ୍ଟି ପ୍ରହାର ଦ୍ୱାରା ବଧ କରିଥିଲେ। ଏଭଳି ଭାବେ ପ୍ରଳମ୍ବାସୁର ବଧ ଲୀଳା ସମ୍ପନ୍ନ ହୋଇଥିଲା।

**NOTICE**
No.7928 Date 13.08.2020
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BARGARH**
In pursuance to Advt. 7052 dt.18.07.2020 for the post of ANM for Covid Care Home the list of selected candidates, compliance of objection and rejected candidates have been uploaded in the official website of Bargarh District i.e. www. bargarh.nic.in
Sd./-
Chief District Medical & PHO, Bargarh

# 'ପଞ୍ଚସଖାଙ୍କ ଯୋଗୁ ଓଡ଼ିଶା ମାଟି ବିଶ୍ୱବନ୍ଦିତ'

ପୁରୀ ଅଫିସ,୧୬।୮

ପୁରୀ ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମ ଖେଳପଡ଼ିଆରେ ଶନିବାର ଜିଲାସ୍ତରୀୟ ସ୍ୱାଧୀନତା ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ବଳୱନ୍ତ ସିଂ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବା ସହ ସମ୍ମିଳିତ ପରେଡରେ ଅଭିବାଦନ ଗ୍ରହଣ କରିଥିଲେ। ସ୍ୱାଧୀନତା ପ୍ରାପ୍ତି ନିମନ୍ତେ ତ୍ୟାଗ ଓ ବଳିଦାନ ଦେଇଥିବା ମହାପୁରୁଷମାନଙ୍କ ପ୍ରତି ଜିଲାପାଳ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଜୟୀ ରାଜଗୁରୁ ଓ ଚନ୍ଦନ ହଜୁରୀଙ୍କ ଅବଦାନକୁ ମଧ୍ୟ ସ୍ମରଣ କରିଥିଲେ। ସ୍ୱାଧୀନତା ସଂଗ୍ରାମରେ ପୁରୀ ଜିଲାର ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଓ ପଞ୍ଚସଖାଙ୍କ ଆନ୍ଦୋଳନ, ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଆନ୍ଦୋଳନରେ ମହତ୍ତ୍ୱପୂର୍ଣ୍ଣ ଅବଦାନ ଯୋଗୁ ଓଡ଼ିଶାମାଟି ଆଜି ବିଶ୍ୱବନ୍ଦିତ ହୋଇପାରିଛି। କରୋନା ଯୋଗୁ ଅର୍ଥନୀତି ଦୁର୍ବଳ ହୋଇଛି ସତ, ମାତ୍ର ସବୁବର୍ଗର ସହଯୋଗ ହିଁ ଆଗକୁ ବଢ଼ିବାର ସାହସ ଦେଇଛି ବୋଲି ଜିଲାପାଳ କହିଥିଲେ। କରୋନା ଯୋଦ୍ଧାଙ୍କ ଅବଦାନ ପାଇଁ ପୁରୀ ଜିଲା ଆଜି ଗର୍ବିତ। କରୋନା ମୁକାବିଲା ପାଇଁ ଆଉ ୧୦୦ ଶଯ୍ୟାବିଶିଷ୍ଟ କୋଭିଡ୍ ଡାକ୍ତରଖାନା ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବ ବୋଲି ଜିଲାପାଳ କହିଛନ୍ତି। ଏହି ଅବସରରେ ୩୦ଜଣ କରୋନା ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ଅତିଥିମାନଙ୍କ ଦ୍ୱାରା ଇନ୍‌ଡୋର ଷ୍ଟାଡିୟମ ପରିସରରେ ଚାରାରୋପଣ କରାଯାଇଥିଲା। ଏସ୍‌ପି ଅଖିଳେଶ୍ୱର ସିଂ, ଅତିରିକ୍ତ ଜିଲାପାଳ ପ୍ରଦୀପ କୁମାର ସାହୁ, ପିଡି ଡିଆର୍‌ଡିଏ ସୁବାସ ଚନ୍ଦ୍ର ନାଥଶର୍ମା, ଉପଜିଲାପାଳ ଭବତାରଣ ସାହୁ, ଜିଲା ପରିଷଦ ଅଧକ୍ଷ ଜ୍ୟୋତିର୍ମୟ ଦଳାଇ, ପୁରୀ ପୌରସଂସ୍ଥା ନିର୍ବାହୀ ଅଧିକାରୀ ବିଜୟ କୁମାର ଦାଶ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଜାତା ମିଶ୍ର, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଗୁରୁବୀର ସିଂ ପ୍ରମୁଖ ଉପସ୍ଥିତ ଥିଲେ। ପରେଡ୍‌ରେ କେବଳ ପୋଲିସ ବାହିନୀର ଦୁଇଟି କଣ୍ଟିଜେଣ୍ଟ ଭାଗ ନେଇଥିଲେ। ପ୍ରାତଃରେ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ସହରରେ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୂନ ପରିବେଷଣ ହୋଇଥିଲା। ପୌରସଂସ୍ଥା ପକ୍ଷରୁ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

**ପୁରୀ ଜିଲାସ୍ତରୀୟ ସ୍ୱାଧୀନତା ଦିବସ**


ପୁରୀ ଜିଲାପାଳ ବଳୱନ୍ତ ସିଂ ଏବଂ ଏସ୍‌ପି ଅଖିଳେଶ୍ୱର ସିଂ ପରେଡ୍ ଅଭିବାଦନ ଗ୍ରହଣ କରୁଛନ୍ତି।

**CLASSIFIED DISPLAY**
TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
8800979262
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଖର୍ଚ୍ଚ ଲୋନ ପାସ୍ ହେଲା ପରେ
GLOBAL FINANCE
(Reg. No. KA08FGD557S113)
(ବିନା କୌଣସୀ ସାକ୍ୟୁରିଟି ରେ)
୧୯୮୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
7653848464

BANDHAN FINANCE
(Regd No -1125124)
Bandhan ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ,କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ୪୮ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ 50% ଛାଡ
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8813813462

ନିଜ ଜମିକୁ ରୋଜଗାରର ମାଧ୍ୟମ ବନାନ୍ତୁ
GALAXY TOWER CO.
କମ୍ପାନୀ ଦ୍ୱାରା ଖାଲି ଜମି, ଛାତ, ଖେତ ଓ ପ୍ଲଟ୍‌ରେ ଡାଇରେକ୍ଟ କମ୍ପାନୀର ସିନିୟର ଅଧିକାରୀଙ୍କ ସହ କଥା ହୋଇ
ଡିଜିଟାଲ ମଲ୍ଟିମିଡିଆ ଟାୱାର ଲଗାନ୍ତୁ।
ଅଗ୍ରିମ: 60 ଲକ୍ଷ
ଭଡ଼ା: 45 ହଜାର
+ ମାସିକ 20 ହଜାରର ଅନ୍ୟାନ୍ୟ ସୁବିଧା
ଦ୍ରଷ୍ଟବ୍ୟ: ଟାୱାର ଲଗାଇବାର ଅନୁମତି ମାତ୍ର ଅଳ୍ପକେତେକ କମ୍ପାନୀର ଅଛି
କମ୍ପାନୀ ତରଫରୁ ମାଗଣା ମୋବାଇଲ + ବାଇକ୍
ଡାଇରେକ୍ଟ କମ୍ପାନୀ ସହ ଯୋଗାଯୋଗ କରନ୍ତୁ
94856-87401
87654-83137

BDFC Finance
(ରେଜିଷ୍ଟ୍ରେଡ କମ୍ପାନୀ)
ସମସ୍ତ ପ୍ରକାର ଲୋନ ନିଅନ୍ତୁ ମାତ୍ର ୧୦ ଦିନ ମଧ୍ୟରେ
ପ୍ରପୋର୍ଟି, ପର୍ସନାଲ୍, ମାର୍କସିଟ୍, ପଶୁପାଳନ, ବ୍ୟବସାୟ, ଗୃହ, ଶିକ୍ଷା, କୃଷି ଓ ଲଘୁଉଦ୍ୟୋଗ ପାଇଁ ଋଣ ନେବାକୁ ଯୋଗାଯୋଗ କରନ୍ତୁ
ସୁଧ ୧% ଘରେ ବସି ପାଆନ୍ତୁ
Ratanpur, Balbaspur, Sundergarh
8895873257
7656825247

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ALL EDITION - B/W (Every Day)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ୍, ଭୁବନେଶ୍ୱର
9773820765
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ ୨ ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ-ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡ଼ା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର।
9910560681

## ଡବଲିନରେ ଉଡ଼ିଲା ତ୍ରିରଙ୍ଗା

କଟକ ଅଫିସ: ଆୟର୍ଲାଣ୍ଡର ଡବଲିନରେ ଥିବା ଭାରତୀୟ ଦୂତାବାସ ଓ ପ୍ରବାସୀ ଭାରତୀୟଙ୍କ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ କରାଯାଇଛି। ରାଷ୍ଟ୍ରଦୂତ ସନ୍ଦିପ କୁମାର ପତାକା ଉତ୍ତୋଳନ କରିଥିଲେ। ମୀରା ରାମଲିଙ୍ଗମ ବନ୍ଦେ ମାତରମ ସଙ୍ଗୀତରେ ନୃତ୍ୟ ପରିବେଷଣ କରିଥଲେ। ବିଭିନ୍ନ ପ୍ରତିଯୋଗିତା ମଧ୍ୟ କରାଯାଇଥିଲା। ଏଥିରେ ରାଣୀ ଲକ୍ଷ୍ମୀବାଈଙ୍କ ବେଶ ଧରି ଆଦିତି ପ୍ରଥମ ସ୍ଥାନ ହାସଲ କରିଥିଲେ। ଅନିରୁଦ୍ଧ ପାଢ଼ୀ ନେତାଜୀଙ୍କ ବେଶରେ ଦ୍ୱିତୀୟ ଓ ରୋନିତ ସାଗର ଶହୀଦ ଭଗତ ସିଂହଙ୍କ ବେଶରେ ତୃତୀୟ ସ୍ଥାନ, ରାଣୀ ରୁଦ୍ରମା ଦେବୀ ବେଶ ଧରିଥିବା ଧ୍ରୁତି କୁମାର ୟେକାନ୍ତି ଚତୁର୍ଥ ହୋଇଥିଲେ।

**ସଂକ୍ଷେପରେ**

## ହାଇକୋର୍ଟରେ ଉଡ଼ିଲା ତ୍ରିରଙ୍ଗା

**କଟକ ଅଫିସ,୧୬।୮:** ହାଇକୋର୍ଟରେ ୭୪ତମ ସ୍ୱାଧୀନତା ଦିବସ ପାଳିତ ହୋଇଛି। ମୁଖ୍ୟ ଅତିଥି ଭାବେ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ଜଷ୍ଟିସ୍ ଦେବବ୍ରତ ଦାସ, ଜଷ୍ଟିସ୍ ବିଦ୍ୟୁତ୍ ରଞ୍ଜନ ଷଡ଼ଙ୍ଗୀ, ଜଷ୍ଟିସ୍ ବିଶ୍ୱନାଥ ରଥ, ଜଷ୍ଟିସ୍ ସଙ୍ଗମ କୁମାର ସାହୁ, ଜଷ୍ଟିସ୍ କୃଷ୍ଣରାମ ମହାପାତ୍ର, ଜଷ୍ଟିସ୍ ଅକ୍ଷୟ କୁମାର ମିଶ୍ର ଓ ଜଷ୍ଟିସ୍ ସାବିତ୍ରୀ ରଥ ଉପସ୍ଥିତ ଥିଲେ। ହାଇକୋର୍ଟ ଓକିଲ ସଂଘ ଅନ୍ତରୀଣ କମିଟି ସମ୍ପାଦକ ୟେସନ୍ ମହାନ୍ତି, ଆଇନଜୀବୀ ଅଶୋକ ମହାପାତ୍ର, ବାର୍ କାଉନସିଲ୍ ଅଫ୍ ଇଣ୍ଡିଆର ପ୍ରତିନିଧି ଡି.ପି. ଧଳ ଉପସ୍ଥିତ ଥିଲେ। ରାଜ୍ୟ ଆଇନ ସେବା ପ୍ରାଧିକରଣରେ ହାଇକୋର୍ଟ ବିଚାରପତି ତଥା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧକ୍ଷା ସଞ୍ଜୁ ପଣ୍ଡା ପତାକା ଉତ୍ତୋଳନ କରିଥିଲେ। କୋଭିଡ ଯୋଦ୍ଧା ଭାବେ ଡା. ଏ.ପି. ପଟ୍ଟନାୟକ, ଡା. ବିଦ୍ୟୁତ ଦାଶ, ଡା. ମନୋରଞ୍ଜନ ପଟ୍ଟନାୟକ, ଡା. ରୋମା ରତନ, ଅଗ୍ନିସେବା ଅଧିକାରୀ ମହେଶ୍ୱର ସ୍ୱାଇଁ, ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରାଧିକରଣ ସଦସ୍ୟ ସଚିବ ମିନାକ୍ଷୀ ଦାସ, ପ୍ରୋଜେକ୍ଟ କନସଲଟାଣ୍ଟ ଦେବାଶିଷ ନାୟକ, ଉପସଚିବ ଜ୍ୟୋତି ରଞ୍ଜନ ଦାଶ, ସହ ସଚିବ ରୁଦ୍ର ପ୍ରକାଶ ନାୟକ ଉପସ୍ଥିତ ଥିଲେ।

## କୋଭିଡ୍ ନିୟନ୍ତ୍ରଣ ନେଇ ବିଜୁ ଯୁବ, ଛାତ୍ର ଜନତା ଦଳର ୱେବିନାର

ଭୁବନେଶ୍ୱର,୧୬।୮(ବ୍ୟୁରୋ): ବିଜେଡି ଓ ବିଜୁ ଛାତ୍ର ଜନତାଦଳ ପକ୍ଷରୁ ରବିବାର 'ବିପର୍ଯ୍ୟୟ ପରିଚାଳନା କୋଭିଡ୍-୧୯ ନିୟନ୍ତ୍ରଣ ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ' ଶୀର୍ଷକ ୱେବିନାର ଅନୁଷ୍ଠିତ ହୋଇଛି। ଏଥିରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ, ଏମ୍‌ପି ଅଚ୍ୟୁତ ସାମନ୍ତ, ବିଧାୟକ ପ୍ରଣବ ପ୍ରକାଶ ଦାସ, ବ୍ୟୋମକେଶ ରାୟ, ଦେବୀ ପ୍ରସାଦ ମିଶ୍ର, ଯୁବ ଜନତା ଦଳ ସଭାପତି ଅମରେଶ ପତ୍ରୀ, ଛାତ୍ର ଜନତା ଦଳ ସଭାପତି ରାଣା ପ୍ରତାପ ପାତ୍ର ଯୋଡ଼ି ହୋଇଥିଲେ। ପ୍ରାରମ୍ଭରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ରଖାଯାଇଥିଲା। ସେଥିରେ ସେ କହିଛନ୍ତି ଯେ, ଓଡ଼ିଶାରେ କୋଭିଡ-୧୯ ପରୀକ୍ଷା ଅନ୍ୟ ରାଜ୍ୟ ତୁଳନାରେ ଅଧିକ ଥିବାବେଳେ କରୋନା ମୃତ୍ୟୁସଂଖ୍ୟା ସବୁଠାରୁ କମ୍ ରହିଛି। ରାଜ୍ୟ ସରକାର କରୋନା ମୁକାବିଲା ଲାଗି ନେଇଥିବା ଏକାଧିକ ପଦକ୍ଷେପରୁ ଏଭଳି ସୁଫଳ ମିଳିଛି। ୱେବିନାରରେ ସ୍ୱାସ୍ଥ୍ୟମନ୍ତ୍ରୀ ରାଜ୍ୟରେ ଆରମ୍ଭ ହୋଇଥିବା ପ୍ଲାଜମା ଚିକିତ୍ସା କିଭଳି ଫଳବତୀ ହୋଇ କିପରି ଜୀବନ ରକ୍ଷା କରିପାରୁଛି, ତାହା ଉଲ୍ଲେଖ କରିଥିଲେ। ଟେଲି ମେଡିସିନ, କୋଭିଡ ଡାକ୍ତରଖାନା, ଟିଏମ୍‌ସି, ନମୁନା ପରୀକ୍ଷା, ଟ୍ରେସିଂ ସଂକ୍ରାନ୍ତରେ ସେ ବିସ୍ତୃତ ସୂଚନା ଦେଇଥିଲେ। ଅଚ୍ୟୁତ ସାମନ୍ତ କହିଛନ୍ତି ଯେ, ରାଜ୍ୟ ସରକାରଙ୍କ ପଦକ୍ଷେପ ଯୋଗୁ ଏବେ ଦୈନିକ ୫୦ ହଜାରରୁ ଅଧିକ ନମୁନା ପରୀକ୍ଷା ହୋଇପାରିଛି। ଏହି ଅବସରରେ ପ୍ଲାଜମା ଦାନ କରିଥିବା ରାହୁଲ ସୁବୁଦ୍ଧି ଓ କରୋନାକୁ ହରାଇଥିବା ଆଇନଜୀବୀ ବିଜୟ ଦାସ ନିଜ ଅନୁଭୂତି ବଖାଣିଥିଲେ। ମୁଖ୍ୟମନ୍ତ୍ରୀ ଠିକଣା ସମୟରେ ନେଇଥିବା ପଦକ୍ଷେପ ଯୋଗୁ ରାଜ୍ୟରେ କରୋନା ନିୟନ୍ତ୍ରଣ ହୋଇପାରିଥିବା ଅଷ୍ଟ୍ରେଲିଆରୁ ଡାକ୍ତର ପତି ଓ ଲଣ୍ଡନରୁ ଦାସ କହିଛନ୍ତି। କରୋନା ଲକ୍ଷଣ ଓ ନିୟନ୍ତ୍ରଣ ସଂକ୍ରାନ୍ତରେ ଡାକ୍ତର ମହାପାତ୍ର ସୂଚନା ଦେଇଥିଲେ। ଏହି ୱେବିନାରରେ ୨,୩୩,୪୫୫ ଜଣ ଯୋଡ଼ି ହୋଇଥିବା ବେଳେ ଲକ୍ଷେରୁ ଅଧିକ ଲୋକ ଏହାକୁ ଦେଖିଥିବା ଦଳ ସୂଚନା ଦେଇଛି।

# ୨୩ଶହ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ଜବରଦଖଲ

**ସ୍ଥିତପ୍ରଜ୍ଞ ମିଶ୍ର**
ଭୁବନେଶ୍ୱର ୧୬।୮(ବ୍ୟୁରୋ)

ରାଜଧାନୀରେ ବେଶ୍ ସକ୍ରିୟ ରହିଛି ଜମି ର୍‌ୟାକେଟ୍। କେଉଁଠି ଗୋଷ୍ଠୀଗତ ତ ଆଉ କେଉଁଠି ବ୍ୟକ୍ତିଗତ କବ୍‌ଜାକୁ ଚାଲିଯାଉଛି ଭୁବନେଶ୍ୱରର ବହୁ ମୂଲ୍ୟବାନ ଜମି। ଜବରଦଖଲ ସହ କିଣାବିକା ମଧ୍ୟ ହେଉଛି। ଫଳରେ ୨୩ଶହ ଏକରରୁ ଊର୍ଦ୍ଧ୍ୱ ସରକାରୀ ଜମି ଏବେ ଜବରଦଖଲରେ ରହିଛି। ଏଥିରୁ ସର୍ବାଧିକ ଅର୍ଥାତ୍ ୮୪୦ ଏକର ଜମି ବସ୍ତିବାସିନ୍ଦାଙ୍କ କବ୍‌ଜାରେ ରହିଥିବାବେଳେ ୬୦୦ରୁ ଊର୍ଦ୍ଧ୍ୱ ଏକର ରାସ୍ତା ପାର୍ଶ୍ୱ ଜମି ଜବରଦଖଲ ହୋଇଥିବା ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଲ୍ୟାଣ୍ଡ ଓ ଲିଗାଲ ବିଭାଗ ପକ୍ଷରୁ ଜଣାପଡ଼ିଛି। ବିଶେଷକରି ୨୦୦୩ରୁ ଜବରଦଖଲ ହୁ ହୁ ହୋଇ ବଢ଼ିଥିଲା। ଜମି ମାଫିଆଙ୍କ ସହ ବିଏମ୍‌ସି, ବିଡିଏ ଓ ଜମିଜମା ସହ ସମ୍ପୃକ୍ତ କାର୍ଯ୍ୟାଳୟର କିଛି ଅସାଧୁ କର୍ମଚାରୀ ହାତ ମିଳାଇ ଖୋଜିଖୋଜି ସରକାରୀ ଜମିକୁ ଜବରଦଖଲ କରିଥିଲେ, ଯାହା ଏବେବି ଜାରି ରହିଥିବା ଜଣାପଡିଛି। ଏପଟେ ଉଚ୍ଛେଦ ନାଁରେ ବିଏମ୍‌ସି, ବିଡିଏ, ସାଧାରଣ ପ୍ରଶାସନ ପକ୍ଷରୁ ବିପୁଳ ଅର୍ଥ ଖର୍ଚ୍ଚ କରାଯାଉଥିଲେ ମଧ୍ୟ ଜବରଦଖଲ ହଟିପାରୁନି। କୁହାଯାଉଛି ଜବରଦଖଲକାରୀଙ୍କୁ ଗଳାବାଟ ଦେଖାଇ ଅଧିକାରୀମାନେ ପ୍ରହସନ କରୁଛନ୍ତି। ଏପଟେ ରାଜନୈତିକ ଚାପ ବଡ଼ ବାଧକ ସାଜୁଛି। ଫଳରେ ସ୍ମାର୍ଟସିଟିର ବିକାଶଧାରା ବର୍ଷ ବର୍ଷ ଧରି କେଉଁଠି ଅଟକି ରହିଛି ତ ଆଉ କେଉଁଠି ଜବରଦଖଲକାରୀଙ୍କୁ ସୁହାଇବା ଭଳି କାର୍ଯ୍ୟ ହେଉଥିବା ନଜର ରହିଛି।

ବିଏମ୍‌ସି ଉଚ୍ଛେଦ ଟିମ୍‌ର ଜଣେ ଅଧିକାରୀଙ୍କ କହିବା କଥା ହେଲା, ସହରର ପରିସୀମା ଭଳି ଜବରଦଖଲ ବଢ଼ୁଛି। ସରକାରୀ ଜମିକୁ ଜବରଦଖଲ କରି ରାତାରାତି ୩୦/୨୦ରେ ପ୍ଲଟିଂ କରାଯାଇ ୫୦ ହଜାରରୁ ଲକ୍ଷେ ଟଙ୍କାରେ ବିକ୍ରି କରିଦିଆଯାଉଛି। ସୁରକ୍ଷା ପାଇଁ ସେଠାରେ ନୂଆ ବସ୍ତି ଗଢ଼ାଯାଇ ସଂଘ ଗଠନ କରାଯାଉଛି। ପ୍ରଶାସନର ନଜର ପଡ଼ିବା ପରେ ଉଚ୍ଛେଦ ପାଇଁ ଅର୍ଡର ହେଉଛି ସତ, କିନ୍ତୁ ସଂଘବଦ୍ଧ ବିରୋଧ ଓ ରାଜନୈତିକ ବ୍ୟକ୍ତିବିଶେଷଙ୍କ ହସ୍ତକ୍ଷେପ ଯୋଗୁ ଜବରଦଖଲ ହଟାଇବା ସମ୍ଭବ ହେଉନି। ଖାଲି ବସ୍ତି ପାଇଁ ଜମି ଜବରଦଖଲ ହେଉଛି ତା ନୁହେଁ, ରାସ୍ତା ପାର୍ଶ୍ୱରେ ଥିବା ସାଧାରଣ ପ୍ରଶାସନ ବିଭାଗର ଜମି ମଧ୍ୟ ବହୁ ସ୍ଥାନରେ ଜବରଦଖଲରେ ରହିଛି। ଫଳରେ ଅଧିକାଂଶ ରାସ୍ତା ଚଉଡ଼ା ହୋଇପାରୁନାହିଁ କି ଡ୍ରେନ୍ ନିର୍ମାଣ ହୋଇପାରୁନି। ୨୦୦୯ରେ ରାଜଭବନରୁ ନନ୍ଦନକାନନ ରାସ୍ତାକୁ ୪ ଥାକିଆ (୨୦୦ ଫୁଟ) କରିବାକୁ ନିଷ୍ପତ୍ତି ହୋଇଥିଲା। ଘରୋଇ ଜମି ଅଧିଗ୍ରହଣ ଓ ସରକାରୀ ଜମି ଉପରୁ ଜବରଦଖଲ ନ ହଟିବା କାରଣରୁ ଏହାକୁ ୨ ଥାକିଆ ଅର୍ଥାତ୍ ୧୦୦ ଫୁଟ୍‌ର ରାସ୍ତା କରି କାମ ଚଳାଗଲା। ଏହିପରି ଭୁବନେଶ୍ୱରର ବହୁ ସ୍ଥାନରେ ସରକାରୀ ଜମି ଜବରଦଖଲ ହୋଇଥିବା ପ୍ରଶାସନର ନଜରକୁ ଆସିଛି। ସମୟାନୁକ୍ରମେ ଜବରଦଖଲ ଅଧିକ ହୋଇଛି, ଯାହାକୁ ନିୟନ୍ତ୍ରଣ କରାଯାଇପାରିନାହିଁ ବୋଲି ସେ କହିଛନ୍ତି।

ଏନେଇ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ଉଚ୍ଛେଦ ହେଉଥିଲା ଓ ଆଗକୁ ମଧ୍ୟ ଜୋର୍‌ଦାର ହେବ। ୨୦୧୯ରେ ବାତ୍ୟା ଫନୀ ଭଳି ସାମ୍ପ୍ରତିକ କରୋନା ସ୍ଥିତି ପାଇଁ ବିଏମ୍‌ସି ତଥା ଅନ୍ୟ ପ୍ରଶାସନିକ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଗହଳିରୁ ଦୂରେଇ ରହିବା ହିଁ ସମସ୍ତଙ୍କ ପାଇଁ ଭଲ। ଭୁବନେଶ୍ୱରର ସ୍ଥିତି ସ୍ୱାଭାବିକ ହେବା ପରେ ଏନେଇ ରିଭ୍ୟୁ କରାଯିବ ଓ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

**ରାଜଧାନୀରେ ର୍‌ୟାକେଟ୍**
- ବେଆଇନ ଭାବେ ଚାଲିଛି କିଣାବିକା
- ରାଜନୈତିକ, ପ୍ରଶାସନିକ ସମ୍ପୃକ୍ତି ରହିଥିବା ସୂଚନା
- ଉଚ୍ଛେଦ ଅର୍ଡର ଦେଇ ହାତମାରି ପାରୁନି ବିଏମ୍‌ସି



### ହାଇକୋର୍ଟ ଯିବେ ଅଞ୍ଚଳବାସୀ

ରବି ଟକିଜ୍ ଛକ ନିକଟ ମେଟ୍ରୋ ମାନ୍‌ଶନ ହାଉସ୍ ଅଞ୍ଚଳରେ ଜବରଦଖଲ ପାଇଁ ସବୁବେଳେ ନାନା ସମସ୍ୟା ସୃଷ୍ଟି ହେଉଛି। ଦୀର୍ଘଦିନ ହେବ ଅଞ୍ଚଳବାସୀ ବିଏମ୍‌ସିକୁ ଜଣାଇ ଆସୁଥିଲେ ମଧ୍ୟ କିଛି ସୁଫଳ ମିଳିନି। ବିଏମ୍‌ସି ଲ୍ୟାଣ୍ଡ ବିଭାଗର ଫାଇଲ୍ ତଳେ ଅଭିଯୋଗ ସେମିତି ରହିଯାଇଛି। ସେହିବାଟ ଦେଇ ଗୋଟିଏ ଚାରିଚକିଆ ଗଲେ ଅନ୍ୟଗାଡ଼ିଗୁଡ଼ିକ ପଛକୁ ହଟି ସାଇଡ୍ ଦେବାକୁ ପଡୁଛି। ସେହିଭଳି ବର୍ଷା ଜଳ ନିଷ୍କାସନ ସମସ୍ୟା ରହୁଛି। ସବୁଠୁ ବଡ଼ କଥା ହେଉଛି, ବର୍ତ୍ତମାନ ଆଭ୍ୟନ୍ତରୀଣ ଡ୍ରେନ୍ ନିର୍ମାଣ ଚାଲିଥିବାବେଳେ କରୋନା ସୁଯୋଗରେ ମନଇଚ୍ଛା କାର୍ଯ୍ୟ ହେଉଥିବାରୁ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ଘଟଣା ସମ୍ପର୍କରେ ଅଞ୍ଚଳବାସୀ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ, ମୁଖ୍ୟଯନ୍ତ୍ରୀ ଦେବସୁନ୍ଦର ମହାପାତ୍ରଙ୍କ ସମେତ ଡ୍ରେନେଜ୍ ବିଭାଗ, ଜୋନାଲ ଅଫିସ୍‌କୁ ଅବଗତ କରାଇବା ସତ୍ତ୍ୱେ ଠିକାଦାରଙ୍କ କାର୍ଯ୍ୟପ୍ରଣାଳୀରେ କିଛି ବି ଫରକ ପଡୁ ନ ଥିବା ସେମାନେ କହିଛନ୍ତି। ଆଗାମୀ ଦିନରେ ଏହିସବୁ ସମସ୍ୟା ନେଇ ଅଞ୍ଚଳବାସୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବେ ବୋଲି ପ୍ରକାଶ କରିଛନ୍ତି।

## ଭୁବନେଶ୍ୱର: ତହସିଲ, ଉପଜିଲାପାଳ ଅଫିସ ୪୮ ଘଣ୍ଟା ବନ୍ଦ

**ଭୁବନେଶ୍ୱର ୧୬।୮(ବ୍ୟୁରୋ):** ଭୁବନେଶ୍ୱରରେ ପୁଣି ୧୭୦ ନୂଆ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଙ୍ଗରୋଧରୁ ୯୨ଜଣ ଓ ସ୍ଥାନୀୟ ସଂକ୍ରମିତ ଭାବେ ୭୮ଜଣ ରହିଛନ୍ତି। ଏହାକୁ ମିଶାଇ ରାଜଧାନୀରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୫ ହଜାର ୨୮୯କୁ ବୃଦ୍ଧିପାଇଛି। ସଙ୍ଗରୋଧ ଆକ୍ରାନ୍ତଙ୍କ ମଧ୍ୟରୁ ୮୬ଜଣ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବାବେଳେ ୬ ଜଣଙ୍କର ଗସ୍ତ ବିବରଣୀ ରହିଥିବା ବିଏମ୍‌ସି ସୂଚନା ଦେଇଛି। ଏହି ୬ଜଣ ନୀଳାଦ୍ରିବିହାରରୁ ଚିହ୍ନଟ ହୋଇଥିବାବେଳେ ବୁଦ୍ଧେଶ୍ୱରୀ କଲୋନୀ ଓ ନୀଳାଦ୍ରି ବିହାରର ରିକ୍ସା କଲୋନୀରୁ ୪ଜଣ ଲେଖା ପଜିଟିଭ୍ ରହିଛନ୍ତି। ସେହିଭଳି ସ୍ଥାନୀୟ ସଂକ୍ରମିତଙ୍କ ମଧ୍ୟରେ ପଟିଆରୁ ୬ଜଣ, ଭରତପୁର, ଡୁମୁଡୁମା ଓ ମଞ୍ଚେଶ୍ୱରରୁ ୩ ଜଣ ଲେଖା ଚିହ୍ନଟ ହୋଇଛନ୍ତି। ଏଥିସହ ଧଉଳି ଥାନାର ଦୁଇ ପୋଲିସ କର୍ମଚାରୀ ପଜିଟିଭ୍ ଚିହ୍ନଟ ହେବାପରେ ଥାନାକୁ ସାନିଟାଇଜ୍ କରାଯାଇଛି। ଅନ୍ୟପକ୍ଷରେ ତହସିଲ ଓ ଉପଜିଲାପାଳଙ୍କ କାର୍ଯ୍ୟାଳୟକୁ ବିଶୋଧନ କରାଯିବ। ଏନେଇ ବିଏମ୍‌ସି କମିଶନର ଚିଠି କରିଥିବାବେଳେ ଏଥିପାଇଁ ୪୮ ଘଣ୍ଟା ପାଇଁ ଦୁଇ ଅଫିସ ବନ୍ଦ ରହିବ ବୋଲି ସୂଚନା ମିଳିଛି। ଏଠାରେ କେହି କର୍ମଚାରୀ କରୋନା ଚିହ୍ନଟ ହେବା ପରେ ଏପରି ପଦକ୍ଷେପ ନିଆଯାଉଥିବା କୁହାଯାଉଛି।

## ବଢୁଛି ସୁସ୍ଥହାର, କମୁଛନ୍ତି ଆକ୍ରାନ୍ତ

କଟକ ଅଫିସ,୧୬।୮

**ସଂକ୍ରମଣ ନିୟନ୍ତ୍ରଣକୁ ଆଣିବା ପାଇଁ ଟେଷ୍ଟିଂ ବଢ଼ାଯିବ: ଜିଲାପାଳ**

କଟକ ଜିଲାରେ ଆରୋଗ୍ୟ ହାର ବଢୁଥିବା ବେଳେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା କମିବାରେ ଲାଗିଛି। କରୋନା ବିରୋଧରେ ଚାଲିଥିବା ଲଢ଼େଇରେ ଏହି ତଥ୍ୟ ଅଧିକ ଉତ୍ସାହ ଭରିବ ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ଟେଷ୍ଟିଂ କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଅଗଷ୍ଟ ୨ରୁ ୮ ଭିତରେ ୧୩ ହଜାର ୧୨୪ଟି ଟେଷ୍ଟିଂ ହୋଇଥିବା ବେଳେ ୮୮୨ ଜଣ ପଜିଟିଭ୍ ଚିହ୍ନଟ ହୋଇଥିଲେ। କିନ୍ତୁ ଅଗଷ୍ଟ ୯ରୁ ୧୫ ଭିତରେ ୧୭ ହଜାର ୪୩୫ଟି ପରୀକ୍ଷାରୁ ୮୦୬ ଜଣ ପଜିଟିଭ୍ ବାହାରିଛନ୍ତି।

ଗ୍ରାମାଞ୍ଚଳ ଅପେକ୍ଷା ସହରାଞ୍ଚଳରେ ଆକ୍ରାନ୍ତଙ୍କ ସଂଖ୍ୟା ଅଧିକ ରହିଛି। ଜିଲାର ମୋଟ ଆକ୍ରାନ୍ତଙ୍କ ମଧ୍ୟରୁ ଗ୍ରାମାଞ୍ଚଳରେ ୧୫୧୮ (୪୦.୫୧%) ଓ ସହରାଞ୍ଚଳରେ ୨୨୨୯ (୫୯.୪୯%) ଜଣ ଆକ୍ରାନ୍ତ ରହିଛନ୍ତି। ଗତ ସପ୍ତାହରେ ଗ୍ରାମାଞ୍ଚଳରେ ୪୬.୯ ଓ ସହରାଞ୍ଚଳରେ ୫୩.୧ ପ୍ରତିଶତ ଆକ୍ରାନ୍ତ ଥିଲେ। ଜିଲାରେ ସୁସ୍ଥ ହାର ୭୨.୧୬ ପ୍ରତିଶତ ରହିଛି। ପୂର୍ବ ସପ୍ତାହରେ ଏହା ୬୬.୦୩ ପ୍ରତିଶତ ଥିଲା। ସେହିଭଳି ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ କମିଛି। ବର୍ତ୍ତମାନ ଏହାର ହାର ୩୩.୯୯ରୁ ଖସି ୨୭.୨୨ ପ୍ରତିଶତ ରହିଛି। ବର୍ତ୍ତମାନ ସୁଦ୍ଧା ଜିଲାରେ ୫୪,୮୮୪ଟି ଟେଷ୍ଟ କରାଯାଇଛି। ଏଥିରେ ୩୮,୪୮୮ ଆର୍‌ଟି-ପିସିଆର୍ ଓ ୧୬,୩୯୬ଟି ଆଣ୍ଟିଜେନ୍ ଟେଷ୍ଟ ରହିଛି। ମୋଟ ଟେଷ୍ଟରୁ ୩,୭୪୭ ରିପୋର୍ଟ ପଜିଟିଭ୍ ରହିଥିଲା। ଅନ୍ୟପକ୍ଷରେ ଅଶ୍ୱିନୀ କୋଭିଡ୍ ହସ୍ପିଟାଲରେ ୪୭ ପ୍ରତିଶତ ବେଡ୍ ଖାଲି ଥିବାବେଳେ ଜିମ୍‌ସାର୍ ସ୍ୱତନ୍ତ୍ର କୋଭିଡ୍ କେୟାର ସେଣ୍ଟରରେ ୩୫ ପ୍ରତିଶତ ବେଡ୍ ଖାଲି ପଡ଼ିଛି। ଗ୍ରାମାଞ୍ଚଳର ୮ଟି କୋଭିଡ୍ କେୟାର ସେଣ୍ଟରରେ ୧୨୩୦ଟି ବେଡ୍ ଥିବାବେଳେ ୪୫ ପ୍ରତିଶତ ଭର୍ତ୍ତି ହୋଇଛି। ସମସ୍ତ ୩୪ ଆଇସିୟୁ ଭର୍ତ୍ତି ହୋଇଯାଇଥିବା ବେଳେ ୨୦ରୁ ୧୮ଟି ଭେଣ୍ଟିଲେଟର୍ ବର୍ତ୍ତମାନ ବ୍ୟବହାର ହେଉଥିବା ଜିଲାପାଳ ଚୟନୀ ସୂଚନା ଦେଇଛନ୍ତି।

ଜିଲାର ୩୩୨ଜଣ କୋଭିଡ୍ ଯୋଦ୍ଧା କରୋନା ଆକ୍ରାନ୍ତ ହୋଇଥିବା ବେଳେ ବର୍ତ୍ତମାନ ମାତ୍ର ୭୪ ଜଣ ଚିକିତ୍ସିତ ଅଛନ୍ତି। ଆକ୍ରାନ୍ତଙ୍କ ମଧ୍ୟରେ ୩୦ ଜଣ ଡାକ୍ତର, ୪୧ ଜଣ ନର୍ସ, ୩ ଆଶାକର୍ମୀ, ୪ ଜଣ ଫାର୍ମାସିଷ୍ଟ, ୬ ଜଣ ଟେକ୍ନିସିଆନ୍, ୧୪୪ ଜଣ ଏନ୍‌ଡିଆର୍‌ଏଫ୍, ଓଡ୍ରାଫ୍, ପୋଲିସ ଓ ଟ୍ରାଫିକ କର୍ମଚାରୀ ଏବଂ ଅନ୍ୟ ୧୦୪ ଜଣ ରହିଛନ୍ତି। ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ୩୯ ଜଣ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏମାନଙ୍କ ମଧ୍ୟରେ ୬ ଡାକ୍ତର, ୫ ଅଗ୍ନିଶମ କର୍ମଚାରୀ, ଜଣେ ପୋଲିସ କର୍ମଚାରୀ, ୩ ଫାର୍ମାସିଷ୍ଟ, ୨ ଟେକ୍ନିସିଆନ୍, ୩ ନର୍ସ, ୩ ଏଏନ୍‌ଏମ୍, ୨ ପିଏଚ୍‌ଇଓ, ୨ ଆଶାକର୍ମୀ, ଜଣେ ଆଟେଣ୍ଡାଣ୍ଟ, ୬ ପରିମଳ କର୍ମଚାରୀ, ଜଣେ ଆମ୍ବୁଲାନ୍ସ ଚାଳକ, ଜଣେ ସିକ୍ୟୁରିଟି ଓ ୩ ଜଣ ଅଙ୍ଗନୱାଡ଼ି କର୍ମୀ ରହିଛନ୍ତି। କରୋନା ସଂକ୍ରମଣ ନିୟନ୍ତ୍ରଣକୁ ଆଣିବା ପାଇଁ ଟେଷ୍ଟିଂ ବଢ଼ାଯିବ ବୋଲି ଜିଲାପାଳ ଚୟନୀ କହିଛନ୍ତି।

## ମୁକୁନ୍ଦପ୍ରସାଦରେ ଗୋଷ୍ଠୀ ସଂଘର୍ଷ

ଖୋର୍ଦ୍ଧା ଅଫିସ,୧୬।୮: ଟାଉନ୍ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦରେ ଶନିବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଛି। ଏଥିରେ ବଉଳସାହିର ବିଶ୍ୱଜିତ ବାରିକ ଆହତ ହୋଇଛନ୍ତି। ଉଭୟ ପକ୍ଷଙ୍କ ଅଭିଯୋଗକ୍ରମେ ପୋଲିସ ୩ଟି ମାମଲା ରୁଜୁକରି ତଦନ୍ତ ଚଳାଇଛି। ସୂଚନା ମୁତାବକ, ମୁକୁନ୍ଦପ୍ରସାଦର ମହମ୍ମଦ ସାଜିଦଙ୍କ ଏକ ପଥର ବୋଝେଇ ଟ୍ରାକ୍ଟର ଶୁକ୍ରବାର ବଉଳସାହି ଦେଇ ଯାଉଥିଲା। ଏହାକୁ ବିରୋଧ କରିବା ଏବଂ ଗାଳିଗୁଳଜ କରିବା ନେଇ ମହମ୍ମଦଙ୍କ ଅଭିଯୋଗକ୍ରମେ ଶିଳ୍ପାଞ୍ଚଳ ଫାଣ୍ଡିରେ ଏକ ମାମଲା(ନଂ.୨୭୮/୨୦) ରୁଜୁ ହୋଇଛି। ସେହିପରି ବଉଳସାହି ଯୁବକ ସଂଘ ପକ୍ଷରୁ ମହମ୍ମଦଙ୍କ ବିରୋଧରେ ମାମଲା(ନଂ.୨୭୯/୨୦)ରୁଜୁ ହୋଇଛି। ଶନିବାର ରାତିରେ କେତେଜଣ ଯୁବକ ବିଶ୍ୱଜିତ୍‌ଙ୍କୁ ବଉଳ ସାହି ଘର ନିକଟରେ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ବିଶ୍ୱଜିତଙ୍କ ଅଭିଯୋଗକ୍ରମେ ଟାଉନ ଥାନାରେ ଏକ ମାମଲା (ନଂ.୨୮୦/୨୦)ରୁଜୁ ହୋଇଛି। ଆକ୍ରମଣକାରୀ ପୁଣି ବିଶ୍ୱଜିତ୍‌ଙ୍କ ଘରକୁ ବୋମାମାଡ କରିଥିଲେ। ଏନେଇ ମୁକୁନ୍ଦପ୍ରସାଦ ଏବଂ ବଉଳସାହିରେ ଉତ୍ତେଜନା ପ୍ରକାଶ ପାଇଛି। ଗୋଟିଏ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଥାନା ଅଧିକାରୀ ଉମାଶଙ୍କର ସିଂ କହିଛନ୍ତି, ୩ଟି ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## 'ସ୍ୱାଧୀନତା ସଂଗ୍ରାମରେ କଟକର ଅବଦାନ ଅତୁଳନୀୟ'



ବାରବାଟୀଠାରେ ଜିଲାସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ଶନିବାର ଅଭିବାଦନ ଗ୍ରହଣ କରୁଛନ୍ତି ମନ୍ତ୍ରୀ।

କଟକ ଅଫିସ,୧୬।୮

**ଜିଲାସ୍ତରୀୟ ସ୍ୱାଧୀନତା ଦିବସ**

ସ୍ୱାଧୀନତା ସଂଗ୍ରାମରେ କଟକର ଅବଦାନ ଅତୁଳନୀୟ ଥିଲା। ମହାନ ଦେଶଭକ୍ତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଭଳି ବହୁ ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଓ କର୍ମପୀଠ ହେଉଛି କଟକ। ସେମାନେ ନିଜକୁ ଦେଶ ଓ ଜାତି ଉଦ୍ଦେଶ୍ୟରେ ସମର୍ପଣ କରିଥିଲେ। ବାରବାଟୀରେ ଆୟୋଜିତ ଜିଲାସ୍ତରୀୟ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ଏହା କହିଛନ୍ତି।

ଏହି ଅବସରରେ ମୁଖ୍ୟ ଅତିଥି ପୋଲିସ ବ୍ୟାଣ୍ଡ, ଗୃହରକ୍ଷୀ ଓ ଏପିଆର ବାହିନୀଠାରୁ ସଲାମୀ ସହ ଅଭିବାଦନ ଗ୍ରହଣ କରିଥିଲେ। ସାମାଜିକ ଦୂରତ୍ୱ, ମାସ୍କ ପରିଧାନ ଓ କୋଭିଡ କଟକଣା ଜନିତ ସରକାରୀ ନିୟମ ଅନୁସାରେ ସ୍ୱଳ୍ପ ସଂଖ୍ୟକ ଅତିଥି ଓ ନିମନ୍ତ୍ରିତ କରୋନା ଯୋଦ୍ଧାଙ୍କ ଉପସ୍ଥିତିରେ ଏହି ଦିବସ ପାଳନ କରାଯାଇଛି। ପ୍ଲାଜମା ଦାନ କରି ଜୀବନ ବଞ୍ଚାଇଥିବା କୋଭିଡ ଯୋଦ୍ଧା ଡାକ୍ତର, ସ୍ୱାସ୍ଥ୍ୟକର୍ମୀ, ଆଶା ଓ ଅଙ୍ଗନୱାଡ଼ି କର୍ମୀ, ସଫେଇ କର୍ମୀ, ଅଗ୍ନିଶମ, ନିରାପତ୍ତା ଓ ପୋଲିସ କର୍ମୀଙ୍କୁ ମୁଖ୍ୟ ଅତିଥି ଏଥିରେ ସମ୍ମାନିତ କରିଥିଲେ। ଜିଲାପାଳ ଭବାନୀ ଶଙ୍କର ଚୟନୀ ଓ ଡିସିପି ପ୍ରତୀକ ସିଂ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, ଡିଆର୍‌ଡିଏ ପିଡି ଅବଦଲ ଅଖତର, ଅତିରିକ୍ତ ଜିଲାପାଳ ବିଜୟ ଖଣ୍ଡାୟତରାୟ ଓ ପୂର୍ଣ୍ଣଚନ୍ଦ୍ର ମିଶ୍ର ଉପସ୍ଥିତ ଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶୋକ ଷଡ଼ଙ୍ଗୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଦେବେନ ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର,୧୬।୮(ବ୍ୟୁରୋ): ଓଡ଼ିଆ ଚଳଚ୍ଚିତ୍ର ଜଗତର ଜଣାଶୁଣା ସମ୍ପାଦକ ତଥା ଫିଲ୍ମ ଏଡିଟର୍ ଦେବେନ ମିଶ୍ରଙ୍କ ପରଲୋକ ଘଟିଛି। ତାଙ୍କୁ ୬୨ବର୍ଷ ହୋଇଥିଲା। ଶନିବାର ବିଳମ୍ବିତ ରାତିରେ ହୃଦ୍‌ଘାତ ଯୋଗୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ସ୍ୱର୍ଗତ ମିଶ୍ର ୮୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ରରେ ଏଡିଟିଂ ଦାୟିତ୍ୱ ତୁଲାଇଛନ୍ତି। ବହୁ ହିଟ୍ ଓଡ଼ିଆ ଚଳଚ୍ଚିତ୍ର ଏଡିଟିଂ କରି ସେ ପରିଚିତ ହୋଇଥିଲେ। 'ପୁଅ ମୋର କଳାଠାକୁର' ତାଙ୍କ ଦ୍ୱାରା ସମ୍ପାଦିତ ପ୍ରଥମ ଫିଲ୍ମ ଥିଲା। 'ଉଦଣ୍ଡୀ ସୀତା', 'ଭାଗ୍ୟ ହାତେ ଡୋରୀ', 'ଅଣ୍ଟି ଛୁରି ତଣ୍ଟି କାଟେ', 'ଗଢ଼ି ଜାଣିଲେ ଘର ସୁନ୍ଦର', 'ଲକ୍ଷେ ଶିବ ପୂଜି ପାଇଛି ପୁଅ', 'ରଣଭୂମି', 'ଯଶୋଦା', 'କଳାମାଣିକ', 'କିଏ କାହାର', 'ସାବିତ୍ରୀ', 'ସୁହାଗ ସିନ୍ଦୁର' ଭଳି ସୁପରହିଟ୍ ଓଡ଼ିଆ ଫିଲ୍ମର ସେ ସମ୍ପାଦନା କରିଥିଲେ। 'ତୁ ମୋ ଶଙ୍ଖା ତୁ ମୋ ସିନ୍ଦୁର' ତାଙ୍କ ସମ୍ପାଦିତ ଶେଷ ଫିଲ୍ମ ଥିଲା।

## ଜାତୀୟ ଶିକ୍ଷା ନୀତି କାର୍ଯ୍ୟକାରିତା ନେଇ ତର୍ଜମା ଆରମ୍ଭ

ଭୁବନେଶ୍ୱର,୧୬।୮(ବ୍ୟୁରୋ)

ରାଜ୍ୟରେ ଜାତୀୟ ଶିକ୍ଷାନୀତି-୨୦୨୦ର କାର୍ଯ୍ୟକାରିତା ପାଇଁ ଆରମ୍ଭ ହୋଇଛି ମାନସମନ୍ଥନ। ବିଜେଡି କଳା, ସଂସ୍କୃତି ଓ ମାନବ ସମ୍ବଳ ଶାଖା ପକ୍ଷରୁ ରବିବାର ଦୁଇଟି ଭର୍ଚୁଆଲ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ପ୍ରଥମ ଅଧିବେଶନରେ ବୁଦ୍ଧିଜୀବୀ ଓ ଶିକ୍ଷାବିତ ଏବଂ ଦ୍ୱିତୀୟ ଅଧିବେଶନରେ ଅଭିଭାବକମାନେ ଅଂଶଗ୍ରହଣ କରି ମତ ରଖିଥିଲେ। ଏହାର ନିଷ୍କର୍ଷ ରାଜ୍ୟ ସରକାରଙ୍କୁ ଦିଆଯିବ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଉଚ୍ଚ ଶିକ୍ଷାମନ୍ତ୍ରୀ ତଥା ବିଜେଡି ସାଧାରଣ ସମ୍ପାଦକ ଅରୁଣ କୁମାର ସାହୁ ଅଧକ୍ଷତା କରିଥିଲେ। ଏକ ସଂଘୀୟ ବ୍ୟବସ୍ଥାରେ ଜାତୀୟ ଶିକ୍ଷାନୀତିର ରୂପାୟନ ଓ ଏକ୍ଷେତ୍ରରେ ଅର୍ଥ ଆବଣ୍ଟନ ସମ୍ପର୍କରେ ଆଲୋଚନା ହୋଇଥିଲା। ଆରିଜୋନା ବିଶ୍ୱବିଦ୍ୟାଳୟର ପ୍ରଫେସର ଚିତ୍ତ ବରାଳ, ହଂକଂ ବିଶ୍ୱବିଦ୍ୟାଳୟର ଡ. ଧନଦା ମିଶ୍ର, ପୂର୍ବତନ କୁଳପତି ପ୍ରଫେସର ଓଁକାର ମହାନ୍ତି ଓ ପ୍ରଫେସର ଜୟନ୍ତ ମହାପାତ୍ର ଅଂଶ ଗ୍ରହଣ କରିଥିଲେ। ବିଜେଡି ସାଧାରଣ ସମ୍ପାଦକ ପ୍ରିୟଦର୍ଶୀ ମିଶ୍ର, ଶାରଦା ଜେନା, ସତ୍ୟବ୍ରତ ପାତ୍ର, ଜନ୍ମେଜୟ ଲେଙ୍କା, ସରକାରୀ ଉପମୁଖ୍ୟ ସଚେତକ ରୋହିତ ପୂଜାରୀ, ଜାତୀୟ ମୁଖପାତ୍ର ସତ୍ୟ ନାରାୟଣ ସାହୁ, ଶିକ୍ଷାବିତ ପ୍ରଫେସର ରାଧାମୋହନ, ଡ. ଅଶ୍ୱିନୀ ତିୱାରୀ, ଓଡିଶା ଅଭିଭାବକ ମହାସଂଘ ଅଧକ୍ଷ ବାସୁଦେବ ଭଟ୍ଟ ପ୍ରମୁଖ ମତ ରଖିଥିଲେ।

## 'ନାଇନ୍ଥ-ସେମ୍' ଷ୍ଟାର୍ଟଅପ୍ ଲୋକାର୍ପିତ

**ଭୁବନେଶ୍ୱର, ୧୬।୮ (ବ୍ୟୁରୋ):** ଇଞ୍ଜିନିୟରିଂ ଛାତ୍ରଛାତ୍ରୀଙ୍କୁ ବୈଷୟିକ ଶିକ୍ଷା ଓ ବୃତ୍ତିଗତ ଶିକ୍ଷା ପ୍ରଦାନର ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିବା 'ନାଇନ୍ଥ-ସେମ୍' ଷ୍ଟାର୍ଟଅପ୍ ସ୍ୱାଧୀନତା ଦିବସରେ ଲୋକାର୍ପିତ ହୋଇଛି। ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଏହି ଷ୍ଟାର୍ଟଅପ୍‌ର ଶୁଭାରମ୍ଭ କରାଯାଇଥିବାବେଳେ କର୍ମକ୍ଷେତ୍ରରେ ଅସୁବିଧାର ସମ୍ମୁଖୀନ ହେଉଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ଆଦର୍ଶ ସୁଯୋଗ ସୃଷ୍ଟି କରିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଭାରତ ସରକାରଙ୍କ ଷ୍ଟାର୍ଟଅପ୍ ଇଣ୍ଡିଆର ସ୍ୱୀକୃତିପ୍ରାପ୍ତ ତଥା ଉଚ୍ଚ ପ୍ରଶଂସିତ 'ନାଇନ୍ଥ-ସେମ୍' ଓଡ଼ିଶାର ୩ଜଣ ଇଞ୍ଜିନିୟର ସୌମ୍ୟରଞ୍ଜନ ସାହୁ, ଅମ୍ବିକା ପ୍ରସନ୍ନ ଧଳ, ଟେଲିପ୍ କୁମାର ପ୍ରଧାନଙ୍କ ଦ୍ୱାରା ପ୍ରତିଷ୍ଠା ହୋଇଛି।

## ପ୍ରବାସୀ ଶ୍ରମିକଙ୍କ ନିଯୁକ୍ତିକୁ ପ୍ରାଥମିକତା ଦେବ ଏମ୍‌ଏସ୍‌ଏମ୍‌ଇ

ଭୁବନେଶ୍ୱର,୧୬।୮(ବ୍ୟୁରୋ)

ଲକ୍‌ଡାଉନରେ ରାଜ୍ୟକୁ ଫେରିଥିବା ପ୍ରବାସୀ କୁଶଳୀ ଶ୍ରମିକମାନେ ଏବେ କାମଧନ୍ଦା ନ ପାଇ ରୋଜଗାର ଆଶାରେ ପୁଣିଥରେ କର୍ମକ୍ଷେତ୍ରକୁ ଫେରିବା ପାଇଁ ସଜବାଜ ହେଉଛନ୍ତି। ଜୀବନକୁ ବିପଦରେ ପକାଇ ସେମାନେ ବସ୍, ଟ୍ରେନ୍ ଯୋଗେ ରାଜ୍ୟ ବାହାରକୁ ଯାଉଛନ୍ତି। ଏଭଳିସ୍ଥଳେ ସେମାନଙ୍କ ପାଇଁ ରାଜ୍ୟରେ କର୍ମକ୍ଷେତ୍ର ସୃଷ୍ଟି କରିବାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ଏମ୍‌ଏସ୍‌ଏମ୍‌ଇ ମନ୍ତ୍ରୀ କ୍ୟାପ୍‌ଟେନ ଦିବ୍ୟଶଙ୍କର ମିଶ୍ର କହିଛନ୍ତି। ପ୍ରବାସୀ ଶ୍ରମିକଙ୍କୁ ରୋଜଗାର ଦେବା ପାଇଁ କେନ୍ଦ୍ର ସରକାରଙ୍କ ଖଦି ଓ ଗ୍ରାମୋଦ୍ୟୋଗ କମିଶନ ଦ୍ୱାରା ପ୍ରଚଳିତ ବିଭିନ୍ନ ଯୋଜନା ତଥା ମୃତ୍ତିକା ଶିଳ୍ପ, ମହୁମାଛି ପାଳନ, ଜୋତା କାରିଗରୀ ଭଳି କର୍ମନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି। ଏହାସହ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଓ କୃଷି ଭଳି ପାରମ୍ପରିକ କ୍ଷେତ୍ରକୁ ପ୍ରୋତ୍ସାହନ ଦିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

ଶନିବାର ପୋଲସରା ଓ ବୁଗୁଡ଼ା ବ୍ଲକ୍‌ରୁ ପ୍ରବାସୀ ଶ୍ରମିକଙ୍କୁ ନେଇ ସୁରତ ଯାଉଥିବା ଏକ ବସ୍‌କୁ ପୋଲିସ ଅଟକ ରଖି ପଚରାଉଚୁରା କରିଥିଲା। ଗୁଜରାଟର ଜଣେ ମଧ୍ୟସ୍ଥ କାମ ଦେବା ଲୋଭରେ ୨୬ ଜଣ ଶ୍ରମିକଙ୍କୁ ବସ୍‌ରେ ନେଉଥିବା ଜଣାପଡ଼ିଥିଲା। ଓଡ଼ିଶାରେ କାମ ନ ମିଳିବାରୁ ବାଧହୋଇ ସୁରତ ଫେରୁଥିବା ଶ୍ରମିକମାନେ କହିଥିଲେ। ଏ ନେଇ ମନ୍ତ୍ରୀ ମିଶ୍ର କହିଛନ୍ତି, ବହୁ ଶ୍ରମିକ ଫେରିଯାଉଛନ୍ତି। କିନ୍ତୁ ଯେଉଁମାନେ ଏଠାରେ ରହିବେ ସେମାନଙ୍କର ନିଯୁକ୍ତି ପାଇଁ ଆମେ ସମସ୍ତ ପ୍ରକାର ପ୍ରୟାସ କରିବୁ। ଉଲ୍ଲେଖଯୋଗ୍ୟ, ଜରୁରିକାଳୀନ କ୍ରେଡିଟ୍ ଲାଇନ୍ ଗ୍ୟାରେଣ୍ଟି ଯୋଜନାରେ ଏବେ ସୁଦ୍ଧା ୧,୪୦,୦୦୦ ଆକାଉଣ୍ଟକୁ ୨୪୪୫ କୋଟି ଟଙ୍କା ଦିଆଯାଇଛି। ଖାଦ୍ୟ ପ୍ରକ୍ରିୟାକରଣ ମନ୍ତ୍ରଣାଳୟର ପିଏମ୍‌ଏଫ୍‌ଏମ୍‌ଇ ଯୋଜନାରେ ପ୍ରବାସୀ ଶ୍ରମିକଙ୍କୁ ଅଗ୍ରାଧିକାର ଦିଆଯାଉଥିବା ବିଭାଗ କହିଛି। ଫୁଡ୍ ପ୍ରୋସେସିଂ ୟୁନିଟ୍‌ରେ ଅଧିକରୁ ଅଧିକ ପ୍ରବାସୀ ଶ୍ରମିକଙ୍କୁ ନିଯୁକ୍ତି ଦେବାକୁ ରାଜ୍ୟ ଏମ୍‌ଏସ୍‌ଏମ୍‌ଇ ବିଭାଗ ୨.୨୮ କୋଟି ଟଙ୍କାର କ୍ୟାପିଟାଲ ଇନ୍‌ଭେଷ୍ଟମେଣ୍ଟ ସବ୍‌ସିଡି ମଞ୍ଜୁର କରିଛି।



ଦେଶ ପାଇଁ ଲଢ଼ିଥିବା ଜଣେ ୯୮ ବର୍ଷ ବୟସ୍କ ନୌସେନା କର୍ମଚାରୀ ଏବେ କରୋନା ଲଢ଼େଇରେ ବିଜୟୀ ହୋଇଛନ୍ତି। ଏନେଇ ରବିବାର ଭାରତୀୟ ନୌସେନା ପକ୍ଷରୁ ସୂଚନା ଦିଆଯାଇଛି। ସିପାହୀ ରାମୁ ଲକ୍ଷ୍ମଣ ସକପାଳ ନେରୁଲରେ ବାସ କରନ୍ତି। ତାଙ୍କଠାରେ କରୋନା ଲକ୍ଷଣ ପ୍ରକାଶ ପାଇଥିଲା। ତାଙ୍କର ନମୁନା ପରୀକ୍ଷା ରିପୋର୍ଟ କରୋନା ପଜିଟିଭ୍ ଆସିଥିଲା। ଏହାପରେ ରାମୁଙ୍କୁ ଚିକିତ୍ସାଲାଗି ନାଭାଲ ହସ୍ପିଟାଲ ଜାହାଜ ଅଶ୍ୱିନୀରେ ଗୁରୁତର ଅବସ୍ଥାରେ ଭର୍ତ୍ତି କରାଯାଇଥିଲା। ତାଙ୍କଠାରେ ନିମୋନିଆ ଲକ୍ଷଣ ମଧ୍ୟ ଦେଖାଦେଇଥିଲା। ଏବେ ସେ ସୁସ୍ଥ ହୋଇଥିବାରୁ ତାଙ୍କୁ ଘରକୁ ପଠାଇ ଦିଆଯାଇଛି।

# ଜଳପ୍ରଳୟ ଆଣିବ ଗ୍ରୀନ୍‌ଲାଣ୍ଡ ଗ୍ଲେସିୟର

**ବୈଜ୍ଞାନିକଙ୍କ ଆଶଙ୍କା**



**ବିଶ୍ୱତାପନରେ ସବୁଠାରୁ ବେଶି ପ୍ରଭାବିତ ହୋଇଛି ଗ୍ରୀନ୍‌ଲାଣ୍ଡର ହିମବାହ। ଦୀର୍ଘବର୍ଷ ଧରି ଏହା ତରଳିବା ପ୍ରକ୍ରିୟା ଆରମ୍ଭ ହୋଇଥିଲେ ମଧ୍ୟ ଗତ ଦୁଇ ଦଶନ୍ଧିରେ ଏହା ତୀବ୍ର ହେବାରେ ଲାଗିଛି। ଉଦ୍ୟମ କଲେ ବି ଏହା ପୂର୍ବସ୍ଥିତିକୁ ଫେରିବା ସମ୍ଭାବନା ଖୁବ୍ କମ୍। ଆଗାମୀ ଦିନରେ ସ୍ଥିତିରେ ସୁଧାର ନ ଆସିଲେ ସବୁଜ ଗ୍ରହ ଜଳପ୍ରଳୟ ଦେଖିବ ବୋଲି ସତର୍କ କରାଇଛନ୍ତି ବୈଜ୍ଞାନିକ।**

ପୃଥିବୀବାସୀଙ୍କୁ ଭୟଙ୍କର ସଙ୍କେତ ଦେଉଛି ଜଳବାୟୁ ପରିବର୍ତ୍ତନ। ଦିନକୁ ଦିନ ଗ୍ଲୋବାଲ ୱାର୍ମିଂ ତୀବ୍ର ହେଉଥିବାବେଳେ ଏଥିରେ ସର୍ବାଧିକ ପ୍ରଭାବିତ ହୋଇଛି ମେରୁ ଅଞ୍ଚଳ। ପୃଥିବୀର ଅନ୍ୟତମ ଥଣ୍ଡା ଅଞ୍ଚଳ ଭାବେ ପରିଚିତ ଗ୍ରୀନ୍‌ଲାଣ୍ଡର ଗ୍ଲେସିୟର ଜଳସ୍ରୋତରେ ପରିଣତ ହୋଇ ସମୁଦ୍ରରେ ମିଶୁଛି। ଏଠାକାର ବରଫ ଚାଦର ଏତେମାତ୍ରାରେ ପତଳା ହୋଇଯାଇଛି ଯେ, ଯଥାସାଧ୍ୟ ଉଦ୍ୟମ କଲେ ମଧ୍ୟ ଏହା ପୂର୍ବସ୍ଥିତିକୁ ଫେରିବା ସମ୍ଭାବନା କ୍ଷୀଣ।

ମାନବୀୟ କାର୍ଯ୍ୟକଳାପ ପାଇଁ ଧ୍ୱଂସମୁହଁକୁ ଠେଲି ହୋଇଯାଇଛି ସବୁଜ ଗ୍ରହ। ଏହାକୁ ଯଥାସମ୍ଭବ କମ୍ କରିବା ଲାଗି ବୈଜ୍ଞାନିକମାନେ ପ୍ରୟାସ ଜାରି ରଖିଛନ୍ତି। ମେରୁ ଅଞ୍ଚଳରେ ଥିବା ୨୩୪ ଗ୍ଲେସିୟର ଉପରେ ୩୪ ବର୍ଷ ଧରି ଚାଲିଥିବା ଗବେଷଣାରୁ ଯେଉଁ ତଥ୍ୟ ପଦାକୁ ଆସିଛି, ତାହା ଯେତିକି ଚିନ୍ତାଜନକ ସେତିକି ଆଶ୍ଚର୍ଯ୍ୟଜନକ। ଅଧ୍ୟୟନକାରୀଙ୍କ ମତରେ, ଗ୍ରୀନ୍‌ଲାଣ୍ଡ ସମେତ ଏହାର ଆଖପାଖ ଅଞ୍ଚଳର ହିମବାହ ଉପରେ ବିଶ୍ୱତାପନର ପ୍ରଭାବ ସ୍ପଷ୍ଟ ଅନୁଭୂତ ହେଉଛି। ବର୍ଷକୁ ବର୍ଷ ହିମବାହ ତରଳି ମହାସାଗରରେ ମିଶୁଛି। ଏହି ଧାରା ଜାରି ରହିଲେ ଜମାଟ ବାନ୍ଧିଥିବା ବରଫ କିଛି ବର୍ଷ ଭିତରେ ଶେଷ ହୋଇଯିବ। ଏହାଦ୍ୱାରା ସମାନ୍ତରାଳ ଭାବେ ଦୁଇଟି ସମସ୍ୟା ଦେଖାଦେବ। ପ୍ରଥମତଃ ସମୁଦ୍ରର ଜଳପତ୍ତନ ବୃଦ୍ଧି ଉପକୂଳବର୍ତ୍ତୀ ଅଞ୍ଚଳକୁ ଜଳପ୍ଲାବନ କରିବ। ଦ୍ୱିତୀୟତଃ ଗ୍ଲେସିୟର ପରିମାଣ ଆଶାତୀତ ଭାବେ କମିଯିବା ପରେ ଏହାର ସାଂଘାତିକ ପ୍ରଭାବ ଜଳବାୟୁ ଉପରେ ପଡ଼ିବ। ଏଥିରେ ପ୍ରତ୍ୟକ୍ଷ ଭାବେ ସମଗ୍ର ଜୀବଜଗତ ପ୍ରଭାବିତ ହେବ ବୋଲି ବୈଜ୍ଞାନିକମାନେ ସତର୍କ କରାଇଛନ୍ତି। ବିଶ୍ୱତାପନ ହ୍ରାସ ଲାଗି ନିଆଯାଉଥିବା ପଦକ୍ଷେପ ଯଥେଷ୍ଟ ନୁହେଁ। ଆବଶ୍ୟକ ଉଦ୍ୟମ କରିବା ସତ୍ତ୍ୱେ ଗ୍ରୀନ୍‌ଲାଣ୍ଡ ଗ୍ଲେସିୟରକୁ ପୂର୍ବ ରୂପକୁ ଫେରାଇ ଅଣାଯାଇ ପାରିବ ନାହିଁ ବୋଲି ସେମାନେ ଜୋର୍ ଦେଇ କହିଛନ୍ତି

**୪୦ବର୍ଷରେ ବରଫ ମାତ୍ରା ସବୁଠୁ କମ୍**

ମେରୁ ଅଞ୍ଚଳର ବରଫ ତରଳିବା କାରଣରୁ ସମୁଦ୍ର ଜଳପତ୍ତନ ବଢ଼ୁଛି। ଗ୍ରୀନ୍‌ଲାଣ୍ଡର ସବୁ ବରଫ ତରଳିଯିବା ପରେ ସମୁଦ୍ରସ୍ତର ହାରାହାରି ୬ ମିଟର ଯାଏ ବଢ଼ିବ। ଏହା ପୃଥିବୀର ଅଧିକାଂଶ ସମୁଦ୍ର ଉପକୂଳବର୍ତ୍ତୀ ସହରରେ ଜଳପ୍ରଳୟ ଆଣିବ। ଗତ ୩୦ବର୍ଷ ମଧ୍ୟରେ ଅନ୍ୟ ସ୍ଥାନ ଅପେକ୍ଷା ଏଠାକାର ତାପମାତ୍ରା ଦ୍ୱିଗୁଣିତ ହାରରେ ବଢିବାରେ ଲାଗିଛି। ଗତ ୪୦ବର୍ଷ ମଧ୍ୟରେ ଜୁଲାଇରେ ମେରୁ ଅଞ୍ଚଳରେ ଜମାଟ ବାନ୍ଧିଥିବା ବରଫର ପରିମାଣ ସବୁଠାରୁ କମ୍ ବୋଲି ଅଧ୍ୟୟନରେ କୁହାଯାଇଛି। ଏହାର ନାମ ଦିଆଯାଇଛି 'ଆର୍କଟିକ୍ ଏମ୍ପ୍ଲିଫିକେଶନ'।

**ବଢ଼ିଲାଣି ଗହଳଚହଳ**

ମେରୁ ଅଞ୍ଚଳର ବରଫ ତରଳିବା ପରେ ସମ୍ପୃକ୍ତ ଅଞ୍ଚଳରେ ଅଧିକ ଜଳସ୍ରୋତ ସୃଷ୍ଟି ହୋଇଛି। ଏହି କାରଣରୁ ଜାହାଜ ଏବଂ ଅନ୍ୟ ପରିବହନ ପାଇଁ ବାଟ ଫିଟିଗଲାଣି। ଜୀବାଶ୍ମ, ପ୍ରାକୃତିକ ସମ୍ପଦ ଖୋଜିବାକୁ ଗହଳଚହଳ ଆରମ୍ଭ ହେଲାଣି। ଆମେରିକାର ସୈନ୍ୟ ସଞ୍ଚାଳନର ପ୍ରମୁଖ ସ୍ଥାନ ଗ୍ରୀନ୍‌ଲାଣ୍ଡ। ୟୁରୋପରୁ ଉତ୍ତର ଆମେରିକାକୁ ପହଞ୍ଚିବା ଲାଗି ଏହା ମଧ୍ୟ ଦେଇ ଯାଇଥିବା ରାସ୍ତା ସବୁଠାରୁ କମ୍ ସମୟସାପେକ୍ଷ। ତେଣୁ ଗତବର୍ଷ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଡେନ୍‌ମାର୍କ ନିକଟବର୍ତ୍ତୀ ଏକ ଇଲାକା କିଣିବା ଲାଗି ପ୍ରସ୍ତାବ ଦେଇଥିଲେ, ଯାହାକୁ ଅଗ୍ରାହ୍ୟ କରିଦେଇଥିଲେ ଡେନ୍‌ମାର୍କ ସରକାର।

**ଭବିଷ୍ୟତକୁ ନେଇ ଚିନ୍ତା**

ଗ୍ରୀନ୍‌ଲାଣ୍ଡରେ ପୃଥିବୀର ମଧୁର ପାଣିର ସିଂହଭାଗ ବରଫ ଆକାରରେ ଜମିଛି। ପ୍ରତି ୧୦୦ ବର୍ଷରେ ଥରେ ଏହି ବରଫର ଘନତ୍ୱ ବଢ଼ିଥାଏ। ତେଣୁ ଥରେ ବରଫ ଅପସାରଣ ହୋଇଗଲେ ଏହାକୁ ପୂରଣ କରିବାକୁ ଶତାଧିକ ବର୍ଷ ଲାଗିବ। ସାଟେଲାଇଟ୍ ଅଧ୍ୟୟନରୁ ଜଣାପଡ଼ିଛି ଯେ, ୨୦୦୦ ମସିହା ଯାଏ ଗ୍ରୀନ୍‌ଲାଣ୍ଡ ପୂର୍ବସ୍ଥିତିକୁ ଫେରିବାର ୫୦% ସମ୍ଭାବନା ଥିଲା। ହେଲେ ଗତ ୨୦ ବର୍ଷର ତାପମାତ୍ରା ବୃଦ୍ଧି ସବୁକିଛି ବିଗାଡ଼ି ଦେଇଛି। ତେଣୁ ଗ୍ରୀନ୍‌ଲାଣ୍ଡର ଭବିଷ୍ୟତକୁ ନେଇ ଚନ୍ତାରେ ପଡ଼ିଛନ୍ତି ପରିବେଶବିତ୍।

# ପ୍ରଶଂସକଙ୍କୁ ସୋନୁଙ୍କ ପରାମର୍ଶ


ସୋନୁ ସୁଦ

**ମୁମ୍ବାଇ:** କରୋନା ମହାମାରୀ ସମୟରେ ଖୁବ୍ ଚର୍ଚ୍ଚାକୁ ଆସିଛନ୍ତି ବଲିଉଡ୍ ଅଭିନେତା ସୋନୁ ସୁଦ। ଫିଲ୍ମରେ ସେ ଯେତିକି ପରିଚିତ ଥିଲେ, ଏବେ ତା'ଠାରୁ ଅଧିକ ପରିଚିତ ହୋଇଛନ୍ତି ତାଙ୍କ ବଦାନ୍ୟତା ପାଇଁ। କରୋନା ମହାମାରୀ ସମୟରେ ପ୍ରବାସୀଙ୍କୁ ଘରେ ପହଞ୍ଚାଇବା ହେଉ କି ଆବଶ୍ୟକଥିବା ଲୋକଙ୍କୁ ଯେମିତି ଭାବେ ସାହାଯ୍ୟ କରିବାକୁ ହେଉ ସବୁଥିରେ ସୋନୁ ସହଯୋଗର ହାତ ବଢ଼ାଇଛନ୍ତି। ତାଙ୍କର ଏହି ବଦାନ୍ୟତା ପାଇଁ ସେ ପାଲଟି ଯାଇଛନ୍ତି ରିୟଲ ଲାଇଫ୍ ହିରୋ। ଏହା ସହ ତାଙ୍କ ପର୍ସନାଲ ଲାଇଫରେ ଫ୍ୟାନ୍ ଫଲୋଇଙ୍ଗ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ନିକଟରେ ତାଙ୍କର ଜଣେ ପ୍ରଶଂସକ ତାଙ୍କୁ ଏମିତି ଏକ ସରପ୍ରାଇଜ୍ ଦେଇଛନ୍ତି, ଯାହାକୁ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏବେ ସୋସିଆଲ ମିଡିଆରେ ସୋନୁଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଭିଡିଓଟି 'ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର' ସେଟ୍‌ର। ଏହି ଭିଡିଓରେ ସୋନୁ କହିଛନ୍ତି, ମୁଁ 'ଇଣ୍ଡିଆଜ୍ ବେଷ୍ଟ ଡ୍ୟାନ୍ସର' ସେଟ୍‌ରେ ଅଛି। ଯେଉଁଠି ମୁଁ ମୋ ପ୍ରଶଂସକଙ୍କ ସହ ମିଶିଛି। ସେଠାରେ ସେ ଶୁଭମ ନାମକ ଜଣେ ପ୍ରଶଂସକଙ୍କୁ ଭେଟିଛନ୍ତି। ଆଉ ଶୁଭମ ତାଙ୍କ ହାତରେ ସୋନୁଙ୍କ ଟାଟୁ କରିଥିବା ଦେଖି ଅଭିନେତା ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଏହାସହ ସେ ଶୁଭମଙ୍କୁ ଏମିତି ନ କରିବାକୁ ପରାମର୍ଶ ଦେଇଛନ୍ତି। କେବଳ ଶୁଭମ ନୁହେଁ, କେହିବି ଏମିତି ନ କରନ୍ତୁ ବୋଲି ସୋନୁ ଅନୁରୋଧ କରି କହିଛନ୍ତି।

# ବଲିଉଡକୁ ପୁଣି ଫେରୁଛନ୍ତି ମନୀଷା



**ମୁମ୍ବାଇ:** ବଲିଉଡ ନାୟିକା ମନିଷା କୋଇରାଲା ୫୦ ବର୍ଷରେ ପାଦ ରଖିଛନ୍ତି। ୧୬ ଅଗଷ୍ଟ ୧୯୭୦ରେ ଜନ୍ମ ନେଇଥିବା ଏହି ନାୟିକା ଏକ ରାଜନୈତିକ ପରିବାରରୁ ଆସିଥିଲେ ବି ଅଭିନୟକୁ ନିଜର ପେସା ଭାବେ ବାଛି ନେଇଥିଲେ। ନେପାଳରେ ଜନ୍ମ ନେଇଥିବା ମନିଷା କିନ୍ତୁ ଉତ୍ତରପ୍ରଦେଶର ବାରାଣସୀରେ ବଢିଛନ୍ତି। ତାଙ୍କ ପିତା ପ୍ରକାଶ କୋଇରାଲ ନେପାଳ ସରକାରରେ ମନ୍ତ୍ରୀ ଥିବାବେଳେ ୧୯୫୦ରୁ ୬୦ ଦଶକ ମଧ୍ୟରେ ତାଙ୍କ ଜେଜେ ବିଶ୍ୱେଶ୍ୱର ପ୍ରସାଦ କୋଇରାଲ ନେପାଳ ପ୍ରଧାନମନ୍ତ୍ରୀ ଥିଲେ। ହେଲେ ମନିଷା କିଛିଦିନ ବାରାଣାସୀ ଓ ତା'ପରେ ଦିଲ୍ଲୀରେ ଶିକ୍ଷା ସମାପ୍ତ କରିବା ପରେ ମଡେଲିଂ ଦୁନିଆରେ ପାଦ ରଖିଥିଲେ। ପିଲାବେଳୁ ଡାକ୍ତର ହେବାର ଇଚ୍ଛା ରଖିଥିବା ମନିଷା କିନ୍ତୁ ଶେଷରେ ମନୋରଞ୍ଜନ ଦୁନିଆରେ ପ୍ରବେଶ କରିଥିଲେ। ୧୯୯୧ରେ ସେ ସୁଭାଷ ଘାଇଙ୍କ ଫିଲ୍ମ 'ସୌଦାଗର' ମାଧ୍ୟମରେ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହା ସେତେବେଳେ ବକ୍ସ ଅଫିସରେ ହିଟ୍ ହୋଇଥିଲା। ୧୯୯୪ରେ ବିଧୁ ବିନୋଦ ଚୋପ୍ରାଙ୍କ ଫିଲ୍ମ '୧୯୪୨ ଏ ଲଭ ଷ୍ଟୋରୀ' ମଧ୍ୟ ତାଙ୍କ କ୍ୟାରିୟର ଏକ ସଫଳ ପାହଚ। ବମ୍ବେ, ଅକେଲେ ହମ୍ ଅକେଲେ ତୁମ, ମନ, ଦିଲ ସେ, ଖାମୋସି, ଗୁପ୍ତ, କଚ୍ଚେ ଧାଗେ, ଲଜ୍ୟା ଭଳି ହିଟ୍ ମୁଭି ଭେଟି ଦେଇ ଦର୍ଶକଙ୍କ ନିକଟତର ହୋଇପାରିଥିଲେ ଏହି ଅଭିନେତ୍ରୀ। ୨୦୧୦ରେ ସେ ଜଣେ ନେପାଳୀ ବିଜ୍‌ନେସମ୍ୟାନଙ୍କୁ ବିବାହ କରିଥିବା ବେଳେ ୨ ବର୍ଷ ପରେ ଏଥିରେ ବିଚ୍ଛେଦ ଘଟିଥିଲା। ଏହାପରେ ସେ ଅସୁସ୍ଥ ହୋଇ ପଡିଥିଲେ। ୨୦୧୨ ଶେଷ ବେଳକୁ ସେ କ୍ୟାନସରରେ ପୀଡ଼ିତ ଥିବା ଜଣାପଡିଥିଲା। ଏହାପରେ ଚିକିତ୍ସା ପାଇଁ ସେ ଆମେରିକାରେ କିଛି ମାସ ରହି ସୁସ୍ଥ ହୋଇ ଫେରିଥିଲେ। ଏବେ ସେ ସୁସ୍ଥ ଅନୁଭବ କରୁଥିବା ବେଳେ ପୁଣିଥରେ ଅଭିନୟ ଆରମ୍ଭ କରିଥିବା କୁହାଯାଏ।

# ଅକୁହା ସେ ଶବ୍ଦ

**ନୂଆଦିଲ୍ଲୀ:** ସୋସିଆଲ୍ ମିଡିଆରେ ଏବେ ଅନେକ ଭିଡିଓ ଭାଇରାଲ୍ ହେଉଛି। ଭାଇରାଲ୍ ଭିଡିଓରୁ ଅନେକ ଭିଡିଓ ମଜା କରିବା ପାଇଁ ଶେୟାର କରାଯାଇଥାଏ। ତେବେ ଆଉ ଏକ ଭିଜୁଆଲ୍ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି, ଯାହାକି ସମ୍ପୂର୍ଣ୍ଣ ଭିନ୍ନ ଧରଣର। ଏକ ମିନିଟ୍‌ର ଏହି ଭିଡିଓଟି ଅନେକ ମଜା ଭିଜୁଆଲ୍‌କୁ ନେଇ ତିଆରି କରାଯାଇଛି।

ଭିଡିଓଟିକୁ ନିଜ ଟୁଇଟରରେ ଶେୟାର କରିଛନ୍ତି ଆଇଏଏସ୍ ଅଫିସର ନୀତିନ୍ ସଙ୍ଗୱାନ୍। ଭିଜୁଆଲରେ ନିତିଦିନିଆ କାମର ଅନେକ ଭୁଲ୍‌କୁ ଦେଖାଯାଇଛି। ଏଥିମଧ୍ୟରୁ ପୂର୍ବରୁ ମଧ୍ୟ ସେସବୁ ଭିଜୁଆଲ୍ ସୋସିଆଲ ମିଡିଆରେ ଦେଖିବାକୁ ମିଳିଥିଲା। ଅବଶ୍ୟ ଏହି ଭିଜୁଆଲ୍‌ଟିକୁ କିଏ କେତେବେଳେ ତିଆରି କରିଛି ସେ ବିଷୟରେ କୌଣସି ସୂଚନା ନ ଥିଲେ ବି ଏହାର ମହତ୍ତ୍ୱ ଯଥେଷ୍ଟ ଅଧିକ। ଭିନ୍ନ କଥା ହେଉଛି ଏକ ମିନିଟ୍‌ର ଏହି ଭିଡିଓରେ କୌଣସି ଅଡିଓ ନାହିଁ। ଶବ୍ଦ ନ ଥିବା ଏହି ଭିଜୁଆଲ୍‌ଟିକୁ ମଧ୍ୟ ସୋସିଆଲ ମିଡିଆରେ ଖୁବ୍ ଗୁରୁତ୍ୱ ଦିଆଯାଇଛି। ଭିଜୁଆଲ୍‌ଟିକୁ ଶେୟାର କରିବାର କିଛିଘଣ୍ଟା ପରେ ଏହାକୁ ୬ହଜାରରୁ ଅଧିକ ଲୋକ ଦେଖି ସାରିଛନ୍ତି ଏବଂ ୫୦୦ରୁ ଅଧିକ ଲୋକ ପସନ୍ଦ କରିଛନ୍ତି। ଲୋକେ ମଧ୍ୟ ଭିଡିଓଟିକୁ ଦେଖି ବିଭିନ୍ନ ଇମୋଜି ମାଧ୍ୟମରେ ନିଜ ନିଜର ପ୍ରତିକ୍ରିୟା ପ୍ରଦାନ କରିଛନ୍ତି। ଶବ୍ଦ ନ ଥିବା ଏହି ଭିଜୁଆଲକୁ ମଧ୍ୟ ବର୍ଣ୍ଣନା କରିବା ପାଇଁ କୌଣସି ଶବ୍ଦ ନାହିଁ ବୋଲି ଅନେକେ କମେଣ୍ଟ କରିଛନ୍ତି।

# ପ୍ରେମ ମାନିଲାନି କରୋନା

କୁହାଯାଏ, ପ୍ରେମ ମାନେ ନାହିଁ କୌଣସି ବାଧା କି ବନ୍ଧନ। ଏହି ଉକ୍ତିକୁ ସାକାର କରି ଦେଖାଇଛନ୍ତି ଜଣେ କରୋନା ଆକ୍ରାନ୍ତ। କରୋନାରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିବା ଜଣେ ଗୁରୁତର ରୋଗୀ ତାଙ୍କ ପ୍ରେମିକାଙ୍କୁ ଡାକ୍ତରଖାନାରେ ହିଁ ବିବାହ କରିଛନ୍ତି। ଡାକ୍ତରଖାନାର ନର୍ସମାନେ ତାଙ୍କ ବିବାହ ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରିଥିଲେ। ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ। ଏପରି ଘଟଣା ଦେଖିବାକୁ ମିଳିଛି, ଆମେରିକାର ଟେକ୍ସାସରେ।

କାର୍ଲୋସ ମୁନିଜ ନାମକ ଜଣେ ବ୍ୟକ୍ତି କରୋନା ଭାଇରସ୍‌ରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡ଼ିଥିଲେ। କିଛିଦିନ ପୂର୍ବରୁ ତାଙ୍କ ରିପୋର୍ଟ ନେଗେଟିଭ୍ ଆସିଥିଲା। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ରହିଥିଲା। ଡାକ୍ତରଙ୍କ ଅନୁଯାୟୀ, କାର୍ଲୋସ ସୁସ୍ଥ ହେବାକୁ ଆହୁରି ସମୟ ଲାଗିବ। କାର୍ଲୋସ ଅଗଷ୍ଟ ୧୧ରେ ଟେକ୍ସାସର ମେଥୋଡିଷ୍ଟ ହସ୍ପିଟାଲରେ ବିବାହ କରିଛନ୍ତି। ବାସ୍ତବ କଥା ହେଲା ଗ୍ରେସ୍‌ଙ୍କ ସହିତ କାର୍ଲୋସଙ୍କ ବିବାହ ସ୍ଥିର ହୋଇଥିଲା। କିଛି ଦିନ ପରେ କାର୍ଲୋସ ଅସୁସ୍ଥ ହୋଇପଡ଼ିଥିଲେ। ଅବସ୍ଥା ବିଗିଡ଼ିଯିବା ପରେ ତାଙ୍କୁ ଆଇସିୟୁରେ ରହିବାକୁ ମଧ୍ୟ ପଡ଼ିଥିଲା।

ଏକ ରିପୋର୍ଟ ଅନୁଯାୟୀ, ପ୍ରାୟ ଏକ ମାସ ଧରି ଗୁରୁତର ଅସୁସ୍ଥ ହେବା ପରେ କାର୍ଲୋସଙ୍କ କରୋନା ରିପୋର୍ଟ ନେଗେଟିଭ୍ ଆସିଥିଲା। ନର୍ସ କାର୍ଲୋସଙ୍କୁ ଉତ୍ସାହିତ କରିବା ପାଇଁ ଡାକ୍ତରଖାନାରେ ବିବାହ କରାଇବା ପାଇଁ ବନ୍ଦୋବସ୍ତ କରିଥିଲେ। ନର୍ସମାନେ କହିଛନ୍ତି, ବିବାହ ପରେ କାର୍ଲୋସଙ୍କଠାରେ ମଧ୍ୟ ସକାରାତ୍ମକ ପରିବର୍ତ୍ତନ ଦେଖିବାକୁ ମିଳିଛି।



# ୫ ଟଙ୍କାରେ ଖାଦ୍ୟ, ୧୦ ଟଙ୍କାରେ ପୋଷାକ

**ଲକ୍ଷ୍ନୌ:** ଲକ୍‌ଡାଉନ୍ ହେବା ପରେ ଗରିବ ଓ ରୋଜଗାର ହରାଇଥିବା ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଅନେକେ ଆଗେଇ ଆସୁଛନ୍ତି। ଏଭଳି ଦୁର୍ଦ୍ଦିନରେ ଲୋକଙ୍କୁ ସାହାଯ୍ୟ କରିବାକୁ ସାମାଜିକକର୍ମୀ ଅନୁପ ଖାନ୍ନା ୫ ଟଙ୍କାରେ ଖାଦ୍ୟ ଦେବା ପରେ ଏବେ ୧୦ ଟଙ୍କାରେ ପୋଷାକ ସହିତ ଔଷଧ ମଧ୍ୟ ଦେଉଛନ୍ତି।

ଉତ୍ତରପ୍ରଦେଶର ନୋଏଡା ସେକ୍ଟର-୨୯ ସ୍ଥିତ ଗଙ୍ଗା ଶପିଂ କମ୍ପ୍ଲେକ୍ସରେ କିଛି ଦିନ ଧରି 'ଦାଦି କି ରଷୋଇ' ଚଳାଇ ଗରିବ ଲୋକଙ୍କୁ ମାତ୍ର ୫ ଟଙ୍କାରେ ଖାଦ୍ୟ ଯୋଗାଇ ଆସୁଥିଲେ। ପ୍ରତିଦିନ ୧୨ରୁ ୨ଟା ମଧ୍ୟରେ ଏଠାରେ ଶହ ଶହ ସଂଖ୍ୟାରେ ଲୋକ ପେଟପୂରା ଖାଦ୍ୟ ଖାଇଥାନ୍ତି। କିଛିଦିନ ପର୍ଯ୍ୟନ୍ତ ଖାଦ୍ୟ ବାଣ୍ଟିବା ପରେ ଏବେ ସେ ୧୦ ଟଙ୍କାରେ ଲୋକଙ୍କୁ ପୋଷାକ ଯୋଗାଇବା ଆରମ୍ଭ କରିଛନ୍ତି। ମାତ୍ର ୧୦ ଟଙ୍କା ଦେଇ ଲୋକେ ନିଜ ପାଇଁ ମନପସନ୍ଦର ପୋଷାକ ଚୟନ କରି ନେଇପାରିବେ। ଏହା ସହିତ ସେ ପ୍ରଧାନମନ୍ତ୍ରୀ ଜନୌଷଧି କେନ୍ଦ୍ର ଖୋଲି ଲୋକଙ୍କୁ ଖୁବ୍ କମ୍ ଟଙ୍କାରେ ଔଷଧ ବି ଯୋଗାଇ ଦେଉଛନ୍ତି। ଅନୁପଙ୍କ ଏହି ପ୍ରକାରର ସମାଜସେବାକୁ ଏବେ ବିଭିନ୍ନ ଆଡୁ ପ୍ରଶଂସା ମିଳୁଛି। ଦାଦି କି ରଷୋଇ ଚଳାଉ ଥିବାରୁ ତାଙ୍କୁ ରାଷ୍ଟ୍ରପତି ଭବନରୁ ମଧ୍ୟ ଡକରା ଆସିଥିଲା ଓ ତାଙ୍କ କାମ ପାଇଁ ଖୁବ୍ ପ୍ରଶଂସା କରାଯାଇଥିଲା। ଏହା ସହିତ ବିଭିନ୍ନ ହ୍ୱାଟ୍ସ ଆପ୍ ଗ୍ରୁପ୍ ଏବଂ ଫେସ୍‌ବୁକ୍ ମାଧ୍ୟମରେ ବି ତାଙ୍କ ପାଖକୁ ଏଥି ନିମନ୍ତେ ସାହାଯ୍ୟ ଯୋଗାଇ ଦିଆଯାଉଛି। ଅନୁପ କେତେକ ସ୍ଥାନରେ ଗରିବଙ୍କୁ ରାଶନ ସାମଗ୍ରୀ ମଧ୍ୟ ଯୋଗାଇ ଦେଉଥିଲେ। ଏବେ ଏହି ମାଧ୍ୟମରେ ସେ ଉନ୍ନତ ମାନର ଖାଦ୍ୟ ଯୋଗାଇ ଦେଉଛନ୍ତି। ଖୁବ୍‌ଶୀଘ୍ର ସେ ବିଭିନ୍ନ ସ୍ଥାନରେ ଦାଦି କି ରଷୋଇ ମାଧ୍ୟମରେ ଏସି ଗୃହରେ ଲୋକଙ୍କୁ ହୋଟେଲ ଭଳି ଖାଦ୍ୟ ଯୋଗାଇ ଦେବେ ବୋଲି କହିଛନ୍ତି।



ମନେ ପଡ଼ନ୍ତି

ପ୍ରଥମ ଶ୍ରାଦ୍ଧବାର୍ଷିକୀ ଶ୍ରଦ୍ଧାଞ୍ଜଳି



ସ୍ୱ ପ୍ରିତୀଲତା ପଟ୍ଟନାୟକ
ଆବିର୍ଭାବ : ୩୦.୦୩.୧୯୭୨
ତିରୋଧାନ: ୨୮.୦୮.୨୦୧୯
ଗନ୍ଧୁଁ ଗନ୍ଧୁଁ ବର୍ଷେ ବିତିଗଲା, ତୁମ ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟନିଷ୍ଠା, ପରୋପକାରିତା, ଭଲପାଇବା ଓ ବିଶେଷ ଭାବେ ଛାତ୍ର ବତ୍ସଳ ସଭାବ ସର୍ବଦା ଚିରସ୍ମରଣୀୟ ହୋଇ ରହିବ। ଆଜିର ଏହି ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବରେ ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଶ୍ରୀ ମନୋଜ କୁମାର ପଟ୍ଟନାୟକ (ସ୍ୱାମୀ)
ଶ୍ରୀ ଆଶୀର୍ବାଦ ପଟ୍ଟନାୟକ (ପୁତ୍ର)
ଶ୍ରୀମତୀ ଇଲା ସାହୁ (ପୁତ୍ରବଧୂ)
ଆରାଧନା ପଟ୍ଟନାୟକ (ପୁତ୍ରୀ)
ଧ-୧୭୯୬୭

ଊନବିଂଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



ସ୍ୱର୍ଗତ ଖଗେନ୍ଦ୍ର ଚନ୍ଦ୍ର ପଣ୍ଡା
ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବନ୍ଧୁ ଓ ପରିବାରବର୍ଗ।
ଧ-୬୯୬୦୯

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବିଶ୍ୱନାଥ ତ୍ରିପାଠୀ
ବୀରରାମଚନ୍ଦ୍ରପୁର, ପ୍ରଥମନ୍ଦଖଣ୍ଡି, ସାକ୍ଷୀଗୋପାଳ
ଆପଣଙ୍କ ଶ୍ରାଦ୍ଧଦିବସରେ ସଶ୍ରଦ୍ଧ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
-:ଶୋକସନ୍ତପ୍ତ:-
ପତ୍ନୀ: ନିରୁପମା ତ୍ରିପାଠୀ, ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୭୬୨୨

ତ୍ରୟୋଦଶ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଡକ୍ଟର ଭାଗବତ ପ୍ରସାଦ ପାତ୍ର
ଅବସରପ୍ରାପ୍ତ ପ୍ରାଧ୍ୟାପକ ଉତ୍କଳ ୟୁନିଭରସିଟି, ମିଲନ୍ ପାରାଡାଇଜ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ: ୧୧।୧୨।୧୯୪୨
ତିରୋଧାନ: ୧୦।୦୯।୨୦୦୭
ଆପଣଙ୍କ ଅମରାତ୍ମା ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀଚରଣରେ ଚିର ଶାନ୍ତି ଲାଭକରୁ ଏହାହିଁ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ ପରିବାରବର୍ଗ।
ଧ-୬୯୬୦୮

## ପାଟିର ବ୍ୟାକ୍ଟେରିଆ ଓ ଚୁଇଙ୍ଗମ



ଚୁଇଙ୍ଗମ ଚୋବାଇବା ଆଜିକାଲି ଅନେକଙ୍କର ଏକ ଅଭ୍ୟାସ ପାଲଟି ଗଲାଣି । ହେଲେ ଏହାର ଏକ ଭଲ ଗୁଣ ରହିଛି ବୋଲି ପ୍ରକାଶ କରିଛନ୍ତି ଟୋକିଓ ୟୁନିଭର୍ସିଟିର ବିଶେଷଜ୍ଞମାନେ । ଏକ ଗବେଷଣାରୁ ସେମାନେ ଜାଣିବାକୁ ପାଇଛନ୍ତି ଯେ, ଚୁଇଙ୍ଗମ ଚୋବାଇବା ଦ୍ୱାରା ପାଟି ଭିତରେ ଥିବା କେତେକ ବ୍ୟାକ୍ଟେରିଆ ନଷ୍ଟ ହୋଇଯାଇଥାଆନ୍ତି । ସେମାନଙ୍କ ଦ୍ୱାରା ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଯଦି ଜଣେ ବ୍ୟକ୍ତି ଅତିକମ୍‌ରେ ୧୦ ମିନିଟ୍ ଚୁଇଙ୍ଗମ ଚୋବାନ୍ତି, ତା'ହେଲେ ତାଙ୍କର ପାଟି ଭିତରେ ଥିବା ପ୍ରାୟ ୧୦୦ ମିଲିୟନ ବ୍ୟାକ୍ଟେରିଆ ନଷ୍ଟ ହୋଇଯାଇଥାଆନ୍ତି । ଏହି ଗବେଷଣା ସମୟରେ ସେମାନେ କିଛି ବ୍ୟକ୍ତିଙ୍କୁ ପାଖାପାଖି ୧୦ ମିନିଟ୍ ଚୁଇଙ୍ଗମ ଚୋବାଇବାକୁ ପରାମର୍ଶ ଦେଇଥିଲେ । ତା'ପରେ ସେମାନେ ଚୋବାଇଥିବା ଚୁଇଙ୍ଗମକୁ ନେଇ ଏକ ଜୀବାଣୁ ବିହୀନ ପାଣିରେ ପକାଇ ସ୍କାନିଂ ଇଲେକ୍ଟ୍ରୋ ମାଇକ୍ରୋସ୍କୋପି ଦ୍ୱାରା ସେଥିରେ ଶତାଧିକ ବ୍ୟାକ୍ଟେରିଆ ଥିବାର ଦେଖିବାକୁ ପାଇଥିଲେ ।

## ରେନଡ୍ସ ସିଣ୍ଡ୍ରୋମ୍

ବାରମ୍ବାର ଅଧିକ ଗରମ କିମ୍ବା ଥଣ୍ଡା ପାଣି ସଂସ୍ପର୍ଶରେ ହାତ ଆସିବା ଦ୍ୱାରା 'ରେନଡ୍ସ ସିଣ୍ଡ୍ରୋମ୍' ସମସ୍ୟା ଦେଖାଦେଇଥାଏ । ତେବେ ତୀବ୍ର ବେଗରେ ଘୂରି ବୁଲୁଥିବା ଗତିଶୀଳ ଉପକରଣ (ଡ୍ରିଲିଙ୍ଗ ମେଶିନ୍, ହେୟାର ଡ୍ରାୟର)ର ଅଧିକ ବ୍ୟବହାର ଦ୍ୱାରା ଏହି ସମସ୍ୟାର ସମ୍ମୁଖୀନ ହେବାର ଅଧିକ ଆଶଙ୍କା ରହିଛି । ଏହି ରୋଗରେ ବ୍ୟକ୍ତିର ହାତ, ଗୋଡ ଆଙ୍ଗୁଠିର ଧମନୀ ସିଧାସଳଖ ଭାବେ ପ୍ରଭାବିତ ହୋଇଥାଏ । ଏହାଦ୍ୱାରା ହାତ ଓ ଗୋଡକୁ ରକ୍ତ ଏବଂ ଅମ୍ଳଜାନ ସଞ୍ଚାଳନ ବନ୍ଦ ହୋଇଯିବା ଦ୍ୱାରା ରକ୍ତ ଜମାଟ ବାନ୍ଧି ଆଙ୍ଗୁଠିର ରଙ୍ଗ ବଦଳି ନୀଳ ହୋଇଯାଏ । ଧୀରେ ଧୀରେ ତାହା ହଳଦିଆ ଏବଂ ଲାଲ ରଙ୍ଗରେ ପରିଣତ ହୋଇଯାଏ । ଏହି ରୋଗ ଏତେ ଭୟଙ୍କର ହୋଇ ନ ଥିଲେ ମଧ୍ୟ



ବାରମ୍ବାର ହାତର ରଙ୍ଗ ପରିବର୍ତ୍ତନ ହେବା ଯୋଗୁ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଇଥାଏ । ଅନ୍ୟପକ୍ଷରେ ଅନେକ ସମୟରେ କାନ୍ଧର ମାଂସପେଶୀ ଉପରେ ଅଧିକ ଚାପ ପଡିଲେ ରେନଡ୍ସ ସିଣ୍ଡ୍ରୋମ ହେବାର ଭୟ ଥାଏ । ଅନେକ ସମୟରେ ଟାଇପିଙ୍ଗ ମେଶିନ୍‌ରେ କାମ କରୁଥିବା ବ୍ୟକ୍ତିମାନଙ୍କୁ ବେଳେବେଳେ ଏହି ରୋଗର ସମ୍ମୁଖୀନ ହେବାର ଆଶଙ୍କା ମଧ୍ୟ ଥାଏ । ଖାସ୍ କଥା ହେଲା ଏପରି ରୋଗଠାରୁ ନିଜକୁ ଦୂରେଇ ରଖିବାକୁ ହେଲେ ନିଶାଦ୍ରବ୍ୟ ସେବନଠାରୁ ନିଜକୁ ଯେତେସମ୍ଭବ ଦୂରେଇ ରଖନ୍ତୁ । ତା' ସହ ଥଣ୍ଡା ଏବଂ ଡିଟରଜେଣ୍ଟ ଏବଂ ସାବୁନ ବ୍ୟବହାର ଯେତେ କମ କରିବେ ସେତେ ଭଲ । ବାସନ କିମ୍ବା ସିଙ୍କ୍ ସଫା କରିବା ସମୟରେ ଗ୍ଲୋଭସର ବ୍ୟବହାର କରନ୍ତୁ ।

# ମ୍ୟାଲେରିଆ : ଲକ୍ଷଣ, ଉପଚାର

ବର୍ଷାଋତୁର ଆଗମନରେ ଧରଣୀ ଶସ୍ୟଶ୍ୟାମଳା ହୋଇ ଉଠୁଥିବା ବେଳେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ପ୍ରସାର ଘଟିଥାଏ । ସେଥିପାଇଁ ସାଧାରଣ ଲୋକ ଏହାକୁ ବର୍ଷାଦିନିଆ ଜ୍ୱର/ରୋଗ ବୋଲି କହିଥାଆନ୍ତି । ତେବେ ବର୍ଷାଦିନରେ ମ୍ୟାଲେରିଆ, ଡେଙ୍ଗୁ, ଓ ଡାଇରିଆ ଭଳି ସଂକ୍ରମଣର ଆଶଙ୍କା ରହିଛି । ସାମାନ୍ୟ ସଚେତନତା ପ୍ରତିଷେଧକ ଅଭାବରୁ ଆମେ ଏହି ରୋଗଗୁଡିକରେ ଆକ୍ରାନ୍ତ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ । ତା'ହେଲେ ଆସନ୍ତୁ, ଏହି ରୋଗର କାରଣ, ନିରାକରଣ ଓ ଆମର ଦାୟିତ୍ୱ ବିଷୟରେ ଆଲୋଚନା କରିବା ।



ବିରାଟରାଜା ପ୍ରଧାନ



"ମ୍ୟାଲେରିଆ ଚିହ୍ନଟ ପାଇଁ ଦୁଇ ପ୍ରକାର ପଦ୍ଧତି ରହିଛି। ଗୋଟିଏ–ରକ୍ତ କାଚ ପରୀକ୍ଷା ଓ ଅନ୍ୟଟି ର୍ୟାପିଡ୍ ଡାଇଗ୍ନୋଷ୍ଟିକ ଟେଷ୍ଟ ବା ରକ୍ତ ପରୀକ୍ଷାପଟି ମାଧ୍ୟମରେ ଚିହ୍ନଟ। ରକ୍ତକାଚ ପରୀକ୍ଷା ସମୟରେ ଆଙ୍ଗୁଠିରୁ କିଛି ଟୋପା ରକ୍ତ କାଚ ମାଧ୍ୟମରେ ନେଇ ରକ୍ତ ନମୁନା ପ୍ରସ୍ତୁତ କରାଯାଏ। ଏହାପରେ ରକ୍ତକାଚକୁ ଯନ୍ତ୍ର ସାହାଯ୍ୟରେ ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ପରୀକ୍ଷା କରାଯାଏ। ରକ୍ତକାଚ ଦ୍ୱାରା ପରୀକ୍ଷା ସର୍ବୋତ୍କୃଷ୍ଟ ବୋଲି ବିବେଚନା କରାଯାଏ। କାରଣ ଏଥିରେ ରୋଗୀର ଜୀବାଣୁକୁ ଚିହ୍ନଟ କରାଯାଏ। ଅପରପକ୍ଷରେ ରକ୍ତପରୀକ୍ଷା ପଟି ବା ର୍ୟାପିଡ୍ ଡାଇଗ୍ନୋଷ୍ଟିକ ଟେଷ୍ଟକୁ ସଂକ୍ଷେପରେ 'ଆର୍‌ଡିଟି' କୁହାଯାଏ। ଏଥିରେ ରୋଗୀର ଆଙ୍ଗୁଠିରୁ ଗୋଟିଏ ବୁନ୍ଦା ରକ୍ତ ନେଇ ପ୍ରାୟ ୧୫ ମିନିଟରୁ ଅଧ ଘଣ୍ଟାଏ ମଧ୍ୟରେ ଚିହ୍ନଟ କରାଯାଇପାରେ।"

**ମ୍ୟାଲେରିଆ:** ଭାରତବର୍ଷରେ ତଥା ଆମ ରାଜ୍ୟରେ ଏହା ଏକ ପ୍ରମୁଖ ସ୍ୱାସ୍ଥ୍ୟ ସମସ୍ୟା । ଆମେ ସମସ୍ତେ ଜାଣୁ ଯେ କେବଳ ସଂକ୍ରମିତ ମାଈ ଏନୋଫିଲିସ ମଶା କାମୁଡ଼ିବା ଦ୍ୱାରା ଜଣେ ସୁସ୍ଥ ଲୋକକୁ ମ୍ୟାଲେରିଆ ହୋଇଥାଏ । ମଶା କାମୁଡ଼ିବାର ୧୦–୧୪ଦିନ ପରେ ରୋଗୀ ଦେହରେ ମ୍ୟାଲେରିଆର ବିଭିନ୍ନ ଲକ୍ଷଣମାନ ପ୍ରକାଶ ପାଇଥାଏ ।

**ଲକ୍ଷଣ (ସାଧାରଣ)**

–ଜ୍ୱର ହେବା, ମୁଣ୍ଡ ବିନ୍ଧା ସହିତ ଶୀତ ଓ କମ୍ପ ହୁଏ ।

–ଜ୍ୱର ଦିନେ ବା ଦୁଇ ଦିନ ବ୍ୟବଧାନରେ ହୋଇପାରେ ।

–ଦେହ, ହାତ, ଗୋଡ ବିନ୍ଧା ଛିଟିକା ହୋଇପାରେ ।

**ବିପଦପୂର୍ଣ୍ଣ ମ୍ୟାଲେରିଆର ଲକ୍ଷଣ:** ସାଧାରଣତଃ ଫାଲସିପାରସ ମ୍ୟାଲେରିଆ କ୍ଷେତ୍ରରେ ଠିକ୍ ସମୟରେ ଉପଯୁକ୍ତ ଚିକିତ୍ସା ନ କଲେ ଏହା ବିପଦ ଆଡକୁ ଗତି କରେ । ଏହି ସମୟରେ ତୁରନ୍ତ ଚିକିତ୍ସା ନ କଲେ ରୋଗୀ ମୃତ୍ୟୁମୁଖରେ ପଡିପାରେ । ବିପଜ୍ଜନକ ମ୍ୟାଲେରିଆ ରୋଗୀର ମସ୍ତିଷ୍କ, କିଡନୀ ତଥା ଅନ୍ୟାନ୍ୟ ଅଙ୍ଗକୁ ଆକ୍ରାନ୍ତ କରିବା ସହ ଅକାମୀ କରିଦିଏ । ଫଳରେ ରୋଗୀ ମୃତ୍ୟୁମୁଖରେ ପଡିବାର ଆଶଙ୍କା ରହିଛି । ତେବେ ନିମ୍ନଲିଖିତ ଲକ୍ଷଣଗୁଡିକ ଦେଖାଗଲେ ଆମେ ବିପଜ୍ଜନକ ମ୍ୟାଲେରିଆ ହୋଇଛି ବୋଲି ସନ୍ଦେହ କରିବା ।

–ରୋଗୀ ଅସ୍ୱାଭାବିକ ଭାବେ ଶୋଇ ପଡିବା ଏବଂ ରୋଗୀକୁ ଉଠାଇବାକୁ କଷ୍ଟ ହେବା ।

–ରୋଗୀକୁ ବାତ ମାରିବା ଲକ୍ଷଣ ଦେଖାଦେବା ।

–ରୋଗୀ ଏତେ ଦୁର୍ବଳ ହୋଇଯିବ ଯେ ଉଠି ବସି ପାରୁ ନ ଥିବ ।

–ଚେଷ୍ଟା କଲେ ବି ସାମାନ୍ୟ ପରିସ୍ରା ହେବା ।

–ପରିସ୍ରାର ରଙ୍ଗ ନାଲି କିମ୍ବା କଳା ଦେଖାଯିବା ।

–ଅଧିକ ବାନ୍ତି ହେବା ସହ ଔଷଧ ଖାଇଲେ ବି ବାନ୍ତି ହୋଇ ପେଟରୁ ବାହାରିଯିବା ।

ଉପରୋକ୍ତ ଲକ୍ଷଣଗୁଡିକ ପ୍ରକାଶ ପାଇଲେ ରୋଗୀକୁ ତୁରନ୍ତ ନିକଟସ୍ଥ ଡାକ୍ତରଖାନାକୁ ନେଇଯିବା ଆବଶ୍ୟକ । ହେଲେ ସେହି ଡାକ୍ତରଖାନାରେ ଏପରି ବିପଜ୍ଜନକ ମ୍ୟାଲେରିଆର ଚିକିତ୍ସା ସୁବିଧା ଉପଲବ୍ଧ ହେଉଥିବା ଦରକାର । ଚିକିତ୍ସାରେ ଅଯଥା ବିଳମ୍ବ ହେତୁ ରୋଗୀ ମୃତ୍ୟୁ ହୋଇପାରେ ।

**ଚିହ୍ନଟ:** ଜଣଙ୍କୁ ମ୍ୟାଲେରିଆ ହୋଇଛି କି ନାହିଁ: ତାହା ଜାଣିବା ପାଇଁ ରୋଗୀର ରକ୍ତ ପରୀକ୍ଷା କରିବା ଜରୁରୀ । ରକ୍ତ ପରୀକ୍ଷା ଦ୍ୱାରା ଆମେ ନିଶ୍ଚିତ ହୋଇପାରିବା ଯେ ଜଣଙ୍କର ମ୍ୟାଲେରିଆ ହୋଇଛି କି ନାହିଁ। ମ୍ୟାଲେରିଆ ଚିହ୍ନଟ ପାଇଁ ଦୁଇ ପ୍ରକାର ପଦ୍ଧତି ରହିଛି। ଗୋଟିଏ–ରକ୍ତ କାଚ ପରୀକ୍ଷା ଓ ଅନ୍ୟଟି ର୍ୟାପିଡ୍ ଡାଇଗ୍ନୋଷ୍ଟିକ ଟେଷ୍ଟ ବା ରକ୍ତ ପରୀକ୍ଷାପଟି ମାଧ୍ୟମରେ ଚିହ୍ନଟ। ରକ୍ତକାଚ ପରୀକ୍ଷା ସମୟରେ ଆଙ୍ଗୁଠିରୁ କିଛି ଟୋପା ରକ୍ତ କାଚ ମାଧ୍ୟମରେ ନେଇ ରକ୍ତ ନମୁନା ପ୍ରସ୍ତୁତ କରାଯାଏ । ଏହାପରେ ରକ୍ତକାଚକୁ ଯନ୍ତ୍ର ସାହାଯ୍ୟରେ ତାଲିମପ୍ରାପ୍ତ ପ୍ରଶିକ୍ଷକଙ୍କ ଦ୍ୱାରା ପରୀକ୍ଷା କରାଯାଏ । ରକ୍ତକାଚ ଦ୍ୱାରା ପରୀକ୍ଷା ସର୍ବୋତ୍କୃଷ୍ଟ ବୋଲି ବିବେଚନା କରାଯାଏ । କାରଣ ଏଥିରେ ରୋଗୀର ଜୀବାଣୁକୁ ଚିହ୍ନଟ କରାଯାଏ । ଅପରପକ୍ଷରେ ରକ୍ତପରୀକ୍ଷା ପଟି ବା ର୍ୟାପିଡ୍ ଡାଇଗ୍ନୋଷ୍ଟିକ ଟେଷ୍ଟକୁ ସଂକ୍ଷେପରେ 'ଆର୍‌ଡିଟି' କୁହାଯାଏ । ଏଥିରେ ରୋଗୀର ଆଙ୍ଗୁଠିରୁ ଗୋଟିଏ ବୁନ୍ଦା ରକ୍ତ ନେଇ ପ୍ରାୟ ୧୫ ମିନିଟରୁ ଅଧ ଘଣ୍ଟାଏ ମଧ୍ୟରେ ଚିହ୍ନଟ କରାଯାଇପାରେ ।

ଉଭୟ ଯେ କୌଣସି ପଦ୍ଧତିରୁ ମ୍ୟାଲେରିଆ ହୋଇଥିବାର ଜଣାପଡିଲେ ରୋଗୀର ଆବଶ୍ୟକୀୟ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ । ଫାଲସିପାରସ ମ୍ୟାଲେରିଆ ଗର୍ଭବତୀ ଓ ତାଙ୍କ ଗର୍ଭରେ ଥିବା ଶିଶୁ ପାଇଁ ବିପଦପୂର୍ଣ୍ଣ । ତେଣୁ ଗର୍ଭବତୀଙ୍କଠାରେ ଏପରି ମ୍ୟାଲେରିଆର ଲକ୍ଷଣ ଦେଖାଦେଲେ ତୁରନ୍ତ ଚିକିତ୍ସା କରାଇ ନେବା ଆବଶ୍ୟକ । ସେହିପରି ଭାଇରକ୍ସ ମ୍ୟାଲେରିଆ ହୋଇଥିଲେ ତାହାର ମଧ୍ୟ ତୁରନ୍ତ ଚିକିତ୍ସା କରାଇ ନିଅନ୍ତୁ । ଏଥିପାଇଁ ପୁରୁଷ/ମହିଳା ସ୍ୱାସ୍ଥ୍ୟକର୍ମୀ ତଥା ଗ୍ରାମାଞ୍ଚଳରେ କାର୍ଯ୍ୟରତ ଆଶାଦିଦିଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ । ତେବେ ମ୍ୟାଲେରିଆ ନ ହେବା ପାଇଁ ନିମ୍ନଲିଖିତ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରାଯାଇପାରିବ ।

**କୀଟନାଶକ ଔଷଧବୁଡା ମଶାରି ବ୍ୟବହାର :** କୀଟନାଶକ ଔଷଧବୁଡା ମଶାରି ବ୍ୟବହାର କଲେ, ମଶା ଏହି ମଶାରି ପାଖକୁ ଆସନ୍ତି ନାହିଁ । ତା' ସହ ଏହା ଭିତରକୁ ମଧ୍ୟ ପଶିପାରନ୍ତି ନାହିଁ । ଔଷଧବୁଡା ମଶାରି ଦୁଇ ପ୍ରକାର– ସାଧାରଣ ଔଷଧବୁଡା ମଶାରି ଏବଂ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି । ସୂତା ବା ଲାଇଲନ୍ ମଶାରିରେ କୀଟନାଶକ ଉପଚାର କଲେ ଏହାର ପ୍ରଭାବ ପ୍ରାୟ ଛଅ ମାସ ପର୍ଯ୍ୟନ୍ତ ରହିଥାଏ । ପ୍ରତି ଛଅ ମାସରେ ଏହି ମଶାରୀକୁ କୀଟନାଶକ ଔଷଧ ଦ୍ୱାରା ଉପଚାର କରାଯିବା ଆବଶ୍ୟକ । ଅନ୍ୟପକ୍ଷରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରିର ସୂତାକୁ କୀଟନାଶକ ଔଷଧ ଦ୍ୱାରା ଉପଚାର କରାଯାଏ । ତେଣୁ ଏଥିରେ କୀଟନାଶକର ପ୍ରଭାବ ବେଶି ଦିନ ରହିପାରେ । ପ୍ରାୟ ୩–୫ବର୍ଷ ପର୍ଯ୍ୟନ୍ତ ଏଥିରେ ଔଷଧୀୟ ପ୍ରଭାବ ରହେ ।

**ଆଭ୍ୟନ୍ତରୀଣ କୀଟନାଶକ ସିଞ୍ଚନ :** ମଶାମାନେ ସାଧାରଣତଃ ଦିନ ବେଳା ଘରର ଭିତର କାନ୍ଥରେ ବିଶ୍ରାମ ନେଇଥାଆନ୍ତି । ଏଣୁ ଘରର ଭିତର କାନ୍ଥରେ କୀଟନାଶକ ସିଞ୍ଚନ କରାଯାଏ । ଏହାଦ୍ୱାରା ମଶାମାନଙ୍କୁ ମାରିବା କିମ୍ବା ଘଉଡାଇ ଦେବା ସମ୍ଭବ ହୁଏ । କୀଟନାଶକ ସିଞ୍ଚନ ସମୟରେ ଘରର ଭିତର କାନ୍ଥରେ, ଛାତରେ ନିଶ୍ଚୟ ସିଞ୍ଚନ କରିବା ଆବଶ୍ୟକ । ଗାଈ ଗୁହାଳ/ମେଣ୍ଢାଶାଳ ତଥା ଅନ୍ୟାନ୍ୟ ସ୍ଥାନରେ ସିଞ୍ଚନ କରିବା ଅନୁଚିତ । କାରଣ ଗୁହାଳରେ ସିଞ୍ଚନ କଲେ ମଶା ଘର ଭିତରକୁ ଚାଲି ଆସନ୍ତି । କାନ୍ଥରେ କୀଟନାଶକ ସିଞ୍ଚନ କରିବାର ତିନି ମାସ ପର୍ଯ୍ୟନ୍ତ କାନ୍ଥକୁ ଲିପାପୋଛା କରନ୍ତୁ ନାହିଁ । ତିନି ମାସ ପରେ ଲିପାପୋଛା କରିପାରିବେ ।

**ପରିବେଶ ଓ ପରିମଳ ବ୍ୟବସ୍ଥା :** ନିଜ ଘରର ଚତୁଃପାର୍ଶ୍ୱକୁ ସଫାସୁତୁରା ରଖିବା ସହ ଜଳ ନିଷ୍କାସନ ବ୍ୟବସ୍ଥା ଗ୍ରହଣ କରିବା ଆବଶ୍ୟକ । ସାତ ଦିନ କିମ୍ବା ତହିଁରୁ ଅଧିକ ଦିନ ପାଣି ଜମି ରହୁଥିବା ସ୍ଥାନରେ ଗାମ୍ବୁସିଆ/ଗପି ମାଛ ଛାଡନ୍ତୁ । ଘରର ଚାରିପଟରେ ଥିବା ଅନାବନା ଗଛ/ଘାସ ଗାଲିଚା ଆଦିକୁ ସଫା ସୁତର କରିଦିଅନ୍ତୁ । ଘରର ଚାରିଆଡେ ତଥା ଆଖପାଖରେ ଥିବା ଖାଲଖମା ଆଦିକୁ ପୋତି ଦିଅନ୍ତୁ ଏବଂ ମାଟି ପକାଇ ସମାନ କରିଦିଅନ୍ତୁ ।

**ଅନ୍ୟାନ୍ୟ ମଶା ଘଉଡାଇବା/ସୁରକ୍ଷା ବ୍ୟବସ୍ଥା**

–ଘରେ ନିମ୍ବ ପତ୍ର/କରଞ୍ଜ ପତ୍ର/ଝୁଣା ଧୂଆଁ ଦେଇ ମଶା ଘଉଡାଇ ଦେବା ।

–ଦେହରେ ମଶା ବିକର୍ଷଣକାରୀ ତେଲ/ମଲମ ଲଗାଇବା ।

–ଦେହ, ହାତ, ଗୋଡ଼ ସମ୍ପୂର୍ଣ୍ଣ ଲୁଚୁଥିବା ଭଳିଆ ପୋଷାକ ପିନ୍ଧିବା ।

–ଦେହରେ ନିମ୍ବ ତେଲ/କରଞ୍ଜ ତେଲ ଆଦି ଲଗାଇବା ।

*–ବେଙ୍କମୁରା, ପଣ୍ଡରୀ,*
*ବନହରପାଲି, ଝାରସୁଗୁଡା*
*ମୋ : ୯୯୩୭୨୭୧୬୨୩*





## ଡାଇବେଟିସ୍ ରୋଗୀଙ୍କ ପାଇଁ



ଆଜିକାଲି ଅସନ୍ତୁଳିତ ଖାଦ୍ୟ ଏବଂ ଜୀବନଶୈଳୀ ଡାଇବେଟିସ ବା ମଧୁମେହ ରୋଗ ସୃଷ୍ଟି କରିବାରେ ଅନେକାଂଶରେ ଦାୟୀ । ଅନେକ ସମୟରେ କେତେକ ଡାଇବେଟିସ ରୋଗୀ ନିଜର ଖାଦ୍ୟପେୟ ଏବଂ ଜୀବନଶୈଳୀ ପ୍ରତି ଯଥେଷ୍ଟ ଧ୍ୟାନ ଦେଇ ନ ଥାନ୍ତି । ଫଳରେ ପରବର୍ତ୍ତୀ ସମୟରେ ଏହି ରୋଗ ଜଟିଳ ସମସ୍ୟା ଧାରଣ କରିଥାଏ । ତେଣୁ ଏହି ରୋଗୀ କେତେକ ବିଷୟ ପ୍ରତି ନଜର ଦେବା ନିହାତି ଜରୁରୀ । ଡାଇବେଟିସ୍ ରୋଗୀ ଖାଇବା ପରେ ସାଙ୍ଗେ ସାଙ୍ଗେ ପାଣି ପିଅନ୍ତୁ ନାହିଁ । ଏହାଦ୍ୱାରା ମେଦବୃଦ୍ଧି ହୋଇଥାଏ, ଯାହା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ । ସେଓ, କମଳା ଆଦି ଏହି ରୋଗୀ ଖାଇଲେ ଭଲ । ହେଲେ ଏପରି ଫଳ ଅଧିକ ପରିମାଣରେ ନ ଖାଇବା ଭଲ । ଡାଇବେଟିସ୍ ରୋଗୀ ଦହି ଖାଇବା ପୂର୍ବରୁ ସେଥିରୁ ଲହୁଣି ଅଂଶକୁ ବାହାର କରି ଦିଅନ୍ତୁ । ସବୁବେଳେ ଆବଶ୍ୟକତାଠାରୁ ଅଧିକ ଖାଦ୍ୟ ଖାଆନ୍ତୁ ନାହିଁ । ଏହାଦ୍ୱାରା ଅଜୀର୍ଣ୍ଣ ସମସ୍ୟା ସୃଷ୍ଟି ହୋଇଥାଏ, ଯାହା ଡାଇବେଟିସ୍ ସମସ୍ୟାକୁ ଆହୁରି ବଢ଼ାଇଦିଏ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଏହି ରୋଗୀ ନିଜର ଦୈନନ୍ଦିନ ଜୀବନ ତାଲିକାରେ ବ୍ୟାୟାମକୁ ସାମିଲ କରିବା ନିହାତି ଜରୁରୀ । ପ୍ରତିଦିନ ସକାଳେ ଅତିକମରେ ଅଧଘଣ୍ଟାଏ ଚାଲନ୍ତୁ ।

## ପ୍ରଥମ ଇଣ୍ଟରପ୍ଲାନେଟାରି ହେଲିକପ୍ଟର



ମଙ୍ଗଳ ଗ୍ରହ ବିଷୟରେ ଅଧିକ ତଥ୍ୟ ଜାଣିବା ପାଇଁ ବିଭିନ୍ନ ଦେଶର ମହାକାଶବିଜ୍ଞାନୀମାନେ ସେମାନଙ୍କର ଗବେଷଣା ଜାରି ରଖିଛନ୍ତି । ଏ କ୍ଷେତ୍ରରେ ଆଉ ପାଦେ ଆଗେଇବାରେ ସକ୍ଷମ ହୋଇଛି ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା 'ନାସା' । ଏହି ସଂସ୍ଥା ନିକଟରେ ଏପରି ଏକ ହେଲିକପ୍ଟର ନିର୍ମାଣ କରିବା ସହ ତାହାକୁ ମଙ୍ଗଳ ଗ୍ରହକୁ ପ୍ରେରଣ କରିସାରିଛି । ଚଳିତ ବର୍ଷ ଜୁଲାଇ ୩୦ରେ 'ନାସା' ପକ୍ଷରୁ ପ୍ରରିତ 'ପ୍ରିଜରଭେନ୍ସ ରୋଭର' ନାମକ ମହାକାଶଯାନରେ ଏହି ପ୍ରଥମ 'ଇଣ୍ଟରପ୍ଲାନେଟାରି ହେଲିକପ୍ଟର'କୁ ଉକ୍ତ ଗ୍ରହକୁ ପଠାଯାଇଛି । ୨୦୨୧ ଫେବୃୟାରୀ ୧୮ରେ ଏହି ମହାକାଶଯାନ ମଙ୍ଗଳ ପୃଷ୍ଠରେ ଅବତରଣ କରିବ ବୋଲି 'ନାସା' ପକ୍ଷରୁ ସୂଚନା ଦିଆଯାଇଛି । ତେବେ ଏପରି ଇଣ୍ଟରପ୍ଲାନେଟାରି ହେଲିକପ୍ଟର ମଙ୍ଗଳ ଗ୍ରହରୁ ନୂତନ ତଥ୍ୟ ସଂଗ୍ରହ କରିବ ବୋଲି ଆଶା ରଖିଛନ୍ତି 'ନାସା'ର ମହାକାଶବିଜ୍ଞାନୀମାନେ ।

## ସ୍ୱାସ୍ଥ୍ୟ ସୂଚନା



- ପ୍ରତିଦିନ କିଛି ନା କିଛି ପ୍ରୋଟିନଯୁକ୍ତ ଖାଦ୍ୟ ଖାଆନ୍ତୁ ।
- ବ୍ରେକଫାଷ୍ଟରେ ତଟକା ଫଳଜୁସ୍ ସାମିଲ କରନ୍ତୁ । ଏହା ଶରୀର ପାଇଁ ବେଶ୍ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ ।
- ସକାଳୁ ବିଛଣା ଛାଡିବା ପୂର୍ବରୁ କିଛି ସମୟ ଷ୍ଟ୍ରେଚିଙ୍ଗ ଏକ୍ସରସାଇଜ କରନ୍ତୁ । ଏହାଦ୍ୱାରା ରକ୍ତ ସଞ୍ଚାଳନ ସକ୍ରିୟ ହେବା ସହ ଏହାର ସୁପ୍ରଭାବ ପାଚନକ୍ରିୟା ଉପରେ ପଡିଥାଏ । ତା'ସହ ଅଣ୍ଟାଜନିତ ସମସ୍ୟାରୁ ଏହା କେତେକାଂଶରେ ଉପଶମ ଦେଇଥାଏ ।
- ନିୟମିତ ସମୟ ଅନ୍ତରାଳରେ ଅଭିଜ୍ଞ ଦନ୍ତରୋଗ ବିଶେଷଜ୍ଞଙ୍କ ନିକଟରେ ନିଜର ଦାନ୍ତ ପରୀକ୍ଷା କରାଇ ନିଅନ୍ତୁ । ପ୍ରତିଦିନ ସକାଳେ ଏବଂ ରାତ୍ରିଭୋଜନ ପରେ ଭଲ ଭାବରେ ଦାନ୍ତ ଘଷନ୍ତୁ ।
- ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା ସାମିଲ କରନ୍ତୁ । କାରଣ ଏଥିରୁ ଶରୀରକୁ ପ୍ରଚୁର ପରିମାଣରେ ଭିଟାମିନ୍ 'ସି' ମିଳିଥାଏ ।
- ବ୍ୟାୟାମ କରିବା ସମୟରେ ସଫ୍ଟ ଡ୍ରିଙ୍କସ କିମ୍ବା ଏନର୍ଜି ଡିଙ୍କସ ପିଅନ୍ତୁ ନାହିଁ ।

## ରୋଗ ପ୍ରତିରୋଧକ ଶକ୍ତି ବଢ଼ାଏ ଭିଟାମିନ୍ 'ଇ'

ଆବଶ୍ୟକ ମୁତାବକ ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଇଲେ ତାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ ସାବ୍ୟସ୍ତ ହୋଇଥାଏ । ଖାସ୍ କଥା ହେଲା, ଏହି ଭିଟାମିନ୍ ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ ସାହାଯ୍ୟ କରେ । ଏହା ଚର୍ବି ସହ ମିଶି ଆଣ୍ଟିଅକ୍ସିଡାଣ୍ଟ ପରି କାମ କରିଥାଏ । ତେଣୁ ପ୍ରତିଦିନ କିଛି ପରିମାଣର ଭିଟାମିନ୍ 'ଇ'ଯୁକ୍ତ ଖାଦ୍ୟ ଖାଇବା ଦରକାର । ଏପରି ଖାଦ୍ୟ ଶରୀରରେ କୋଲେଷ୍ଟରଲ ପରିମାରଣକୁ ମଧ୍ୟ ସନ୍ତୁଳିତ ରଖିଥାଏ । ଭିଟାମିନ୍ 'ଇ' ଶରୀରରେ ଲାଲ ରକ୍ତ କୋଷିକା ତିଆରି କରିଥାଏ । ଶରୀରରେ ଭିଟାମିନ୍ 'ଇ' ପରିମାଣ ସନ୍ତୁଳିତ ରହିଲେ ତାହା ମାନସିକ ଅବସାଦ ପରି ସମସ୍ୟାକୁ ଅନେକାଂଶରେ ଦୂରେଇ ରଖିଥାଏ । ତେବେ ଭିଟାମିନ୍ 'ଇ'ଯୁକ୍ତ ଔଷଧ ଖାଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ । ସେଓ, ଟମାଟୋ, ଅମୃତଭଣ୍ଡାରେ ଭିଟାମିନ୍ 'ଇ' ଭରି ରହିଛି ।



# ହାମିଲଟନଙ୍କୁ ସ୍ପାନିଶ ଗ୍ରାଁ ପ୍ରି ଟାଇଟଲ



ଲୁଇସ୍ ହାମିଲଟନ

**ମଣ୍ଟମେଲୋ (ସ୍ପେନ୍), ୧୬।୮**

ମର୍ସିଡିଜ୍‌ର ଲୁଇସ୍ ହାମିଲଟନ ସ୍ପାନିଶ୍ ଫର୍ମୁଲା ୱାନ୍ ଗ୍ରାଁ ପ୍ରି ମୋଟର ରେସ୍ ଜିତିଛନ୍ତି। ଚଳିତ ବର୍ଷ ସେ ଭାଗ ନେଇଥିବା ୬ଟି ରେସ୍ ମଧ୍ୟରୁ ଏହା ହେଉଛି ତାଙ୍କର ଚତୁର୍ଥ ବିଜୟ। ରବିବାର ସେ ରେଡ୍‌ବୁଲ୍‌ର ମାକ୍ସ ଭର୍ଷ୍ଟାପେନଙ୍କଠାରୁ ୨୪ସେକେଣ୍ଡରେ ଆଗରେ ରହି ଏଠାରେ ଟାଇଟଲ ଜିତିଛନ୍ତି। ତାଙ୍କ ଟିମ୍‌ମେଟ ଭାଲଟେରି ବୋଟାସ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ପୂର୍ବ ୩ଟି ସ୍ପାନିଶ ଗ୍ରାଁପ୍ରି ମେ ମାସରେ ଅନୁଷ୍ଠିତ ହୋଇଥିଲା। ସେତେବେଳେ ତାପମାତ୍ରା କମ୍ ରହିଥିବାରୁ ଟାୟାର ପ୍ରତି ବିପଦ କମ୍ ଥିଲା। ମାତ୍ର ଏଥର ବାର୍ସିଲୋନାରେ ଯେଉଁ ସମୟରେ ରେସ୍ ଅନୁଷ୍ଠିତ ହୋଇଥିଲା ସେତେବେଳେ ତାପମାତ୍ରା ଅଧିକ ରହିଥିଲା। ହାମିଲଟନଙ୍କ କ୍ୟାରିୟରର ଏହା ହେଉଛି ୮୮ତମ ଟାଇଟଲ। କିମ୍ବଦନ୍ତୀ ମାଇକେଲ ସୁମାକରଙ୍କ ରେକର୍ଡଠାରୁ ସେ ଆଉ ମାତ୍ର ୩ ବିଜୟ ପଛରେ ରହିଛନ୍ତି। ତେବେ ୧୫୬ତମ ପୋଡିୟମ ଫିନିଶ ଦ୍ୱାରା ସେ ସୁମାକରଙ୍କ ଅନ୍ୟ ଏକ ରେକର୍ଡକୁ ଭଙ୍ଗ କରିଦେଇଛନ୍ତି। ରବିବାର ଏହି ବିଜୟ ଦ୍ୱାରା ସେ ବିଶ୍ୱ ଚାମ୍ପିୟନଶିପ୍‌ରେ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଭର୍ଷ୍ଟାପେନ୍‌ଙ୍କଠାରୁ ୩୭ ପଏଣ୍ଟରେ ଅଗ୍ରଣୀ ଲାଭ କରିଛନ୍ତି। ରେସିଂ ପଏଣ୍ଟର ଦୁଇ ଡ୍ରାଇଭର ଲାନ୍ସ ଷ୍ଟ୍ରୋଲ୍ ଓ ସର୍ଗିଓ ପେରେଜ ୪ର୍ଥ ଓ ୫ମ ସ୍ଥାନରେ ରହିଥିଲେ। ୬ଷ୍ଠରୁ ୧୦ମ ସ୍ଥାନ ପର୍ଯ୍ୟନ୍ତ ଯଥାକ୍ରମେ କାର୍ଲୋସ ସେଞ୍ଜ ଜୁନିୟର (ମ୍ୟାକ୍‌ଲରେନ), ସେବାଷ୍ଟିଆନ ଭେଟେଲ (ଫେରାରି), ଆଲେକ୍‌ଜାଣ୍ଡର ଆଲବନ (ରେଡ୍‌ବୁଲ୍), ପିଏରେ ଗାସ୍‌ଲି(ଆଲ୍‌ଫା ଟାଉରି) ଏବଂ ଲାଣ୍ଡୋ ନୋରିସ୍ (ମ୍ୟାକ୍‌ଲରେନ) ଅଧିକାର କରିଥିଲେ।

# ଗୋଆରେ ହେବ ଆଇଏସ୍‌ଏଲ୍-୭

**ନୂଆଦିଲ୍ଲୀ, ୧୬।୮ (ପି.ଟି.):** ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍)ର ସପ୍ତମ ସଂସ୍କରଣ ଗୋଆର ୩ଟି ଭେନ୍ୟୁରେ ଅନୁଷ୍ଠିତ ହେବ। କରୋନା ଭାଇରସଜନିତ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ଦୃଷ୍ଟିରେ ରଖାଯାଇ ଏହା ଆସନ୍ତା ନଭେମ୍ବରରେ ଆୟୋଜିତ ହେବା ସମ୍ଭାବନା ରହିଛି ବୋଲି ରବିବାର ଆୟୋଜକଙ୍କ ପକ୍ଷରୁ ପ୍ରକାଶ କରାଯାଇଛି। କରୋନା ମହାମାରୀ ଯୋଗୁ ଆଇଏସ୍‌ଏଲ୍ ଆୟୋଜକମାନେ ଏଥର ପ୍ରତିଯୋଗିତାକୁ ଗୋଟିଏ ରାଜ୍ୟରେ ସୀମିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। କେରଳ ପ୍ରତିଯୋଗିତା ଆୟୋଜନ ଦୌଡ଼ରେ ଥିଲେ ହେଁ ଶେଷରେ ଗୋଆକୁ ମନୋନୀତ କରାଯାଇଥିଲା। ଖେଳାଳି, ସପୋର୍ଟ ଷ୍ଟାଫ୍ ଏବଂ ଦର୍ଶକଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଫୁଟବଲ ଡେଭଲପ୍‌ମେଣ୍ଟ ଲିମିଟେଡ (ଏଫ୍‌ଏସ୍‌ଡିଏଲ୍) ଏଥର ଆଇଏସଏଲକୁ ଗୋଆରେ ସୀମିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ଏକ ବିବୃତିରେ ପ୍ରକାଶ କରାଯାଇଛି। ମାର୍ଗାଓ ଫତୋର୍ଦାର ଜବାହରଲାଲ ନେହେରୁ ଷ୍ଟାଡିୟମ, ଭାସ୍କୋ ଡା ଗାମାସ୍ଥିତ ତିଳକ ନଗର ଷ୍ଟାଡିୟମ ଏବଂ ବାମବୋଲିମ୍‌ସ୍ଥିତ ଜିଏମସି ଆଥଲେଟିକ୍ ଷ୍ଟାଡିୟମରେ ମ୍ୟାଚଗୁଡ଼ିକ ଖେଳାଯିବ। ଟ୍ରେନିଂ ସମୟରେ ସାମାଜିକ ଦୂରତ୍ୱ ପ୍ରୋଟୋକଲକୁ କଡ଼ାକଡ଼ି ପାଳନ କରାଯିବ। ଆଇ-ଲିଗ୍ ମ୍ୟାଚଗୁଡ଼ିକ କୋଲକାତାରେ ହେବ ବୋଲି ସର୍ବଭାରତୀୟ ଫୁଟବଲ ଫେଡେରେଶନ ଘୋଷଣା କରିବାର ଗୋଟିଏ ଦିନପରେ ଆଇଏସଏଲ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ଆଇଏସଏଲ ଏବେ ଦେଶରେ ଶୀର୍ଷ ଫୁଟବଲ ଲିଗ୍‌ର ମାନ୍ୟତା ପାଉଛି।

# ଚତୁର୍ଥ ଦିବସରେ ବର୍ଷାର ଖେଳ

**ଇଂଲଣ୍ଡ-ପାକିସ୍ତାନ ଦ୍ୱିତୀୟ ଟେଷ୍ଟ**

**ସାଉଥାମ୍ପଟନ, ୧୬।୮ (ଏପି)**

ସ୍ଥାନୀୟ ରୋଜବାଓଲ ଷ୍ଟାଡିୟମରେ ଚାଲିଥିବା ଇଂଲଣ୍ଡ-ପାକିସ୍ତାନ ଦ୍ୱିତୀୟ କ୍ରିକେଟ ଟେଷ୍ଟର ୪ର୍ଥ ଦିବସର ଅଧିକାଂଶ ସମୟ ଖେଳ ବର୍ଷାରେ ବାଧାପ୍ରାପ୍ତ ହୋଇଛି। ସମ୍ପୂର୍ଣ୍ଣ ଦିବସରେ ମାତ୍ର ୧୦.୨ ଓଭର ଖେଳ ସମ୍ଭବ ହୋଇଛି। ପୂର୍ବ ଦିନର ସ୍କୋରରେ ପାକିସ୍ତାନ ଆଉ ୧୩ ରନ ଯୋଗ କରି ୨୩୬ରେ ଅଲଆଉଟ ହୋଇଥିଲା। ମହମ୍ମଦ ରିଜୱାନ ୭୨ ରନକରି ଶେଷ ଖେଳାଳିଭାବେ ଆଉଟ ହୋଇଥିଲେ। ଇଂଲଣ୍ଡ ପ୍ରଥମ ଇନିଂସରେ ମାତ୍ର ୫ ଓଭର ଖେଳ ସମ୍ଭବ ହୋଇଥିଲା। ଏହି ସମୟ ମଧ୍ୟରେ ଇଂଲଣ୍ଡ ୧ ଉଇକେଟ ହରାଇ ୭ ରନ ସଂଗ୍ରହ କରିଛି। ବର୍ଷା ଜାରି ରହିବାରୁ ଅମ୍ପାୟର ଖେଳକୁ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ସୋମବାର ମ୍ୟାଚର ଶେଷ ଦିବସ। ୯ ଉଇକେଟ ହାତରେ ଥାଇ ଇଂଲଣ୍ଡ ୨୨୯ ରନରେ ପଛୁଆ ରହିଥିବାରୁ ମ୍ୟାଚଟି ଅମୀମାଂସିତ ରହିବା ସମ୍ଭାବନା ରହିଛି।

# 'ମେ ପଲ ଦୋ ପଲ କା ସାୟର ହୁଁ'



କ୍ୟାପ୍‌ଟେନ୍ କୁଲ ଓ ମାହୀ ଭାବେ ଜଣାଶୁଣା ଥିବା ମହେନ୍ଦ୍ର ସିଂ ଧୋନୀ ତାଙ୍କ ଇନ୍‌ଷ୍ଟାଗ୍ରାମ ପୋଷ୍ଟରେ ଏକ ଭିଡିଓ ଅପ୍‌ଲୋଡ କରିଛନ୍ତି। ଏଥିରେ ସେ ତାଙ୍କ ଜୀବନ ଯାତ୍ରାକୁ ଦେଖାଇବାକୁ ପ୍ରୟାସ କରିଛନ୍ତି। ପ୍ରଥମ ଅଧଘଣ୍ଟାରେ ଏହି ଭିଡିଓକୁ ୧୧ ଲକ୍ଷ ଲାଇକ୍ ମିଳିଥିଲା। ୧୯୭୬ରେ ମହାନାୟକ ଅମିତାଭ ବଚ୍ଚନଙ୍କ ଅଭିନୀତ 'କଭି କଭି'ର ଏକ ଗୀତ ଏହି ଭିଡିଓ ଆରମ୍ଭ ହୋଇଥିବାର ଦେଖିବାକୁ ମିଳିବ। ଏହି ଗୀତ ହେଉଛି 'ମେ ପଲ୍ ଦୋ ପଲ୍ କା ସାୟାର ହୁଁ, ପଲ୍ ଦୋ ପଲ ମେରୀ କାହାନୀ ହେ, ପଲ ଦୋ ପଲ ମେରୀ ହସ୍ତୀ ହେ, ପଲ ଦୋ ପଲ ମେରୀ ଜବାନୀ ହେ, ମେ ପଲ୍ ଦୋ ପଲ୍ କା ସାୟାର ହୁଁ। ଗତବର୍ଷ ଏକ ପ୍ରମୋଶନାଲ ଇଭେଣ୍ଟରେ ସେ ଏହି ଗୀତ ଗାଇଥିଲେ। ଧୋନୀ ମଧ୍ୟ ଏହା ପୂର୍ବରୁ କୁମାର ସାନୁ ଗାଇଥିବା 'ଜବ୍ କୋଇ ବାତ୍ ବଗଡ ଯାଏ ଜବ କୋଇ ମୁସ୍କିଲ ପଡଯାଏ' ଗୀତ ଗାଇଥିଲେ।

### ମହେନ୍ଦ୍ର ସିଂ ଧୋନୀ

ପୂରା ନାମ: ମହେନ୍ଦ୍ର ସିଂ ପାନ୍ ସିଂ ଧୋନୀ
ଜନ୍ମ: ୭ ଜୁଲାଇ ୧୯୮୧
ବୟସ: ୩୯
ଡାକ ନାମ: ମାହୀ, କ୍ୟାପ୍‌ଟେନ କୁଲ, ଏମ୍‌ଏସ୍‌ଡି, ଥାଲା
ଉଚ୍ଚତା: ୫ ଫୁଟ ୧୦ ଇଞ୍ଚ୍
ଭୂମିକା: ଉଇକେଟକିପର ବ୍ୟାଟ୍ସମ୍ୟାନ

**ଟେଷ୍ଟ କ୍ୟାରିୟର**

ମ୍ୟାଚ୍: ୯୦
ଇନିଂସ: ୧୪୪
ରନ: ୪୮୭୬
ଆଭରେଜ: ୩୮.୦୯
ସର୍ବାଧିକ: ୨୨୪, ଅର୍ଦ୍ଧଶତକ: ୩୩
ଶତକ: ୬, କ୍ୟାଚ୍: ୨୫୬, ଷ୍ଟମ୍ପିଂ: ୩୮

**ଦିନିକିଆ କ୍ୟାରିୟର**

ମ୍ୟାଚ୍: ୩୫୦
ଇନିଂସ: ୨୯୭
ରନ:୧୦,୭୭୩
ସର୍ବାଧିକ: ୧୮୩
ଆଭରେଜ: ୫୦.୫୭
ଅର୍ଦ୍ଧଶତକ: ୭୩
ଶତକ: ୧୦
କ୍ୟାଚ୍: ୩୨୧
ଷ୍ଟମ୍ପିଂ: ୧୨୩

**ଟି୨୦ କ୍ୟାରିୟର**

ମ୍ୟାଚ୍: ୯୮
ଇନିଂସ: ୮୫
ରନ:୧୬୧୭
ସର୍ବାଧିକ: ୫୬
ଆଭରେଜ: ୩୭.୬୦
ଅର୍ଦ୍ଧଶତକ: ୨
କ୍ୟାଚ୍: ୫୭
ଷ୍ଟମ୍ପିଂ: ୩୪

### ସୁରେଶ ରାଇନା

ଜନ୍ମ: ୨୭ ନଭେମ୍ବର ୧୯୮୬
ମୁରାଦାନଗର, ୟୁପି
ଉଚ୍ଚତା: ୫ ଫୁଟ ୯ ଇଞ୍ଚ୍

**ଟେଷ୍ଟ କ୍ୟାରିୟର**

ମ୍ୟାଚ୍: ୧୮
ରନ: ୭୬୮
ଆଭରେଜ: ୨୬.୪୮
ଶତକ: ୧
ଅର୍ଦ୍ଧଶତକ: ୭
ସର୍ବାଧିକ: ୧୨୦



**ଦିନିକିଆ କ୍ୟାରିୟର**

ମ୍ୟାଚ୍: ୨୨୬
ରନ: ୫, ୬୧୫
ଆଭରେଜ: ୩୫.୩୧
ଶତକ: ୫
ଅର୍ଦ୍ଧଶତକ: ୩୬
ସର୍ବାଧିକ: ୧୧୬*

**ଟି୨୦ କ୍ୟାରିୟର**

ମ୍ୟାଚ୍: ୭୮
ରନ: ୧, ୬୦୫
ଆଭରେଜ: ୨୯.୧୮
ଶତକ: ୧
ଅର୍ଦ୍ଧଶତକ: ୫, ସର୍ବାଧିକ: ୧୦୧

# ଏକ ଯୁଗର ଅବସାନ

**ଅନ୍ତର୍ଜାତୀୟ କ୍ରିକେଟରୁ ମହେନ୍ଦ୍ର ସିଂ ଧୋନୀଙ୍କ ଅବସର କ୍ରୀଡ଼ା ଜଗତକୁ ବିସ୍ମିତ କରିଛି। ତାଙ୍କ ଅବସର ସହ ଏକ ଯୁଗର ଅବସାନ ଘଟିଲା। ତେବେ ତାଙ୍କପାଇଁ ଆଉକିଛି ସଫଳତା ହାସଲ କରିବାର ନ ଥିଲା। ଜଣେ ଅଧିନାୟକଭାବେ ସେ ଭାରତକୁ ଶୀର୍ଷରେ ପହଞ୍ଚାଇଥିଲେ। ତେଣୁ ତାଙ୍କ ନିଷ୍ପତ୍ତିକୁ ସମସ୍ତେ ସମ୍ମାନ ଜଣାଇବା ଉଚିତ ବୋଲି ଓଡ଼ିଶା କ୍ରିକେଟରମାନେ ମତ ଦେଇଛନ୍ତି।**

### ଦ୍ୱିତୀୟ ଇନିଂସ ପାଇଁ ଶୁଭକାମନା



ଏକ ଯୁଗର ଅବସାନ ଘଟିଲା। ଅବସର ନେବାପାଇଁ ଏହା ଉପଯୁକ୍ତ ସମୟ ବୋଲି ଭାବି ଧୋନୀ ଏପରି ନିଷ୍ପତ୍ତି ନେଲେ ବୋଲି ମୁଁ ଭାବୁଛି। ଏକ ଛୋଟ ସହରରୁ ଆସି ସେ ଯେପରି ନିଜକୁ ପ୍ରତିଷ୍ଠିତ କଲେ, ଭାରତୀୟ ଦଳର ଅଧିନାୟକ ହେବା ଏବଂ ୨ଟି ବିଶ୍ୱକପ ଜିତିବା ବହୁତ ବଡ଼ ସଫଳତା। ସେ ଏବେବି ଫିଟ୍ ଥିଲେ। କରୋନା ଭାଇରସ ସଂକ୍ରମଣ ପାଇଁ ଟି୨୦ ବିଶ୍ୱକପ ୧ ବର୍ଷ ପାଇଁ ଘୁଞ୍ଚିଗଲା। ଏହା ବ୍ୟତୀତ ତାଙ୍କୁ ଆଉକିଛି ସଫଳତା ହାସଲ କରି ଦେଖାଇବାକୁ ମଧ୍ୟ ନ ଥିଲା। ନିଜ ଜୀବନରେ ସେ ଅନେକ କିଛି ହାସଲ କରିଥିଲେ। ଟେଷ୍ଟରେ ଚମତ୍କାର ପ୍ରଦର୍ଶନ, ଏକଦିବସୀୟ କ୍ରିକେଟରେ ଭାରତ ନମ୍ବର ୱାନ ହେବା, ଟି୨୦ ଏବଂ ଦିନିକିଆ ବିଶ୍ୱକପ ଜିତିବା, ଚାମ୍ପିୟନ୍ସ ଟ୍ରଫି ଟାଇଟଲ ହାସଲ କରିବା ଆଦି ଏହାର ଉଦାହରଣ। ଧୋନୀଙ୍କ ନିଷ୍ପତ୍ତିକୁ ସମସ୍ତେ ସମ୍ମାନ ଜଣାଇବା ଉଚିତ। ଦ୍ୱିତୀୟ ଇନିଂସରେ ସେ ଆହୁରି ଭଲ କରିବା ପାଇଁ ଶୁଭକାମନା।

ଶିବ ସୁନ୍ଦର ଦାସ
(ଅନ୍ତର୍ଜାତୀୟ କ୍ରିକେଟର)

### ମାହି ଚକିତ କରିବାରେ ମାହିର୍

ଗ୍ରାଉଣ୍ଡରେ ନିଜ ପ୍ରଦର୍ଶନ ବଳରେ ସମସ୍ତଙ୍କୁ ଚକିତ କରିଦିଅନ୍ତି। ଉଇକେଟ କିପିଂ ହେଉ ଅବା ବ୍ୟାଟିଂ। ନିଜସ୍ୱ କୌଶଳରେ ଦୀର୍ଘବର୍ଷ ଧରି କ୍ରିକେଟପ୍ରେମୀଙ୍କୁ ଚକିତ କରି ଆସୁଥିବା ମାହି ଅବସର ଘୋଷଣା କରି ମଧ୍ୟ ସମସ୍ତଙ୍କୁ ବିସ୍ମିତ କଲେ। ବିଦାୟୀ ମ୍ୟାଚ୍ ଖେଳିଥିଲେ ଭଲ ହୋଇଥାନ୍ତା। ବ୍ଲୁ ଜର୍ସିରେ ତାଙ୍କୁ ଦେଖିବାକୁ ସମସ୍ତେ ଅପେକ୍ଷା କରିଥିଲେ । ଏବେ ଆଉ କିଛି ବର୍ଷ ଆଇପିଏଲ୍ ଖେଳନ୍ତୁ ବୋଲି ଆଶା ରହିଛି।



ବିପ୍ଲବ ସାମନ୍ତରାୟ
(ଓଡ଼ିଶାର ଆଇପିଏଲ୍ ଖେଳାଳି)

### ଧୋନୀଙ୍କ ବିକଳ୍ପ ନାହିଁ



କେବଳ ଭାରତ ନୁହେଁ, ବିଶ୍ୱ କ୍ରିକେଟର ଯୁବପିଢ଼ିଙ୍କ ପାଇଁ ସେ ଆଦର୍ଶ ଥିଲେ। ତାଙ୍କ ଅବସରକୁ ସହଜରେ ଗ୍ରହଣ କରିହେଉ ନାହିଁ। ବିଶେଷକରି ମୋ ପାଇଁ ସେ କ୍ରିକେଟ ଜଗତର ଭଗବାନ ଥିଲେ। ରାଞ୍ଚିରେ ଥରେ ମାତ୍ର ତାଙ୍କ ସହ ଭେଟ ହୋଇଥିଲା । ଭାରତୀୟ ଦଳ ଏବେ ବି ତାଙ୍କୁ ଆବଶ୍ୟକ କରୁଛି । ଧୋନୀଙ୍କର ବିକଳ୍ପ ନାହିଁ ।

ରାଜେଶ ଧୂପର
(ପ୍ରଥମଶ୍ରେଣୀ କ୍ରିକେଟର)









3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ